ଧରିତ୍ରୀ 51 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଜୁନ୍ ୧୧/୨୦୨୫ (୧୬ ପୃଷ୍ଠା) | Bhubaneswar, Wednesday, June 11/2025 | Page 16 | ₹ 7.00

୫୧ଶ ଭାଗ ୧୯୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 196 | ମୂଲ୍ୟ₹୭/-

DSPL-107



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ବର୍ଷ ୧
ଉପଲବ୍ଧି ଅନେକ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ
ନେତୃତ୍ୱରେ ରାଜ୍ୟ ସରକାରଙ୍କ ୧ ବର୍ଷ ପୂର୍ତ୍ତି ଅବସରରେ

## ରାଜ୍ୟସ୍ତରୀୟ
## ବିକାଶ ମେଳା ୨୦୨୫

୧୧ - ୧୮ ଜୁନ୍, ୨୦୨୫
ଇଡ୍କୋ ପ୍ରଦର୍ଶନୀ ପଡ଼ିଆ, ୟୁନିଟ୍-୩, ଭୁବନେଶ୍ୱର

### ବିଶେଷ ଆକର୍ଷଣ

- ବିଭିନ୍ନ ବିଭାଗର ସଫଳତା ପ୍ରଦର୍ଶନ
- ପ୍ରତି ସଂଧ୍ୟାରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ
- ନିଆରା ଉତ୍ପାଦର କିଣାବିକା
- ସୁଆଦିଆ ଓଡ଼ିଆ ଖାଦ୍ୟର ପସରା

### ଉଦ୍‌ଘାଟନୀ କାର୍ଯ୍ୟକ୍ରମ

୧୧ ଜୁନ୍, ଅପରାହ୍ଣ ୪ଟା

ସେବା, ସୁଶାସନ ଓ ସଫଳତାର ୧ବର୍ଷ

OIPR-31034/13/0002/2526



ହସ୍ତତନ୍ତ, ବସ୍ତ୍ରଶିଳ୍ପ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର


A quality product from
PAN BAHAR
ସବୁଆଡ଼େ
बहार
ଅଛି!
NEW PACK
बहार
खानदानी
इलायची
TOLL FREE NO.: 1800 257 2258
www.panbahar.in

# ଧରିତ୍ରୀ DHARITRI

ଧରିତ୍ରୀ 51 Years











ଦିଲ୍ଲୀର ଦ୍ୱାରକା ସେକ୍ଟର-୧୩ସ୍ଥିତ ଶବଦ୍ ସୋସାଇଟି ଆପାର୍ଟମେଣ୍ଟର ୮ମ ଏବଂ ୯ମ ମହଲାରେ ମଙ୍ଗଳବାର ସକାଳେ ଅଗ୍ନିକାଣ୍ଡ ଘଟିଛି। ନିଆଁରୁ ବର୍ତ୍ତିବାକୁ ଯାଇ ଯଶ୍ ଯାଦବ (୩୫) ଓ ତାଙ୍କର ୨ ପିଲା ଆପାର୍ଟମେଣ୍ଟର ୯ମ ମହଲାରୁ ଡେଇଁ ପ୍ରାଣ ହରାଇଛନ୍ତି।

# ମୋ ସରଳତା ଦୁର୍ବଳତା ନୁହେଁ

## ରାଜ୍ୟରେ ଭାଜପା ସରକାରଙ୍କ ବର୍ଷପୂର୍ତ୍ତି: ମୁଖ୍ୟମନ୍ତ୍ରୀଙ୍କ ଦୁର୍ନୀତି ବିରୋଧୀ ଆଭିମୁଖ୍ୟ

ମୋ ସରଳତାକୁ ଦୁର୍ବଳତା ଭାବିବା ଅନୁଚିତ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଓଡ଼ିଶାରେ ଭାଜପା ସରକାର କ୍ଷମତାସୀନ ହେବାର ବର୍ଷପୂର୍ତ୍ତି ଉପଲକ୍ଷେ ମଙ୍ଗଳବାର ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଯେଉଁମାନେ ମୋ ସରକାରକୁ ନେଇ ଦୁର୍ବଳ ମନେକରୁଛନ୍ତି, ସମୟ ଆସିବ ସେମାନେ ଜାଣିପାରିବେ ଯେ, ମୁଁ କେତେ ସବଳ। ତାଙ୍କ ଶାସନରେ ସ୍ୱଚ୍ଛତା ଓ ପାରଦର୍ଶିତାକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ଦୁର୍ନୀତି ପ୍ରତି ଶୂନ ସହନଶୀଳତା, ଜନସାଧାରଣଙ୍କ ସହ ପ୍ରତ୍ୟକ୍ଷ ଯୋଗସୂତ୍ର ସ୍ଥାପନ ସହ ଗରିବ, କୃଷକ, ଯୁବ ଓ ମହିଳାଙ୍କ ମଙ୍ଗଳ ପାଇଁ କାର୍ଯ୍ୟ କରାଯାଉଛି। ସରକାରଙ୍କ ପ୍ରତ୍ୟେକ କାର୍ଯ୍ୟକ୍ରମରେ ଦୁର୍ନୀତିର ମୂଳୋତ୍ପାଟନ ଏବଂ ଲୋକଙ୍କୁ ଦକ୍ଷ ସେବା ପ୍ରଦାନ ସହ ଓଡ଼ିଶାରେ ସୁଶାସନର ଏକ ନୂଆ ଯୁଗ ଆରମ୍ଭ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।



ଭୁବନେଶ୍ୱର,୧୦।୬(ରବିନାରାୟଣ ଜେନା)

ଦୁର୍ନୀତି ବିରୋଧରେ ରାଜ୍ୟ ସରକାର ସମ୍ପୂର୍ଣ୍ଣ କଠୋର ନୀତି ଅବଲମ୍ବନ କରୁଛନ୍ତି। ପିଅନଙ୍କଠାରୁ ଆରମ୍ଭ କରି ଆଇଏଏସ୍‌ଙ୍କ ପର୍ଯ୍ୟନ୍ତ କାହାକୁ ତ୍ରାହି ନାହିଁ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ମଙ୍ଗଳବାର ଗୀତଗୋବିନ୍ଦ ସଦନଠାରେ ରାଜ୍ୟ ସରକାରଙ୍କ ୧ ବର୍ଷ ଏବଂ କେନ୍ଦ୍ର ସରକାରଙ୍କ ୧୧ ବର୍ଷ ପୂର୍ତ୍ତି ଅବସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଲୋକଙ୍କୁ ସୁଶାସନ ଦେବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ। ଏଥିପାଇଁ ପ୍ରଥମେ ଦୁର୍ନୀତି ହଟାଇବାକୁ ପଡ଼ିବ। ଦୁର୍ନୀତିଗ୍ରସ୍ତ ଅଫିସରଙ୍କ ବିରୋଧରେ ଲଗାତର ଭାବେ କାର୍ଯ୍ୟାନୁଷ୍ଠାନ ଜାରି ରହିଛି। ଯେଉଁମାନେ ମୋ ସରଳତାକୁ ନେଇ ଦୁର୍ବଳ ମନେକରୁଛନ୍ତି ସମୟ ଆସିବ ସେମାନେ ଜାଣିପାରିବେ ଯେ ମୁଁ କେତେ ସବଳ।

### ■ ଲୋକଙ୍କ ଦୁଆରମୁହଁକୁ ଯାଉଛି 'ତୃତୀୟ ମହଲା'
### ■ ନିଷ୍ପତ୍ତି ପାଇଁ ୨୪ ବର୍ଷ ନୁହେଁ, ୨୪ ମିନିଟ୍

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ସାଧାରଣ ଜନତା ଏବଂ ସରକାରଙ୍କ ମଧ୍ୟରେ ଥିବା କୃତ୍ରିମ ପ୍ରାଚୀରକୁ ଆମେ ଧୂଳିସାତ୍ କରିଦେଇଛୁ। ଏବେ ଯେ କୌଣସି ଲୋକ ମୁଖ୍ୟମନ୍ତ୍ରୀ ତଥା ମନ୍ତ୍ରୀମାନଙ୍କୁ ଅବାଧରେ ଭେଟି ପାରୁଛନ୍ତି। 'ତୃତୀୟ ମହଲା' ଲୋକଙ୍କ ଦୁଆର ମୁହଁକୁ ଯାଉଛି, ଏହା ହେଉଛି ଆମ ସୁଶାସନର ଏକ ନୂତନ ଦିଗ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ରାଜ୍ୟରେ ଭାଜପା ସରକାର ଲୋକଙ୍କୁ ଯେଉଁ ପ୍ରମୁଖ ୨୧ଟି ପ୍ରତିଶ୍ରୁତି ଦେଇଥିଲା, ସେଥିରୁ ୧୨ମାସ ମଧ୍ୟରେ ପ୍ରାୟ ୧୨ଟି ☞ପୃଷ୍ଠା-୨

# ଆଜି ସ୍ନାନଯାତ୍ରା

ପୁରୀ,୧୦।୬(ଅଜିତ୍ କୁମାର ମହାନ୍ତି)

ପବିତ୍ର ଦେବସ୍ନାନ ପୂର୍ଣ୍ଣିମାରେ ବୁଧବାର ଦାରୁବିଅଁ ଶ୍ରୀମନ୍ଦିର ରତ୍ନବେଦି ଛାଡ଼ି ସ୍ନାନବେଦିକୁ ବିଜେ କରି ୧୦୮ ଗରା ସୁବାସିତ ଜଳରେ ସ୍ନାନ କରିବା ସହ ଭକ୍ତଙ୍କୁ ଦୁର୍ଲଭ ହାତୀବେଶରେ ଦର୍ଶନ ଦେବେ। ଏଥିପାଇଁ ସ୍ନାନବେଦି ସଜେଇ ହୋଇଛି। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ନିମନ୍ତେ ବ୍ୟାରିକେଡ୍ ବ୍ୟବସ୍ଥା ହୋଇଛି। ଆଇନଶୃଙ୍ଖଳା, ଭିଡ଼ ନିୟନ୍ତ୍ରଣ ପାଇଁ ୭୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି। ନୀତି ନିର୍ଘଣ୍ଟ ଅନୁଯାୟୀ, ଭୋର ୪.୩୦ରେ ମଙ୍ଗଳାର୍ପଣ, ଭୋର ୫ଟାରେ ଧାଡ଼ି ପହଣ୍ଡି, ସକାଳ ୯ଟାରେ ମଙ୍ଗଳଆଳତି ପରେ ଅନ୍ୟାନ୍ୟ ନୀତି ହେବ। ଅପରାହ୍ନ ୩ଟା ୩୦ରେ ଛେରାପହଁରା, ୪ଟା ୩୦ରେ ହାତୀବେଶ ଅନୁଷ୍ଠିତ ହେବ। ରାତି ୧୧ଟାରେ ହାତୀବେଶ ମଇଲମ କରାଯିବ।

# ଝାଡ଼ାବାନ୍ତିରେ ୨ ମୃତ, ଶତାଧିକ ଆକ୍ରାନ୍ତ

ଯାଜପୁର/ଯାଜପୁର ରୋଡ଼/ କାଏମା/ ଧର୍ମଶାଳା (ହର୍ଷବର୍ଦ୍ଧନ ବେହେରା/ ପବିତ୍ର ରଞ୍ଜନ ମହାନ୍ତି/ ଶିବପ୍ରସାଦ ମହାନ୍ତି/ ବଟକୃଷ୍ଣ ପରିଡ଼ା), ୧୦।୬

ଯାଜପୁର ଜିଲାର ଧର୍ମଶାଳା, ଚଣ୍ଡିଖୋଲ, ଦାନଗଦି, କୋରେଇ ଓ ବ୍ୟାସନଗର ପୌରାଞ୍ଚଳରେ ସୋମବାର ରାତିରୁ ଝାଡାବାନ୍ତି ବ୍ୟାପିବାରେ ଲାଗିଛି। ଏଥିରେ ୨ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଶତାଧିକ ଆକ୍ରାନ୍ତ ହୋଇଛନ୍ତି। ମୃତକ ହେଲେ ବ୍ୟାସନଗର ବଙ୍ଗଳା ଛକ ମାରୁୱାଡିପଡ଼ାର ତୋଳାରାମ ଶର୍ମା(୬୫)। ତାଙ୍କୁ ଗୁରୁତର ଅବସ୍ଥାରେ ଯାଜପୁର ରୋଡ଼ ଡାକ୍ତରଖାନାକୁ ନିଆଯାଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଛି। ଅନ୍ୟ ଜଣେ ହେଲେ କୋରେଇ ☞ପୃଷ୍ଠା-୨



ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ରୋଗୀ।

# ଓଜେଇଇ: ୫୫,୩୬୨ଜଣଙ୍କୁ ର୍ୟାଙ୍କ୍

ଭୁବନେଶ୍ୱର,୧୦।୬(ସୁଚିସ୍ମିତା ସାହୁ)

ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ-୨୦୨୫) ଫଳ ମଙ୍ଗଳବାର ପ୍ରକାଶ ପାଇଛି। ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ସନ୍ଧ୍ୟାରେ ଫଳ ଘୋଷଣା କରିବା ସହ ଫଳାଫଳ ପୁସ୍ତିକା ଉନ୍ମୋଚନ କରିଛନ୍ତି। ଚଳିତବର୍ଷ

### ■ ନର୍ସିଂ ପାଠ୍ୟକ୍ରମର ଫଳ ଡିଏମ୍ଇଟି ପକ୍ଷରୁ ପ୍ରକାଶ ପାଇବ
### ■ ଜୁଲାଇ ୧୫ ଓ ୧୬ରେ ସ୍ପେଶାଲ ଓଜେଇଇ

ମୋଟ ୯୨,୪୮୮ଜଣ ଛାତ୍ରୀଛାତ୍ର ନାମ ପଞ୍ଜୀକରଣ କରିଥିବା ବେଳେ ୮୦,୩୨୪(୮୬.୮୪%) ପରୀକ୍ଷା ଦେଇଥିଲେ। ଏମାନଙ୍କ ମଧ୍ୟରୁ ୫୫,୩୬୨ଜଣ ଅର୍ଥାତ୍ ୬୮.୯୨% ପରୀକ୍ଷାର୍ଥୀଙ୍କୁ ବିଭିନ୍ନ ପାଠ୍ୟକ୍ରମ ପାଇଁ ର୍ୟାଙ୍କ ପ୍ରଦାନ କରାଯାଇଛି। ପରୀକ୍ଷାର୍ଥୀମାନେ www.ojee.nic.inରୁ ନିଜ ର୍ୟାଙ୍କ କାର୍ଡ ପାଇପାରିବେ। ୨୦୨୫-୨୬ ଶିକ୍ଷାବର୍ଷ ନିମନ୍ତେ ରାଜ୍ୟର ବିଭିନ୍ନ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ମଣିଷତ୍ୱ ହ୍ରାସପାଉଛି**

# ଗାଜର ହାଲୁଆ, ଆମ୍ବରସ ନେଇ ମହାକାଶ ଯିବେ ଶୁଭାଂଶୁ ଶୁକ୍ଲା

ଲକ୍ଷ୍ନୌ/ଫ୍ଲୋରିଡା,୧୦।୬

ବହୁପ୍ରତୀକ୍ଷିତ 'ଆକ୍ସିଓମ୍-୪' ମିଶନର ଲଞ୍ଚ ବୁଧବାର ଭାରତୀୟ ସମୟ ସନ୍ଧ୍ୟା ୫.୩୦ରେ ଆମେରିକାର ଫ୍ଲୋରିଡାସ୍ଥିତ କେନେଡି ସ୍ପେସ୍ ସେଣ୍ଟରରୁ ଫାଲ୍‌କନ୍-୯ ରକେଟ ଯୋଗେ ହେବ। ଏହି ମିଶନ ସହ ଭାରତ ମହାକାଶ କ୍ଷେତ୍ରରେ ଇତିହାସ ରଚିବ। ବାୟୁସେନା ଗ୍ରୁପ୍ କ୍ୟାପ୍ଟେନ୍ ତଥା ଭାରତୀୟ ମହାକାଶଚାରୀ ଶୁଭାଂଶୁ ଶୁକ୍ଲା ପ୍ରଥମ ଭାରତୀୟ ଭାବେ ଅନ୍ତର୍ଜାତୀୟ ମହାକାଶ କେନ୍ଦ୍ର (ଆଇଏସ୍ଏସ୍)ରେ ପହଞ୍ଚିବେ। ସେହିପରି ରାକେଶ ଶର୍ମାଙ୍କ ପରେ ମହାକାଶକୁ ଯିବାରେ ସେ ଦ୍ୱିତୀୟ ଭାରତୀୟ ହେବେ।

ବିଭିନ୍ନ ରିପୋର୍ଟ ଅନୁଯାୟୀ, ମହାକାଶରେ ମସଲାଯୁକ୍ତ ଖାଦ୍ୟ ଖାଇବା ନିଷେଧ ହୋଇଥିବାରୁ ଶୁଭାଂଶୁ କେବଳ କିଛି ଭାରତୀୟ ମିଠା ଏବଂ ହାଲୁକା ଖାଦ୍ୟ ନେଇ ଆଇଏସ୍ଏସ୍ ଯିବେ ବୋଲି ତାଙ୍କ ପରିବାର ପକ୍ଷରୁ କୁହାଯାଇଛି। ଶୁଭାଂଶୁ ନିଜ ସହ ଆମ୍ବ ରସ, ମୁଗ ହାଲୁଆ, ଗାଜର ହାଲୁଆ ପରି କେତେକ ଭାରତୀୟ ବ୍ୟଞ୍ଜନ ନେଇ ଆଇଏସ୍ଏସ୍ ଯିବେ ବୋଲି ଉତ୍ତରପ୍ରଦେଶର ଲକ୍ଷ୍ନୌରେ ବିଜ୍ଞାନ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ଶୁଭାଂଶୁଙ୍କ ଭଉଣୀ ସୁଚୀ ଶୁକ୍ଲା କହିଛନ୍ତି। ଅଧିକାଂଶ ଭାରତୀୟ ଖାଦ୍ୟରେ ମସଲା ଅଧିକ ରହୁଥିବାରୁ ସେଗୁଡ଼ିକୁ ଆଇଏସ୍ଏସ୍ ନେଇ ଯିବା ପାଇଁ ଶୁଭାଂଶୁଙ୍କୁ ଅନୁମତି ମିଳି ନ ଥିଲା। ଶେଷରେ କିଛି ମିଠା ଏବଂ ମସଲାହୀନ ଭାରତୀୟ ଖାଦ୍ୟ ନେଇ ଆଇଏସ୍ଏସ୍ ଯିବାକୁ ଶୁଭାଂଶୁଙ୍କୁ ଅନୁମତି ମିଳିଥିବା ସୁଚୀ କହିଛନ୍ତି। ଶୁଭାଂଶୁ ସର୍ବଦା ନିଜ ଫିଟ୍‌ନେସ୍ ପ୍ରତି ସଚେତନ ରହିବା ସହ ନିୟମିତ ଯୋଗ କରିବାକୁ ପସନ୍ଦ କରନ୍ତି। ତେଣୁ ଆଇଏସ୍ଏସ୍‌ରେ ଭାରତୀୟ ଖାଦ୍ୟ ଖାଇ ମଧ ☞ପୃଷ୍ଠା-୨

**ଆଜି 'ଆକ୍ସିଓମ-୪' ମିଶନ ଲଞ୍ଚ**






# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଗଙ୍ଗାଧର ମେହେରଙ୍କ ପ୍ରତିଷ୍ଠାନ ପକ୍ଷରୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ମହାନିର୍ବାଣର ଶତବାର୍ଷିକୀ ଅବସରରେ ଆୟୋଜିତ ପ୍ରଥମ ଜାତୀୟ ଭୁଲିଆ ସମ୍ମିଳନୀ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ରାଜ୍ୟସ୍ତରୀୟ ବିଜ୍ଞାନ ମେଳା–୨୦୨୫, ସ୍ଥାନ: ଉତ୍କଳ ପ୍ରଦର୍ଶନୀ ପଡ଼ିଆ, ସମୟ: ଅପରାହ୍ନ ୪ଟା।
- ସଙ୍ଗୀତ ଭାରତୀ ଗୌଡ଼ୀୟ ଜୟନ୍ତୀ ସମାରୋହ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ଗୁରୁ ପଙ୍କଜ ଚରଣ ଓଡ଼ିଶୀ ରିସର୍ଚ୍ଚ ଫାଉଣ୍ଡେସନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ନୃତ୍ୟ ସମାରୋହ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ
- ଠାକୁର ଅଭି ଶ୍ରୀସିଦ୍ଧବକୁଳ ଠାକୁରଙ୍କ ସ୍ନାନଯାତ୍ରା, ସ୍ଥାନ: ସାକ୍ଷୀଗୋପାଳ ବକୁଳ ବନ, ସମୟ: ପୂର୍ବାହ୍ନ ୧୦ଟା।
- ସ୍ନାନଯାତ୍ରା ଉପଲକ୍ଷେ ଶ୍ରୀସିଦ୍ଧ ବକୁଳ ବେଶଙ୍କ ଗଜାନନ ବେଶ, ସ୍ଥାନ: ଅଠେଇଶ ସାକ୍ଷୀଗୋପାଳ, ସମୟ: ଅପରାହ୍ନ ୫ଟା।

## ବାଲେଶ୍ୱର
- ଦେବସ୍ନାନ ପୂର୍ଣ୍ଣିମା, ସ୍ଥାନ: ଇମାମୀ ଜଗନ୍ନାଥ ମନ୍ଦିର, ରେମୁଣା, ସମୟ: ଦିବସବ୍ୟାପୀ।
- ଶ୍ରୀଜଗନ୍ନାଥ ମନ୍ଦିରରେ ମହାପ୍ରଭୁଙ୍କ ସ୍ନାନ ପୂର୍ଣ୍ଣିମା, ସ୍ଥାନ: ଚନ୍ଦନେଶ୍ୱର ଓ ରସିକପୁର କୃପାକ୍ଷେତ୍ର, ଭୋଗରାଇ, ସମୟ: ସକାଳ ୯ଟା।
- ବିକଶିତ କୃଷି ସଂକଳ୍ପ ଅଭିଯାନ, ସ୍ଥାନ: ଅଳ୍ପାପୁର ଏବଂ ଡାଳଙ୍ଗ, ଖଇରା, ସମୟ: ପୂର୍ବାହ୍ନ ୧୦ଟା।

## ଭଦ୍ରକ
- ଶନିମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ: ରାଉଡ଼ି, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ରାମଚରିତ ମାନସ ପାରାୟଣ ଓ ପ୍ରବଚନ, ସ୍ଥାନ: ନାୟକାଣିହେଟୀ, ବାସୁଦେବପୁର, ସମୟ: ସନ୍ଧ୍ୟା ୬ଟା।
- ନାଟ୍ୟ ମହୋତ୍ସବ ଉଦ୍‌ଯାପନୀ, ସ୍ଥାନ: ଖୋଳାମୁହଁ, ଭଣ୍ଡାରିପୋଖରୀ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର
- ମିଶନ ଶକ୍ତି ପକ୍ଷରୁ ସୁଭଦ୍ରା ଶକ୍ତି ଓ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ମେଳା, ସ୍ଥାନ: ପାଖଶା ବ୍ଲକ ପରିସର, ସମୟ: ସକାଳ ୭ଟା।
- ବାର୍ଷିକ ଅଷ୍ଟମ ପ୍ରହରୀ ନାମଯଜ୍ଞ, ରସ କୀର୍ତ୍ତନ ଓ ନଗର ଭ୍ରମଣ, ସ୍ଥାନ: ଶାସଙ୍ଗ, ଛେନାପଦି, ସମୟ: ଅପରାହ୍ନ ୩ଟା।

## ମୟୂରଭଞ୍ଜ
- ଶ୍ରୀଜୀଉଙ୍କ ଦେବସ୍ନାନ ପୂର୍ଣ୍ଣିମା, ସ୍ଥାନ: ଶ୍ରୀ ଶ୍ରୀ ହରିବଳଦେବଜୀଉ ମନ୍ଦିର ଦେଉଳସାହି, ବାରିପଦା, ସମୟ: ସକାଳ ୬ଟା।
- ଆଲେଟ–୮୦ ପକ୍ଷରୁ ଜଳସେବା, ସ୍ଥାନ:ପିତାଭୁଡ଼ି ଅପଡିସ ସଙ୍ଗୁଖ ବାରିପଦା,ସମୟ: ସକାଳ ୯ଟା।
- ମୟୂର କଳା ଭୂମି ପକ୍ଷରୁ ତାଲିମ ଶିବିର, ସ୍ଥାନ:ତୁଳସୀ ମଣ୍ଡପ, ତାରାଗାନ୍ଧି ରୋଲେଇ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଚତୁର୍ଦ୍ଧାଦେବଙ୍କ ସ୍ନାନ ଉତ୍ସବ, ସ୍ଥାନ: ଉଦଳା ବ୍ଲକ ଅଧୀନ ହରିରାଜପୁର ଜଗନ୍ନାଥ ମନ୍ଦିର ସ୍ନାନ ମଣ୍ଡପ,ସମୟ: ପୂର୍ବାହ୍ନ ୧୧ଟା୩୦।
- ଅଞ୍ଚଳକୁ ବ୍ଲକ କୁଡ଼ୁ ଆନୁଲୁମ୍ୟରେ ଟି–୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ମଧୁବନ ଷ୍ଟାଡିୟମ, ବାରିପଦା, ସମୟ: ଅପରାହ୍ନ ୫ଟା।
- ୫୫୨ତମ ସଙ୍ଘ ଦିବସ, ସ୍ଥାନ: ଗୋପବନ୍ଧୁ ଭବନ, ବାରିପଦା,ସମୟ: ଅପରାହ୍ନ ୫ଟା।

## ବ୍ରହ୍ମପୁର
- ମାଗଣା ଆଧାର କାର୍ଡ ପଞ୍ଜୀକରଣ , ସ୍ଥାନ: ଗୋଷାଣୀ ନୂଆଗାଁ ବସ୍ତି ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।

## ଗଞ୍ଜାମ
- ଦେବସ୍ନାନ ପୂର୍ଣ୍ଣିମା, ସ୍ଥାନ: ବୁଗୁଡ଼ା ବଳଦେବ ମନ୍ଦିର, ସମୟ: ସକାଳ ୯ଟା।
- ବିକଶିତ କୃଷି ସଂକଳ୍ପ ଅଭିଯାନ ସଚେତନତା, ସ୍ଥାନ: ବୁଗୁଡ଼ା ଅଞ୍ଚଳପତ,ସମୟ: ଅପରାହ୍ନ ୩ଟା।

## ଗଜପତି
- ଜିଲାସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା, ସ୍ଥାନ: ପାରଳାଖେମୁଣ୍ଡି ବିଜୁ କଲ୍ୟାଣ ମଣ୍ଡପ, ସମୟ: ସକାଳ ୯ଟା।
- ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ, ସ୍ଥାନ: ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ର,ସମୟ: ପୂର୍ବାହ୍ନ ୧୦ଟା ୩୦।

## ଢେଙ୍କାନାଳ
- ସ୍ନାନ ପୂର୍ଣ୍ଣିମା, ସ୍ଥାନ: ବଳରାମ ମନ୍ଦିର, ଢେଙ୍କାନାଳ, ସମୟ: ସକାଳ ୫ଟା।
- କେନ୍ଦ୍ର ସରକାରଙ୍କ ୧୧ବର୍ଷ ଓ ରାଜ୍ୟ ସରକାରଙ୍କ ୧ବର୍ଷ ପୂର୍ତ୍ତି ଅବସରରେ ଖବରଦାତା ସମ୍ମିଳନୀ, ସ୍ଥାନ: ଭାଜପା ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ସାଢ଼େ ୧୧ଟା।

## ଜଗତସିଂହପୁର
- ସାରଙ୍ଗିଆ କଳା ନିକେତନ ସାଂସ୍କୃତିକ ଅନୁଷ୍ଠାନର ବାର୍ଷିକ ଉତ୍ସବ, ସ୍ଥାନ: କଳା ନିକେତନ ପରିସର, ମଧୁବନ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା
- ଶ୍ରୀବଳଦେବଜୀଉଙ୍କ ସ୍ନାନ ଉତ୍ସବ ଓ ଗଜବଦନ ବେଶ, ସ୍ଥାନ: ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୬ଟା।
- ସ୍ନାନଯାତ୍ରା ମହୋତ୍ସବ, ସ୍ଥାନ: ଶ୍ରୀବଳଦେବଜୀଉ ମନ୍ଦିର, ଗରଦପୁର, ଶ୍ରୀଜଗନ୍ନାଥ ମନ୍ଦିର, ମାହାଳ, ଗରଦପୁର, ଶ୍ରୀଲକ୍ଷ୍ମୀ ନାରାୟଣ ମନ୍ଦିର, ଆଳି, ଶ୍ରୀ ଦଧିବାମନଜୀଉ ମନ୍ଦିର, ତୋଲ ଶାସନ, ପଟ୍ଟାମୁଣ୍ଡାଇ, ସମୟ: ସକାଳ ୮ଟା।
- ଭକ୍ତ ସାଲବେଗ ଦିବସ ଓ ଜଗନ୍ନାଥ ସେବା ମହାସଂଘ ପକ୍ଷରୁ ତୁଳସୀ କ୍ଷେତ୍ର ସ୍ନାନଯାତ୍ରା ମହୋତ୍ସବ, ସ୍ଥାନ: ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୭ଟା।
- ସ୍ନାନଯାତ୍ରା ମହୋତ୍ସବ, ସ୍ଥାନ: ଶ୍ରୀଦଧିବାମନଜୀଉ ମନ୍ଦିର, ରେଣ୍ଡିଝିଲ, ସମୟ: ପୂର୍ବାହ୍ନ ୧୧ଟା।

## ନୟାଗଡ଼
- ଦେବସ୍ନାନ ପୂର୍ଣ୍ଣିମାରେ ସ୍ନାନ ନୀତି, ଖଣ୍ଡପଡ଼ା ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ଟା / ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୮ଟା / ନୟାଗଡ଼ ପୁରୁଣା ସହର ଜଗନ୍ନାଥ ମନ୍ଦିର, ସମୟ:ପୂର୍ବାହ୍ନ ୧୦ଟା/ ସ୍ଥାନ: ଶରଣକୁଳ ଲଡୁବାବାଙ୍କ ପାର୍ଶ୍ୱ ଦେବତା ଜଗନ୍ନାଥ ମନ୍ଦିର, ସମୟ:ପୂର୍ବାହ୍ନ ୧୦ଟା/ସ୍ଥାନ: ଗୋଡିପଡା ଜଗନ୍ନାଥ ମନ୍ଦିର, ସମୟ:ପୂର୍ବାହ୍ନ ୧୦ଟା।
- ଦେବସ୍ନାନ ପୂର୍ଣ୍ଣିମାରେ ଗଜାନନ ବେଶ ଦର୍ଶନ, ସ୍ଥାନ: ନୟାଗଡ ପୁରୁଣା ସହର ଜଗନ୍ନାଥ ମନ୍ଦିର, ସମୟ:ଅପରାହ୍ନ ୫ଟା।

## ରାୟଗଡ଼ା
- ଉନ୍ନତି କେନ୍ଦ୍ର ଗୃହ ପ୍ରତିଷ୍ଠା ଓ ହରିନାମ ସଂକୀର୍ତ୍ତନ, ସ୍ଥାନ –କାଣ୍ଡୁଗୁଡା ଗ୍ରାମ,କାଶୀପୁର
- ସମୟ: ପୂର୍ବାହ୍ନ ୧୦ ଟା।
- ଦେବସ୍ନାନ ପୂର୍ଣ୍ଣିମା ପାଳନ, ସ୍ଥାନ: ଶ୍ରୀ ଜଗନ୍ନାଥ ମନ୍ଦିର, ଗୁଣପୁର, ସମୟ: ଅପରାହ୍ନ ୨ଟା।

## ନବରଙ୍ଗପୁର
- ଦେବସ୍ନାନ ଉତ୍ସବ, ସ୍ଥାନ: ଝରିଗାଁ ଜଗନ୍ନାଥ ମନ୍ଦିର, ସମୟ: ମଧ୍ୟାହ୍ନ ୧୨ ଟା।
- ମାଣିକପୁରା ପନଜା ସମାଜ ପକ୍ଷରୁ କବିର ଜୟନ୍ତୀ, ସ୍ଥାନ: ଝରିଗାଁ ବ୍ଲକ କୁମ୍ଭିଗାଁ, ସମୟ: ସକାଳ ୭ଟା।
- ରକ୍ତଦାନ ଶିବିର, ସ୍ଥାନ: ଉମରକୋଟ ବ୍ଲକ ବଡ଼ିଗୁଡ଼ା, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ
- ମହାପ୍ରଭୁଙ୍କ ଦେବ ସ୍ନାନ ଉତ୍ସବ, ସ୍ଥାନ: ହାଇ ଜଗନ୍ନାଥ ମନ୍ଦିର ପରିସର, ସୁନାବେଡା–୧, ସମୟ: ସକାଳ ୭ଟା।
- ଆଇସିଡିଏସ ପ୍ରକଳ୍ପସ୍ତରୀୟ କମିଟି ବୈଠକ,ସ୍ଥାନ: ସବ୍‌କଲେକ୍ଟର ସଭା ଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶାବର ଶ୍ରୀକ୍ଷେତ୍ରରେ ଜିଉଙ୍କ ଗଜାନନ ବେଶ, ସ୍ଥାନ: ସ୍ନାନବେଦି, କୋରାପୁଟ, ସମୟ: ଅପରାହ୍ନ ୩ଟା।

## ସମ୍ବଲପୁର
- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ କାର୍ଯ୍ୟକ୍ରମ, ସ୍ଥାନ: କମିଶନର କଲୋନୀ ପଡ଼ିଆ, ସମୟ: ସକାଳ ୫ଟା ୩୦ମି।
- ଜିଲା କିକ୍ ବକ୍ସିଂ ଆସୋସିଏସନ ପକ୍ଷରୁ ନିଃଶୁଳ୍କ କିକ୍ ବକ୍ସିଂ ତାଲିମ କାର୍ଯ୍ୟକ୍ରମ, ସ୍ଥାନ: ଗୁରୁ ସତ୍ୟନାରାୟଣ ସଂସ୍କୃତି ଡେରା, ସମୟ: ସକାଳ ୬ଟା।

## ବଲାଙ୍ଗୀର
- ରାଜ୍ୟ ସରକାରଙ୍କ ଏକବର୍ଷ ପୂର୍ତ୍ତି ଅବସରରେ ଉପ ମୁଖ୍ୟମନ୍ତ୍ରୀ ଏବଂ ପଞ୍ଚାୟତିରାଜ, ପାନୀୟ ଜଳ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ, ସ୍ଥାନ: ଡିଏଫ୍‌ଓ ସମ୍ମିଳନୀ କକ୍ଷ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା।

## ରାଉରକେଲା
- ଦେବସ୍ନାନ ପୂର୍ଣ୍ଣିମା, ସ୍ଥାନ: ଝିରପାଣି ଜଗନ୍ନାଥ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ଆର୍‌ଏମ୍‌ସି ପକ୍ଷରୁ ଏସ୍‌ଏଚ୍‌ଜି ମହିଳାମାନଙ୍କୁ ନେଇ ବୈଠକ, ସ୍ଥାନ: ଉଦିତନଗର, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରଦ୍ଧାଞ୍ଜଳି ସଭା ଓ ଭଜନ ସମାରୋହ, ସ୍ଥାନ: ସେକ୍ଟର–୧୪ ବଟେଶ୍ୱର ମନ୍ଦିର, ସମୟ: ମଧ୍ୟାହ୍ନ ୧୨ଟା।

## ବରଗଡ଼
- ଏବିଭିପିର ପ୍ରାନ୍ତ ଅଭ୍ୟାସ ବର୍ଗ କାର୍ଯ୍ୟକ୍ରମ, ସ୍ଥାନ: କ୍ରିଷ୍ଣା ବିକାଶ, ବରଗଡ଼,ସମୟ: ସକାଳ ୯ଟା।
- ଗୁରୁ ଭଗବାନ ସାହୁଙ୍କ ଜୟନ୍ତୀ ସମାରୋହ,ସ୍ଥାନ: ବିଜୁ ପଟ୍ଟନାୟକ ଟାଉନ ହଲ, ବରଗଡ଼, ସମୟ:ସକାଳ ୯ଟା।

## କଳାହାଣ୍ଡି
- ରାଜ୍ୟ ସରକାରଙ୍କ ବର୍ଷ ପୂର୍ତ୍ତି ଉପଲକ୍ଷେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଖବରଦାତା ସମ୍ମିଳନୀ, ସ୍ଥାନ: ଭବାନୀପାଟଣାସ୍ଥିତ ସର୍କିଟ ହାଉସ, ସମୟ: ପୂର୍ବାହ୍ନ ସାଢ଼େ ୧୧ଟା।
- ଜଗନ୍ନାଥ ମନ୍ଦିରରେ ଦେବସ୍ନାନ ପୂର୍ଣ୍ଣିମା ପାଳନ, ସ୍ଥାନ: ଭବାନୀପାଟଣା ଗାନ୍ଧୀ ଛକ ନିକଟ ଜଗନ୍ନାଥ ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।
- କର୍ଲାମୁଣ୍ଡା ବ୍ଲକ କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: କର୍ଲାମୁଣ୍ଡା ବ୍ଲକ ସଦର ମହକୁମା, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ
- ବୌଦ୍ଧ ଜଗନ୍ନାଥ ମନ୍ଦିରରେ ଶ୍ରୀଜିଉଙ୍କ ସ୍ନାନ ଓ ଗଜାନନ ବେଶ, ସ୍ଥାନ: ବୌଦ୍ଧ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ବୌଦ୍ଧ, ସମୟ:ସକାଳ ୧୦ଟା।

## ସୁବର୍ଣ୍ଣପୁର
- ବୀରମହାରାଜପୁର ଜଗନ୍ନାଥ ମନ୍ଦିରରେ ସ୍ନାନଯାତ୍ରା, ସ୍ଥାନ: ଜଗନ୍ନାଥ ମନ୍ଦିର ପରିସର, ସମୟ: ସକାଳ ୮ଟା।
- ତରଭା ଦଧିବାମନ ମହାପ୍ରଭୁଙ୍କ ସ୍ନାନ ପୂର୍ଣ୍ଣିମା, ସ୍ଥାନ: ଜଗନ୍ନାଥ ମନ୍ଦିର, ସମୟ: ସକାଳ ୮ଟା।
- ପାତାଳି ଶ୍ରୀକ୍ଷେତ୍ରରେ ଦେବସ୍ନାନ ପୂର୍ଣ୍ଣିମାରେ ଧାଡି ପହଣ୍ଡି, ସ୍ଥାନ: କୋଟସମଲାଇ ସ୍ଥିତ ପାତାଳି ଶ୍ରୀକ୍ଷେତ୍ର, ସମୟ: ସକାଳ ୯ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଶୁକ୍ରଙ୍କ ସୁପ୍ରଭାବରେ ଆବଶ୍ୟକତା ପୂରଣ ସହ ବନ୍ଧୁଙ୍କ ଦ୍ୱାରା ପ୍ରଶଂସିତ ହେବେ। ଆପୋସ ଆଲୋଚନା ଓ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ। ନିଜ ସ୍ୱାର୍ଥହାନି ଆଶଙ୍କାରେ ଆତ୍ମୀୟମାନେ ଦୂରେଇ ଯାଇପାରନ୍ତି। ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ ହୋଇ ବୁଦ୍ଧିଜୀବୀଙ୍କ ଦ୍ୱାରା ପ୍ରଶଂସିତ ହୋଇପାରନ୍ତି।

**ବୃଷ** ନୀଚସ୍ଥ ତୃତୀୟାଧିପ ଭାଇ, ବନ୍ଧୁ କିମ୍ବା ପଡ଼ୋଶୀଙ୍କ ସହ ବିବାଦୀୟ ସ୍ଥିତି ଉତ୍ପନ୍ନ କରିପାରନ୍ତି। ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବାରେ ଜଣେ ବ୍ୟକ୍ତି ସାହାଯ୍ୟ କରିବେ। ଯାନ୍ତ୍ରିକ ଜିନିଷ, ଯାନବାହନ, ବସ୍ତ୍ରାଳଙ୍କାର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ଅତୀତ ଘଟଣାର ଆଲୋଚନା ଓ ସନ୍ତାନ ହେତୁକ ଦୁଶ୍ଚିନ୍ତା ଆସିପାରେ।

**ମିଥୁନ** ମଙ୍ଗଳଙ୍କ ପ୍ରଭାବ ଦ୍ୱାରା ଧୈର୍ଯ୍ୟର ସହ ସମସ୍ୟାର ମୁକାବିଲା କରି ଆଶ୍ୱସ୍ତି ଲଭିବେ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କର ଗୁପ୍‌ଚୁପ୍ କଥା ଶୁଣି ମନରେ ଆଶଙ୍କା ଉଦ୍ରେକ ହେବ। ବୃତ୍ତିଗତ ଧନ୍ଦା, ହୋଟେଲ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଉନ୍ନତି କରିବେ। ଧନାଧିପ ଷଷ୍ଠଭାବସ୍ଥ ଯୋଗୁ ଅର୍ଥସମ୍ପର୍କୀୟ ବିବାଦର ସମ୍ମୁଖୀନ ହୋଇପାରନ୍ତି।

**କର୍କଟ** ଶୁକ୍ର ଚତୁର୍ଥଭାବକୁ ଅବଲୋକନ କରୁଥିବାରୁ ନୂତନ ଗୃହ, ଯାନବାହନ, ସୌଖୀନ ଜିନିଷ କ୍ରୟ କରିପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ନିଜଲୋକ କେହି ସାହାଯ୍ୟ କରିବାକୁ ଆଗେଇ ଆସିବେ। ନୂତନ କମ୍ପାନୀରେ ମୋଟା ଦରମାର ଚାକିରି ଅଫର କିମ୍ବା ପଦୋନ୍ନତି ଘଟିପାରେ। ଜମିଜମା, କାରଖାନା, ପ୍ଲଟିଂ ବ୍ୟବସାୟରୁ ସୁଫଳ ପାଇବେ।

**ସିଂହ** କର୍ମାଧିପ ଭାଗ୍ୟସ୍ଥ ହେତୁ ଅଭିଳଷିତ ଜିନିଷକୁ ହାସଲ କରାଇବାରେ ପଦସ୍ଥବ୍ୟକ୍ତିଙ୍କ ସହାୟତା ପ୍ରାପ୍ତ ହେବେ। ଫାଇଦା ପାଇଁ ସମ୍ପର୍କୀୟମାନେ ଫନ୍ଦିଫିକର କରିବାକୁ ମନ ବଳାଇବେ। ଅନୁସନ୍ଧାନ, ଅଧ୍ୟୟନ, ଅଧ୍ୟାପନା ଓ ସାହିତ୍ୟ କ୍ଷେତ୍ରରେ ଉନ୍ନତି କରିବେ। ଅଫିସ୍‌ରେ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ।

**କନ୍ୟା** ଆଜି ଘର କାମ ସାଙ୍ଗକୁ ଅଫିସ୍ କାମର ଜଞ୍ଜାଳ ବଳିଯିବ। ପାରିବାରିକ ସ୍ତରରେ ଅନ୍ୟମାନଙ୍କ କାର୍ଯ୍ୟକଳାପ ଅସନ୍ତୋଷ ସୃଷ୍ଟି କରିପାରେ। ଅବଶ୍ୟ ବନ୍ଧୁଙ୍କ ସହାୟତାରେ ଇପ୍ସିତ ଅର୍ଥ ପାଇବେ ଓ କାର୍ଯ୍ୟସାଧନ କରିପାରିବେ। ରାଶ୍ୟାଧିପ ଗୁରୁଯୁକ୍ତ ହୋଇ ଭାଗ୍ୟସ୍ଥାନସ୍ଥ ଯୋଗୁ ହସ୍ତା ନକ୍ଷତ୍ର ପାଇଁ ବିଶେଷ ଶୁଭପ୍ରଦ ରହିବ।

**ତୁଳା** ମିତ୍ରଙ୍କ ସହାୟତା ଲାଭକରି ବାଣିଜ୍ୟ, ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ପ୍ରଦାନ କରିପାରନ୍ତି। ଗ୍ରହଙ୍କ ସୁପ୍ରଭାବରେ ଯେ କୌଣସି ପ୍ରତିରୋଧକୁ ଆଡ଼େଇ ଯାଇ କାମ ହାସଲରେ ସମର୍ଥ ହେବେ। ଚତୁର୍ଥାଧିପଙ୍କ ଦୁର୍ବଳତା କାରଣରୁ ପାରିବାରିକ ସ୍ଥିତି ଭଲ ରହି ନ ପାରେ। ତଥାପି ବାଟରେ ମିତ୍ରତାର ବନ୍ଧନରେ ଆବଦ୍ଧ ହୋଇପାରନ୍ତି।

**ବିଛା** ରାଶ୍ୟାଧିପଙ୍କ ଦୁର୍ବଳତା ସଙ୍ଗକୁ ନୀଚସ୍ଥ ଭାଗ୍ୟାଧିପ କାର୍ଯ୍ୟହାସଲରେ ସମସ୍ୟା ସୃଷ୍ଟି କରିପାରନ୍ତି। କୌଣସି କାମରେ ମନର ସ୍ଥିରତା ନ ରହିବା ହେତୁ କାମ ଅସମ୍ପୂର୍ଣ୍ଣ ରହିଯିବ। କେତେକ କାମକୁ ଅବହେଳା କରି ସମାଲୋଚିତ ହେବେ। ଉଚ୍ଚବର୍ଗଙ୍କ ସହାୟତା ପାଇବେ ନାହିଁ ବରଂ କିଛି ଲୋଭନୀୟ ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଲାଭ କରିବେ।

**ଧନୁ** ବୃହସ୍ପତି ପ୍ରଭାବରୁ ପ୍ରତ୍ୟେକ ପାରିବାରିକ କାର୍ଯ୍ୟ ଶୃଙ୍ଖଳିତ ରହିବ। କୌଣସି ଅଭାବ ନ ଥିଲେ ମଧ୍ୟ ଆଜି ବନ୍ଧୁଙ୍କ ସଦ୍‌ଭାବ କିମ୍ବା ସହକର୍ମୀଙ୍କ ସହଯୋଗ ପାଇବେ ନାହିଁ। ଶୁଭଖବର ପାଇ ଉଲ୍ଲସିତ ହେବେ ଏବଂ ବିଳାସ ପ୍ରାଚୁର୍ଯ୍ୟ ମଧ୍ୟରେ ସମୟ ଅତିବାହିତ ହେବ। ଶୁକ୍ରଙ୍କ ସ୍ଥିତିଜନିତ ବ୍ୟବହାରରେ ବ୍ୟତିକ୍ରମ ସମ୍ପର୍କହାନି କରାଇପାରନ୍ତି।

**ମକର** କେନ୍ଦ୍ରସ୍ଥ ଶୁକ୍ର ପାରିବାରିକ ଓ କର୍ମକ୍ଷେତ୍ରକୁ ସରସ କରିବାରେ ସହାୟକ ହେବ। କର୍ମଭାବରୁ ଅଷ୍ଟମସ୍ଥ ଓ ରବି ସଙ୍ଗତ୍ୱ କାରଣରୁ କର୍ମହାନି ଓ ସମସ୍ୟା ବିଜଡ଼ିତ ରହିବେ। ଆଜିର ପ୍ରତ୍ୟୁଷ ଯାତ୍ରା ଆନନ୍ଦଦାୟକ ରହିବ ଓ ନୂତନ ମିତ୍ରତା ସୃଷ୍ଟି ହେବ। ପ୍ରତ୍ୟେକ କ୍ଷେତ୍ରରେ କୌଶଳପୂର୍ଣ୍ଣ କଥା କହି ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିପାରିବେ।

**କୁମ୍ଭ** ରାହୁ ରାଶିରେ ଅବସ୍ଥାନ ପ୍ରତ୍ୟେକ କାମକୁ କୌଶଳରେ ସମ୍ପନ୍ନ କରିପାରିବେ। ଜମିଜମା, ନୂତନ ଗୃହ, କଚେରି ମାମଲା ପ୍ରଭୃତିରେ ଆଶାନୁରୂପ ସଫଳତା ପ୍ରଦାନ କରିବେ। ଦୂରଦୃଷ୍ଟି ଓ କୌଶଳପୂର୍ଣ୍ଣ କାର୍ଯ୍ୟଶୈଳୀ ହେତୁ ପାରିପାର୍ଶ୍ୱିକ ପରିସ୍ଥିତି ଭଲ ରହିବ। ନୂତନ ଯୋଜନା ପାଇଁ ପରିବାରରୁ ସହଯୋଗ ପାଇବେ।

**ମୀନ** ମୁଖଭାବରେ ଶୁକ୍ର ବ୍ୟବହାରରେ ବ୍ୟତିକ୍ରମଜନିତ କାମକୁ ବିଶୃଙ୍ଖଳିତ କରିପାରେ। ଯାନ୍ତ୍ରିକ ତ୍ରୁଟି ଯୋଗୁ ଲକ୍ଷ୍ୟସ୍ଥଳରେ ଉପସ୍ଥିତ ହେବାରେ ବିଳମ୍ବ ଘଟିବ। ପଦସ୍ଥବ୍ୟକ୍ତିଙ୍କ ଅନୁକମ୍ପାରୁ କର୍ମକ୍ଷେତ୍ରରେ ପଦୋନ୍ନତି ଘଟିପାରେ। ଆନୁଷ୍ଠାନିକ କାମରେ ଯୋଜନା ମୁତାବକ କାର୍ଯ୍ୟରେ ସଫଳତା ପାଇପାରନ୍ତି।

ଆଜି ଜୁନ୍ ୧୧ ତାରିଖ, ବୁଧବାର, ଦେବସ୍ନାନ ପୂର୍ଣ୍ଣିମା, ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସ୍ନାନଯାତ୍ରା ଓ ଗଜାନନ ବେଶ, ଅଣସର ଆରମ୍ଭ, ସନ୍ଥ କବୀର ଜୟନ୍ତୀ, ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ଶ୍ରାଦ୍ଧ ଦିବସ। ରାଶି ନକ୍ଷତ୍ର–ଜ୍ୟେଷ୍ଠା/ବିଛା, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୭.୪୯ମି. ଗତେ ଘ.୦୮.୨୮ମି. ମଧ୍ୟେ, ଘ.୧୦.୦୭ମି. ଗତେ ଘ.୧୧.୨୦ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୧.୪୬ମି. ଗତେ ଘ.୦୧.୨୫ମି. ମଧ୍ୟେ ରାହୁ କାଳ।

ପ୍ରଥମ ପୃଷ୍ଠାରୁ...

## ମୋ ସରଳତା...

ସଂକଳ୍ପ ପୂରଣ କରାଯାଇ ସାରିଲାଣି। ଆଉ ଯାହା ପ୍ରତିଶ୍ରୁତି ରହିଛି ତାକୁ ସମୟ ଭିତରେ ପୂରଣ କରାଯିବ ଏବଂ ଲୋକଙ୍କ ଆଶା ପୂରଣ କରାଯିବ। ବର୍ଷକରେ ୧୭ଲକ୍ଷ ଦିଦି ଆମ ସରକାରର ବଡ଼ ସଫଳତା। ମୁଖ୍ୟମନ୍ତ୍ରୀ କହିଛନ୍ତି, ମହାପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାର୍ଗଦର୍ଶନରେ ସବୁ କାର୍ଯ୍ୟ ସୁରୁଖୁରୁରେ ଚାଲିଛି। ଓଡ଼ିଶା ପ୍ରତି ପ୍ରଧାନମନ୍ତ୍ରୀଙ୍କ ଭଲ ପାଇବା ଆମକୁ ଚଳଚଞ୍ଚଳ କରିଛି। ଆସନ୍ତା ୨୦ ତାରିଖରେ ପୁଣି ଥରେ ପ୍ରଧାନମନ୍ତ୍ରୀ ଓଡ଼ିଶା ଆସିବେ। ଏହାକୁ ମିଶାଇଲେ ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ ୬ଥର ହେବ। ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନକୁ ନେଇ ଚାରିଗୋଟି ଜାତି ଯେପରି କି, 'ଗରିବ, ଅନ୍ନଦାତା, ଯୁବ ଏବଂ ମହିଳା' ପାଇଁ ଆମେ ନିରନ୍ତର କାର୍ଯ୍ୟ କରିବୁ। ୨୦୩୬ ମିଶନ ପାଇଁ ଖୁବ୍‌ଶୀଘ୍ର ୩୬ କାର୍ଯ୍ୟକ୍ରମ ଗ୍ରହଣ କରାଯିବ। ୨୦୩୬ ସୁଦ୍ଧା ନିଶ୍ଚିତ ଭାବେ ଓଡ଼ିଶା ଦେଶର ସର୍ବଶ୍ରେଷ୍ଠ ପାଞ୍ଚଗୋଟି ରାଜ୍ୟରେ ସ୍ଥାନ ପାଇବ ଏବଂ ଆମେ ଓଡ଼ିଶାକୁ ଏକ ୫୦୦ ନିୟୁତ ଆମେରିକୀୟ ଡଲାର ଅର୍ଥନୀତିରେ ପରିଣତ କରିବୁ। ୨୦୩୬ ସୁଦ୍ଧା ଓଡ଼ିଶା ହେବ ସମୃଦ୍ଧ ଏବଂ ୨୦୪୭ ସୁଦ୍ଧା ମୋଦିଙ୍କ ପରିକଳ୍ପିତ ବିକଶିତ ଭାରତ ଗଢ଼ିବାରେ ଓଡ଼ିଶା ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

ସେ କହିଛନ୍ତି, ଜୁନ୍ ୧୨ରେ ରାଜ୍ୟ ସରକାର ଶପଥପାଠ ଗ୍ରହଣ କରିବା ଦିନ ରାଜ୍ୟ କ୍ୟାବିନେଟରେ ୪ଟି ପ୍ରମୁଖ ନିଷ୍ପତ୍ତି ନିଆଯାଇଥିଲା। ସେଥିମଧ୍ୟରେ ଶ୍ରୀମନ୍ଦିର ୪ ଦ୍ୱାର ଖୋଲିବା ସହ ସୁଭଦ୍ରା ଯୋଜନା ଲାଗୁ କରିବା ଏବଂ ଶ୍ରୀମନ୍ଦିର ପାଇଁ ୫ ଶହ କୋଟି ଟଙ୍କାର କର୍ପସ ଫଣ୍ଡ ସହିତ ଧାନ କୁଇଣ୍ଟାଲ ପିଛା ୮ ଶହ ଟଙ୍କା ବୋନସ୍ ଫାଇଲରେ ମୋହର ବାଜିଥିଲା। ସମୃଦ୍ଧ କୃଷି ଯୋଜନାରେ ଆମେ ୩୭,୮୦୦ କୋଟିର ବଜେଟ କରିଛୁ। ପୂର୍ବ ସରକାର ଯାହା ୨୪ବର୍ଷରେ କରିପାରି ନ ଥିଲା, ଆମ ସରକାର ୨୪ ମିନିଟ୍‌ରେ କରି ଦେଖାଇଛି।୨୦୨୬ ସୁଦ୍ଧା ରାଜ୍ୟର ୯୦% ଲୋକଙ୍କୁ ପାଇପ ଯୋଗେ ପାନୀୟ ଜଳ ଯୋଗାଇ ଦିଆଯିବ। ଏଥିସହିତ ୫ ଲକ୍ଷ ଲୋକଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଗାଇଦେବାକୁ ସରକାର ଉଦ୍ୟମ ଜାରି ରଖିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଉତ୍କର୍ଷ ଓଡ଼ିଶାରେ ୧୭ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶର ଇଣ୍ଟେଣ୍ଟ ଆସିଥିଲା। ସେଥିରୁ ୧୩ ଲକ୍ଷ କୋଟିର ଏମ୍‌ଓୟୁ ସ୍ୱାକ୍ଷର ହୋଇଛି। ଖୋର୍ଦ୍ଧା, ଢେଙ୍କାନାଳ, କଳିଙ୍ଗନଗର ଓ ଗଞ୍ଜାମରେ ୧.୩୮ଲକ୍ଷ କୋଟିର ପ୍ରକଳ୍ପ ଗ୍ରାଉଣ୍ଡିଂ ହୋଇଛି। ଏହାଦ୍ୱାରା ୧.୫ଲକ୍ଷ ନିଯୁକ୍ତି ସୃଷ୍ଟି ହେବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋଦି ସରକାରଙ୍କ ୧୧ ବର୍ଷ ପୂର୍ତ୍ତି ସମ୍ପର୍କରେ କହିଥିଲେ, ମୋଦିସରକାରଙ୍କ ୧୧ ବର୍ଷ, ୩ୟ ପାଳିର ପ୍ରଥମ ବର୍ଷ ପୂରିଛି। ୨୦୧୪ ମେ' ୨୬ ତାରିଖରେ ପ୍ରଧାନମନ୍ତ୍ରୀ ଭାବେ ନରେନ୍ଦ୍ର ମୋଦି ଶପଥ ନେଇଥିଲେ। ମୋଦି ସରକାର ୧୧ ବର୍ଷ ଭିତରେ ଅନେକ ଐତିହାସିକ ନିଷ୍ପତ୍ତି ନେଇଛନ୍ତି। ଧାରା ୩୭୦ ଉଚ୍ଛେଦ କରି ଜମ୍ମୁ–କଶ୍ମୀରକୁ ଭାରତ ସହ ପୂର୍ଣ୍ଣ ଭାବେ ଯୋଡ଼ିଛନ୍ତି। ଏହାସହିତ ଟ୍ରିପଲ ତଲାକ, ଏକକ ଜିଏସ୍‌ଟି, ଜନଧନ ଯୋଜନାର ସୁଫଳ ଲୋକଙ୍କୁ ମିଳିଛି। ବିଶ୍ୱବ୍ୟାଙ୍କର ସଦ୍ୟତମ ରିପୋର୍ଟ ଅନୁସାରେ ୧୩ ବର୍ଷ ମଧ୍ୟରେ ଦେଶରେ ଅତ୍ୟଧିକ ଦାରିଦ୍ର୍ୟରେ ବାସ କରୁଥିବା ଲୋକଙ୍କ ସଂଖ୍ୟା ୨୭.୧ ପ୍ରତିଶତରୁ ୫.୩ ପ୍ରତିଶତକୁ ହ୍ରାସ ପାଇଛି। ଅର୍ଥାତ୍ ଏହି ସମୟ ଭିତରେ ପ୍ରାୟ ୨୭ କୋଟି ଲୋକ ଅତ୍ୟନ୍ତ ଦାରିଦ୍ର୍ୟ ତାଡ଼ନାରୁ ମୁକ୍ତ ହୋଇଛନ୍ତି। ଏହି ଗୋଟିଏ ମାପଦଣ୍ଡରୁ ମୋଦି ସରକାରଙ୍କ ସାଧାରଣ ଜନତାଙ୍କ ବିକାଶ ବିଷୟରେ ଜାଣିହେବ।

ପ୍ରଧାନମନ୍ତ୍ରୀଙ୍କ ତୃତୀୟ ପାଳିର ପ୍ରଥମ ବର୍ଷର ଶେଷ ଆଡ଼କୁ, ଦେଶର ଇତିହାସରେ ଏକ 'ନୂଆ ଅଧ୍ୟାୟ' ଯୋଡ଼ା ହୋଇଛି। ଦେଶରେ ଆତଙ୍କବାଦର କଡ଼ା ଜବାବ ଦେବା ପାଇଁ ଗତ ପଚାଶ ବର୍ଷରେ ଇତିହାସ ସୃଷ୍ଟିକରି ପଡ଼ୋଶୀ ଦେଶ ଭିତରେ ପଶି ଆତଙ୍କବାଦକୁ ସଫା କରିବା ପାଇଁ 'ଅପରେଶନ ସିନ୍ଦୂର' ପାଇଁ ମୋଦି ନିର୍ଣ୍ଣୟ ନେଇଥିଲେ। ସାରା ବିଶ୍ୱରେ ଭାରତ ଆତଙ୍କବାଦ ବିରୋଧରେ ଲଢ଼େଇ ପାଇଁ ସବୁଠାରୁ ଆଗରେ ବୋଲି ପ୍ରମାଣିତ ହୋଇଛି। 'ଅପରେଶନ ସିନ୍ଦୂର' କେବଳ ଏକ ନାଁ ନୁହେଁ, ଏହା ଦେଶର ସୁରକ୍ଷା ତଥା ଭାରତର କୋଟିକୋଟି ମାତା ଏବଂ ଭଉଣୀଙ୍କ ପାଇଁ ସମ୍ମାନର ଗ୍ୟାରେଣ୍ଟି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ବୈଷୟିକ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ନେଇ ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନର ଉତ୍ତର ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ, ବୈଷୟିକ ଶିକ୍ଷାରେ ଖୁବ୍‌ଶୀଘ୍ର ସଂରକ୍ଷଣ ବ୍ୟବସ୍ଥା କରାଯିବ। ସେହିଭଳି ଖୁବ୍‌ଶୀଘ୍ର ରାଜ୍ୟରେ ଲୋକାୟୁକ୍ତ ନିଯୁକ୍ତି ହେବ। ଦୀଘା ଜଗନ୍ନାଥ ଧାମ ବିବାଦ ନେଇ ବେଙ୍ଗଲ ସରକାରଙ୍କୁ ଚିଠି ଲେଖାଯାଇଥିବା ବେଳେ ବେଙ୍ଗଲ ସରକାର ଏହାର ଉତ୍ତର ଲିଖିତ ଭାବେ ଦେଇ ନାହାନ୍ତି। ବେଙ୍ଗଲ ସରକାରଙ୍କ ଷ୍ଟେଟମେଣ୍ଟ ସାମ୍ନାକୁ ଆସିଛି, ଯାହାକି ଗ୍ରହଣଯୋଗ୍ୟ ନୁହେଁ। ବେଙ୍ଗଲ ସରକାରଙ୍କ ଅହଙ୍କାର ଜଣାପଡ଼ିଛି, ଲୋକେ ଏହାର ଜବାବ ଦେବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ସମ୍ମିଳନୀରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଉପସ୍ଥିତ ଥିଲେ।

## ଗାଜର ହାଲୁଆ...

ସେ ନିଜ ଶରୀରର ସନ୍ତୁଳନକୁ ବଜାୟ ରଖିବେ ବୋଲି ସୂଚୀ କହିଛନ୍ତି। ଆମେରିକୀୟ ମହାକାଶ ସଂସ୍ଥା ନାସା ଏବଂ ଭାରତୀୟ ମହାକାଶ ଗବେଷଣା କେନ୍ଦ୍ର (ଇସ୍ରୋ)ର ଏହି ମିଳିତ ମିଶନରେ ଶୁଭାଂଶୁଙ୍କ ସମେତ ୪ ଆଷ୍ଟ୍ରୋନଟ ସ୍ପେସ୍‌ଏକ୍ସ'ର ଡ୍ରାଗନ ମହାକାଶ ଯାନ ସାହାଯ୍ୟରେ ୨୮ ଘଣ୍ଟା ମଧ୍ୟରେ ଆଇଏସ୍‌ଏସ୍‌ରେ ପହଞ୍ଚିବେ। ଶୁକ୍ଲ ନାମରେ ଜଣାଶୁଣା ଶୁଭାଂଶୁ ଏହି ମିଶନରେ ପାଇଲଟ ଭୂମିକା ନିର୍ବାହ କରିବେ। ୨ ସପ୍ତାହର ଏହି ମିଶନରେ ଶୁଭାଂଶୁଙ୍କ ସହ ଆମେରିକୀୟ ମହାକାଶଚାରୀ ତଥା ମିଶନ କମାଣ୍ଡର ପେଗୀ ହ୍ୱିଟ୍‌ସନ୍ ଏବଂ ମିଶନ ସ୍ପେଶାଲିଷ୍ଟ ଭାବେ ପୋଲାଣ୍ଡର ସ୍ଲାଓଜ୍ ଉଜ୍‌ନାନ୍‌ସ୍କୀ ଓ ହଙ୍ଗେରୀର ମେକାନିକାଲ ଇଞ୍ଜିନିୟର ଟିବୋର କାପୁ ରହିଛନ୍ତି। ଆଇଏସ୍‌ଏସ୍‌ରେ ମିଶନର ୪ କ୍ରିଉ ସଦସ୍ୟ ମ୍ୟାଟେରିଆଲ୍ସ ସାଇନ୍ସ, ବାୟୋଲୋଜି ଏବଂ ଆର୍ଥ ଅବଜର୍‌ଭେସନ୍ସ ଭଳି ବିଭିନ୍ନ କ୍ଷେତ୍ରରେ ସମୁଦାୟ ୬୦ଟି ପରୀକ୍ଷଣ କରିବେ। ସେଥିମଧ୍ୟରୁ ଶୁଭାଂଶୁ ଇସ୍ରୋ ପାଇଁ ୭ଟି ପରୀକ୍ଷା କରିବେ। ସେହିପରି ନାସାର ମାନବ ଗବେଷଣା କାର୍ଯ୍ୟକ୍ରମର ଅଂଶ ଭାବେ ସେ ଆହୁରି ୫ଟି ପରୀକ୍ଷଣରେ ସାମିଲ ହେବେ। ବିଭିନ୍ନ ରିପୋର୍ଟ ଅନୁଯାୟୀ, ଆକ୍ସିଓମ୍–୪ ମିଶନ ପାଇଁ ଭାରତ ୭୦ ମିଲିୟନ ୟୁଏସ୍ ଡଲାର (ପ୍ରାୟ ୬୦୦ କୋଟି ଟଙ୍କା) ଖର୍ଚ୍ଚ କରିଛି।

## ଝାଡ଼ାବାନ୍ତିରେ ୨ ମୃତ...

ବ୍ଲକ୍ ତୁଳସୀ ପଞ୍ଚାୟତ ସୁନ୍ଦରୀ ପୋଖରୀ ଗ୍ରାମର ଅଞ୍ଜନା ଜେନା(୫୮)। ସେ କୋରେଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଥିଲେ। ଅଞ୍ଜନାଙ୍କ ସ୍ୱାମୀଙ୍କ ଅବସ୍ଥା ବି ଗୁରୁତର ଥିବା ସୂଚନା ମିଳିଛି। ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ଏହି ରିପୋର୍ଟ ଲେଖା ଯିବା ପର୍ଯ୍ୟନ୍ତ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଶତାଧିକ ଆକ୍ରାନ୍ତଙ୍କୁ ଭର୍ତ୍ତି କରାଯାଇଛି। ଜିଲାପାଳ ପି.ଅନ୍ୱେଷା ରେଡ୍ଡୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମ୍‌ଓ) ପ୍ରକାଶ କୁମାର ବଳ ପ୍ରମୁଖ ଡାକ୍ତରଖାନା ପରିଦର୍ଶନ କରି ରୋଗୀମାନଙ୍କ ଉପଯୁକ୍ତ ଚିକିତ୍ସା ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ଅନୁଯାୟୀ, ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମଙ୍ଗଳବାର ସକାଳୁ ଝାଡ଼ାବାନ୍ତି ରୋଗୀଙ୍କ ସଂଖ୍ୟା ବଢ଼ି ଚାଲିଥିଲା। ମଧ୍ୟାହ୍ନ ସୁଦ୍ଧା ୧୨୦ରୁ ଊର୍ଦ୍ଧ୍ୱ ରୋଗୀ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ବେଡ୍ ଅଭାବରୁ ରୋଗୀମାନଙ୍କୁ ସାଲାଇନ ଧରି ବାରଣ୍ଡାରେ ଶୋଇବାକୁ ପଡ଼ିଥିଲା। ମେଡିକାଲରେ ଔଷଧ ଏବଂ ଇଞ୍ଜେକ୍ସନ ମିଳି ପାରୁ ନ ଥିବା ଅନେକ ରୋଗୀ ସିଡିଏମ୍‌ଓଙ୍କ ସମ୍ମୁଖରେ ଅଭିଯୋଗ କରିଥିଲେ। ହଠାତ୍ ଏତେ ସଂଖ୍ୟକ ଝାଡ଼ାବାନ୍ତି ରୋଗୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇବାକୁ ନାକେଦମ ହୋଇଯାଇଥିଲେ ଡାକ୍ତରଖାନା କର୍ତ୍ତୃପକ୍ଷ। ଯାଜପୁର ଜିଲା ମୁଖ୍ୟ ଡାକ୍ତରଖାନାରୁ ଡାକ୍ତର ଦୁର୍ଗା ପ୍ରସନ୍ନ ଦାସଙ୍କ ନେତୃତ୍ୱରେ ୩ ଜଣିଆ ଟିମ ଓ ଯଯାତିକେଶରୀ ମେଡିକାଲ କଲେଜରୁ ଗୋଟିଏ ଟିମ୍‌କୁ ରୋଗୀମାନଙ୍କ ସେବାରେ ନିୟୋଜିତ କରାଯାଇଛି। ଖାଦ୍ୟ ସୁରକ୍ଷା ଅଧିକାରୀ ଓ ଅନ୍ୟ ଏକ ଡାକ୍ତରୀ ଦଳ ସର୍ବାଧିକ ରୋଗୀ ଆସିଥିବା ଧର୍ମଶାଳା ବ୍ଲକ ପାଖର ପଞ୍ଚାୟତ ଓ ରସୁଲପୁର ବ୍ଲକ ଗୋପାଳପୁର ଅଞ୍ଚଳକୁ ଯାଇ ଝାଡ଼ାବାନ୍ତି କାରଣ ଖୋଜିଥିଲେ। ପାଣିପାଗରେ ପରିବର୍ତ୍ତନ ହେତୁ ହଠାତ ଏଭଳି ପରିସ୍ଥିତି ହୋଇଥିବା ସିଡିଏମ୍‌ଓ ବଳ କହିଛନ୍ତି।

ଯାଜପୁରରୋଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୬୦ରୁ ଅଧିକ ଆକ୍ରାନ୍ତ ଭର୍ତ୍ତି ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଗୁରୁତର ରୋଗୀମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ଓ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ବେଳେ ୮ ଜଣ ପ୍ରାଥମିକ ଚିକିତ୍ସା ପରେ ଘରକୁ ଫେରିଛନ୍ତି। ରିପୋର୍ଟ ଲେଖା ଯିବା ପର୍ଯ୍ୟନ୍ତ ୩୦ରୁ ଊର୍ଦ୍ଧ୍ୱ ରୋଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଅଛନ୍ତି। ସିଡିଏମ୍‌ଓ ବଳଙ୍କ ନିର୍ଦ୍ଦେଶରେ ଯାଜପୁର ଯଯାତି କେଶରୀ ମେଡିକାଲ କଲେଜରୁ ଏକ ବିଶେଷଜ୍ଞ ଦଳ ଯାଜପୁରରୋଡ଼ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏଥିସହିତ ଝାଡ଼ା ଓ ବାନ୍ତିର ନମୁନା ସଂଗ୍ରହ କରାଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ପର୍ଯ୍ୟାପ୍ତ ପରିମାଣର ସାଲାଇନ ଏବଂ ଓଆରଏସ୍ ସମେତ ଅନ୍ୟ ଜରୁରୀ ମେଡ଼ିସିନ ମହଜୁଦ ରହିଥିବା ସିଡିଏମ୍‌ଓ ବଳ କହିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ରୋଗୀମାନଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ସୋମବାର ରାତିଠାରୁ ପେଟ ଯନ୍ତ୍ରଣା ସହିତ ବାନ୍ତି ଓ ପତଳା ଝାଡା ଆରମ୍ଭ ହୋଇଥିଲା। ଯାଜପୁରରୋଡ଼ ମେଡିକାଲ ଭାରପ୍ରାପ୍ତ ଅଧିକାରୀ ରଞ୍ଜୀବ ରାଉତଙ୍କୁ ଏ ସମ୍ପର୍କରେ ପଚାରିବାରୁ ଆକ୍ରାନ୍ତମାନେ ଭୋଜିଖାଇ ଏଭଳି ପରିସ୍ଥିତି ହୋଇଥିବା କହିଥିଲେ। ଏବେ ପରିସ୍ଥିତି ନିୟନ୍ତ୍ରଣରେ ରହିଥିବା ସେ କହିଛନ୍ତି।

ଖବର ପାଇ ଅପରାହ୍ନରେ କୋରେଇ ବିଧାୟକ ଆକାଶ ଦାସ ନାୟକ ଓ ସନ୍ଧ୍ୟାରେ ପୂର୍ବତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡାଇ ମେଡିକାଲରେ ପହଞ୍ଚି ରୋଗୀମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ବ୍ୟାସନଗର ପୌରାଧ୍ୟକ୍ଷ ସୁବାସ ଚନ୍ଦ୍ର ବଳଙ୍କ ସମେତ ଶିଶିର କୁମାର ରାଉତ, ଉମାପଦାର ଅନୁପ ନାୟକ, ନଟପଡାର ବ୍ୟବସାୟୀ ରାକେଶ କୁମାର ରାଉତ ଓ ସଞ୍ଜୟ ବୋଇତାଇ, ଝଟିଆ ସାହିର ପଦ୍ମନାଭ ନାୟକ, କୋପଣ୍ଡର ରଜତ ରାଉତ, ଦଳା ଅଞ୍ଚଳର ପ୍ରିୟବ୍ରତ ମହାପାତ୍ର ପ୍ରମୁଖ ଚିକିତ୍ସାଧୀନ ଅଛନ୍ତି। ଏତେ ରୋଗୀ ଝାଡ଼ାବାନ୍ତିରେ ଆକ୍ରାନ୍ତ ହେବା ସଂକ୍ରାନ୍ତରେ ଅନ୍ୟ କାରଣ ଥାଇପାରେ ସେ ନେଇ ତର୍ଜମା ଚାଲିଥିବା ଜିଲା ସ୍ୱାସ୍ଥ୍ୟ ଅଧିକାରୀ କହିଛନ୍ତି। ଅନ୍ୟପକ୍ଷେ ଯାଜପୁରରୋଡ଼ ସହରକୁ ଖରସ୍ରୋତା ନଦୀରୁ ୱାଟ୍‌କୋ ଦ୍ୱାରା ଯୋଗାଇ ଦିଆଯାଉଥିବା ପାନୀୟ ଜଳର ଠିକ ଭାବେ ବିଶୋଧନ ହେଉ ନ ଥିବା ଓ ବିଭିନ୍ନ ସ୍ଥାନରେ ପାଇପ୍ ଫାଟି ଡ୍ରେନ ପାଣି ପାନୀୟ ଜଳରେ ମିଶି ଦୂଷିତ ହେଉଥିବା ଅନ୍ୟ ଏକ କାରଣ ହୋଇପାରେ ବୋଲି ଅଭିଯୋଗ ହେଉଛି।

## ଓଜେଇଇ...

ସରକାରୀ ଓ ବେସରକାରୀ ବିଶ୍ୱବିଦ୍ୟାଳୟ ଓ ଶିକ୍ଷା ଅନୁଷ୍ଠାନରେ ପ୍ରଚଳିତ ୧୭ଟି ବୈଷୟିକ ଏବଂ ବୃତ୍ତିଗତ ପାଠ୍ୟକ୍ରମରେ ନାମ ଲେଖାଇବା ପାଇଁ କାଉନ୍‌ସେଲିଂରେ ଅଂଶଗ୍ରହଣ କରିପାରିବେ। ଚଳିତବର୍ଷ ବି.କ୍ୟାଟ୍, ଲାଟେରାଲ ଏଣ୍ଟ୍ରି–ଟେକ୍(ଡିପ୍ଲୋମା), ଲାଟେରାଲ ଏଣ୍ଟ୍ରି–ଟେକ୍(ବିଏସ୍‌ସି) ବି. ଫାର୍ମ, ଏମ୍‌ବିଏ,

# ଓଜେଇଇ: ଅନୁରାଗ ଏମ୍‌ବିଏ, ସିସେନ୍ଦ୍ରୀ ଏମ୍‌ସିଏ ଟପ୍ପର

| ପାଠ୍ୟକ୍ରମ | ଟପ୍ପରଙ୍କ ନାମ |
|---|---|
| ବି.ଫାର୍ମ | ଯତୀନ ମେହେର |
| ଲାଟେରାଲ ଏଣ୍ଟ୍ରି –ଟେକ୍ (ଡିପ୍ଲୋମା) | ଗୌରବ ସ୍ୱାଇଁ |
| ଲାଟେରାଲ ଏଣ୍ଟ୍ରି –ଟେକ୍ (ବିଏସ୍‌ସି) | ସାକ୍ଷୀ କୁମାରୀ |
| ଲାଟେରାଲ ଏଣ୍ଟ୍ରି–ଫାର୍ମ | ସାଗରିକା ଦାସ |
| ଏମ୍‌ବିଏ | ଅନୁରାଗ ମିଶ୍ର |
| ଏମ୍‌ସିଏ/ଏମ୍‌ଏସ୍‌ସି (କମ୍ପ୍ୟୁଟର ସାଇନ୍ସ) | ଏସ ସିସେନ୍ଦ୍ରୀ |
| ଇଣ୍ଟିଗ୍ରେଟେଡ୍ ଏମ୍‌ବିଏ | ଅଂଶୁମାନ ପତି |
| ବି.କ୍ୟାଟ୍ (ସିନେ ଆଣ୍ଡ୍ ସାଉଣ୍ଡ୍) | ନେହା ପ୍ରିୟଦର୍ଶିନୀ |
| ବି.କ୍ୟାଟ୍ (ଫିଲ୍ମ ଏଡିଟିଂ) | ସାନିଧ୍ୟା ନାୟକ |
| ଏମ୍.ଫାର୍ମ | ହିତେଶ କୁମାର ଧଳ |
| ଏମ୍. ଆର୍କ | ଅସ୍ମିତା ସୁବୁଦ୍ଧି |
| ଏମ୍. ପ୍ଲାନ୍ | ଉର୍ମିକାନ୍ତ ମଣିନନ୍ଦନ ସାହୁ |
| ଏମ୍. ଟେକ୍ | |
| ସିଭିଲ ଇଞ୍ଜିନିୟରିଂ | ସୂରଜ କୁମାର ଦାଶ |
| ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂ | ମନ୍ମଥ ବେହେରା |
| ମେକାନିକାଲ ଇଞ୍ଜିନିୟରିଂ | ଶୁଭଙ୍କର ଜେଠୀ |
| କମ୍ପ୍ୟୁଟର ସାଇନ୍ସ ଇଞ୍ଜିନିୟରିଂ/ଆଇଟି | ପ୍ରାଚୀ ପ୍ରଜ୍ଞା |
| ଇଲେକ୍ଟ୍ରୋନିକ୍ସ ଆଣ୍ଡ୍ କମ୍ୟୁନିକେଶନ ଇଞ୍ଜିନିୟରିଂ | କୃଷ୍ଣ ଚନ୍ଦ୍ର ନାୟକ |
| କେମିକାଲ ଇଞ୍ଜିନିୟରିଂ | ଜିତୁ ପାତ୍ର |
| ମେଟାଲର୍ଜିକାଲ ଇଞ୍ଜିନିୟରିଂ | ତ୍ରିଲୋଚନ ପ୍ରଧାନ |
| ଏନ୍‌ଭାଇରନ୍‌ମେଣ୍ଟାଲ ଇଞ୍ଜିନିୟରିଂ | ଅଶ୍ୱିନୀ କୁମାର ପାଣିଗ୍ରାହୀ |
| ବାୟୋଟେକ୍ନୋଲୋଜି | ଦେବପ୍ରିୟ ପାଲ |
| ପ୍ଲାଷ୍ଟିକ ଇଞ୍ଜିନିୟରିଂ | ସର୍ବଜିତ ଦାସ |
| ଟେକ୍ସଟାଇଲ ଇଞ୍ଜିନିୟରିଂ | ମନିଷା ରାଉଳ |

ଏମ୍‌ସିଏ, ଇଣ୍ଟିଗ୍ରେଟେଡ୍ ଏମ୍‌ବିଏ, ଲାଟେରାଲ ଏଣ୍ଟ୍ରି–ଫାର୍ମ, ଏମ୍. ଫାର୍ମ, ଏମ୍.ଆର୍କ, ଏମ୍. ପ୍ଲାନ୍, ଏମ୍. ଟେକ, ବେସିକ ସାଇନ୍ସ ନର୍ସିଂ, ପୋଷ୍ଟ ବେସିକ ସାଇନ୍ସ ନର୍ସିଂ, ଏମ୍. ସାଇନ୍ସ ନର୍ସିଂ, ପୋଷ୍ଟ ଡିପ୍ଲୋମା ନର୍ସିଂ ପାଇଁ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ ବି.ଫାର୍ମରେ ୧୪,୦୫୪ ଜଣ ପରୀକ୍ଷା ଦେଇଥିବାବେଳେ ୧୪,୦୩୨ ଜଣଙ୍କୁ ର୍‍ୟାଙ୍କ ପ୍ରଦାନ କରାଯାଇଛି। ସେହିପରି ଲାଟେରାଲ ଏଣ୍ଟ୍ରି –ଟେକ୍(ଡିପ୍ଲୋମା)ରେ ୧୮,୩୯୮ଜଣ ପରୀକ୍ଷା ଦେଇଥିବା ବେଳେ ୧୮,୩୯୮ଜଣ, ଲାଟେରାଲ ଏଣ୍ଟ୍ରି –ଟେକ୍(ବିଏସ୍‌ସି)ରେ ୬୩୧ଜଣ ପରୀକ୍ଷା ଦେଇଥିବା ବେଳେ ୬୨୯ଜଣ, ବି.କ୍ୟାଟ୍(ସିନେ ଆଣ୍ଡ୍ ସାଉଣ୍ଡ)ରେ ୨୭୨ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୭୧ ଜଣ ଓ ଏମ୍‌ବିଏରେ ୯୦୨୬ଜଣଙ୍କ ମଧ୍ୟରୁ ୯୦୨୨ଜଣ ର୍‍ୟାଙ୍କ୍ ପାଇଛନ୍ତି। ଏମ୍‌ସିଏ/ଏମଏସ୍‌ସିରେ ୬୭୯୫ଜଣ, ଇଣ୍ଟିଗ୍ରେଟେଡ୍ ଏମବିଏରେ ୧୫୬୪ଜଣ, ଲାଟେରାଲ ଏଣ୍ଟ୍ରି–ଫାର୍ମରେ ୯୬୭ ଜଣ, ଏମ୍ ଫାର୍ମରେ ୧୬୫୧ଜଣ, ଏମ.ଆର୍କରେ ୧୬ଜଣ, ଏମ୍. ପ୍ଲାନରେ ୧୮ଜଣ, ଏମ୍. ଟେକ୍‌ରେ ୧୮୨୭ଜଣ ଏବଂ ବି.କ୍ୟାଟ( ଫିଲ୍ମ ଏଡିଟିଂ)ରେ ୧୬୩ ଜଣ ପରୀକ୍ଷା ଦେଇଥିବା ବେଳେ ସମସ୍ତଙ୍କୁ ର୍‍ୟାଙ୍କ୍ ପ୍ରଦାନ କରାଯାଇଛି। ଅନ୍ୟପକ୍ଷରେ ବେସିକ ସାଇନ୍ସ ନର୍ସିଂରେ ୨୨,୯୦୨ଜଣ, ପୋଷ୍ଟ ବେସିକ ସାଇନ୍ସ ନର୍ସିଂରେ ୧୨୫୯ଜଣ, ଏମ୍. ସାଇନ୍ସ ନର୍ସିଂରେ ୬୮୦ଜଣ ଏବଂ ପୋଷ୍ଟ ଡିପ୍ଲୋମା ନର୍ସିଂରେ ୯୧ଜଣ ପରୀକ୍ଷା ଦେଇଥିଲେ ମଧ୍ୟ ସେମାନଙ୍କ ଫଳ ପ୍ରକାଶ ପାଇନାହିଁ। ଏସବୁ ନର୍ସିଂ ପାଠ୍ୟକ୍ରମର ଫଳାଫଳ ପରବର୍ତ୍ତୀ ସମୟରେ ରାଜ୍ୟ ଡାଇରେକ୍ଟର ଅଫ ମେଡିକାଲ ଏଜୁକେଶନ ଆଣ୍ଡ ଟ୍ରେନିଂ(ଡିଏମ୍‌ଇଟି) ପକ୍ଷରୁ ପ୍ରକାଶ ପାଇବ। ସେହିପରି ଜୁଲାଇ ୧୫ ଓ ୧୬ ତାରିଖରେ ସ୍ପେଶାଲ ଓଜେଇଇ ଅନୁଷ୍ଠିତ ହେବ। ଏଥିପାଇଁ ଜୁନ୍ ୧୪ରୁ ଆବେଦନ ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଛି।

ସୂଚନାଯୋଗ୍ୟ, ଚଳିତବର୍ଷ ରାଜ୍ୟର ସମସ୍ତ ୩୦ ଜିଲା ସହିତ କୋଲକାତା, ପାଟନା ଏବଂ ରାଞ୍ଚିରେ ମୋଟ ୭୦ଟି ପରୀକ୍ଷା କେନ୍ଦ୍ରରେ ସିବିଟି ମାଧ୍ୟମରେ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଫଳ ପ୍ରକାଶ କରିବା ଅବସରରେ ମନ୍ତ୍ରୀ ସ୍ୱାଇଁ କୃତୀ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ପରିଶ୍ରମ ଓ ଅଧ୍ୟବସାୟ ଅବ୍ୟାହତ ରଖି ଆଗାମୀ ଜୀବନରେ ସଫଳତା ହାସଲ କରିବା ସହିତ ସୁନାଗରିକ ହୋଇ ଓଡ଼ିଶାର ସୁନାମକୁ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ଅଧିକରୁ ଅଧିକ ଉଦ୍ଭାସିତ କରିବା ପାଇଁ ପରାମର୍ଶ ଦେଇଛନ୍ତି। କାର୍ଯ୍ୟକ୍ରମରେ ବୈଷୟିକ ଶିକ୍ଷା ଏବଂ ତାଲିମ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ସମର୍ଥ ବର୍ମା, ବିଭାଗୀୟ ଅତିରିକ୍ତ ଶାସନ ସଚିବ ସୁକାନ୍ତ କୁମାର ପ୍ରଧାନ, ଅଧ୍ୟକ୍ଷ ଦେବ ପ୍ରକାଶ ଶତପଥୀ, ସମ୍ପାଦକ ରଞ୍ଜନ କୁମାର ଜେନା ଓ ଯୁଗ୍ମ ପ୍ରବେଶିକା ପରୀକ୍ଷାର ପ୍ରମୁଖ ଉପସ୍ଥିତ ରହିଥିଲେ।

# କୋଶଳାର ଉତ୍କଳ ରଞ୍ଜନ ରାଜସ୍ଥାନ ଲୋକସେବା ଆୟୋଗ ଅଧ୍ୟକ୍ଷ



**ଛେଣ୍ଡିପଦା,୧୦।୬(ଅଜିତ ଧଳ)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ କୋଶଳା ଅଞ୍ଚଳର ପୁଅ ତଥା ଆଇପିଏସ୍ ଉତ୍କଳ ରଞ୍ଜନ ସାହୁ ରାଜସ୍ଥାନ ଲୋକସେବା ଆୟୋଗର ଅଧ୍ୟକ୍ଷ ଭାବେ ନିଯୁକ୍ତ ହୋଇଛନ୍ତି। ରାଜସ୍ଥାନ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଥିବା ଉତ୍କଳ ରଞ୍ଜନଙ୍କୁ ଲୋକସେବା ଆୟୋଗ ଅଧ୍ୟକ୍ଷ ଭାବେ ନିଯୁକ୍ତି ଦିଆଯାଇଥିବା ସମ୍ପର୍କରେ ରାଜ୍ୟପାଳଙ୍କ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଓଡ଼ିଶାର ୧୯୮୮ ବ୍ୟାଚର ଆଇପିଏସ୍ ଅଧିକାରୀ ଉତ୍କଳ ରଞ୍ଜନ ତାଙ୍କର ସାଧୁତା ଏବଂ ନିର୍ମଳ ଭାବମୂର୍ତ୍ତି ପାଇଁ ଜଣାଶୁଣା। ସେ ୧୧ ଫେବୃଆରୀ ୨୦୨୪ରେ ରାଜସ୍ଥାନର ଡିଜିପି ହୋଇଥିଲେ। ସାହୁଙ୍କୁ ଏବେ ନୂତନ ପଦବୀ ମିଳିଥିବାରୁ ଛେଣ୍ଡିପଦା ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ନୂଆ ପଦବୀ ପାଇଁ ଅଞ୍ଚଳବାସୀ ଉତ୍କଳ ରଞ୍ଜନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଇଡ୍‌କଲ ୫୬୪.୫୪ କୋଟି ଟଙ୍କା କ୍ଷତି ସହିଥିଲା

## ଅପାରଗତାର ମୂଳ ପ୍ରସଙ୍ଗକୁ ଅଣଦେଖା: ସିଏଜି

**ଯାଜପୁର,୧୦।୬(ହର୍ଷବର୍ଦ୍ଧନ ବେହେରା)**

ଓଡ଼ିଶାର ଅର୍ଥନୈତିକ ବିକାଶ ପାଇଁ ଶିଳ୍ପ ଗ୍ରହଣୀୟ। ଏହି କ୍ଷେତ୍ରରେ ଓଡ଼ିଶା ଶିଳ୍ପ ଉନ୍ନୟନ ନିଗମ(ଇଡ୍‌କଲ)ର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କିନ୍ତୁ ଇଡ୍‌କଲ କର୍ତ୍ତୃପକ୍ଷଙ୍କ ରଣନୀତିକ, କାର୍ଯ୍ୟକ୍ଷମତା ଏବଂ କାରବାରଗତ ଅଭାବ ଯୋଗୁ ଉଭୟ ଖଣି ଓ ଶିଳ୍ପ କ୍ଷତି ସହିଥିଲା। ଭାରତର ମହଲେଖା ନିୟନ୍ତ୍ରକ ଓ ମହାସମୀକ୍ଷକ(ସିଏଜି) ରିପୋର୍ଟ-୨୦୨୪ ଅନୁସାରେ ୨୦୨୧-୨୨ ଆର୍ଥିକ ବର୍ଷରେ ଇଡ୍‌କଲ ୨୦୯.୨୨ କୋଟି ଟଙ୍କା ଆୟ କରିଥିବାବେଳେ ୭୭୩.୭୬ କୋଟି ଟଙ୍କା ବ୍ୟୟ ଅର୍ଥାତ ୫୬୪.୫୪ କୋଟି ଟଙ୍କା କ୍ଷତି ସହିଥିଲା। ଶେଷରେ ଉତ୍ପାଦନ ଶିଳ୍ପ ସହିତ କେବେ ଜଡିତ ନ ଥିବା ଓଡ଼ିଶା ଖଣି ନିଗମ(ଓଏମ୍‌ସି) ସହିତ ମିଶ୍ରଣ ପାଇଁ ନିଷ୍ପତ୍ତି ନିଆଗଲା। ଇଡ୍‌କଲର ଅପାରଗତାର ମୂଳ ପ୍ରସଙ୍ଗକୁ ସରକାର ଅଣଦେଖା କରିବାର ଏହା ଏକ ସୂଚକ ବୋଲି ସିଏଜି ରିପୋର୍ଟରେ ଦର୍ଶାଯାଇଛି।

ସିଏଜି ରିପୋର୍ଟ ଅନୁସାରେ ଓଡ଼ିଶାରେ ପ୍ରାକୃତିକ ସମ୍ପଦ ଭରି ରହିଛି। ଏହା ମଧ୍ୟରେ ଦେଶର ୯୬% କ୍ରୋମାଇଟ, ୯୨% ନିକେଲ, ୫୧% ବକ୍ସାଇଟ, ୩୩% ଲୁହାପଥର, ୪୩% ମାଙ୍ଗାନିଜ ଏବଂ ୨୪% କୋଇଲା ରହିଛି। ଏହି ପ୍ରାକୃତିକ ସମ୍ପଦକୁ ଆଧାର କରି ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଅନେକ ସୁଯୋଗ ରହିଛି। ଏହିକ୍ରମରେ ଇଡ୍‌କଲ ୧୩ଟି ସହାୟକ ସଂସ୍ଥା ଏବଂ ଗୋଟିଏ ଯୌଥ ଉଦ୍ୟୋଗ ପ୍ରତିଷ୍ଠା କରିଥିଲା। ଏଥିରେ ଏବିଏସ୍ ସ୍ପିନିଂ ଓଡ଼ିଶା ଲିମିଟେଡ୍, ଇଷ୍ଟକୋଷ୍ଟ ବ୍ରିୱରିଜ୍ ଓ ଡିଷ୍ଟିଲେରୀ ଲିମିଟେଡ୍, ପୂର୍ବତଟ ଲୁଣ ଏବଂ କେମିକାଲ୍ସ ଲିମିଟେଡ, ହୀରାକୁଦ ଇଣ୍ଡଷ୍ଟ୍ରିଆଲ ୱ୍ୱର୍କସ ଲିମିଟେଡ, ହୀରା ଷ୍ଟିଲ ଏବଂ ଆଲଏଜ ଲିମିଟେଡ୍, ଇଡ୍‌କଲ ସିମେଣ୍ଟ ଲିଃ, ଇଡ୍‌କଲ ଫେରୋକ୍ରୋମ ଏବଂ ଆଲଏଜ ଲିଃ, ଇଡ୍‌କଲ କଳିଙ୍ଗ ଆଇରନ ୱାର୍କସ୍ ଲିଃ, ଇଡ୍‌କଲ ପାଇପ୍ ଏବଂ ଇଞ୍ଜିନିୟରିଂ ୱାର୍କସ୍ ଲିଃ, ଇଡ୍‌କଲ ରୋଲିଂ ମିଲ୍ସ ଲିଃ, ଇଡ୍‌କଲ ସଫ୍ଟୱେର ଲିଃ, କୋଣାର୍କ ଝୋଟ ଲିଃ ଓ ଓରିକେମ ଲିଃ ଏବଂ ଏସ୍.ଏନ୍. ନିଗମ ଲିଃ ରହିଛି। ତେବେ ଶାହା କମିଶନଙ୍କ ରିପୋର୍ଟ ଅନୁସାରେ ବେଆଇନ ଖଣି ଖନନ ପାଇଁ ଇଡ୍‌କଲ ୨୦୧୭-୧୮ ବର୍ଷରେ ୧୧୧.୧୫ କୋଟି ଟଙ୍କା କ୍ଷତିପୂରଣ ପ୍ରଦାନ କରିଥିଲା। ଏହା ଯାଜପୁର ଜିଲା ସୁକିନ୍ଦା ତଳଙ୍ଗୀ କ୍ରୋମାଇଟ ଖଣିରେ ପରିବେଶ ମଞ୍ଜୁରୀ ବିନା ଖଣି ଖନନ ପାଇଁ ଓଡ଼ିଶା ସରକାରଙ୍କୁ କ୍ଷତିପୂରଣ ପ୍ରଦାନ ପ୍ରମୁଖ କାରଣ ହୋଇଥିଲା। ଏହାବାଦ ହାଇ କାର୍ବନ ଫେରୋକ୍ରୋମ(ଏଚ୍‌ସିଏଫ୍‌ସି) ଏବଂ ଲୁହାପଥର ଆବଶ୍ୟକତାଠାରୁ ବହୁଗୁଣ କମ୍ ଦରରେ ବିକ୍ରି କରି ଇଡ୍‌କଲ କ୍ଷତି ସହିଥିଲା। ଲୁହାପଥର ମେଟ୍ରିକ ଟନ୍(ଏମ୍‌ଟି) ପ୍ରତି ୧୬୫୦ ଟଙ୍କାରୁ ୮,୫୦୫ ଟଙ୍କାକୁ ବୃଦ୍ଧି ହୋଇଥିଲା। କିନ୍ତୁ ଇଡ୍‌କଲ ଏହି ବର୍ଦ୍ଧିତ ଦରକୁ ଲାଗୁ ନ କରି ଏମ୍‌ଟି ପ୍ରତି ୫,୨୧୫ ଟଙ୍କାରେ ଖଣିରୁ ଲୁହାପଥର ଉଠାଇବାକୁ ଅନୁମତି ଦେଇଥିଲା। ଫଳରେ ଏମ୍‌ଟି ପ୍ରତି ୩,୨୯୦ ଟଙ୍କା କମ୍ ଆଦାୟ ହୋଇ ବିପୁଳ କୋଟି ଟଙ୍କା କ୍ଷତି ସହିଥିଲା। ଏହାବାଦ ଇଡ୍‌କଲ ୨୦୨୧ରୁ ୨୦୨୨ ମାର୍ଚ୍ଚ ମଧ୍ୟରେ ୮ଟି ଇ-ନିଲାମ କରିଥିଲା। ଏଥିରେ ଶେଷ ବିଡ୍ ମୂଲ୍ୟ ବଦଳରେ ଶେଷ ନିଲାମ ମୂଲ୍ୟକୁ ବିଚାର କରି ଏମ୍‌ଟି ପ୍ରତି ୫,୭୦୦ରୁ ୧୧୦୦୦ ଟଙ୍କା ପର୍ଯ୍ୟନ୍ତ ଲୁହାପଥରର ସର୍ବନିମ୍ନ ମୂଲ୍ୟ ସ୍ଥିର କରାଯାଇଥିଲା। ଫଳରେ କମ୍ପାନୀ ୧୧.୪୬ କୋଟି ଟଙ୍କା କ୍ଷତି ସହିଥିଲା। ଇଡ୍‌କଲ ସର୍ବନିମ୍ନ ମୂଲ୍ୟ ସ୍ଥିର କରି ଏଚ୍‌ସିଏଫ୍‌ସି ବିକ୍ରୟ ପାଇଁ ୭ଟି ଇ-ନିଲାମ କରିଥିଲା। କିନ୍ତୁ ସର୍ବନିମ୍ନ ମୂଲ୍ୟ ସ୍ଥିର ନ କରିବାରୁ କମ୍ପାନୀ ୩.୦୮ କୋଟି ଟଙ୍କା କ୍ଷତିରେ ପଡ଼ିଥିଲା। ଏଭଳି ଭାବେ ସିଏଜି ରିପୋର୍ଟରେ ଅନେକ ଅନିୟମିତତା ଦର୍ଶାଯାଇଛି। ଏହିକ୍ରମରେ ଇଡ୍‌କଲ ଏହାର ବୃହତ ବକେୟା ଋଣ ପରିଶୋଧ କରିବାରେ ସକ୍ଷମ ହେଉ ନ ଥିବା ବିଷୟକୁ ବିଚାରକୁ ନେଇ ଇଡ୍‌କଲ ତଥା ଏହାର ସମ୍ପୂର୍ଣ୍ଣ ମାଲିକାନାରେ ଥିବା ସହାୟକ କମ୍ପାନୀଗୁଡ଼ିକୁ ଓଏମ୍‌ସିରେ ମିଶ୍ରଣ କରିବାକୁ ୨୦୨୩ ମାର୍ଚ୍ଚରେ ରାଜ୍ୟ କ୍ୟାବିନେଟ ନିଷ୍ପତ୍ତି ନେଇଥିଲେ। ଏବେ ଯାଜପୁର ରୋଡ୍ ସ୍ଥିତ ଫେରୋ ଆଲଏଜ ଲିଃ ଓଏମ୍‌ସି ଦ୍ୱାରା ପରିଚାଳିତ ହେଉଛି। ତେଣୁ ଇଡ୍‌କଲ ରାଜ୍ୟର ଆର୍ଥିକ ବିକାଶରେ ସେତେଟା ସହାୟକ ହୋଇ ପାରି ନ ଥିଲା। ଏହିକ୍ରମରେ ଇଡ୍‌କଲର ଭୂମିକା ଏବଂ କାର୍ଯ୍ୟଦକ୍ଷତା ଉପରେ ସରକାର ପୁନଃବ୍ୟାଖ୍ୟା କରିବାକୁ ସିଏଜି ପରାମର୍ଶ ଦେଇଛି।




# ଭୁବନେଶ୍ୱର ପରେ କଟକରେ ଚଢ଼ାଉ

- ବିପୁଳ ମାତ୍ରାରେ ଗର୍ଭପାତ କିଟ୍ ଠାବ କଲା ରାଜ୍ୟ ଡ୍ରଗ୍ସ କଣ୍ଟ୍ରୋଲର ଟିମ୍
- ପ୍ରେସ୍କ୍ରିପଶନ୍ ବିନା ଅନ୍‌ୱାଣ୍ଟେଡ୍ କିଟ୍ ବିକ୍ରି ନ କରିବାକୁ ତାଗିଦ

**କଟକ,୧୦।୬(ଶିଳ୍ପା ପ୍ରିୟଦର୍ଶିନୀ)**

ଡାକ୍ତରଙ୍କ ବିନା ପରାମର୍ଶରେ କୌଣସି ଔଷଧ କିମ୍ବା ପ୍ରତିଷେଧକ ବ୍ୟବହାର କରିବା ସ୍ୱାସ୍ଥ୍ୟପକ୍ଷେ କ୍ଷତିକାରକ। ତେଣୁ ବିନା ପ୍ରେସ୍କ୍ରିପଶନରେ ଔଷଧ ବିକ୍ରି କରିବା ବେଆଇନ। ହେଲେ ଅନେକ ଦୋକାନୀ ଏହାର ଉଲ୍ଲଂଘନ କରୁଥିବା ନେଇ ଅଭିଯୋଗ ହେଉଛି। ବିଶେଷକରି ଔଷଧ ଦୋକାନଗୁଡ଼ିକରେ ଗ୍ରାହକଙ୍କୁ ବେଆଇନ ଭାବେ ଗର୍ଭପାତ ମେଡିସିନ (ଅନ୍‌ୱାଣ୍ଟେଡ୍ କିଟ୍) ବା ଏମ୍‌ଟିପି (ମେଡିକାଲ୍ ଟର୍ମିନେଶନ୍ ଅଫ୍ ପ୍ରେଗ୍‌ନେନ୍ସି)



ବିକ୍ରି କରାଯାଉଥିବା ଜଣାପଡ଼ିବା ପରେ ସୋମବାର ଭୁବନେଶ୍ୱରସ୍ଥିତ ନୟାପଲ୍ଲୀ ଅଞ୍ଚଳର ବିଭିନ୍ନ ଔଷଧ ଦୋକାନ ଉପରେ ଚଢ଼ାଉ କରାଯାଇଥିଲା। ଏହାର ପରଦିନ ମଙ୍ଗଳବାର କଟକରେ ମଧ୍ୟ ରାଜ୍ୟ ଡ୍ରଗ୍ସ କଣ୍ଟ୍ରୋଲର ବିଭାଗର ସ୍ୱତନ୍ତ୍ର ଟିମ୍ ଯାଞ୍ଚ କରିଛି। ମଙ୍ଗଳାବାଗ ପୋଲିସ ଉପସ୍ଥିତିରେ ଟିମ୍ ବିଭିନ୍ନ ଦୋକାନଗୁଡ଼ିକରେ ଛାନ୍‌ଭିନ୍ କରିଛି। ରାଣୀହାଟ, ଏସ୍‌ସିବି ନିକଟସ୍ଥ ମେଡିକାଲ ରୋଡ୍ ଓ କଲେଜଛକ ଅଞ୍ଚଳର ବିଭିନ୍ନ ଦୋକାନରେ ଅନ୍‌ୱାଣ୍ଟେଡ୍ କିଟ୍ (ଗର୍ଭପାତ ବଟିକା), ମେଡିସିନ ଷ୍ଟୋରରେ ନିଶାଯୁକ୍ତ କଫ୍ ସିରପ୍ ଓ ମେଡିସିନ ମଧ୍ୟ ବିକ୍ରି କରାଯାଉଥିବା ଅଭିଯୋଗ ପରେ ଟିମ୍ ଦୋକାନଗୁଡ଼ିକରେ ଯାଞ୍ଚ କରିଛି। ଯାଞ୍ଚ ସମୟରେ ଅନ୍‌ୱାଣ୍ଟେଡ୍ କିଟ୍ ବିପୁଳ ମାତ୍ରାରେ ଠାବ କରାଯାଇଛି। ଏହାସହ ଦୋକାନୀଙ୍କଠାରୁ ମେଡିସିନର କ୍ରୟ ବିକ୍ରୟ ଚିଠା ଯାଞ୍ଚ କରିବା ସହ ଡାକ୍ତରଙ୍କ ପ୍ରେସ୍କ୍ରିପଶନ ବିନା ଏହି ମେଡିସିନ ବିକ୍ରି ନ କରିବାକୁ ଟିମ୍ ତାଗିଦ୍ କରିଛି। ରାଜ୍ୟ ଡ୍ରଗ୍ସ କଣ୍ଟ୍ରୋଲର ଅଧିକାରୀ ଧର୍ମଦେବ ପୁହାଣ କହିଛନ୍ତି, ଅନ୍‌ୱାଣ୍ଟେଡ୍ କିଟ୍ ବିପୁଳ ମାତ୍ରାରେ ବିକ୍ରି ହେଉଥିବା ଅଭିଯୋଗ ପରେ ଯାଞ୍ଚ କରାଯାଇଛି। ଦୋକାନୀମାନଙ୍କ ମେଡିସିନ କିଣାବିକାର ତଥ୍ୟ ଯାଞ୍ଚ କରାଯାଇଛି। ନିୟମ ଅନୁସାରେ ବିନା ଡାକ୍ତର ପରାମର୍ଶରେ ଅନ୍‌ୱାଣ୍ଟେଡ୍ କିଟ୍ କୌଣସି ଦୋକାନୀ ବିକ୍ରି କରିପାରିବେ ନାହିଁ। ମୁଖ୍ୟତଃ ଅବିବାହିତ ଯୁବତୀମାନେ ଡାକ୍ତରଙ୍କ ବିନା ପରାମର୍ଶରେ ଏହାକୁ ବ୍ୟବହାର କରୁଥିବାବେଳେ ତାଙ୍କ ଜୀବନ ବିପଦକୁ ଠେଲି ଦେଉଥିବା ଘଟଣା ସାମ୍ନାକୁ ଆସିବାରୁ ଏଭଳି ଯାଞ୍ଚ କରାଯାଇଛି। ଏହାସହ ମେଡିସିନ ଦୋକାନୀମାନଙ୍କୁ ସଚେତନ କରାଯାଇଥିବା ସେ କହିଛନ୍ତି। କଟକ ଡ୍ରଗ୍ସ କଣ୍ଟ୍ରୋଲର ଅଧିକାରୀ ହରପ୍ରିୟା ମଲ୍ଲିକ କହିଛନ୍ତି, ଡାକ୍ତରଙ୍କ ବିନା ପରାମର୍ଶରେ ଏହି କିଟ୍ ବ୍ୟବହାର କରିବା କ୍ଷତିକାରକ। ଏପରି କି ଏହା ବିକ୍ରି କରିବା ମଧ୍ୟ ବେଆଇନ। ଅଭିଯୋଗ ପରେ ଦୋକାନୀଙ୍କ ସମସ୍ତ କାଗଜପତ୍ର ଯାଞ୍ଚ କରାଯାଇଥିବା ସେ କହିଛନ୍ତି।

# ନିଲମ୍ବନ ହେଲେ ଧୀମାନ୍ ଚକ୍‌ମା



ଉପଜିଲାପାଳ ଧୀମାନ ଚକ୍‌ମା

## ଜେଲରେ ରହିବା ପରେ ବିଗିଡ଼ିଲା ସ୍ୱାସ୍ଥ୍ୟାବସ୍ଥା

**ଭୁବନେଶ୍ୱର/ ଭବାନୀପାଟଣା,୧୦।୬ (ସୁନୀତ୍ ମିଶ୍ର/ ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଧର୍ମଗଡ଼ ଉପଜିଲାପାଳ ଥିବା ଯୁବ ଆଇଏଏସ୍ ଅଫିସର ଧୀମାନ ଚକ୍‌ମାଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଲମ୍ବନ କରିଛନ୍ତି। ଏହି ନିର୍ଦ୍ଦେଶକୁ ତୁରନ୍ତ କାର୍ଯ୍ୟକାରୀ କରିବା ଲାଗି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଜଣେ କ୍ରଶର ମାଲିକଙ୍କଠାରୁ ୧୦ ଲକ୍ଷ ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିବା ଧୀମାନ ସୋମବାର ଗିରଫ ହୋଇଥିଲେ। ସେ ଜାମିନ ପାଇଁ ଆବେଦନ କରିଥିବାବେଳେ ତାହା ନାମଞ୍ଜୁର ହେବାରୁ ତାଙ୍କୁ ଭବାନୀପାଟଣା ଜେଲକୁ ପଠାଇ ଦିଆଯାଇଛି। ମାରାଥନ ଜେରା ପରେ ଧୀମାନଙ୍କୁ ଗିରଫ କରାଯାଇଥିବା ନେଇ ଭିଜିଲାନ୍ସ ସେଲ୍ ଏସ୍‌ପି ସୂଚନା ଦେଇଥିଲେ। ଭିଜିଲାନ୍ସ ତାଙ୍କ ସରକାରୀ ବାସଭବନରେ ଛାନ୍‌ଭିନ୍ ବେଳେ ନଗଦ ୪୭ ଲକ୍ଷ ୪୭ ହଜାର ୬ ଶହ ଟଙ୍କା ଜବତ କରିଥିଲା। ପରେ ତାଙ୍କୁ ଭବାନୀପାଟଣା ଭିଜିଲାନ୍ସ ଅଫିସକୁ ଅଣାଯାଇ ଜେରା କରାଯାଇଥିଲା। ଏହି ସମୟରେ ସେ ଜବତ ଟଙ୍କାର ହିସାବ ଦେଇ ନ ପାରିବାରୁ ସୋମବାର ଭିଜିଲାନ୍ସ ବିଭାଗ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତେବେ କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ କାରାଗାରକୁ ପଠାଯାଇଥିଲା। ସେଠାରେ ରହିବା ପରେ ଡିପ୍ରେସନ (ମାନସିକ ଅବସାଦ) କାରଣରୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିଲା। ଫଳରେ ତାଙ୍କୁ କାରାଗାର ପରିସରରେ ଥିବା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସୋମବାର ରାତିରେ ଜେଲରେ ତାଙ୍କୁ ଚୁଡା ଓ ଗୁଡ଼ ଦିଆଯାଇଥିବାବେଳେ ମଙ୍ଗଳବାର ସକାଳେ ଚୁଡା, ସନ୍ତୁଳା, ଡାଲମା ଓ ଚା ଦିଆଯାଇଥିବା ସୂଚନା ମିଳିଛି।

# ଫିଟିଲା ପାର୍ଟ ପ୍ଲଟ୍ ପଞ୍ଜୀକରଣ ବାଟ

## ନଗର ଉନ୍ନୟନ ବିଭାଗର ବିଜ୍ଞପ୍ତି

**ଭୁବନେଶ୍ୱର,୧୦।୬ (ରବିନାରାୟଣ ଜେନା)**

ଦୀର୍ଘଦିନ ଧରି ପାର୍ଟ ପ୍ଲଟ୍ ପଞ୍ଜୀକରଣ ନେଇ ଲାଗିରହିଥିବା ସମସ୍ୟାର ଏକପ୍ରକାର ସମାଧାନ ହୋଇଛି। ଏଣିକି ପାର୍ଟ ପ୍ଲଟ୍ କିଣାବିକା ହୋଇପାରିବ। ମାତ୍ର କେତେକ ସର୍ତ୍ତାବଳୀ ଆଧାରରେ ପାର୍ଟ ପ୍ଲଟ୍ କିଣାବିକା ହୋଇପାରିବ ବୋଲି ସରକାରଙ୍କ ପକ୍ଷରୁ ବିଜ୍ଞପ୍ତିରେ କୁହାଯାଇଛି।ଏ ସଂକ୍ରାନ୍ତରେ ନଗର ଉନ୍ନୟନ ବିଭାଗ ପକ୍ଷରୁ ଗତ ୯ ତାରିଖରେ ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇଛି। ବିଜ୍ଞପ୍ତିରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଦର୍ଶାଇଛନ୍ତି ଯେ, ସରକାରଙ୍କ ପକ୍ଷରୁ ଏ ସଂକ୍ରାନ୍ତରେ ପୂର୍ବରୁ ଚିଠା ବିଜ୍ଞପ୍ତି ପ୍ରକାଶ ପାଇବା ସହିତ ଜନସାଧାରଣଙ୍କ ଆପତ୍ତି ଅଭିଯୋଗ ଲୋଡ଼ାଯାଇଥିଲା। ପରେ ଜନସାଧାରଣଙ୍କ ମତାମତକୁ ନେଇ ଏହି ବିଜ୍ଞପ୍ତି ଜାରି କରାଯାଇଛି। ବିଜ୍ଞପ୍ତି ଅନୁଯାୟୀ, ଗୋଟିଏ ପରିବାର ଭିତରେ ପାର୍ଟ ପ୍ଲଟ୍ ପଞ୍ଜୀକରଣରେ ସମସ୍ୟା ଉପୁଜିବ ନାହିଁ। ସେହିପରି ଚାଷଜମି ପାର୍ଟ ପ୍ଲଟ ପଞ୍ଜୀକରଣରେ ସମସ୍ୟା ରହିବ ନାହିଁ, ମାତ୍ର ଜମିର କିସମ ପରିବର୍ତ୍ତନ ହୋଇପାରିବ ନାହିଁ। ପୂର୍ବରୁ ଯେଭଳି ରହିଥିଲା ତାହା ଅପରିବର୍ତ୍ତିତ ରହିବ। ଏହାସହିତ ୫୦୦ ବର୍ଗମିଟରରୁ କମ୍ ପରିମାଣର ଜମି ପଞ୍ଜୀକରଣ ହୋଇପାରିବ, ଯାହା ମାତ୍ର ଥରକ ପାଇଁ ବିକ୍ରି କରାଯାଇପାରିବ। ପୂର୍ବରୁ ପଞ୍ଜୀକରଣ, ମ୍ୟୁଟେଶନ କିମ୍ବା ବନ୍ଦୋବସ୍ତ ହୋଇଥିବା ଜମିକୁ ଲେ-ଆଉଟ୍ ଅନୁମୋଦନ ମିଳିବନାହିଁ ବୋଲି ବିଜ୍ଞପ୍ତିରେ କୁହାଯାଇଛି। ତେବେ ପୂର୍ବରୁ ଯେଉଁ ଜମି ବିନା ଲେ-ଆଉଟ୍ ପ୍ଲାନ୍‌ରେ ବିକ୍ରି ହୋଇଥିବ, ସେକ୍ଷେତ୍ରରେ ୬ ମିଟର ରାସ୍ତା ଥିଲେ କମ୍ପାଉଣ୍ଡିଂ ଫି' ଦେଇ ତାହାକୁ ରେଗୁଲାରାଇଜ୍ କରାଯାଇପାରିବ। ୫୦୦ ବର୍ଗମିଟରରୁ ଊର୍ଦ୍ଧ୍ୱ ଜମି ହୋଇଥିଲେ କମ୍ପାଉଣ୍ଡ ଫି' ୧୦% ଏବଂ ଏହାଠାରୁ କମ୍ ଜମି ଥିଲେ ୫% ଫି' ଦେବାକୁ ପଡ଼ିବ। ଏହି କ୍ଷେତ୍ରରେ ରେଡ୍ ଜୋନ୍‌କୁ ଦୃଷ୍ଟିରେରଖି ନିଷ୍ପତ୍ତି ନିଆଯିବ ।

Government of India

ମାଇଲଗୁଡ଼ିକ ମାଇଲଖୁଣ୍ଟରେ ହେଉଛି ପରିଣତ



**ଜାତୀୟ ଜଳପଥ** ୫ରୁ **୧୧୧କୁ** ବୃଦ୍ଧି ପାଇଛି ; ୨୦୨୪ରେ ରେକର୍ଡ **୧୪୫+ ଏମ୍‌ଏମ୍‌ଟି ମାଲ ପରିବହନ**, ୨୦୧୪ ତୁଳନାରେ ୮ଗୁଣ।

**ସାଗରମାଳା** ଅଧୀନରେ **୧.୪୧+ ଲକ୍ଷ କୋଟି** ଟଙ୍କାର **୨୭୨ଟି** ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି, ଉପକୂଳ ନେଟ୍‌ୱାର୍କର ବିସ୍ତାର ଏବଂ **ବନ୍ଦର-କେନ୍ଦ୍ରିତ ବିକାଶକୁ** ପ୍ରୋତ୍ସାହିତ କରାଯାଇଛି।

ଭାରତରେ **ଅଟଳ ସୁଡ଼ଙ୍ଗ** ଅଛି – ୧୦,୦୦୦ ଫୁଟ ଉଚ୍ଚତାରେ ବିଶ୍ୱର ସବୁଠୁ ଲମ୍ବା ରାଜପଥ ସୁଡ଼ଙ୍ଗ ଏବଂ **ଚେନାବ୍ ସେତୁ** – ବିଶ୍ୱର ସର୍ବୋଚ୍ଚ ରେଳ ଆର୍କ ବ୍ରିଜ୍।



**ବିମାନବନ୍ଦରଗୁଡ଼ିକ ଦ୍ୱିଗୁଣିତ ହୋଇଛି** – ୭୪ରୁ ୧୬୨।

ଉଡ଼ାନ୍ ଅଧୀନରେ **୧.୫୦ କୋଟିରୁ** ଅଧିକ ଲୋକ ସୁଲଭ ବିମାନ ଯାତ୍ରାର ସୁବିଧା ପାଇଛନ୍ତି।

୨୦୧୪ରେ **ମେଟ୍ରୋ ନେଟ୍‌ୱାର୍କ** ୨୪୮ କିଲୋମିଟରରୁ **୧୦୦୦+ କିଲୋମିଟରକୁ** ବିସ୍ତାରିତ ହୋଇଛି, ୨୦୧୪ରେ କେବଳ ୫ଟି ସହର ତୁଳନାରେ ଏବେ ୨୩ଟି ସହରରେ ମେଟ୍ରୋ ସୁବିଧା।



ଭାରତରେ **୬୬ଲକ୍ଷ କିଲୋମିଟରରୁ** ଅଧିକ ସଡ଼କ ରହିଛି – **ବିଶ୍ୱରେ ଦ୍ୱିତୀୟ ସର୍ବବୃହତ୍।**

**ଜାତୀୟ ରାଜପଥ** ୯୧,୦୦୦ କିଲୋମିଟରରୁ ୬୦%ରୁ ଅଧିକ ବୃଦ୍ଧି ପାଇ **୧.୪୬ଲକ୍ଷ କିଲୋମିଟର** ହୋଇଛି।

**ଗ୍ରାମୀଣ ସଡ଼କ ଯୋଗାଯୋଗର** କଭରେଜ୍ **୯୯%ରେ ପହଞ୍ଚିଛି।**

CBC 37101/13/0008/2526



**୧୪୨ଟି ବିଶ୍ୱସ୍ତରୀୟ ବନ୍ଦେ ଭାରତ** ଟ୍ରେନ୍ ସେବା ଆଧୁନିକ ରେଳପଥର ପରିଚୟ ପାଲଟିଛି, ଯାହା ଏକ ଦ୍ରୁତ ଏବଂ ଆରାମଦାୟକ ଯାତ୍ରା ଅନୁଭୂତି ସୁନିଶ୍ଚିତ କରୁଛି।

**ଉଧମପୁର-ବାରାମୁଲ୍ଲା-ଶ୍ରୀନଗର ରେଳ ଲିଙ୍କ୍** ସହିତ, କାଶ୍ମୀରରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ରେଳ ସଂଯୋଗ ପରିବାର ସ୍ୱପ୍ନ ଏବେ ସାକାର ହୋଇଛି।

**ଅମୃତ ଭାରତ ଷ୍ଟେସନ ଯୋଜନା** ଅଧୀନରେ **୧୩୦୦ରୁ ଅଧିକ ରେଳ ଷ୍ଟେସନର ପୁନଃ ବିକାଶ** କରାଯାଉଛି।

Viksit Bharat ka Amrit Kaal
Seva, Sushasan, Garib Kalyan ke
11 SAAL



ମଣିଷ କେବେ ବି ନିଜ ପ୍ରଚେଷ୍ଟାରେ ନିଜକୁ ମଣିଷଠାରୁ ଅଧିକ କିଛି କରିପାରିବ ନାହିଁ। ମାନେ, ଦିବ୍ୟ ମଣିଷ କରିପାରିବ ନାହିଁ ।.. ମଣିଷର ପ୍ରକୃତି ଭିତରକୁ ଦିବ୍ୟ ପ୍ରକୃତି ଅବତରଣ କଲା ପରେ ହିଁ ମଣିଷର ଆଧାର ଦିବ୍ୟଗୁଣ ସମ୍ପନ୍ନ ହୋଇଥାଏ । -ଶ୍ରୀଅରବିନ୍ଦ

-ଦେବସ୍ନାନ ପୂର୍ଣ୍ଣିମା, ଅନବସର ଆରମ୍ଭ



# ମଣିଷତ୍ୱ ହ୍ରାସ ପାଉଛି

ଭାରତ ଉପରେ ଯେତେବେଳେ ଇଂରେଜ ଶାସନ କରୁଥିଲେ, ସେତେବେଳେ ସେମାନଙ୍କ ନିଜ ସୁବିଧା ଓ ଯାତାୟାତ ପାଇଁ ବମ୍ବେରୁ ଠାଣେ ପର୍ଯ୍ୟନ୍ତ ରେଳ ଲାଇନ୍ ପକାଇ ୧୬ ଏପ୍ରିଲ ୧୮୫୩ରେ ପ୍ରଥମେ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ ଆରମ୍ଭ କରିଥିଲେ। ଏବେ 'ଇଣ୍ଡିଆନ୍ ରେଲୱେଜ'କୁ ଭାରତୀୟ ରେଳୱେ ଭାବେ ନାମ ପରିବର୍ତ୍ତନ କରାଯାଇଥିବା ସତ୍ତ୍ୱେ ରେଳୱେର ହିନ୍ଦୁସ୍ଥାନୀ ଶବ୍ଦ ଖୋଜି ବାହାର କରିପାରୁନାହାନ୍ତି ସମ୍ପୃକ୍ତ କର୍ତ୍ତୃପକ୍ଷ । ଭାରତୀୟ ରେଳୱେର ପୁରୁଣା ସ୍ମୃତି ବହନ କରୁଥିବା ଠାଣେ ନିକଟସ୍ଥ ଡିଵା ଷ୍ଟେସନରେ ୯ ଜୁନରେ ପ୍ରବଳ ଭିଡ଼ ଥିବା ଏକ ଲୋକାଲ ଟ୍ରେନ୍‌ରୁ ଖସିପଡ଼ି ୪ ଜଣଙ୍କ ମୃତ୍ୟୁ ହେବା ସହ ୯ ଆହତ ହୋଇଛନ୍ତି। ଏଭଳି ଘଟଣା ବିଭିନ୍ନ ସମୟରେ ଘଟିବା ଦେଖାଯାଏ। ଉଭୟ ୱେଷ୍ଟର୍ନ ଓ ସେଣ୍ଟ୍ରାଲ ରେଳୱେର ମୁମ୍ବାଇ ସବ୍‌ଅର୍ବାନ ବା ସହରାଂଚଳ ଅଞ୍ଚଳରେ ଚଳାଚଳ କରୁଥିବା ଲୋକାଲ ଟ୍ରେନ୍‌ଗୁଡ଼ିକରେ ପ୍ରତିଦିନ ପାଖାପାଖି ୭୦ ଲକ୍ଷ ଲୋକ ଯାତ୍ରା କରିଥା'ନ୍ତି। ଟ୍ରେନ୍‌ଗୁଡ଼ିକରେ ପ୍ରବଳ ଭିଡ଼ ହୋଇଥାଏ। ଏମିତିକି ଲୋକେ ଫୁଟ୍‌ବୋର୍ଡ ଓ ଝରକା ରେଲିଂରେ ଝୁଲି ଯିବାଆସିବା କରିବାର ନିତିଦିନ ଦୃଶ୍ୟ ଦେଖିବାକୁ ମିଳେ। ବମ୍ବେ ସହରର ପରିସ୍ଥିତି ଭାରତୀୟମାନଙ୍କର ମସ୍ତିଷ୍କ ବାତାନୀର ଏକ ବିଶେଷ ଦୃଷ୍ଟାନ୍ତ। ପୃଥିବୀର ସବୁ ଦେଶରେ ଅର୍ଥନୈତିକ ଗୁରୁତ୍ୱ ରହିଥିବା ସହରଗୁଡ଼ିକରେ ପ୍ରଥମେ ଉନ୍ନତିର ଛବି ଦେଖିବାକୁ ମିଳିଥାଏ। ପୂର୍ବରୁ ଲଣ୍ଡନ, ନ୍ୟୁୟର୍କ, ଲସ୍ ଆଞ୍ଜେଲ୍ସ, ଟୋକିଓ ଭଳି ସହର ଯେଉଁ ଅର୍ଥନୈତିକ ଉନ୍ନତିର ପ୍ରତୀକ ଭାବରେ ଗଢ଼ି ଉଠିଥିଲେ, ତାହାର ଅବିକଳ ନକଲ ଏକବିଂଶ ଶତାବ୍ଦୀରେ ଚାଇନାର ଶାଙ୍ଘାଇ ଭଳି ସହରରେ ଦେଖିବାକୁ ମିଳୁଛି। ଅନେକ ଦଶନ୍ଧି ଧରି ଭାରତର ଅର୍ଥନୈତିକ କେନ୍ଦ୍ରବିନ୍ଦୁ ଭାବେ ମୁମ୍ବାଇ ବା ବମ୍ବେ ପରିଚିତ ହୋଇ ଆସୁଥିଲେ ମଧ୍ୟ ତାହାର ସ୍ଥିତି କ୍ରମଶଃ ଧ୍ୱଂସାଭିମୁଖୀ ହେଉଥିବାର ସମସ୍ତେ ଲକ୍ଷ୍ୟ କରୁଥିବେ ଏହା ସତ୍ୟ ଯେ, ସମୁଦ୍ର ତଟବର୍ତ୍ତୀ ଦୁଇଟି ପୋଲ ଉପରେ ରାସ୍ତା ନିକଟ ଅତୀତରେ ନିର୍ମାଣ କରାଯାଇଛି। ସେହି କାର୍ଯ୍ୟ ପାଇଁ ସବୁ ରାଜନୈତିକ ଦଳ ଏବଂ ଗୋଟିଏ ପରେ ଗୋଟିଏ ରାଜ୍ୟ ସରକାର ନାମ ନେବା ପାଇଁ ତତ୍ପରତା ଦେଖାଇ ଆସୁଛନ୍ତି। କିନ୍ତୁ ବର୍ଷାରୁ ଆରମ୍ଭ ହେବା ମାତ୍ରକେ ବମ୍ବେ ସହର ପ୍ରାୟତଃ ବୁଡ଼ିଯାଏ। ସେଠାରେ ଭୂତଳ ମେଟ୍ରୋ ରେଲ୍ ଆଜି ମଧ୍ୟ ପ୍ରାରମ୍ଭିକ ସ୍ତରରେ ଅଟକି ରହିଛି। ସବୁବେଳେ ରାସ୍ତାଘାଟ ଖୋଳାହୋଇ ପଡ଼ିଥିବାରୁ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହେଉଛି। ଏପରିକି ପାଦରେ ଚାଲିଯିବା ମଧ୍ୟ ଅନେକ ସ୍ଥାନରେ ଅସମ୍ଭବ ହୋଇପଡୁଛି। ଅନ୍ୟପଟେ ବମ୍ବେର ରିୟଲ ଇଷ୍ଟେଟ୍ ବା ଜମି ଓ ଆପାର୍ଟମେଣ୍ଟ ଦର ପୃଥିବୀର ସର୍ବୋଚ୍ଚ ସ୍ତରରେ ପହଞ୍ଚିଲାଣି। ସବୁ ବର୍ଷ ପୁରୁଣା କୋଠା ଧସି ସାଧାରଣ ଲୋକଙ୍କ ମୃତ୍ୟୁଖବର ପଢ଼ିବାକୁ ମିଳିଥାଏ। ଏପରିକି ବିଜ୍ଞାପନ ଉଦ୍ଦେଶ୍ୟରେ ନିର୍ମିତ ହୋର୍ଡିଂ ପଡ଼ିଯିବା ଫଳରେ ରାସ୍ତାକଡ଼ରେ ଚାଲୁଥିବା ଲୋକଙ୍କର ମୃତ୍ୟୁ ଘଟୁଛି। ମୋଟାମୋଟି କହିବାକୁ ଗଲେ, ବମ୍ବେ ସହରର ପରିସ୍ଥିତି ଭାରତୀୟ ମାନସିକତାର ଏବଂ ତାହାଠାରୁ ବେଶି ଏହି ଦେଶର ଏବଂ ମହାରାଷ୍ଟ୍ର ରାଜ୍ୟର ଶାସକମାନଙ୍କ ଅଭିଜ୍ଞତା ସମ୍ପର୍କରେ ଅନେକ କଥା କହୁଛି। ଭାରତୀୟମାନେ ଗୋଟିଏ ସବୁବେଳେ ଦ୍ୱନ୍ଦରେ ବୁଡ଼ି ରହିଥିବା ଜାତି ବୋଲି ବମ୍ବେ ସହର ପ୍ରମାଣ ଦେବାରେ ଯଥେଷ୍ଟ। ଏହି ଦେଶରେ ଗୋଟିଏ ପରେ ଗୋଟିଏ ପ୍ରଧାନମନ୍ତ୍ରୀ ଡାକରା ଦେଇ ଆସୁଛନ୍ତି ଯେ, ଗ୍ରାମାଞ୍ଚଳ ଛାଡ଼ି ସହରାଭିମୁଖୀ ହୁଅନ୍ତୁ ଭାରତର ନାଗରିକ। କିନ୍ତୁ ସବୁ ଛୋଟବଡ଼ ସହର ଏବେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ଯେଉଁଗୁଡ଼ିକ ସମାଧାନ କରିବା ପାଇଁ ସରକାରଙ୍କ ପାଖରେ ସମୟ କିମ୍ବା ଇଚ୍ଛାଶକ୍ତି ଥିବା ଭଳି ମନେହେଉନାହିଁ। ଅଧିକାଂଶ ସହରରେ ପ୍ରତ୍ୟେକ ବର୍ଷ ଘର ଟିକସ ବୃଦ୍ଧି ପାଉଥିବା ଲକ୍ଷ୍ୟ କରାଯାଏ। ବମ୍ବେ ସହରାଂଚଳ ଅଞ୍ଚଳକୁ ସେବା ଯୋଗାଇ ଦେଉଥିବା ପଶ୍ଚିମ ଓ କେନ୍ଦ୍ର ରେଳବାଇକୁ ସବୁ ପ୍ରକାର ସେବା ସଜାଡ଼ିବା। ଅନ୍ୟପଟେ ଜନସଂଖ୍ୟା ବୃଦ୍ଧି ଏବଂ ଆଧୁନିକୀକରଣର ଅଭାବ ସେହି ସେବାକୁ ଅନେକ ବର୍ଷ ଧରି ପଙ୍ଗୁ କରିଆସୁଛି। ଏହା ନିଶ୍ଚୟ ଦୁଃଖଦାୟକ ଯେ, ଜିଆର୍‌ପି ତଥ୍ୟ ଅନୁଯାୟୀ, ମୁମ୍ବାଇ ଲୋକାଲ ଟ୍ରେନ୍‌ରେ ଯାତ୍ରା କରିବା ବେଳେ ଦୈନିକ ୭ ଜଣଙ୍କର ମୃତ୍ୟୁ ହେଉଛି। ୨୦୦୫ରୁ ୨୦୨୪ ପର୍ଯ୍ୟନ୍ତ ୨୦ ବର୍ଷ ମଧ୍ୟରେ ଦୁର୍ଘଟଣାରେ ୫୧,୮୦୨ ଜଣଙ୍କର ମୃତ୍ୟୁ ହେଲାଣି। ଏହି ତଥ୍ୟ ନିଶ୍ଚିତ ଭାବେ ଉଦ୍‌ବେଗଜନକ। କିନ୍ତୁ ଏହିସବୁ ମୃତ୍ୟୁ ପାଇଁ କିଏ ଦାୟୀ, ତାହା ଭାରତବର୍ଷରେ ପଚାରିବାକୁ ଲୋକ ନାହାନ୍ତି। ଜନସଂଖ୍ୟା ଯେତେ ବୃଦ୍ଧି ପାଉଛି ଭାରତରେ ସେତିକି ମଣିଷତ୍ୱ ହ୍ରାସ ପାଉଛି।

> ଅନେକ ଦଶନ୍ଧି ଧରି ଭାରତର ଅର୍ଥନୈତିକ କେନ୍ଦ୍ରବିନ୍ଦୁ ଭାବେ ମୁମ୍ବାଇ ବା ବମ୍ବେ ପରିଚିତ ହୋଇ ଆସୁଥିଲେ ମଧ୍ୟ ତାହାର ସ୍ଥିତି କ୍ରମଶଃ ଧ୍ୱଂସାଭିମୁଖୀ ହେଉଥିବାର ସମସ୍ତେ ଲକ୍ଷ୍ୟ କରୁଥିବେ। ଏହା ସତ୍ୟ ଯେ, ସମୁଦ୍ର ତଟବର୍ତ୍ତୀ ଦୁଇଟି ପୋଲ ଉପରେ ରାସ୍ତା ନିକଟ ଅତୀତରେ ନିର୍ମାଣ କରାଯାଇଛି ସେହି କାର୍ଯ୍ୟ ପାଇଁ ସବୁ ରାଜନୈତିକ ଦଳ ଏବଂ ଗୋଟିଏ ପରେ ଗୋଟିଏ ରାଜ୍ୟ ସରକାର ନାମ ନେବା ପାଇଁ ତତ୍ପରତା ଦେଖାଇ ଆସୁଛନ୍ତି କିନ୍ତୁ ବର୍ଷାରୁ ଆରମ୍ଭ ହେବା ମାତ୍ରକେ ବମ୍ବେ ସହର ପ୍ରାୟତଃ ବୁଡ଼ିଯାଏ।

# ଶିକ୍ଷାରେ ସମତୁଲତା



ଡ. ଦ୍ୟୁତି ଚନ୍ଦ୍ର ସାହୁ

ନୂଆ ଶିକ୍ଷା ବର୍ଷରେ ବିଶେଷକରି ଆଦିବାସୀ ଅଧ୍ୟୁଷିତ ଜିଲାଗୁଡ଼ିକରେ ନିମ୍ନ ଶ୍ରେଣୀରୁ ଉଚ୍ଚ ଶ୍ରେଣୀରେ ବିଦ୍ୟାଳୟରେ ଟିକେ ଭିଡ଼ ହୁଏ । ଆବାସିକ ବିଦ୍ୟାଳୟରେ ନାମ ଲେଖାଇବା ଲାଗି ଅଧିକାଂଶ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବର୍ଗର ଅଭିଭାବକଙ୍କ ଆଗ୍ରହ ଅଧିକ। ଆବାସିକ ବିଦ୍ୟାଳୟରେ ନାମଲେଖା ହୋଇଗଲେ ପିଲାଙ୍କ ପଢ଼ିବାର ଚିନ୍ତା ନାହିଁ। ବର୍ଷ ବର୍ଷ ଧରି ରହି ସୁବିଧାରେ ପଢ଼ିପାରିବେ। ହାଇସ୍କୁଲଗୁଡ଼ିକରେ ହଷ୍ଟେଲରେ ରହି ପଢ଼ିବାର ଆସନ ଖଣ୍ଡେ ମିଳିଗଲେ ଅଭିଭାବକଙ୍କ ଖୁସି କାହିଁରେ କ'ଣ ? ଦୀର୍ଘ ଦଶ ବର୍ଷ ଧରି ପିଲାଙ୍କ ପାଠପଢ଼ା ଧନ୍ଦାରୁ ଅଭିଭାବକ ବୋଝ ମୁକ୍ତ ହୋଇଗଲା ପରି ଅନୁଭବ କରନ୍ତି । ସେଥିପାଇଁ ପିଲାଙ୍କୁ ଭର୍ତ୍ତି କରିବା ଲାଗି ଏ ସ୍କୁଲରୁ ସେ ସ୍କୁଲକୁ ବୁଲି ବୁଲି ଅନେକ ଅଭିଭାବକ ପିଲାଙ୍କ ଲାଗି ଖଣ୍ଡେ ସିଟ୍ ମଧ୍ୟ ଯୋଗାଡ଼ କରିପାରନ୍ତିନି। ନିରାଶ ମନରେ ବିଦ୍ୟାଳୟରୁ ଅନେକ ଅଭିଭାବକ ଫେରିବା ଦେଖିବାକୁ ମିଳେ। ସମସ୍ତ ପ୍ରକାର ଉଦ୍ୟମ ପରେ ବି କିଛୁ ପିଲାଙ୍କ ଭାଗ୍ୟରେ ଆବାସିକ ବିଦ୍ୟାଳୟରେ ପଢ଼ିବାର ସୁଯୋଗ ଜୁଟିପାରେନି। ବିଶେଷକରି ଅନୁସୂଚିତ ଜାତି ବର୍ଗର ପିଲାମାନେ କଡ଼ା ଆହ୍ୱାନର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳେ। ସେହିପରି ଅଷ୍ଟମ ଶ୍ରେଣୀ ଉତ୍ତୀର୍ଣ୍ଣ ପିଲାମାନଙ୍କୁ ନବମରେ ଆବାସିକ ଉଚ୍ଚ ବିଦ୍ୟାଳୟରେ ନାମ ଲେଖାଇବାକୁ ସଂଘର୍ଷ କରିବାକୁ ପଡ଼େ। ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସଂଖ୍ୟାଧିକ ପିଲା ଅଷ୍ଟମରେ ଉତ୍ତୀର୍ଣ୍ଣ ହୁଅନ୍ତି। ସେହି ସଂଖ୍ୟକ ପିଲାଙ୍କ ପାଇଁ ନବମ ଶ୍ରେଣୀରେ ଆବାସିକ ବିଦ୍ୟାଳୟରେ ହଷ୍ଟେଲରେ ନାମ ଲେଖାଇବା ଲାଗି ସେତିକି ସୁଯୋଗ ନ ଥାଏ। ଅଧିକାଂଶ କ୍ଷେତ୍ରରେ ପିଲାମାନେ ନିଜ ଗାଁ ପାଖ ଗଣଶିକ୍ଷା ବିଭାଗ ପରିଚାଳିତ ବିଦ୍ୟାଳୟରେ ନାମ ଲେଖାଇବାକୁ ବାଧ୍ୟ ହୁଅନ୍ତି। ଆଉ କିଛି ପାଠ ପଢ଼ାରେ ଡୋରି ବାନ୍ଧି ଦିନମ ଖଟିବାକୁ ଚାଲି ଯାଆନ୍ତି। ଏହିକ୍ରମରେ ନାମଲେଖା ଋତୁରେ ଜଣେ ଅଭିଭାବକ ସିଧା ତାଙ୍କ ପୁଅକୁ ନେଇ ବିଦ୍ୟାଳୟକୁ ଆସିଥାନ୍ତି। ଆବାସିକ ବିଦ୍ୟାଳୟରେ ଷଷ୍ଠ ଶ୍ରେଣୀରେ ନାମ ଲେଖାଇବା ତାଙ୍କ ଉଦ୍ଦେଶ୍ୟ। ନାମଲେଖା ଦାୟିତ୍ୱାଧୀନ ଶିକ୍ଷକ ସମସ୍ତ କାଗଜପତ୍ର ଯାଞ୍ଚ କଲା ପରେ ପଚାରିଲେ -'ବିଦ୍ୟାଧ୍ୟାୟୀ ଭାବେ ନାମ ଲେଖାଇବାକୁ ଇଚ୍ଛୁକ ଯଦି ନାମ ଲେଖାଇବେ !' ଅଭିଭାବକ କହିଲେ -"ଆଜ୍ଞା ! ହାତ ଯୋଡ଼ୁଛି, ମୋର ପୁଅକୁ ହଷ୍ଟେଲରେ ଖଣ୍ଡେ ସିଟ୍ କରିଦେଲେ ଉଠି ରହିକି ପଢ଼ିବ। ତୋର ଧର୍ମ ହେବ।" ଶିକ୍ଷକ କହିଲେ - "ତୁମେ ଅନୁସୂଚିତ ଜନଜାତି କିମ୍ବା ଅନୁସୂଚିତ ଜାତି ବର୍ଗର ହୋଇଥିଲେ ହଷ୍ଟେଲରେ ସିଟ୍ ହୋଇଯାଆନ୍ତା। ତୁମେ ଅନ୍ୟ ଜାତିର। ହଷ୍ଟେଲରେ ସିଟ୍ ହୋଇ ପାରିବନି।" ତା'ପରେ ଅଭିଭାବକ ଜଣକ ଯାହା ସବୁ କହିଲେ ହୃଦୟ ମଣ୍ଡି ହୋଇଗଲା। ଅଭାବୀ ପରିବାର। ଖାଇବାକୁ ନିତିଦିନ ସଂଘର୍ଷ କରୁଛନ୍ତି ସେ। ବିଦ୍ୟାଳୟରେ ବହି ପୋଷାକ ସବୁ ଦେଉଛନ୍ତି ସତ। କିନ୍ତୁ ପେଟକୁ ମୁଠେ ଦାନା ଶାନ୍ତିରେ ନେଇ ପଢ଼ିବାକୁ ଘରେ ପରିବେଶ ନାହିଁ। ବହୁ କୁଟୁମ୍ବୀ ପରିବାରକୁ ବଞ୍ଚେଇବା ମା'ବାପାଙ୍କ ପାଇଁ ବଡ଼ ଚ୍ୟାଲେଞ୍ଜ। ପିଲା ପାଇଁ ଖାତା କଲମ ଆଦି କିଣି ଯୋଗାଇବା ବି ସକ୍ଷମ ନୁହେଁ ସେ ଯେମିତି। ବିଦ୍ୟାଳୟର ଶିକ୍ଷକମାନେ ପରାମର୍ଶ ଦେଲେ ପିଲାର ଯାବତୀୟ ପଢ଼ାପଢ଼ି ବାବଦକୁ ସମସ୍ତ ଖର୍ଚ୍ଚ ବ୍ୟବସ୍ଥା କରିବୁ ପଛେ ପିଲାକୁ ପଢ଼ାଅ। କିନ୍ତୁ ହଷ୍ଟେଲରେ ଆବାସିକ ଛାତ୍ର ଭାବେ ନାମ ଲେଖାଇବା ସମ୍ଭବ ନୁହେଁ। ବାପା ଓ ପୁଅ ଦୁହେଁ ଦୁଃଖରେ ଫେରିଗଲେ। ସେ ଅବଶ୍ୟ ଗାଁ ପାଖ ବିଦ୍ୟାଳୟରେ ନାମ ଲେଖାଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଭୋକିଲା ପିଲାଟିର ଶିକ୍ଷା ପ୍ରତି ଆନ୍ତରିକତା କେତେ ରହିବ ସେଥିନେଇ ସନ୍ଦେହ ସୃଷ୍ଟି ହେବା ସ୍ୱାଭାବିକ।



ଆଦିବାସୀ ଅଧ୍ୟୁଷିତ ଜିଲାରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବର୍ଗର ପିଲାଙ୍କ ରହିବା ଖାଇବା ବ୍ୟବସ୍ଥା ସରକାର କରୁଥିବାରୁ ବହୁ ପିଲା ବିନା ଚିନ୍ତା ଓ ବିନା ଦ୍ୱନ୍ଦ୍ୱରେ ପାଠ ପଢୁଛନ୍ତି। ପ୍ରଚଳିତ ନିୟମ ଅନୁସାରେ ଗୋଟିଏ ଅନୁଷ୍ଠାନର ସମୁଦାୟ ଆସନ ମଧ୍ୟରୁ ଅନୁସୂଚିତ ଜନଜାତିଙ୍କ ପାଇଁ ୯୦ ପ୍ରତିଶତ ଏବଂ ଅନୁସୂଚିତ ଜାତି ପାଇଁ ୧୦ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ରହିଛି। ସେହି ଅନୁପାତରେ କେବଳ ଏହି ଦୁଇ ବର୍ଗର ଶିକ୍ଷାର୍ଥୀମାନେ ଓଡ଼ିଶାର ବିଭିନ୍ନ ଆବାସିକ ବିଦ୍ୟାଳୟରେ ରହି ପଢ଼ି ପାରିବେ। ଅନ୍ୟ ବର୍ଗର ପିଲାଙ୍କ ପାଇଁ ଆବାସିକ ବିଦ୍ୟାଳୟର ହଷ୍ଟେଲରେ ରହି ପଢ଼ିବାର ସୁଯୋଗ ନାହିଁ। ଅବଶ୍ୟ କିଛି ବର୍ଷ ହେଲା କେତେକ ସ୍ଥାନରେ ପଛୁଆ ବର୍ଗ ପାଇଁ ସ୍ୱତନ୍ତ୍ର ହଷ୍ଟେଲ ସ୍ଥାପନ କରାଯାଇଛି। ତେବେ ଓଡ଼ିଶାରେ ଉଚ୍ଚ ଶିକ୍ଷା ପାଇଁ ଅନୁସୂଚିତ ଜନଜାତି ବର୍ଗ ପାଇଁ ୨୨.୫ ପ୍ରତିଶତ, ଅନୁସୂଚିତଜାତି ବର୍ଗ ପାଇଁ ୧୬.୨୫ ପ୍ରତିଶତ, ଦିବ୍ୟାଙ୍ଗ ଶିକ୍ଷାର୍ଥୀଙ୍କ ପାଇଁ ୫ ପ୍ରତିଶତ ଏବଂ ପୂର୍ବତନ ସେନା ପରିବାର ପାଇଁ ୧ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ହୋଇଛି। ନିକଟରେ ଓଡ଼ିଶା ସରକାର ଆଉ ଦୁଇ ପାଦ ଆଗେଇ ଯାଇ ସାମାଜିକ ଓ ଆର୍ଥିକ ଶ୍ରେଣୀର ପିଲାଙ୍କ ଉଚ୍ଚ ଶିକ୍ଷା ପାଇଁ ୧୧.୨୫ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଲାଗୁକରି ନୂଆ ଫର୍ଦ୍ଦ ଯୋଡ଼ିଛନ୍ତି। ଏହାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ତେବେ ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା ପାଇଁ ସଂରକ୍ଷଣ କାହିଁକି ନୁହେଁ ? ଏହାର ନିର୍ଭୁଲ ଉତ୍ତର ଏହା ହୋଇପାରେ ଯେ ସାର୍ବଜନୀନ ଶିକ୍ଷା ପ୍ରଦାନ ପାଇଁ ଉଭୟ କେନ୍ଦ୍ର ରାଜ୍ୟ ସରକାର ଲକ୍ଷ୍ୟ ରଖିଥିବାରୁ ସେଠାରେ ସଂରକ୍ଷଣ ପ୍ରସଙ୍ଗ ଅନାବଶ୍ୟକ। କିନ୍ତୁ ଏ କ୍ଷେତ୍ରରେ ପିଲାର ଶିକ୍ଷା ପରିଭାଷା କ'ଣ ହୋଇପାରିବ। ଅନେକ ପିଲା ଦାରିଦ୍ର୍ୟ ଯୋଗୁ ପାଠ ପଢୁ ନାହାନ୍ତି। ଅଧାରୁ ପାଠ ଛାଡ଼ିବା ପଛରେ ଏହା ବଡ଼ କାରଣ ବୋଲି ବିଭିନ୍ନ ସମୟରେ ହୋଇଥିବା ସର୍ଭେରୁ ସ୍ପଷ୍ଟ ହୋଇଛି। ଦାରିଦ୍ର୍ୟ ଗ୍ରାମାଞ୍ଚଳରେ ଶିକ୍ଷା ପାଇଁ ଅନ୍ୟତମ ପ୍ରତିବନ୍ଧକ ହୋଇ ରହିଆସିଛି। ଦାରିଦ୍ର୍ୟ ଜାତି ଦେଖେନି। ଜଗତୀକରଣ ପରେ ଅନେକ ମୌଳିକ ବୃତ୍ତି ସଙ୍କଟରେ। ଅନେକ ପରିବାର ନିଜ ବୃତ୍ତି ଛାଡ଼ି ବଞ୍ଚିବା ଲାଗି ଅନ୍ୟ ବୃତ୍ତି ବାଛୁଛନ୍ତି। ଆଦିବାସୀ ଅଞ୍ଚଳରେ ବସବାସ କରୁଥିବା ଏମିତି ବିଭିନ୍ନ ବର୍ଗର ଲୋକଙ୍କ ପାଇଁ ରୋଜଗାର ଆଉ ଏକ ସମସ୍ୟା। ମଜୁରି କରି ବଞ୍ଚୁଥିବା ଲୋକଟି ପାଇଁ ପରିବାରକୁ ବଞ୍ଚେଇବା ବଡ଼ ପ୍ରାଥମିକତା। ତାରି ଭିତରେ ନିଜ ପିଲାଙ୍କୁ ପାଠ ପଢ଼ାଇ ମଣିଷ କରିବା ଅପେକ୍ଷା ନିଜର ବୃତ୍ତି ଅଥବା ଅନ୍ୟ କୌଣସି କାମରେ ନିୟୋଜନ କରି ପାରିବାରିକ ରୋଜଗାର ବଢ଼ାଇବାକୁ ଅଧିକ ପସନ୍ଦ କରନ୍ତି। ହିସାବକିତାବ ଓ ପଢ଼ାଲେଖା ପାଇଁ ସମର୍ଥ ହୋଇଗଲେ ପାଠ ପଢ଼ାରୁ ନିବୃତ୍ତ ରଖି କୌଣସି କାମରେ ନିୟୋଜନ ପାଇଁ ବ୍ୟଗ୍ର ହୋଇପଡ଼ନ୍ତି ଅନେକ ଆର୍ଥିକ ଦୁର୍ବଳ ଶ୍ରେଣୀର ପରିବାର। ସେଭଳି କ୍ଷେତ୍ରରେ ପିଲାଟିର ଆଗ୍ରହ ଥିଲେ ବି ପରିସ୍ଥିତିବଶତଃ ଅଧାରୁ ପାଠ ଛାଡ଼ିବା ଥାଏ। ଏଭଳି ପରିବାର ପାଇଁ ପ୍ରାଥମିକ ଶିକ୍ଷା ସହିତ ଜୋର ହୋଇଗଲା ବୋଲି ଧରି ବସନ୍ତି।

ଏବେ ରାଜ୍ୟର ୧୬୭୩ଟି ଆବାସିକ ବିଦ୍ୟାଳୟରେ ପରିଚାଳିତ ବିଭିନ୍ନ କିସମର ହଷ୍ଟେଲରେ ପ୍ରାୟ ୬ ଲକ୍ଷ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଓ ଖୁବ୍ କମ୍ ସଂଖ୍ୟକ ପଛୁଆ ବର୍ଗର ପିଲା ହଷ୍ଟେଲରେ ରହି ପଢୁଛନ୍ତି। ଏସବୁ ହଷ୍ଟେଲରେ ସାମାଜିକ ଓ ପଛୁଆ ବର୍ଗର ପିଲା ରହି ପଢ଼ିବାର ସୁଯୋଗ ଦେବାର ଆବଶ୍ୟକତା ରହିଛି। ଗରିବ ଶ୍ରେଣୀର ପିଲାମାନଙ୍କୁ ଆବାସିକ ହଷ୍ଟେଲରେ ରଖିବା ଦିଗରେ ପଦକ୍ଷେପ ନେବାର ସମୟ ଆସିଛି। ଏହା ସରକାରଙ୍କ ପାଇଁ ବଡ଼ ପଦକ୍ଷେପ ହେବ। କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ(କେଜିବିଭି)ରେ ବିଭିନ୍ନ ବର୍ଗର ପିଲାଙ୍କ ସହ ଆର୍ଥିକ ଦିଗରେ ପଛୁଆ(ବିପିଏଲ) ବର୍ଗର ପିଲାଙ୍କୁ ପଢ଼ିବାର ସୁଯୋଗ ଦେଉଛନ୍ତି ସରକାର। ଏହାଦ୍ୱାରା ବହୁ ଗ୍ରାମୀଣ ଗରିବ ପରିବାରର ବାଳିକା ଉପକୃତ ହେଉଛନ୍ତି। ସେହିକ୍ରମରେ ଆବାସିକ ବିଦ୍ୟାଳୟ ହଷ୍ଟେଲରେ ଗରିବ ପିଲାଙ୍କ ପାଇଁ ବ୍ୟବସ୍ଥା କରାଗଲେ ବହୁଳ ଭାବରେ ଗ୍ରାମାଞ୍ଚଳର ଗରିବ ପରିବାର ଉପକୃତ ହେବେ। ଡ୍ରପ୍ ଆଉଟ୍ ସଂଖ୍ୟା ଆଶାତୀତ ଭାବେ କମିଯିବ। ଶିକ୍ଷାରେ ପ୍ରକୃତ ସମତୁଲତା ରକ୍ଷା ହୋଇପାରିବ।

ଇନ୍ଦିରା ନଗର, ଚତୁର୍ଥ ଗଳି, ରାୟଗଡ଼ା
ମୋ:୯୪୩୭୦୯୦୬୭୧

# ବିଜ୍ଞାପନ ପ୍ରଚାରରେ ଗଛ ବଳିପଡ଼ୁଛି



ଅଜିତ କୁମାର ପ୍ରଧାନ

କୁହାଯାଏ ଗଛ ହିଁ ଜୀବନ । ପୃଥିବୀର ସମସ୍ତ ପ୍ରାଣୀ ଓ ପ୍ରକୃତି ମଧ୍ୟରେ ବୃକ୍ଷ ଏକ ଅମୂଲ୍ୟ ଉପାଦାନ। ବୃକ୍ଷ ବିନା ଜୀବନ କଳ୍ପନା କରିବା ଅସମ୍ଭବ। ବୃକ୍ଷ ରୋପଣ କରି, ଜୀବନ ବଞ୍ଚାଅ। ଏହି ଗଛଗୁଡ଼ିକ ଦୈନିକ ଜୀବନର ଅଂଶ। ମାନବ ଜନ୍ମ ବେଳଠାରୁ ଏପର୍ଯ୍ୟନ୍ତ ବୃକ୍ଷମାନେ ମାନବତା ପାଇଁ ଅମୂଲ୍ୟ ସମ୍ପଦ ହୋଇ ଆସିଛନ୍ତି। ପରିବେଶକୁ ସୁରକ୍ଷା ଦେବାପାଇଁ ସ୍କୁଲ, କଲେଜ, ବନବିଭାଗ ସମେତ ବିଭିନ୍ନ ସ୍ୱେଚ୍ଛାସେବୀ ସଂସ୍ଥା ପକ୍ଷରୁ ପ୍ରଚାର ଚାଲୁଛି, ଲୋକଙ୍କୁ ସଚେତନ କରାଯାଉଛି। କିନ୍ତୁ କିଛି ସ୍ଥାନରେ ଫଳ ଶୂନ । ଆଜିର ବିକାଶ ଓ ବଜାର ବ୍ୟବସ୍ଥାରେ ବିଜ୍ଞାପନ ଏକ ଅବିଚ୍ଛେଦ୍ୟ ଅଂଶ ହୋଇଯାଇଛି। ନିଜ ପଦାର୍ଥ ବା ସେବା ବିକ୍ରି କରିବାକୁ ଲୋକେ ଅନେକ ଉପାୟ ଗ୍ରହଣ କରୁଛନ୍ତି, ତେଣୁ ସେମାନେ ଗଛଗୁଡ଼ିକୁ ବି ଛାଡ଼ୁନାହାନ୍ତି। ବାଲେଶ୍ୱର, କଟକ, ଭୁବନେଶ୍ୱର, ସମ୍ବଲପୁର ଭଳି ଅଞ୍ଚଳରେ ରାସ୍ତାକଡ଼ ଗଛଗୁଡ଼ିକ ଯେମିତି ବ୍ୟାନର, ପୋଷ୍ଟର, ହୋର୍ଡିଂ ଲଗାଇବାର ଶିକାର ହେଉଛନ୍ତି, ତାହା ଦୁଃଖଦ ଓ ଚିନ୍ତାଜନକ ବିଷୟ। ରାସ୍ତାକଡ଼, ଅଞ୍ଚଳ ସୀମା, ବସଷ୍ଟାଣ୍ଡ, ବଜାର ଅଞ୍ଚଳଗୁଡ଼ିକରେ ଥିବା ଗଛରେ ପୋଷ୍ଟର, ବ୍ୟାନର, ହୋର୍ଡିଂ ଲାଗିଛି । ଏହି ପ୍ରକ୍ରିୟା ଦେଖିଲେ ମନେହୁଏ ଗଛ ବିଜ୍ଞାପନ ଦେବା ପାଇଁ ଅଛି। ଏହା ଅତ୍ୟନ୍ତ ଦୁଃଖଦ ଓ ଚିନ୍ତାଜନକ। ଗଛ ମଣିଷର କିଛି ଅପରାଧ କରିନାହିଁ, ତଥାପି ସେମାନେ ବଳି ପଡୁଛନ୍ତି ବ୍ୟବସାୟୀ ଲୋକଙ୍କ ଲାଭ ଲାଗି। ଏପରି କାମ କେବଳ ଗଛ ପାଇଁ ହାନିକାରକ ନୁହେଁ, ପରିବେଶ ପାଇଁ ମଧ୍ୟ ହାନିକାରକ। ତେଣୁ ଆମେ ସଚେତନ ହେବା ଆବଶ୍ୟକ। ବିଜ୍ଞାପନ କର, କିନ୍ତୁ ପ୍ରକୃତିକୁ ନଷ୍ଟ କରିନା। ଗଛ ଆମ ପାଇଁ ଜୀବନ, ଏହାକୁ ରକ୍ଷା କରିବା ଆମ ସମସ୍ତଙ୍କ ଦାୟିତ୍ୱ। ଘରୋଇ ଅନୁଷ୍ଠାନଗୁଡ଼ିକ ସେମାନଙ୍କ ପ୍ରଚାର ପ୍ରସାର ଓ ଲାଭପାଇଁ ରାସ୍ତାପାର୍ଶ୍ୱ ଗଛକୁ ଟାର୍ଗେଟ କରିଛନ୍ତି। ଗଛଗୁଡ଼ିକ ଦେହରେ ବଡ଼ ବଡ଼ କଣ୍ଟା ପିଟି ହୋର୍ଡିଂ ଲଗାଉଛନ୍ତି। କିନ୍ତୁ ଏହି ବିଜ୍ଞାପନ ପ୍ରଚାର ଯେତେବେଳେ ପ୍ରକୃତି ଓ ପରିବେଶ ବିପକ୍ଷରେ ବ୍ୟବହୃତ ହୁଏ, ସେତେବେଳେ ଏହା ଲୋକଙ୍କ ସହିତ ଗଛଗୁଡ଼ିକ ପାଇଁ ମଧ୍ୟ ଅପମାନଜନକ ଓ ହାନିକାରକ ହୋଇପଡ଼େ। ଯେତେବେଳେ ଏକ ସାଧାରଣ ନଗର ରାସ୍ତାକଡ଼କୁ ଦେଖାଯାଏ, ସେତେବେଳେ ଲାଗେ ଗଛଗୁଡ଼ିକ ମନୁଷ୍ୟର ଆତ୍ମ ସ୍ୱାର୍ଥ ପାଇଁ ବଳିଦାନ ଦେଉଛନ୍ତି। ପୋଷ୍ଟର ବା ବ୍ୟାନର୍ ଲଗାଇବା ପାଇଁ ଗଛରେ ଗଛର ଛାଲି ଖୋଳାଯାଏ, ମିଶ୍ର ଅମୁଆଠା ଲଗାଯାଏ ବା ବେଳେ ବେଳେ ଗଛର ଶାଖାପ୍ରଶାଖା କାଟି ଦିଆଯାଏ। ଏହି କାମ କିଛି ଦିନ ପରେ ଗଛର ମୃତ୍ୟୁର କାରଣ ପାଲଟି ଥାଏ । ଏକ ପକ୍ଷରେ ଆମେ ପ୍ରକୃତି ସୁରକ୍ଷା, ହରିତ ବିକାଶ ଓ ପରିବେଶ ସନ୍ତୁଳନ କଥା କହୁଛୁ, ଅନ୍ୟପକ୍ଷରେ ଗଛମାନଙ୍କୁ ଏଭଳି ନିର୍ମମ ଭାବେ ବ୍ୟବହାର କରୁଛୁ ଯାହା ଏକ ବିରୋଧାଭାସ ଓ ଦୁଃଖଜନକ ଅବସ୍ଥା। ବନ ବିଭାଗ ଦେଖୁଥିଲେ ମଧ୍ୟ ନୀରବଦ୍ରଷ୍ଟା ସାଜିଛି। ରାସ୍ତାପାର୍ଶ୍ୱର ଯେଉଁ ଗଛକୁ ଦେଖ ୧୦ ଇଞ୍ଚର ଲୁହାକଣ୍ଟା ବାଡ଼େଇ ବିଜ୍ଞାପନ ହୋର୍ଡିଂ ଲଗାଯାଇଛି। ବାଲେଶ୍ୱର ଜିଲାର ରାସ୍ତା ପାର୍ଶ୍ୱରେ ବଡ଼ବଡ଼ ଗଛରେ କଣ୍ଟା ପିଟାଯାଇ ଗଛକୁ ନଷ୍ଟ କରାଯାଉଛି । ଏଥିପ୍ରତି ବନ ବିଭାଗ ଚୁପ। ଏହି ଅନୁଚିତ କାର୍ଯ୍ୟ ରୋକିବା ପାଇଁ କୌଣସି ପ୍ରତିକ୍ରିୟା ଦେଉନାହାନ୍ତି। ଏହା ଦ୍ୱାରା ଘରୋଇ ଅନୁଷ୍ଠାନମାନେ ଅଧିକ ସାହସିକ ହେଉଛନ୍ତି ଓ ଗଛକୁ ଅଧିକ କ୍ଷତି କରୁଛନ୍ତି। ଆମ ଦେଶରେ ଗଛ ମାତ୍ର ଏକ ଜୀବନ୍ତ ନୁହେଁ ଏହା ଆସ୍ଥା, ସଂସ୍କୃତି ଓ ଜୀବନରେଖା। ତୁଳସୀ, ବଟବୃକ୍ଷ, ଆମ୍ବ ଗଛ, ବର ଏବଂ ଅଶ୍ୱତ୍ଥ ଗଛ ପ୍ରଭୃତିକୁ ଲୋକେ ପୂଜା କରନ୍ତି। ତେବେ କିଏ ଏହି ସବୁଗଛରେ ନାଟକ ବା ସିନେମା ପୋଷ୍ଟର ଲଗାଏ ? ଏହା ଆମ ଦ୍ୱିମୁଖୀ ବ୍ୟବହାରର ପ୍ରମାଣ।



ଏହି ସମସ୍ୟାର ସମାଧାନ କ'ଣ ? ପ୍ରଥମେ, ଗଛ ଉପରେ ବିଜ୍ଞାପନ ନିଷିଦ୍ଧ କରିବା ନିୟମ ତିଆରି କରି ଏହାକୁ କଡ଼ାକଡ଼ି ଭାବେ କାର୍ଯ୍ୟାନୁଷ୍ଠାନ କରିବା ଆବଶ୍ୟକ। ଗଛରେ ହୋର୍ଡିଂ ଲଗାଇବାକୁ ଅବୈଧ ଘୋଷଣା କରିବା ଓ ଦଣ୍ଡ ନିର୍ଦ୍ଧାରଣ କରିବା। ଦ୍ୱିତୀୟତଃ, ସମ୍ପୂର୍ଣ୍ଣ ସହର ଓ ଗ୍ରାମ ଅଞ୍ଚଳରେ ମେଟାଲ ଫ୍ରେମ୍ ହୋର୍ଡିଂ ଅଞ୍ଚଳ ନିର୍ଦ୍ଧାରିତ କରାଯାଉ ଯେଉଁଠି ବିଜ୍ଞାପନ ଲଗାଯିବ ବା ଘରୋଇ ଅନୁଷ୍ଠାନମାନଙ୍କୁ ଗଛ ବ୍ୟତୀତ ଅନ୍ୟ ମାଧ୍ୟମରେ ବିଜ୍ଞାପନ କରିବାକୁ ପ୍ରୋତ୍ସାହିତ କରିବା। ତୃତୀୟତଃ, ଗ୍ରାମାଞ୍ଚଳରେ ସଚେତନତା ବୃଦ୍ଧି କରିବା ଆବଶ୍ୟକ, ଯାହା ଦ୍ୱାରା ଲୋକେ ଗଛ ରକ୍ଷାରେ ସ୍ୱେଚ୍ଛାରେ ଅଂଶ ନେବେ ଏହା ସହିତ ବନ ବିଭାଗକୁ ଅଧିକ କାର୍ଯ୍ୟକ୍ଷମ କରିବା ଓ ଏହିପରି ଅନୁଚିତ କାର୍ଯ୍ୟ ରୋକିବା ପାଇଁ ସକ୍ରିୟ କରିବା।

ଗଛ ଅଟଳ, ଶାନ୍ତ ଓ ସ୍ୱାର୍ଥହୀନ। ଏହା ମନୁଷ୍ୟଙ୍କୁ ଛାୟା, ପ୍ରାଣବାୟୁ, ଫଳ, ଗଛର ଶାଖା ବା କାଠ ତଥା ଏକ ଜୀବନ ଦେଉଛି। ଏହାକୁ ବିଜ୍ଞାପନ ପାଇଁ ବଳିଦାନ କରିବା ମାନବତା ବିରୋଧୀ। ମାନବ ଜନଗଣ ଯଦି ଏହି ଅନୁଚିତ କାମ ପ୍ରତି ବିରୋଧ କରନ୍ତି, ତେବେ ଆମେ ଗଛ ଓ ପରିବେଶକୁ ବଞ୍ଚାଇ ପାରିବା। ବିଜ୍ଞାପନ ପ୍ରଚାର ପାଇଁ ଗଛ ବଳିପଡ଼ିବା ଏକ ଗମ୍ଭୀର ପରିବେଶ ଓ ନୀତି ଗତ ସମସ୍ୟା। ଏହାକୁ ଅବହେଳା କରିବା ଆମ ପ୍ରାଣ ଓ ପ୍ରକୃତି ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ । ଏହି ସମସ୍ୟା କେବଳ ବନ ବିଭାଗ କିମ୍ବା ଅନୁଷ୍ଠାନର ଦାୟିତ୍ୱ ନୁହେଁ, ଆମ ସମସ୍ତଙ୍କ ଦାୟିତ୍ୱ। ଯେତେବେଳେ ଗଛ ଆମ ପାଇଁ ଅପାର ଦାନ କରୁଛି, ତେବେ ତାହାକୁ ରକ୍ଷା କରିବା ଆମର ପ୍ରଥମ କର୍ତ୍ତବ୍ୟ। ଆସନ୍ତୁ ଆମେ ସମସ୍ତେ ମିଶି ଏହି ଅନୁଚିତ କାର୍ଯ୍ୟକୁ ବନ୍ଦ କରିବାରେ ଲାଗି ପଡ଼ିବା।

ନୀଳଗିରି, ବାଲେଶ୍ୱର
ମୋ:୯୭୭୭୮୧୪୫୪୧

## ଏଇ ଭାରତରେ

ପେସାରେ ଡାକ୍ତର କିନ୍ତୁ ଆମ୍ବ ଚାଷ ବ୍ୟାପକ କରିବାରେ ଲାଗିଛନ୍ତି ପଶ୍ଚିମବଙ୍ଗ କୋଲକାତାର ଜନ୍ମେଜିତ୍ ଆରୋରା। ସେ ଦେଶର ସବୁ ଅଞ୍ଚଳରୁ ବିଭିନ୍ନ କିସମର ଆମ୍ବ ଟାଙ୍କୁଆ ସଂଗ୍ରହ କରି ତାହାକୁ ଚାରା କରୁଛନ୍ତି ଏବଂ କୃଷକଙ୍କୁ ତାହା ମାଗଣାରେ ଦେଉଛନ୍ତି। ଜନ୍ମେଜିତ୍‌ଙ୍କ ବୟସ ଏବେ ୫୧। ଏହି କାର୍ଯ୍ୟ ଲାଗି ତାଙ୍କୁ ଲୋକେ 'ଭାରତର ଟାଙ୍କୁଆ ମଣିଷ' ବୋଲି ସମ୍ବୋଧନ କରୁଛନ୍ତି। ସେ ଡାକ୍ତର ହୋଇଥିଲେ ମଧ୍ୟ ତାଙ୍କ ଜୀବନର ଅଧିକାଂଶ ସମୟ ଆଇଟି ବିଜନେସ୍ ଓ ଫାର୍ମାସ୍ୟୁଟିକାଲ୍‌ସରେ କଟାଇବା ପରେ ଆମ୍ବ ଚାଷ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଥିଲେ। ୨୦୧୧ରେ ସେ ଟାଙ୍କୁଆ ସଂଗ୍ରହ ଆରମ୍ଭ କରିଥିଲେ। ବିଶେଷକରି ସ୍କୁଲ, ସେନା କର୍ମଚାରୀ, ବରିଷ୍ଠ ନାଗରିକ, ଫଳର ବିକ୍ରେତା ଦୋକାନୀମାନେ ତାଙ୍କ ନିକଟକୁ ଟାଙ୍କୁଆ ପଠାଇବା ଆରମ୍ଭ କରିଥିଲେ। ସେହି ବର୍ଷ ଶେଷସୁଦ୍ଧା ସେ ୧ ଲକ୍ଷ ଟାଙ୍କୁଆ ସଂଗ୍ରହ କରିପାରିଥିଲେ। ତାଙ୍କ ଭିଡିଓ ଭାଇରାଲ ହେବା ପରେ ୨୦୨୪ରେ ସେ ୧୧ ଲକ୍ଷ ଟାଙ୍କୁଆ ସଂଗ୍ରହ କରିଥିଲେ। ଏସବୁରୁ ପାଖାପାଖି ୮୦,୦୦୦ ଚାରା ଉଭାରି ବାଣ୍ଟି ସାରିଲେଣି। ଜନ୍ମେଜିତ୍‌ଙ୍କ ମା' ଜଣେ ନର୍ସ ଥିଲେ ଓ ୧୯୭୧ ଯୁଦ୍ଧରେ ସ୍ୱେଚ୍ଛାସେବୀ ଭାବେ ଆହତଙ୍କ ସେବା କରିଥିଲେ। ଏହି ସେବା ଭାବନାରେ ପ୍ରେରିତ ହୋଇ ଜନ୍ମେଜିତ୍ ଆମ୍ବଚାଷରେ କୃଷକଙ୍କୁ ସାହାଯ୍ୟ କରିବା ପାଇଁ ମାଗଣାରେ ଚାରା ବାଣ୍ଟୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୧୧ ଜୁନ୍ ୧୯୭୬

- ଭାରତୀୟ ଚିକିତ୍ସା ଗବେଷଣା ପରିଷଦ ଡାଇରେକ୍ଟର ଡ଼. ସି. ଗୋପାଳନଙ୍କ ଅଧ୍ୟକ୍ଷତାରେ ଔଷଧକୁ ନିଶ୍ଚିହ୍ନ କରିବା ଦିଗରେ ... [illegible]
- ବ୍ରିଟେନର ଶ୍ରମିକ ସରକାର ପାର୍ଲାମେଣ୍ଟରେ ଆଗତ କରାଯାଇଥିବା ଅନାସ୍ଥା ପ୍ରସ୍ତାବ ବିରୁଦ୍ଧରେ ୧୯ଟି ଅଧିକ ଭୋଟରେ ବିଜୟ ଲାଭ କରିଛନ୍ତି।

## su do ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 2 | 9 | 3 | | | | 1 | | |
| 7 | | 6 | 5 | 3 | | | | |
| | | | | | | | | |
| | | 2 | | | 8 | 6 | 9 | |
| | 8 | | | 6 | | | | |
| 1 | | | | | 9 | | 4 | |
| 9 | | 1 | 7 | | | | 5 | |
| | | | | 5 | | | | |
| | 3 | | 8 | | 2 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 5 | 6 | 7 | 2 | 1 | 9 | 8 | 3 |
| 2 | 1 | 7 | 3 | 8 | 9 | 5 | 6 | 4 |
| 8 | 3 | 9 | 4 | 5 | 6 | 7 | 2 | 1 |
| 6 | 9 | 2 | 5 | 1 | 3 | 4 | 7 | 8 |
| 1 | 7 | 8 | 2 | 9 | 4 | 6 | 3 | 5 |
| 3 | 4 | 5 | 6 | 7 | 8 | 2 | 1 | 9 |
| 5 | 8 | 1 | 9 | 6 | 2 | 3 | 4 | 7 |
| 9 | 2 | 3 | 1 | 4 | 7 | 8 | 5 | 6 |
| 7 | 6 | 4 | 8 | 3 | 5 | 1 | 9 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ପଦକ୍ଷେପ ଅଟକି ନ ଯାଉ

ମହାଶୟ,

ଦୀର୍ଘ ଦଶନ୍ଧି ଧରି ଓଡ଼ିଶାରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ଯୋଗୁ ଅପରାଧ, ଲୁଟ୍, ନକଲି ଟଙ୍କା କାରବାର ଇତ୍ୟାଦି ଘଟଣା ବୃଦ୍ଧି ପାଇବାରୁ ଗତ ୨ ଦଶନ୍ଧି ପୂର୍ବେ ବାଂଲାଦେଶୀଙ୍କୁ ହଟାଇବା ପାଇଁ ଯୋଜନା ହୋଇଥିଲା। ମାତ୍ର ଏହି ଯୋଜନାଟି ଯୋଜନାରେ ସୀମିତ ରହିବାରୁ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ସେମାନଙ୍କୁ ଭୋଟ୍‌ବ୍ୟାଙ୍କ ରାଜନୀତି ପାଇଁ କେତେକ ରାଜନେତା ସେମାନଙ୍କୁ ପ୍ରୋତ୍ସାହିତ କରୁଥିବାରୁ ସେମାନେ ସହଜରେ ଭୋଟର କାର୍ଡ, ଆଧାର କାର୍ଡ, ରାଶନ କାର୍ଡ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଭତ୍ତା ଇତ୍ୟାଦି ସରକାରୀ ସୁବିଧା ପାଇପାରୁଛନ୍ତି। ଫଳରେ ଦେଶ ଓ ରାଜ୍ୟର ସାମାଜିକ ନିରାପତ୍ତା, ଜାତୀୟ ସୁରକ୍ଷା, ଅପରାଧ ବୃଦ୍ଧି ଇତ୍ୟାଦି ଘଟଣା ଚିନ୍ତାର କାରଣ ହେଉଛି। ବିଶେଷକରି ଅନୁପ୍ରବେଶ ରୋକିବା ପାଇଁ ଠୋସ୍ ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ସେମାନେ ସୁରକ୍ଷିତ ଭାବେ ଅନୁପ୍ରବେଶକରି ଦେଶ ଓ ରାଜ୍ୟ ପାଇଁ ବିପଦ ସାଜୁଛନ୍ତି। ଏବେ ବାଂଲାଦେଶୀଙ୍କୁ ହଟାଇବା ପାଇଁ ପୁଣି ଥରେ ସରକାରୀ ସ୍ତରରେ ଉଦ୍ୟମ ଆରମ୍ଭ ହୋଇଛି। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ସଫଳ ହୋଇ ନ ପାରିଲେ ଯୋଜନାଟି କେବଳ ଯୋଜନାରେ ରହିଯିବ ବୋଲି ବିଶ୍ୱାସ।

-ବିଷ୍ଣୁପ୍ରସାଦ ମହାରଣା, ବାଲିଗୌଡ଼, ଢେଙ୍କାନାଳ

## ଚିରନ୍ତନୀ

କେତେ ଶତ ଜୀବନ୍ତ ଦେବତା
ବିଶ୍ୱ ପାଇଁ ପ୍ରକାଶିଛି ବ୍ୟଥା
ଏ ଶିଳା ବିଚିତ୍ର ହୋଇଛି ପବିତ୍ର
ଲାଗି ଯେଉଁ ପଦ-ରେଣୁ।
-(ପୁରୀ-ମନ୍ଦିର)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ବର୍ଷକରେ ଦିନଟିଏ ପ୍ରତ୍ୟକ୍ଷ ସ୍ନାନ କରନ୍ତି ଦାରୁଦିଅଁ



ଜ୍ୟେଷ୍ଠ ମାସ ପୂର୍ଣ୍ଣିମାକୁ ଦେବସ୍ନାନ ପୂର୍ଣ୍ଣିମା ଭାବେ ପାଳନ କରାଯାଇଥାଏ। ପରମ୍ପରା ଅନୁଯାୟୀ, ଚତୁର୍ଦ୍ଧାବିଗ୍ରହମାନେ ବର୍ଷରେ ଏହି ଗୋଟିଏ ଦିନ ପ୍ରତ୍ୟକ୍ଷ ସ୍ନାନ କରିଥାନ୍ତି। ତେଣୁ ଉକ୍ତ ଦିନକୁ ସ୍ନାନଯାତ୍ରା ବୋଲି କୁହାଯାଏ। ସ୍ନାନମଣ୍ଡପରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ପାରମ୍ପରିକ ରୀତିରେ ବେଦଧ୍ୱନି ପୂର୍ବକ ୧୦୮ କଳସୀ ଜଳରେ ସ୍ନାନ କରାଯାଏ। ଏହାପରେ ଦିଅଁମାନଙ୍କୁ ଗଜାନନ ବେଶରେ ସଜ୍ଜିତ କରାଯାଇଥାଏ। ସାଧାରଣତଃ ବର୍ଷରେ ଥରୁଟିଏ ଶ୍ରୀଜଗନ୍ନାଥ ଭଉଣୀଭାଇଙ୍କ ସହିତ ଜଳସ୍ନାନ କରନ୍ତି, ଅନ୍ୟ ସମୟରେ ତାଙ୍କୁ ମନ୍ତ୍ରସ୍ନାନ କରାଯାଏ ବା ବିମ୍ବ ସ୍ନାନ କରାଯାଇଥାଏ। ମହାପ୍ରଭୁଙ୍କ ଦ୍ୱାଦଶ ଯାତ୍ରା ମଧ୍ୟରୁ ସ୍ନାନଯାତ୍ରା ଅନ୍ୟତମ। ଏହାକୁ ଆଦ୍ୟ ଯାତ୍ରା ବୋଲି ମଧ୍ୟ କୁହାଯାଏ। ଏହି ଦିନକୁ ଶ୍ରୀବିଗ୍ରହମାନଙ୍କ ଜନ୍ମଦିନ ରୂପେ ମଧ୍ୟ ପାଳନ କରାଯାଇଥାଏ।



ସ୍ନାନମଣ୍ଡପ ଦାରୁଦିଅଁଙ୍କ ଆସ୍ଥାନରେ ପ୍ରଭା ଅଙ୍କନ କରାଯାଇଛି।(ଫଟୋ: ଯଜ୍ଞେଶ୍ୱର ମହାନ୍ତି)

## ସ୍ନାନଯାତ୍ରା ପହଣ୍ଡି ଟାହିଆ

ଦିଅଁ ନିଜ ଯାତ୍ରା ସମୟରେ ଅନେକ ଅଳଙ୍କାର ପରିଧାନ କରିଥାନ୍ତି। ଏଥିମଧ୍ୟରେ ଟାହିଆ ଅନ୍ୟତମ। ଶ୍ରୀବିଗ୍ରହମାନେ ସ୍ନାନଯାତ୍ରା, ରଥଯାତ୍ରା, ବାହୁଡ଼ାଯାତ୍ରା ସମେତ ଆଡ଼ପ ବିଜେ ଏବଂ ନୀଳାଦ୍ରି ବିଜେ ସମୟରେ ମସ୍ତକରେ ଟାହିଆ ପରିଧାନ କରିଥାନ୍ତି। ଟାହିଆ ମୁଖ୍ୟତଃ ସୋଲ, ବାଉଁଶକାଠି, ବିଭିନ୍ନ ପ୍ରକାର ଫୁଲରେ ନିର୍ମିତ ହୋଇଥାଏ। ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ, ରାଘବ ଦାଶ ମଠ ପକ୍ଷରୁ ଟାହିଆଗୁଡ଼ିକ ଶ୍ରୀମନ୍ଦିରକୁ ଯୋଗାଇ ଦିଆଯାଇଥାଏ। ଟାହିଆଗୁଡ଼ିକ ସ୍ୱତନ୍ତ୍ର ଶୈଳୀ ତଥା ମାପରେ ନିର୍ମିତ ହୋଇଥାଏ। ଟାହିଆ ଉପରି ଭାଗରେ ଦୂବ ଓ କିଆ ଲଗାଯାଇଥାଏ। ଟାହିଆ ଆକୃତି ପାନପତ୍ର ସଦୃଶ ହୋଇଥାଏ। ଉଚ୍ଚତା ପ୍ରାୟ ୬ ଫୁଟ ହୋଇଥିବାବେଳେ ବ୍ୟାସ ସାଢ଼େ ୮ ଫୁଟ। ପହଣ୍ଡି ପୂର୍ବରୁ ଶ୍ରୀବିଗ୍ରହମାନଙ୍କ ମଙ୍ଗଳାର୍ପଣ ନୀତି ସରିବା ପରେ ଶ୍ରୀମନ୍ଦିରକୁ ଟାହିଆ ବିଜେ ହୋଇଥାଏ। ସ୍ନାନଯାତ୍ରାରେ ଠାକୁରମାନେ ସ୍ନାନମଣ୍ଡପକୁ ଆସିବା ସମୟରେ ଓ ପହଣ୍ଡି ହୋଇ ଅଣସର ପିଣ୍ଡିକୁ ଯିବାବେଳେ ଟାହିଆ ପରିଧାନ କରିଥାନ୍ତି।

## ସ୍ନାନଯାତ୍ରାର ଅନ୍ୟ ନାମ ମଞ୍ଚସ୍ନାନ

ଦାରୁଦିଅଁଙ୍କ ସ୍ନାନଯାତ୍ରାକୁ ମଞ୍ଚସ୍ନାନ ବୋଲି ମଧ୍ୟ କୁହାଯାଏ। ମହାପ୍ରଭୁଙ୍କ ଆବିର୍ଭାବ ବେଳେ ପ୍ରଥମେ ଏହି ସ୍ନାନ ହୋଇଥିବାରୁ ଶ୍ରୀଦାରୁବ୍ରହ୍ମଙ୍କ ଆଦ୍ୟଲୀଳା ବୋଲି ସ୍ନାନଯାତ୍ରାକୁ ବିବେଚନା କରାଯାଏ। ମହାପ୍ରଭୁ ଦାରୁବ୍ରହ୍ମ ରୂପ ଧାରଣ କରିବା ପରେ ପ୍ରଥମ ମଙ୍ଗଳମୟ ମୁହୂର୍ତ୍ତରେ ରାଜା ଇନ୍ଦ୍ରଦ୍ୟୁମ୍ନ ଏହି ସ୍ନାନଲୀଳା କରାଇଥିଲେ। ସେତେବେଳେ ସ୍ନାନମଣ୍ଡପ ନ ଥିବାରୁ ଏକ କାଠମଞ୍ଚ ନିର୍ମାଣ କରାଯାଇ ତାହା ଉପରେ ସ୍ନାନବିଧି ସମାପନ ହୋଇଥିଲା ବୋଲି ସୂଚନା ମିଳେ। ସେଥିପାଇଁ ଅନେକ ଶାସ୍ତ୍ରରେ ଏହା ମଞ୍ଚସ୍ନାନ ବୋଲିଉଲ୍ଲେଖ ରହିଛି। ଶାସ୍ତ୍ରମତରେ ୧୦୮ ସୁନାକଳସରେ ଅଭିମନ୍ତ୍ରିତ ପବିତ୍ର ଜଳରେ ଦାରୁବ୍ରହ୍ମଙ୍କ ଆଦ୍ୟ ସ୍ଥାନଲୀଳା ସମାପନ ହୋଇଥିଲା।

## ସ୍ନାନମଣ୍ଡପ

ଶ୍ରୀମନ୍ଦିର ଈଶାନ୍ୟ କୋଣ ତଥା ଆନନ୍ଦ ବଜାର ପରିସରରେ ସ୍ନାନମଣ୍ଡପ ଅବସ୍ଥିତ। ଶ୍ରୀବିଗ୍ରହମାନେ ସ୍ନାନପୂର୍ଣ୍ଣିମାରେ ଉକ୍ତ ମଣ୍ଡପରେ ସ୍ନାନ କରୁଥିବାରୁ ଏହାକୁ ସ୍ନାନମଣ୍ଡପ କୁହାଯାଏ। ମଣ୍ଡପର ଲମ୍ବ ଓ ପ୍ରସ୍ଥ ସମାନ ଅର୍ଥାତ ୭୫ ଫୁଟ ଲେଖାଏ। ମଣ୍ଡପର ଉଚ୍ଚତା ଉତ୍ତରରେ ୬ ଫୁଟ୍ ୬ ଇଞ୍ଚ ଓ ଦକ୍ଷିଣରେ ୬ ଫୁଟ ୩ ଇଞ୍ଚ। ମଣ୍ଡପକୁ ଉଠିବା ନିମନ୍ତେ ପାହାଚ ଅଛି। ବଡ଼ଠାକୁର ଶ୍ରୀବଳଭଦ୍ରଙ୍କ ପିଣ୍ଡିର ବ୍ୟାସ ୩ ଫୁଟ ୫ ଇଞ୍ଚ ଓ ପରିଧି ୭ ଇଞ୍ଚ। ସେହିପରି ଶ୍ରୀଜଗନ୍ନାଥଙ୍କ ପିଣ୍ଡିର ବ୍ୟାସ ୩ ଫୁଟ ୩ ଇଞ୍ଚ ଓ ପରିଧି ୯ ଫୁଟ୍ ୩ ଇଞ୍ଚ। ଦେବୀ ସୁଭଦ୍ରାଙ୍କ ପିଣ୍ଡିର ବ୍ୟାସ ୨ ଫୁଟ୍ ଓ ପରିଧି ୬ ଫୁଟ୍ ୫ ଇଞ୍ଚ।

**ପ୍ରସ୍ତୁତି: ଅଜିତ୍ କୁମାର ମହାନ୍ତି, ପୁରୀ**

# ଶ୍ରୀମନ୍ଦିର ବେଢ଼ାରେ ଥରଟିଏ ହୋଇଥିଲା ସ୍ନାନଯାତ୍ରା

ମହାପ୍ରଭୁ ଶ୍ରୀଜଗନ୍ନାଥ। ଓଡ଼ିଆଙ୍କ ଆରାଧ୍ୟ ଦେବତା। ଅନନ୍ୟ ତାଙ୍କର ମାନବୀୟ ଲୀଳା। ଭାଇଭଉଣୀଙ୍କୁ ସାଥିରେ ଧରି ପ୍ରତିବର୍ଷ ବାହାରିଯାଆନ୍ତି ବଡ଼ଦାଣ୍ଡକୁ। ଆଉ ରଥରେ ଚଢ଼ି ଯାଆନ୍ତି ଗୁଣ୍ଡିଚା ମଣ୍ଡପ। ୯ ଦିନର ଯାତ୍ରା ସାରି ବାହୁଡ଼ନ୍ତି ଜନ୍ମବେଦିରୁ ରତ୍ନବେଦିକୁ। ଘୋଷଯାତ୍ରା ଭାବେ ବିଶ୍ୱବିଦିତ କାଳିଆ ସାଆନ୍ତଙ୍କ ଏହି ରଥଯାତ୍ରା। କିନ୍ତୁ ଇତିହାସ କୁହେ ଶ୍ରୀଜୀଉଙ୍କର ଏହି ଯାତ୍ରା ବନ୍ଦ ହୋଇଥିଲା ଅନେକ ବର୍ଷ। ପୁଣି ଦୀର୍ଘବର୍ଷ ବି ଶ୍ରୀକ୍ଷେତ୍ରରେ ନ ଥିଲେ ଦାରୁଦିଅଁ। କାରଣ ମହାପ୍ରଭୁଙ୍କ ଶ୍ରୀମନ୍ଦିର ଉପରେ ଅନେକ ଥର ହୋଇଛି ଆକ୍ରମଣ।

ଐତିହାସିକ ତଥ୍ୟ ଅନୁଯାୟୀ, ଶ୍ରୀକ୍ଷେତ୍ର ବାହାରେ ୮ଥର ହୋଇଥିଲା ରଥଯାତ୍ରା। ଆଉ ଥରଟିଏ ଏହି ଯାତ୍ରା ସମ୍ପାଦିତ ହୋଇଥିଲା ଶ୍ରୀମନ୍ଦିର ବେଢ଼ାରେ। ଯେଉଁ ବର୍ଷ ଏହି ଯାତ୍ରା ଶ୍ରୀମନ୍ଦିର ବେଢ଼ାରେ ଅନୁଷ୍ଠିତ ହୋଇଥିଲା, ସେହିବର୍ଷ ହିଁ ବେଢ଼ା ଭିତରେ ଦାରୁଦିଅଁଙ୍କର ହୋଇଥିଲା ସ୍ନାନଯାତ୍ରା। ତାହା ଥିଲା ୧୬୯୨ ମସିହା ଘଟଣା। ଏ ସମ୍ପର୍କରେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କୁହନ୍ତି, ଶ୍ରୀମନ୍ଦିର ଉପରେ ମୋଟ ୧୮ଥର ଆକ୍ରମଣ ହୋଇଥିବା ଇତିହାସରୁ ଜଣାପଡ଼େ। ମହାପ୍ରଭୁ ଶ୍ରୀକ୍ଷେତ୍ରରେ ୧୬୪ ବର୍ଷ ୪ମାସ ପାଖାପାଖି ନ ଥିଲେ। ଏଥିମଧ୍ୟରୁ ୯ ବର୍ଷ ହୋଇଥିଲା ରଥଯାତ୍ରା। ଅର୍ଥାତ୍ ୧୫୫ ବର୍ଷ ଧରି ଦାରୁଦିଅଁଙ୍କ ରଥଯାତ୍ରା



ବନ୍ଦ ରହିଥିଲା। ଆଉ ୯ବର୍ଷ ହୋଇଥିବା ରଥଯାତ୍ରା ମଧ୍ୟରୁ ୮ଥର ହୋଇଥିଲା ଶ୍ରୀକ୍ଷେତ୍ର ବାହାରେ। ଗଡ଼କୁଜଙ୍ଗରେ ୫ବର୍ଷ, ଗଡ଼ମାଣତ୍ରୀ, ଚିଲିକାର ମହିଷା-ବରହମପୁର କୁଦ ଏବଂ ଚିଲିକାର ଉତ୍ତର କୂଳରେ ଥିବା 'ନଈରୀ' ଗ୍ରାମରେ ବର୍ଷେ ଲେଖାଏଁ ହୋଇଥିଲା ରଥଯାତ୍ରା। ତେବେ ୧୬୯୨ ମସିହା ଏଇଥିପାଇଁ ଚର୍ଚ୍ଚିତ ଯେ, ସେହିବର୍ଷ ମନ୍ଦିର ବେଢ଼ାରେ ଦାରୁଦିଅଁଙ୍କ ସ୍ନାନ ସହ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା। ସେହିବର୍ଷ ଔରଙ୍ଗଜେବଙ୍କ ଆଦେଶ ଅନୁସାରେ ଏକ୍‌ରାମ ଖାଁ ଶ୍ରୀମନ୍ଦିର ଉପରେ ଆକ୍ରମଣ କରିଥିଲେ। ଅବଶ୍ୟ ପୂର୍ବରୁ ଆକ୍ରମଣ ଆଶଙ୍କା ଦେଖାଦେବାରୁ ମହାପ୍ରଭୁଙ୍କ ଶ୍ରୀବିଗ୍ରହଙ୍କୁ ପ୍ରଥମେ ଶ୍ରୀମନ୍ଦିର ବେଢ଼ାରେ ଥିବା ଦେବୀ ବିମଳାଙ୍କ ମନ୍ଦିର ପଛପଟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରୁ ପୁଣି ବ୍ରହ୍ମଗିରି ଗଡ଼କୋକଳର ମା' ଭଗବତୀଙ୍କ ମନ୍ଦିରକୁ ଭାର୍ଗବୀ ନଦୀ ପଥରେ ସ୍ଥାନାନ୍ତର ହୋଇଥିଲେ ଦାରୁଦିଅଁ। ତେବେ ଏକ୍‌ରାମ ଖାଁ ସିଂହଦ୍ୱାର କବାଟ ଭାଙ୍ଗି ଦେଉଳ ଭିତରକୁ ପଶିଥିଲେ। ତାଙ୍କ ସାନଭାଇ ମରମସ୍ତ ଖାଁ ଧାଇଁ ଯାଇ ଚଢ଼ିଯାଇଥିଲା ରତ୍ନ ସିଂହାସନକୁ। ରତ୍ନବେଦିରେ ସେ ଭେଟିଛି ଚନ୍ଦନ କାଠରେ ନିର୍ମିତ ବିଗ୍ରହଙ୍କୁ, ଯାହାଙ୍କର ଚକ୍ଷୁ ଦୁଇଟି ନିର୍ମିତ ଦୁର୍ମୂଲ୍ୟ ରତ୍ନରେ। ସେହି ବିଗ୍ରହଙ୍କୁ ଧରି ସେ କଟକ ଫେରିଯାଇଥିଲା। ଅନ୍ୟ ଆକ୍ରମଣକାରୀ ଶ୍ରୀମନ୍ଦିରରୁ ଅନେକ ଧନ ସମ୍ପତ୍ତି ଲୁଣ୍ଠନ କରି ନେଇଗଲେ। ମାଦଳା ପାଞ୍ଜି, ମୋଗଲ ଇତିହାସ ଓ ଚକଡ଼ା ପୋଥିର ବିବରଣୀକୁ ସମୀକ୍ଷା କରି ପ୍ରଖ୍ୟାତ ଐତିହାସିକ କେଦାରନାଥ ମହାପାତ୍ର ଉଲ୍ଲେଖ କରିଛନ୍ତି, ଏକ୍‌ରାମ ଖାଁଙ୍କ ଦ୍ୱାରା ଶ୍ରୀମନ୍ଦିର ଉପରେ ଆକ୍ରମଣ ହୋଇଥିଲା। ସେତେବେଳେ ରାଜା ଦିବ୍ୟସିଂହ ଦେବ ପ୍ରତିରୋଧ କରି ନ ଥିଲେ। ରାଜା ଯେତିକି ଭାଙ୍ଗିବାକୁ ଜବାବ ଦେଇଥିଲେ, ସେତିକି ନ ଭାଙ୍ଗି ସିଂହଦ୍ୱାରରେ ଥିବା ଏକ ରାକ୍ଷସ ମୂର୍ତ୍ତି ଓ ଗୁମୁଟ ଭାଙ୍ଗିଦେଲେ। ଚନ୍ଦନ କାଠରେ ତିଆରି ରତ୍ନଖଚିତ ନେତ୍ର ଥିବା ଏକ ବିଗ୍ରହକୁ ଏକ୍‌ରାମ ଖାଁଙ୍କୁ ଦେଇଥିଲେ। ସେ ଏହାକୁ ନେଇ ବାଦଶାହାଙ୍କ ବିଜାପୁର ମୁକାମକୁ ପଠାଇ ଦେଇଥିଲେ। (ଉଦ୍ଧୃତ- ଖୋର୍ଦ୍ଧା ଇତିହାସ)

ଗଜପତି ଦିବ୍ୟସିଂହ ଦେବଙ୍କ କୂଟନୀତିରେ ଏକ୍‌ରାମ ଖାଁ ନକଲି ତିନି ବିଗ୍ରହଙ୍କ ମୂର୍ତ୍ତି ଓ ୩୦ ହଜାର ଟଙ୍କା ନେଇ ଫେରିଗଲେ। ଏହା ପରେ ମହାପ୍ରଭୁଙ୍କୁ ଗୁପ୍ତରେ ଗଡ଼କୋକଳରୁ ଅଣାଯାଇଥିଲା। ସେତେବେଳକୁ ସେଠାରେ ଦିଅଁଙ୍କ ଚନ୍ଦନଯାତ୍ରା ଅନୁଷ୍ଠିତ ହୋଇସାରିଥିଲା। ଦାରୁଦିଅଁଙ୍କୁ ମନ୍ଦିରକୁ ଅଣାଯିବା ପରେ ଚାରିଦ୍ୱାର ବନ୍ଦ କରାଯାଇ ଉପାସନା କରାଯାଇଥିଲା। ଦକ୍ଷିଣ ଦ୍ୱାରର ଚୋରା କବାଟବାଟେ କେବଳ ପାଳିଆ ସେବକ ଯିବାଆସିବା କରୁଥିଲେ, ତାହା ପୁଣି ଗୁପ୍ତରେ। ସେତେବେଳେ ଏକାଦଶୀରେ ମହାଦୀପ ଉଠି ନଥିଲା। ରୁକ୍ମିଣୀ ହରଣ ନୀତି ମଧ୍ୟ ହୋଇ ନ ଥିଲା। ମାଦଳା ପାଞ୍ଜି ଅନୁସାରେ ଜ୍ୟେଷ୍ଠ ପୂର୍ଣ୍ଣିମା(ଦେବସ୍ନାନ ପୂର୍ଣ୍ଣିମା)ରେ ଶ୍ରୀଜଗନ୍ନାଥ, ବଳଭଦ୍ର, ଦେବୀ ସୁଭଦ୍ରା, ସୁଦର୍ଶନ ଶ୍ରୀମନ୍ଦିର ଆନନ୍ଦ ବଜାର ମଧ୍ୟରେ ଥିବା ସ୍ନାନମଣ୍ଡପକୁ ଯିବା ପରେ ଦେବସ୍ନାନ ଯାତ୍ରା ଅନୁଷ୍ଠିତ ହୋଇଥାଏ। କିନ୍ତୁ ସେବର୍ଷ ତାହା ହୋଇ ନ ଥିଲା। ରତ୍ନ ସିଂହାସନ ସାମ୍ନା ଗୁମୁଟର ଉତ୍ତର ପାର୍ଶ୍ୱରେ ଥିବା କାଠ ସିଂହାସନ ଉପରେ ଯେଉଁଠି ଶ୍ରୀଜୀଉଙ୍କର ନବଯୌବନ ବେଶ ହୋଇଥାଏ, ସେହି ସିଂହାସନ ଉପରେ ଦାରୁଦିଅଁଙ୍କ ସ୍ନାନଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହିଭଳି ଭାବେ ସେହିବର୍ଷ (୧୬୯୨) ମନ୍ଦିର ବେଢ଼ାରେ ହୋଇଥିଲା ସ୍ନାନଯାତ୍ରା, ପୁଣି ବିନା ଭକ୍ତରେ।

**-ବୀରଭଦ୍ର ବିଶ୍ୱାଳ**

**ରାଜ୍ୟ ଖବର**

# କୀଚକେଶ୍ୱରୀଙ୍କ ଦର୍ଶନକଲେ ମୁଖ୍ୟମନ୍ତ୍ରୀ



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସପତ୍ନୀକ ମା' କୀଚକେଶ୍ୱରୀଙ୍କ ଦର୍ଶନ ସାରି ଫେରୁଛନ୍ତି।

**ବାରିପଦା (ନୀଳାଦ୍ରି ବିହାରୀ ଦଣ୍ଡପାଟ)/ କେନ୍ଦୁଝର (ନରେଶ ଚନ୍ଦ୍ର ପଟ୍ଟନାୟକ), ୧୦।୬**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ସକାଳେ ମୟୂରଭଞ୍ଜ ଜିଲା ଖିଚିଂସ୍ଥିତ ମା' କୀଚକେଶ୍ୱରୀ ମନ୍ଦିର ପରିଦର୍ଶନ କରି ଫେରିଛନ୍ତି। ଧର୍ମପତ୍ନୀ ପ୍ରିୟଙ୍କା ମାରାଣ୍ଡିଙ୍କ ସହ ସେ ମନ୍ଦିରରେ ପ୍ରାୟ ଦେଢ଼ ଘଣ୍ଟା ଧରି ମା'ଙ୍କୁ ପୂଜାର୍ଚ୍ଚନା କରିବା ସହ ରାଜ୍ୟବାସୀଙ୍କ ମଙ୍ଗଳ କାମନା କରିଥିଲେ। ସୁରକ୍ଷା ଦୃଷ୍ଟିରୁ ମନ୍ଦିର ପରିସରରେ ପୋଲିସ ମୁତୟନ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ସମୟରେ ମୟୂରଭଞ୍ଜ ଜିଲାପାଳ ହେମକାନ୍ତ ସୟ ଏବଂ ଏସ୍‌ପି ବରୁଣ ଗୁଣ୍ଟୁପାଲି ଉପସ୍ଥିତ ଥିଲେ।

# ଗୁରୁତ୍ୱପୂର୍ଣ୍ଣ ଯାତ୍ରାର ଶେଷ ପର୍ଯ୍ୟାୟରେ ପହଞ୍ଚିଛୁ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୦।୬(ସୁନିତ୍ ମିଶ୍ର)**

ରାଜ୍ୟ ସରକାରଙ୍କ ବର୍ଷପୂର୍ତ୍ତି ଉପଲକ୍ଷେ 'ସୁଶାସନ ଏବଂ ବିକଶିତ ଓଡ଼ିଶା-୨୦୩୬ ଓ ୨୦୪୭' ସମ୍ପର୍କିତ ଏକ ଜାତୀୟସ୍ତରୀୟ ଆଲୋଚନାଚକ୍ର ମଙ୍ଗଳବାର ଲୋକସେବା ଭବନ କନ୍‌ଭେନ୍‌ସନ ସେଣ୍ଟରଠାରେ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ କହିଛନ୍ତି, ଏକ ଗୁରୁତ୍ୱପୂର୍ଣ୍ଣ ଯାତ୍ରାର ଶେଷ ପର୍ଯ୍ୟାୟରେ ବର୍ତ୍ତମାନ ପହଞ୍ଚିଛୁ। 'ବିକଶିତ ଓଡ଼ିଶା ୨୦୩୬ ଏବଂ ୨୦୪୭' ପାଇଁ ରାଜ୍ୟବ୍ୟାପୀ ଆଲୋଚନା ପର୍ଯ୍ୟାଲୋଚନା ଚୂଡ଼ାନ୍ତ ସ୍ତରରେ ପହଞ୍ଚିଛି। ଏହି ଭିଜନ ଡକ୍ୟୁମେଣ୍ଟ ସାଢ଼େ ୪ କୋଟି ଓଡ଼ିଆଙ୍କ ସ୍ୱପ୍ନର ଏକ ରୋଡ୍‌ମ୍ୟାପ୍। ଏହା ଭବିଷ୍ୟତ ପିଢ଼ି ପାଇଁ ଏକ ପ୍ରତିଶ୍ରୁତି।

ମୁଖ୍ୟମନ୍ତ୍ରୀ ପୁଣି କହିଛନ୍ତି, ରାଜ୍ୟର ସାଢ଼େ ୪ କୋଟି ଜନତାଙ୍କ ଆଶା ଆକାଂକ୍ଷାକୁ ସାକାର କରିବା ପାଇଁ ଆମ ସରକାର ନିରନ୍ତର ଭାବେ ପ୍ରଥମ ଦିନରୁ କାର୍ଯ୍ୟ କରିଚାଲିଛନ୍ତି। ଭିଜନ ୨୦୩୬ ଏବଂ ୨୦୪୭ ଡକ୍ୟୁମେଣ୍ଟ ହେଉଛି ଏକ ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନ ପାଇଁ ଆମର ସଂକଳ୍ପ। ସମୃଦ୍ଧ ଓଡ଼ିଶାର ବୃହତ୍ତର ଲକ୍ଷ୍ୟ ହେଉଛି, ରାଜ୍ୟକୁ ବର୍ତ୍ତମାନର 'ବିକାଶଶୀଳ ରାଜ୍ୟ'ରୁ 'ବିକଶିତ ରାଜ୍ୟ'ରେ ପରିଣତ କରିବା। ଏହି ଲକ୍ଷ୍ୟର ପ୍ରଥମ ମାପଦଣ୍ଡ ହେବ ୨୦୩୬ ସୁଦ୍ଧା ଓଡ଼ିଶାକୁ ୫୦୦ ନିୟୁତ ଆମେରିକୀୟ ଡଲାର ଅର୍ଥନୀତିରେ ପରିଣତ କରିବା ଏବଂ ଓଡ଼ିଶାକୁ ଦେଶର ଶ୍ରେଷ୍ଠ ୫ଟି ରାଜ୍ୟ ମଧ୍ୟରେ ସ୍ଥାନ ଦେବା। ଏକ 'କୃଷିଭିତ୍ତିକ ଅର୍ଥନୀତି'ରୁ ଓଡ଼ିଶାକୁ 'ମିଶ୍ରିତ ଅର୍ଥନୀତି' ଆଡ଼କୁ ନେବା, କୃଷି ଉତ୍ପାଦନରେ କୌଣସି ପ୍ରକାର ପ୍ରଭାବ ନ ପକାଇ ଏହା ହାସଲ କରିବା, ଶିକ୍ଷିତ ଯୁବବର୍ଗଙ୍କୁ କୃଷିକ୍ଷେତ୍ରରୁ ଶିଳ୍ପ ଏବଂ ସେବାକ୍ଷେତ୍ରକୁ ଆଣି ନିୟୋଜିତ କରିବା ପାଇଁ ହେଲେ ସେମାନଙ୍କ ସକାଶେ ଉପଯୁକ୍ତ ସୁଯୋଗ ସୃଷ୍ଟି କରିବାକୁ ପ୍ରଚେଷ୍ଟା କରିବା। ଭିତ୍ତିଭୂମି ନିର୍ମାଣ ରୋଜଗାର ସୃଷ୍ଟି କରିଥାଏ। ତେଣୁ ଆମ ସରକାର ଚଳିତ ବଜେଟରେ ଏକ୍ଷେତ୍ରରେ ୬୫ ହଜାର କୋଟି ଟଙ୍କାର ବ୍ୟବସ୍ଥା କରିଛନ୍ତି, ଯାହା ରାଜ୍ୟ ମୋଟ୍ ଘରୋଇ ଉତ୍ପାଦ(ଜିଡିପି) ର ୬.୧% ହେବ। ମହିଳାମାନେ ପୂରା ଜନସଂଖ୍ୟାର ଅଧା ହୋଇଥିବାରୁ ସରକାର ସେମାନଙ୍କୁ କେବଳ ବିଭିନ୍ନ ଯୋଜନାର 'ହିତାଧିକାରୀ' ଭାବେ ବିଚାର ନ କରି ସେମାନଙ୍କୁ ରାଜ୍ୟର ଅର୍ଥନୈତିକ କ୍ଷେତ୍ରରେ ଅଧିକ ସକ୍ରିୟ ଭାବେ ଅଂଶଗ୍ରହଣ କରିବା ପାଇଁ ପ୍ରେରିତ କରୁଛନ୍ତି। ଆଲୋଚନାଚକ୍ରର ପ୍ରାରମ୍ଭିକ ଅଧିବେଶନରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଶକ୍ତି ଉତ୍ପାଦନ, କୃଷିରେ ମୂଲ୍ୟଯୁକ୍ତ ଉତ୍ପାଦ ସହ ଉତ୍ପାଦିତ ସାମଗ୍ରୀର ପରିବହନର ସୁବିଧା, ଯୁବତୀ ଯୁବକମାନଙ୍କ ଦକ୍ଷତା ବିକାଶକରି ରାଜ୍ୟରେ ଶିଳ୍ପଭିତ୍ତିକ ନିଯୁକ୍ତି ଆଦି ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବାରେ ସହାୟକ ହେବ ବୋଲି କହିଛନ୍ତି। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଭିଜନ ଡକ୍ୟୁମେଣ୍ଟ-୨୦୩୬ରେ ରହିଥିବା ଓଡ଼ିଶାର ଦୃଷ୍ଟିକୋଣ ବିକଶିତ ଭାରତ-୨୦୪୭ ଲକ୍ଷ୍ୟ ସାଧନରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରୁଥିବା ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଛନ୍ତି।

# ୩୦ ବର୍ଷ ହେଲେ ଯାଉଛି ଯୁବକଙ୍କ ଜୀବନ

**କାଳିମେଳା, ୧୦।୬ (ଜୀବନ କୃଷ୍ଣ ଦାସ)**

**କାଳିମେଳା ବ୍ଲକ୍ ଦୟାଲତଙ୍ଗ ଗାଁ**

ମାଲକାନଗିରି ଜିଲା କାଳିମେଳା ବ୍ଲକ୍ ତେଲରାଇ ପଞ୍ଚାୟତ ଆନ୍ଧ୍ର ସୀମାନ୍ତରେ ଦୟାଲତଙ୍ଗ ଗାଁ। ଏହି ଗାଁର ଯୁବକମାନଙ୍କୁ ୩୦ ବର୍ଷ ବୟସ ହେଲା ମାତ୍ରେ କୌଣସି କାରଣରୁ ଅଚାନକ ମୃତ୍ୟୁ ହେଉଛି। ମୃତ୍ୟୁର କାରଣ ଅଜଣା ରୋଗ ନା ଅନ୍ୟ କିଛି ହୋଇଥାଇପାରେ ସେ ନେଇ କାଳିମେଳା ସ୍ୱାସ୍ଥ୍ୟ ବିଭାଗର ଏକ ଟିମ୍ ଗତ ୭ ତାରିଖରେ ଗାଁକୁ ଯାଇ ଘଟଣାର ଅନୁଧ୍ୟାନ କରିଛନ୍ତି। ସୂଚନା ଅନୁଯାୟୀ, ଉକ୍ତ ଗ୍ରାମରେ ୧୧ଟି ଘର ରହିଥିବା ବେଳେ ମୋଟ ଜନସଂଖ୍ୟା ୪୨। ମହିଳାଙ୍କ ସଂଖ୍ୟା ୨୭ ଥିବା ବେଳେ ପୁରୁଷଙ୍କ ସଂଖ୍ୟା ୧୫। ଗାଁରେ ବୟସ୍କ ପୁରୁଷ କେହି ନ ଥିବା ବେଳେ ୧୨ ଜଣ ବିଧବା ରହିଛନ୍ତି। ଗ୍ରାମରେ ସମସ୍ତେ ଅଶିକ୍ଷିତ ହୋଇଥିବାରୁ ଯୁବକମାନଙ୍କ ହେଉଥିବା ରୋଗର କାରଣ ଓ ନିରାକରଣ ଜାଣିବା ପୂର୍ବରୁ ସେମାନଙ୍କ ଜୀବନ ଚାଲି ଯାଉଥିବା ଜଣାପଡ଼ିଛି। ଜଣେ କି ୨ଜଣ ନୁହେଁ ଗ୍ରାମର ସମସ୍ତ ପରିବାରର ଯୁବକମାନଙ୍କ ୩୦ବର୍ଷ ବୟସରେ ମୃତ୍ୟୁ ଘଟଣା ସମସ୍ତଙ୍କୁ ଚକିତ କରିଛି। ମହିଳାଙ୍କ ମଧ୍ୟରୁ ବାରି ଉଲାମା, ବାଦାରି ଚିଲକାରୁ, ବାଦାରି କଟଲାମା, ଏଲକା ଗୁଲାମା, ବାଦାରି ଶିଶାକ୍ଷା, ବାଦାରି କାନାଙ୍କା, ବାରି ଡୁନାଙ୍କା ଓ ଏଲକା ଗୁନାମ୍ମା ପ୍ରମୁଖ ସ୍ୱାମୀଙ୍କର ୩୦ ବର୍ଷ ବୟସରେ ମୃତ୍ୟୁ ଘଟିଛି। ଏହାର କାରଣ ସମ୍ପର୍କରେ କେହି କିଛି ଜାଣି ନ ଥିବା ବେଳେ ଅଜଣା ରୋଗରେ ପୀଡ଼ିତ ହୋଇ ସମସ୍ତଙ୍କ ମୃତ୍ୟୁ ହୋଇଥିବା କହିଛନ୍ତି। ବିଧବାଙ୍କ ପୁଅ, ଝିଅ ରହିଥିବା ବେଳେ ନିଜେ କାମକରି ପିଲାଙ୍କ ଭରଣପୋଷଣ କରୁଛନ୍ତି। ନିକଟରେ ଗାଁର ୬ ଯୁବକ ବିବାହ କରିଛନ୍ତି। ଏମାନଙ୍କ ବୟସ ୨୦ରୁ ୨୫ ବର୍ଷ ମଧ୍ୟରେ ହେବ। ଏହି ଯୁବକଙ୍କ ପରିବାର ଭୟ ଓ ଆତଙ୍କ ଭିତରେ ରହିଛନ୍ତି।



ଗ୍ରାମରେ ଡାକ୍ତରୀ ଟିମ୍ ସ୍ଥିତି ଅନୁଧ୍ୟାନ ଏବଂ ଲୋକଙ୍କ ସହ ଆଲୋଚନା କରୁଛି।

ପୂର୍ବରୁ ଗାଁରେ କେହି ବି ପୁରୁଷ ୫୦ ବର୍ଷ ପର୍ଯ୍ୟନ୍ତ ବଞ୍ଚିନାହାନ୍ତି। ଆନ୍ଧ୍ର ସୀମାନ୍ତରେ ଥିବା ଏହି ଗାଁର ସମସ୍ତ ପରିବାର ତେଲୁଗୁ ଭାଷାରେ କଥାବାର୍ତ୍ତା କରୁଛନ୍ତି। ଚାଷ କାର୍ଯ୍ୟ ଏମାନଙ୍କ ଜୀବିକା। ମାଓବାଦୀ ପ୍ରଭାବିତ ଏହି ଗାଁରେ ବିକାଶର ଚିହ୍ନବର୍ଣ୍ଣ ନାହିଁ। ଗାଁର ଯୁବତୀ ସୁମତି ଓରଫ ସୀତାମ୍ମା ମାଓବାଦୀ ସଂଗଠନ ସହ ଜଡ଼ିତ ହୋଇଥିଲେ। ଏବେ ସ୍ଥିତି ବଦଳିବା ସହ ମାଓବାଦୀମୁକ୍ତ ହୋଇଛି ଗାଁ। କିନ୍ତୁ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ବିଦ୍ୟୁତ୍ ଆଦି କୌଣସି ସୁବିଧା ନାହିଁ। କାଳିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆୟୁଷ ଡାକ୍ତର ସାଗରିକା ବେହେରାଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଦଳ ଗାଁକୁ ଯାଇ ସେଠାରେ ପ୍ରଥମେ ଲୋକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷାକରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ତେବେ ଦେହ ଖରାପ ହେଲେ ସେମାନେ ଆଜି ବି ଗୁଣି ଗାରେଡ଼ି ଉପରେ ବିଶ୍ୱାସ କରୁଛନ୍ତି।

# ବୋଲେରୋ ଧକ୍କାରେ ବାପଝିଅଙ୍କ ସମେତ ୩ ମୃତ

**ସୀମାଞ୍ଚଳ ଦର୍ଶନ ଅଧୁରା ରହିଲା**

**ବ୍ରହ୍ମପୁର/ଚିକିଟି, ୧୦।୬(ସୁବାସ ଚନ୍ଦ୍ର ପାଢ଼ୀ/ପ୍ରକାଶ ଚନ୍ଦ୍ର ସାହୁ)**

ଆନ୍ଧ୍ରପ୍ରଦେଶର ସୀମାଞ୍ଚଳ ପୀଠକୁ ମାନସିକ ପୂରଣ ପାଇଁ ଯାଉଥିଲେ। ହେଲେ ତାହା ଅଧୁରା ରହିଗଲା। ସଡ଼କ ଦୁର୍ଘଟଣାରେ ବାପଝିଅଙ୍କ ସମେତ ୩ ଜଣଙ୍କ ଜୀବନ ଚାଲିଗଲା। ମଙ୍ଗଳବାର ଭୋର୍‌ରେ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ ଜିଲା କୋଟାବୋମାଲି ମଣ୍ଡଳ ଯେଥୁରାଲାପା ନିକଟ ୧୬ ନଂ. ଜାତୀୟ ରାଜପଥରେ ଏହି ଦୁର୍ଘଟଣା ଘଟିଛି। ଏଥିରେ ଗଞ୍ଜାମ ଜିଲା ଚିକିଟି ବ୍ଲକ ଓ କେ.ନୂଆଗାଁ ଥାନା ଅନ୍ତର୍ଗତ ପୁରୁଣା ମୈସାନପୁର ଗ୍ରାମର ସୁଶାନ୍ତ କୁମାର ସାବତ (୫୨), ତାଙ୍କ ଝିଅ ସନ୍ତୋଷୀ ସାବତ (୩) ଏବଂ ସମ୍ପର୍କୀୟ କୋଳଥିଗାଁ ଗ୍ରାମର ମୂଳବାସିନ୍ଦା ତଥା ବ୍ରହ୍ମପୁର ଗେଟବଜାରର ଗୋକୁଳ ପଣ୍ଡା (୩୩)ଙ୍କ ମୃତ୍ୟୁ ଘଟିଛି।



# ୧୬ରୁ ଜାତୀୟ ଲୋକମେଳା, କୃଷିମେଳା

ପୁରୀ,୧୦।୬(ଅଜିତ କୁମାର ମହାନ୍ତି)

୨୩ତମ ଲୋକମେଳା ଓ ୧୬ତମ କୃଷିମେଳା ଜୁନ ୧୬ରୁ ୨୦ ପର୍ଯ୍ୟନ୍ତ ପୁରୀ ବେଳାଭୂମିରେ ଅନୁଷ୍ଠିତ ହେବ। ଏଥିପାଇଁ ମଙ୍ଗଳବାର ପୁରୀ ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ ଅଧ୍ୟକ୍ଷତା କରିଥିଲେ। ମେଳାରେ ୨୦ଟି ରାଜ୍ୟରୁ ପ୍ରାୟ ୪୦୦ କଳାକାର ଯୋଗଦେବେ ବୋଲି ମେଳାର ସାଧାରଣ ସମ୍ପାଦକ ରାଜେଶ କୁମାର ମହାନ୍ତି ସୂଚନା ଦେଇଛନ୍ତି। ସେହିପରି ଜାତୀୟ ୧୬ତମ କୃଷିମେଳାରେ ଭାରତ ସରକାରଙ୍କ କୃଷି, ମତ୍ସ୍ୟ ଓ ପଶୁସମ୍ପଦ ମନ୍ତ୍ରଣାଳୟର ସମସ୍ତ ବିଭାଗ, ଓଡ଼ିଶା ସରକାରଙ୍କ କୃଷି, ମତ୍ସ୍ୟ ଓ ପଶୁସମ୍ପଦ ବିଭାଗ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ପ୍ରଭୃତି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଉଦ୍‌ଘାଟନୀ ଉତ୍ସବରେ ଯୋଗଦେବା ପାଇଁ ଉପମୁଖ୍ୟମନ୍ତ୍ରୀ, ବିଭିନ୍ନ ବିଭାଗର ମନ୍ତ୍ରୀ, କୃଷି ବିଭାଗ ପ୍ରମୁଖ ଶାସନ ସଚିବ, ଜିଲାପାଳ, ଆରକ୍ଷୀ ଅଧୀକ୍ଷକ ପ୍ରମୁଖଙ୍କୁ ନିମନ୍ତ୍ରଣ କରାଯାଇଛି। ସେହିପରି ଉଦଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଯୋଗଦେବାକୁ ରାଜ୍ୟପାଳଙ୍କୁ ନିମନ୍ତ୍ରଣ କରାଯାଇଛି। ଏହି ମେଳାକୁ ସଫଳ କରିବା ପାଇଁ ସମସ୍ତ ବିଭାଗ ସହଯୋଗ କରିବାକୁ ଅତିରିକ୍ତ ଜିଲାପାଳ ପରାମର୍ଶ ଦେଇଥିଲେ। ବୈଠକରେ ଜିଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରଦୀପ୍ତ କୁମାର ସେନାପତି, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଜିଲା ମୁଖ୍ୟ କୃଷି ଅଧିକାରୀ, ଅଗ୍ନିକ ଅଧିକାରୀ, ଶ୍ରୀ ଶ୍ରୀକ୍ଷେତ୍ର ସୂଚନାର ସାଂସ୍କୃତିକ ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି, କୋଷାଧ୍ୟକ୍ଷ ନାରାୟଣ ପାତ୍ର, ସଂଗଠନ ସମ୍ପାଦକ ସତ୍ୟବ୍ରତ ଦାସ, ସଂଯୋଜକ ହେକ୍ଟର ମିଶ୍ର, ବିଶ୍ୱନାଥ ମିଶ୍ର, ଶିବସୁନ୍ଦର ମିଶ୍ର, ବିଦ୍ରୋହ କେଶରୀ ସିଂହ, ରିତେଶ କୁମାର ମହାନ୍ତି, ଦିବ୍ୟ ପ୍ରକାଶ ସୁବୁଦ୍ଧି, ପୁଷ୍କର ସାହୁ , ପ୍ରଶାନ୍ତ ସାହୁ, ପୂର୍ଣ୍ଣଚନ୍ଦ୍ର ଓଝା ପ୍ରମୁଖ ଉପସ୍ଥିତ ଥିଲେ।



ପ୍ରସ୍ତୁତି ବୈଠକରେ ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ ଓ ଅନ୍ୟ ଅଧିକାରୀମାନେ ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୦।୬।୨୦୨୫

| | |
|---|---|
| ୩,୯୪,୪୩୫ ଟଙ୍କା | |
| ସୁନା | ୧.୬୦୦ ଗ୍ରାମ୍ |
| ରୁପା | ୪ ଗ୍ରାମ୍ |

## ସଂକ୍ଷେପରେ

### ମହାପ୍ରଭୁଙ୍କ ସେନାପଟାଲାଗି ନୀତି ସମ୍ପନ୍ନ

ପୁରୀ,୧୦।୬(ଅଜିତ୍ କୁମାର ମହାନ୍ତି)

ପବିତ୍ର ସ୍ନାନପୂର୍ଣ୍ଣିମାରେ ବୁଧବାର ଦାରୁଦିଅଁ ୧୦୮ ଗରା ସୁବାସିତ ଜଳରେ ସ୍ନାନବେଦିରେ ସ୍ନାନ କରିବା ସହ ଭକ୍ତଙ୍କୁ ଦୁର୍ଲଭ ହାତୀବେଶରେ ଦର୍ଶନ ଦେବେ। ଏହାପୂର୍ବରୁ ମଙ୍ଗଳବାର ସେନାପଟାଲାଗି ନୀତି ସମ୍ପାଦିତ ହୋଇଛି। ପୂର୍ବାହ୍ନ ୯ଟାରେ କୋଠସୁଆଁସିଆମାନେ ମହାପ୍ରଭୁଙ୍କ ଚାରମାଳ ବନ୍ଧା କାର୍ଯ୍ୟ ସାରିବା ପରେ ୯ଟା ୧୫ରେ ଦଇତାପତିମାନେ ସେନାପଟା ଲାଗି କରିବାକୁ ଶ୍ରୀମନ୍ଦିର ଗର୍ଭଗୃହକୁ ପ୍ରବେଶ କରିଥିଲେ। ଅପରାହ୍ନ ୩ଟା ୪୫ରେ ସେନାପଟା ଲାଗି ଶେଷ କରି ସେମାନେ ଶ୍ରୀମନ୍ଦିରରୁ ବାହାରିଥିଲେ। ଏଥିନିମନ୍ତେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ବନ୍ଦ ରହିଥିଲା। ସେନାପଟା ଲାଗି ପରେ ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହୋଇଥିଲା। ଅନ୍ୟପକ୍ଷରେ ଦୁର୍ଲଭ ହାତୀବେଶ ପାଇଁ ବେଶ ନିର୍ମାଣ ସରିଥିବାବେଳେ ପତିଦିଅଁଙ୍କ ପ୍ରସ୍ତୁତି କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

### ସ୍ଥିତି ସମୀକ୍ଷା କଲେ କେନ୍ଦ୍ରାଞ୍ଚଳ ଆଇଜି

ପୁରୀ,୧୦।୬(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ସ୍ନାନଯାତ୍ରା ସହ ହାତୀବେଶ ଦର୍ଶନ ନିମନ୍ତେ ବୁଧବାର ଶ୍ରୀକ୍ଷେତ୍ରରେ ଭକ୍ତଙ୍କ ପ୍ରବଳ ସମାଗମ ହେବ। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ସହ ଟ୍ରାଫିକ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଛି। ଚଳିତ ବର୍ଷ ୭୦ ପ୍ଲାଟୁନ ପୋଲିସ ଫୋର୍ସ ସହ ୪୫୦ରୁ ଅଧିକ ପୋଲିସ ଅଧିକାରୀଙ୍କୁ ନିଯୁକ୍ତି କରାଯାଇଛି। ମଙ୍ଗଳବାର କେନ୍ଦ୍ରାଞ୍ଚଳ ଆଇଜି ଏସ୍ ପ୍ରଭିନ କୁମାର ଏବଂ ଏସ୍‌ପି ବିନିତ୍ ଅଗ୍ରୱାଲ ଶ୍ରୀମନ୍ଦିର ଭିତରେ ଓ ବାହାରେ ହୋଇଥିବା ବ୍ୟବସ୍ଥା ସମୀକ୍ଷା କରିଥିଲେ। ସେହିଭଳି ପୋଲିସ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପୋଲିସ ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ଥିବା କହିଛନ୍ତି। ମଙ୍ଗଳବାର ଦିନ ୨ଟାରୁ ପୋଲିସ ଡ୍ୟୁଟି ଆରମ୍ଭ ହୋଇଛି। ଦୁଇଟି ସିଫ୍ଟରେ ପୋଲିସ ତାର କାର୍ଯ୍ୟ କରିବ। ଭିଡ଼କୁ ଦେଖି ଟ୍ରାଫିକ ବ୍ୟବସ୍ଥା କରାଯିବ ବୋଲି କେନ୍ଦ୍ରାଞ୍ଚଳ ଆଇଜି କହିଛନ୍ତି।

### ଅବସରପ୍ରାପ୍ତ ଶିକ୍ଷକ ସମ୍ମିଳନୀ ଉଦ୍‌ଯାପିତ

ପୁରୀ,୧୦।୬(ଅଜିତ୍ କୁମାର ମହାନ୍ତି)

ସ୍ଥାନୀୟ ୟୁଥ ହଷ୍ଟେଲ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଦୁଇଦିନିଆ ଅବସରପ୍ରାପ୍ତ ଶିକ୍ଷକ ସମ୍ମିଳନୀ ମଙ୍ଗଳବାର ଉଦଯାପିତ ହୋଇଯାଇଛି। ଅବସରପ୍ରାପ୍ତ ଶିକ୍ଷକ ସଂଘ ସଭାପତି ଅଧ୍ୟାପକ ଅଜୟ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ସମ୍ପାଦକ ବିବେକାନନ୍ଦ ଦାଶ ସଙ୍ଗଠନ ସମ୍ପର୍କରେ ସୂଚନା ଦେଇଥିଲେ। ଶିକ୍ଷକ ନେତା ସୁବାରାଓ, ବିଶ୍ୱ ଶିକ୍ଷକ ସଂଗଠନ ସଭାପତି ଅମୀୟ ମହାନ୍ତି, ଶିକ୍ଷକ ମହାସଂଘ ସମ୍ପାଦକ ଡ. ଦୁଷ୍ମନ୍ତ ନାୟକ, ବିଶ୍ୱବିଦ୍ୟାଳୟ ସଂଘ ଉପସଭାପତି ଅଧ୍ୟାପକ ମାନସ ବେହେରା, ବେସରକାରୀ କଲେଜ ଶିକ୍ଷକ ସଂଗଠନ ସମ୍ପାଦକ ଉମାକାନ୍ତ ନାୟକ, ପ୍ରାଥମିକ ଶିକ୍ଷକ ନେତା ରାମନାରାୟଣ ମିଶ୍ର, ଡ. ଦିଲୀପ ମିଶ୍ର, କାର୍ଯ୍ୟକାରୀ ସଭାପତି ଧନଞ୍ଜୟ ରାଉତରାୟ ପ୍ରମୁଖ ଯୋଗ ଦେଇଥିଲେ। ଏଣ୍ଡାଓମେଣ୍ଟ କମିଶନର ଲଲାଟେନ୍ଦୁ ଜେନା ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। କେନ୍ଦ୍ରୀୟ ଶିକ୍ଷାନୀତିରେ ତ୍ରୁଟି ଓ ସମାଧାନ ସମ୍ପର୍କରେ ଆଲୋଚନା କରି ଭିତ୍ତିଭୂମି ବିକାଶ, ଖାଲିପଡ଼ିଥିବା ପଦବୀ ପୂରଣ ଏବଂ ବଜେଟରେ ୪୦ ପ୍ରତିଶତ ବ୍ୟୟବରାଦ ପାଇଁ ସରକାରଙ୍କୁ ପ୍ରସ୍ତାବ ଦିଆଯିବା ନେଇ ମତ ପ୍ରକାଶ ପାଇଥିଲା। ଏହି ଅବସରରେ ଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ମିଳନୀକୁ ବିଶ୍ୱନାଥ ବେହେରା, ଦିଲୀପ ମିଶ୍ର, ରାମନାରାୟଣ ମିଶ୍ର ଏବଂ କମଳ ଲୋଚନ ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ।

# ମଣିନାଗେଶ୍ୱରୀ ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରଥମ

ପୁରୀ,୧୦।୬(ଅଜିତ କୁମାର ମହାନ୍ତି)

**ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା**

ମୋଚିସାହି କଲ୍ୟାଣ ମଣ୍ଡପରେ ମଙ୍ଗଳବାର ପୁରୀ ପୌରାଞ୍ଚଳ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀ ପୌରାଞ୍ଚଳର ୧୬ଟି ସ୍ୱୟଂସହାୟକ ଗୋଷ୍ଠୀ ଅଂଶଗ୍ରହଣ କରିଥିଲେ। ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ପୁରୀ ସଦର ବିଡିଓ ସମ୍ମିତ ଶତପଥୀ, ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା, ପ୍ରୋଗ୍ରାମ ଅଫିସର ସୁହାଗୀ ହେମ୍ବ୍ରମ, ଚନ୍ଦ୍ରପ୍ରଭା ଦେଈ, ବାଲ୍ୟବତୀ ମହାନ୍ତି, ମିଶନ ଶକ୍ତି ସଂଯୋଜିକା ସ୍ୱାଗତିକା ପରିଡ଼ା ପ୍ରମୁଖ ଯୋଗଦେଇ ଖାଦ୍ୟ ପ୍ରସ୍ତୁତ କରୁଥିବା ମା'ମାନଙ୍କୁ ଉତ୍ସାହିତ କରିଥିଲେ। ଆଜିର ସମୟରେ ପାରମ୍ପରିକ ଖାଦ୍ୟ ଅଭାବରୁ ବିଦେଶୀ ଖାଦ୍ୟ ପ୍ରତି ଯୁବବର୍ଗଙ୍କ ଆଗ୍ରହ ବଢୁଛି। କିନ୍ତୁ ଏହି ଭଳି ଖାଦ୍ୟ ପ୍ରତିଯୋଗିତା ବା ଖାଦ୍ୟ ମେଳାର ଆୟୋଜନ ଦ୍ୱାରା ଆମ ପାରମ୍ପରିକ ଖାଦ୍ୟ ପ୍ରତି ଆଗ୍ରହ ଓ ରୁଚି ବୃଦ୍ଧି ପାଇବ ବୋଲି ଅତିଥିମାନେ କହିଥିଲେ। ପରେ ଅତିଥିମାନେ ଖାଦ୍ୟ ଷ୍ଟଲ ପରିଦର୍ଶନ କରିବା ସହ ବିଭିନ୍ନ ଖାଦ୍ୟ ଚାଖିଥିଲେ। ଖାଦ୍ୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରିଥିବା ମଣିନାଗେଶ୍ୱରୀ ସ୍ୱୟଂ ସହାୟକ ଗୋଷ୍ଠୀ, ଦ୍ୱିତୀୟ ସ୍ଥାନ ପାଇଥିବା ଭଗବତୀ ସ୍ୱୟଂ ସହାୟକ ଗୋଷ୍ଠୀ ଓ ତୃତୀୟ ହୋଇଥିବା ଗଛକାଳୀ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପୁରସ୍କୃତ କରାଯାଇଥିଲା। ପୁରୀ ପୌରାଞ୍ଚଳ ସିଡିପିଓ ବିନୋଦିନୀ ତ୍ରିପାଠୀ ଏବଂ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ତ୍ରିନାଥ ବସ୍ତି ଉଚ୍ଛେଦକୁ ବିରୋଧ କରି ଓଡ଼ିଶା ବସ୍ତି ସୁରକ୍ଷା ମଞ୍ଚ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

### ବସ୍ତି ଉଚ୍ଛେଦକୁ ବିରୋଧ

ପୁରୀ,୧୦।୬(ଅଜିତ୍ କୁମାର ମହାନ୍ତି)

ବସ୍ତି ଉଚ୍ଛେଦକୁ ବିରୋଧ କରି ଓଡ଼ିଶା ବସ୍ତି ସୁରକ୍ଷା ମଞ୍ଚ ପକ୍ଷରୁ ମଙ୍ଗଳବାର ଜିଲାପାଳଙ୍କୁ ଏକ ଦାବିପତ୍ର ଦିଆଯାଇଛି। ମଞ୍ଚ ପକ୍ଷରୁ ଏହି ପତ୍ରରେ ଦର୍ଶାଯାଇଛି ଯେ, ବଳିଆପଣ୍ଡା ଦାମୋଦର ରୋଡ ନିକଟ ଓଡେଶା ଭବନ ପଛପାଖ ତ୍ରିନାଥ ବସ୍ତିରେ ରହୁଥିବା ବାସିନ୍ଦାଙ୍କୁ ଅନ୍ୟତ୍ର ଉଠିଯିବାକୁ କୁହାଯାଉଛି। ଦୀର୍ଘ ୩୦ ବର୍ଷ ଧରି ସେମାନେ କୁଡ଼ିଆ କରି ରହୁଛନ୍ତି। ସେମାନଙ୍କର ସର୍ଭେ ହୋଇଥିବାବେଳେ ସୁରକ୍ଷା ଦାବିନେଇ ୨୦୨୦ରେ ହାଇକୋର୍ଟଙ୍କ ନିକଟରେ ଏକ ମକଦ୍ଦମା ରୁଜୁ କରିଥିଲେ। ସେମାନଙ୍କୁ ଥଇଥାନ କରିବା ପାଇଁ ପ୍ରଶାସନକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ସେମାନଙ୍କୁ ସେଠାରୁ ନ ହଟାଇବା ପାଇଁ ମଞ୍ଚ ପକ୍ଷରୁ ଅନୁରୋଧ କରାଯାଇଛି।

## ଜମିଜମା ବିବାଦକୁ କେନ୍ଦ୍ରକରି ମା' ପୁଅଙ୍କୁ ମରଣାନ୍ତକ ଆକ୍ରମଣ

ବଲଙ୍ଗା,୧୦।୬(କେଦାରେଶ୍ୱର ନନ୍ଦ)

ଜମିଜମା ବିବାଦକୁ କେନ୍ଦ୍ରକରି ବଲଙ୍ଗା ଥାନା ରେସିଙ୍ଗା ଗ୍ରାମରେ ସୋମବାର ରାତିରେ ଫାର୍ସା ଚୋଟରେ ପୁଅ ଗୁରୁତର ହୋଇଥିବା ବେଳେ ଠେଙ୍ଗାମାଡ଼ରେ ମା' ହାତ ଭାଙ୍ଗିଥିବା ଜଣାପଡ଼ିଛି। ରେସିଙ୍ଗା ଗ୍ରାମର ନିତ୍ୟାନନ୍ଦ ପାତ୍ରଙ୍କ ସ୍ତ୍ରୀ କବିତା ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ଘରବାରି ପ୍ଲଟ୍‌କୁ ନେଇ କବିତା ଓ ତାଙ୍କ ପଡ଼ୋଶୀ ନିଶାମଣି ପାତ୍ରଙ୍କ ମଧ୍ୟରେ ଦୀର୍ଘଦିନ ଧରି ବିବାଦ ଲାଗିରହିଥିବାରୁ ଭଦ୍ରଲୋକଙ୍କ ମଧ୍ୟରେ ଜାଗା ଚିହ୍ନଟ ହେବାପରେ ନିଜ ନିଜ ଜାଗାରେ ରହିଆସୁଥିବା ବେଳେ ନିଶାମଣି ତାଙ୍କ ଜାଗାରେ ଘର କରିସାରିଛନ୍ତି। କବିତା ତାଙ୍କ ଚିହ୍ନଟ ଜାଗା ଉପରେ ଘର କରିବା ପାଇଁ ନିଅଁ ଖୋଳୁଥିବା ସମୟରେ ନିଶାମଣି ଏହାକୁ ବିରୋଧ କରିଥିଲେ। ଫଳରେ କବିତା ଏ ନେଇ ଥାନାରେ ଅଭିଯୋଗ କରି ଘରକୁ ଫେରିବା ବେଳେ ନିଶାମଣିଙ୍କ ପୁଅ ଚନ୍ଦ୍ରଶେଖର କବିତାଙ୍କ ପୁଅ ସଞ୍ଜୟଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳି କରିବା ସହ ଫାର୍ସାରେ ତାଙ୍କ ମୁଣ୍ଡକୁ ଚୋଟ ପକାଇଥିଲେ। କବିତା ତଙ୍କ ପୁଅକୁ ରକ୍ଷା କରିବାକୁ ଯିବାବେଳେ ଚନ୍ଦ୍ରଶେଖର ସ୍ତ୍ରୀ ନମିତା ଓ ଭଣଜାଙ୍କ ସହ ମିଶି କବିତାଙ୍କୁ ପାଖରେ ଥିବା ବାଲିଗଦା ଉପରକୁ ନେଇ ମାଡ଼ ମାରିଥିଲେ। ନମିତା ଧରିଥିବା ଏକ ଠେଙ୍ଗାରେ ପିଟିଦେବାରୁ କବିତାଙ୍କ ଡାହାଣହାତ ଭାଙ୍ଗିଯାଇଥିଲା। ଅଭିଯୁକ୍ତମାନେ ଧମକଚମକ ଦେଇ ଗଲାପରେ ଗ୍ରାମବାସୀ ମା'ପୁଅଙ୍କୁ ଉଦ୍ଧାରକରି ମଙ୍ଗଳପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଥାନାରେ ଅଭିଯୋଗ ପରେ ବଲଙ୍ଗା ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

## ରଥଖଳାରୁ...

### ଆଜି ୩ ରଥରେ ୧୪ ନାହାକା ବୁଲିବ



ପୁରୀ,୧୦।୬(ଅଜିତ୍ କୁମାର ମହାନ୍ତି)

ତିନିରଥର ମୋଟ ୪୪ଟି ଯୋକା ରଥ ଚତୁଃପାର୍ଶ୍ୱ କୋଣରେ ଫିଟିଙ୍ଗ ହେବାସହ ପ୍ରଥମ ଭୂଇଁ ଫ୍ରେମ୍ ନିର୍ମାଣ ଶେଷ ହୋଇଛି। ସେହିପରି ଫ୍ରେମ୍‌ର ବିଭିନ୍ନ ଅଂଶ ଖୋଲାଯିବା ପୂର୍ବରୁ ନମ୍ବରିଂ କାର୍ଯ୍ୟ ସରି ଚାରିନାହାକାରେ ପ୍ରଥମ ଭୂଇଁ ଛ' କାଠି ପଡ଼ିଛି। ତିନିରଥର ପ୍ରଥମ ଭୂଇଁ ଫ୍ରେମ୍ ଖୋଲା ଯିବା ପରେ ଚାରି ନାହାକାରେ ପ୍ରଥମ ଭୂଇଁର ଚାଉତା ବା ଛ'କାଠି ସେଟିଂ ହୋଇଛି। ପ୍ରଥମ ଭୂଇଁର ଏହି ଛ' କାଠି ବା ଓରାରେ ୪ଟି ଖମ୍ବ ସଂଯୋଗ ହୋଇ ଚାରି ପାର୍ଶ୍ୱରେ ୨୪ଟି ପାଖୁଡ଼ା ଏବଂ ୧୬ଟି ଛିଆଣ, ପାଖୁଡ଼ାକୁ ଧରି ରଖିବା ପାଇଁ ୨୪ଟି ଭୂଇଁ ଖମ୍ବ ଚାରିପାର୍ଶ୍ୱରେ ସଂଯୋଗ ହେବ। ତିନିରଥରେ ଚଉଦ ନାହାକା ବୁଲିବା ପରେ ପ୍ରଥମ ଭୂଇଁର ବାକି ଅଂଶ ସଂଯୋଗ ହେବ। ସେଥିପାଇଁ ପୂର୍ବ ପ୍ରସ୍ତୁତି ଶେଷ ହୋଇଛି। ଭୋଇ ସେବକମାନେ ଚାରିଫୁଟ ଲମ୍ବର ନଡ଼ିଆ ଗର ବା ଖଦି ଓରା ଯୋଗାଇଦେବା ପରେ ମହାରଣା ସେବକମାନେ ସେହି ନଡ଼ିଆ ଗର ଉଭୟ ପାର୍ଶ୍ୱକୁ ଚିତା କରି ତିନିରଥ ଦଣ୍ଡାରେ ପକାଇ ବିନ୍ଧ କାପ କରି ସେଟିଂ କରିଛନ୍ତି। ବୁଧବାର ତିନିରଥର ୧୪ ନାହାକା ବୁଲିବା ସହ ପ୍ରଥମ ଭୂଇଁ ଛ'କାଠିରେ ପାଖୁଡ଼ା ସଂଯୋଗ ହେବ। ଦ୍ୱିତୀୟ ଭୂଇଁ ବା ମଝି ଭୂଇଁ ଫ୍ରେମ୍ ପ୍ରସ୍ତୁତି ଜାରି ରହିଛି। ତିନିରଥର ୪ଟି ଲେଖାଏ କତରାରୁ ଦୁଇଟି ଲେଖାଏ ନିର୍ମାଣ ଶେଷ ହୋଇଛି। ରୂପକାର ସେବକମାନେ ଦୁଆର ବେଢ଼ା ପାଇଁ ୨୪ଟି ନାଟଗୋଡ଼ରେ ରାହୁ ରୂପ ବା କନ୍ଦର୍ପ ରୂପ ଖୋଦେଇ ଜାରି ରଖିଛନ୍ତି। ଦୋଳବେଦି କମାରଶାଳରେ ଓଝା ସେବକମାନେ କଣ୍ଟା ନିର୍ମାଣ କରୁଛନ୍ତି।

## ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ, ରାସ୍ତାରୋକୋ

କଣାସ,୧୦।୬(ବିଭୂତି ଭୂଷଣ ତ୍ରିପାଠୀ)

ନୂଆ ଜଗନ୍ନାଥ ସଡ଼କର ଟୁପୁରିଙ୍ଗି ନିକଟରେ ମଙ୍ଗଳବାର ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବିନ୍ଧଣ ଗ୍ରାମର ପ୍ରତାପ ବିଶ୍ୱାଳଙ୍କ ପୁତ୍ର ତପନ ବିଶ୍ୱାଳ।

ସୂଚନାଯୋଗ୍ୟ, ତପନ ନିରାକାରପୁରରୁ ଗାଁକୁ ଫେରୁଥିବାବେଳେ ମେଗା ପାନୀୟ ଜଳ ପ୍ରକଳ୍ପ ସମ୍ମୁଖରେ ତାଙ୍କୁ ଏକ ଗାଡ଼ି ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପରେ ସ୍ଥାନୀୟ ଲୋକେ ତପନଙ୍କ ମୃତଦେ ରଖି ରାସ୍ତା ଅବରୋଧ କରିଥିଲେ। ଖବରପାଇ ଗଡ଼ିଶାଗୋଦା ଥାନାଧିକାରୀ ସୁଧିର କୁମାର ଦାସ, ଅତିରିକ୍ତ ତହସିଲ୍‌ଦାର ଉପେନ୍ଦ୍ର କୁମାର ସେଠୀ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହ ରେଡ୍‌କ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଛି। ଖବର ଲେଖାହେବା ବେଳକୁ ଧାରଣା ଜାରି ରହିଥିଲା।

## ଡ. ଅମୀୟ କୁମାର ମହାନ୍ତି ପାଇବେ 'ରାମକୃଷ୍ଣ ପତି ସମ୍ମାନ'

ଭୁବନେଶ୍ୱର, ୧୦।୬ (ବନ୍ଦନା ସେଠୀ)

କମ୍ୟୁନିଷ୍ଟ ଆନ୍ଦୋଳନର ନେତା, ମାର୍କ୍ସବାଦୀ ତତ୍ତ୍ୱବିତ୍ ତଥା ଅବିଭକ୍ତ ଭୁବନେଶ୍ୱରର ପୂର୍ବତନ ବିଧାୟକ ରାମକୃଷ୍ଣ ପତିଙ୍କ ୩୯ତମ ସ୍ମୃତି ସମାରୋହ ଆସନ୍ତା ୧୫ ତାରିଖରେ ପାଳନ ହେବ। ଏନେଇ ଭଗବତୀ ଭବନଠାରେ ସ୍ମୃତି କମିଟି ସଭାପତି ପ୍ରଦୋଷ ପଟ୍ଟନାୟକଙ୍କ ସଭାପତିତ୍ୱରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟିର ନିଷ୍ପତ୍ତି ଅନୁଯାୟୀ ସମାରୋହରେ ବିଶ୍ୱ ଶିକ୍ଷକ ମହାସଂଘ ସଭାପତି ଡ. ଅମୀୟ କୁମାର ମହାନ୍ତିଙ୍କୁ 'ରାମକୃଷ୍ଣ ପତି ସମ୍ମାନ' ପ୍ରଦାନ କରାଯିବ।

## ଆଗକୁ ଏକାଠି ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ

ଗୋପ, ୧୦।୬(ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ବ୍ଲକ ଏରବଙ୍ଗ ଗ୍ରାମପଞ୍ଚାୟତ ଅଧୀନ ବୟାଳିଶବାଟିସ୍ଥିତ ମା' ଗଙ୍ଗେଶ୍ୱରୀ ପୀଠରେ ଭାଜପାର ଏକ ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତରେ କେତେଜଣ ଭାଜପା କର୍ମୀ ବିଭିନ୍ନ ସମୟରେ ଦଳ ନାଁରେ ଅସାଧୁ ଉପାୟରେ ଦଳର ମାନସମ୍ମାନ ଯିବା ଭଳି କାର୍ଯ୍ୟକରି ଦଳକୁ ସାଧାରଣରେ ନିନ୍ଦିତ କରୁଥିବା ଭଳି ଅଭିଯୋଗ ହୋଇଥିଲା। ବୈଠକରେ ପଞ୍ଚାୟତର ପ୍ରାୟ ୪୦୦ରୁ ଊର୍ଦ୍ଧ୍ୱ କର୍ମୀ ଉପସ୍ଥିତ ଥିଲେ। ଗୋପ ବ୍ଲକ ଭାଜପାର ଯୁବମୋର୍ଚ୍ଚା ସଭାପତି ଶିବ ପ୍ରସାଦ ସ୍ୱାଇଁ ଯୋଗଦେଇ ଦଳର ନେତା ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ନିର୍ଦ୍ଦେଶରେ ସବୁ କରାଯିବା କଥା କୁହାଯାଉଥିବାବେଳେ ପ୍ରକୃତପକ୍ଷେ ତାହା ହେଉନାହିଁ ବୋଲି ଅଭିଯୋଗ ଆଣିଥିଲେ। କେତେଜଣ ବ୍ୟକ୍ତିଙ୍କ ପାଇଁ ପଞ୍ଚାୟତରେ ବିଭ୍ରାଟ ସୃଷ୍ଟି ହେଉଛି। ଆଗକୁ ଗ୍ରାମପଞ୍ଚାୟତ ନିର୍ବାଚନ ଆସୁଥିବାରୁ ନିଶ୍ଚିତ ଭାବେ ଏହାର ପ୍ରଭାବ ପଡ଼ିବା ସହ ଦଳ ତା'ର ସମ୍ମାନ ହରାଇବ ବୋଲି ମତବ୍ୟକ୍ତ କରିଥିଲେ। ଏରବଙ୍ଗ ଗ୍ରାମପଞ୍ଚାୟତର ଯୁବନେତା ଯୋଗେନ୍ଦ୍ର ଜେନା, ମନ୍ଦରଧର ଲେଙ୍କା, ମୃତ୍ୟୁଞ୍ଜୟ ବିଶ୍ୱାଳ, ଗଣେଶ ଜେନା, ଅକ୍ଷୟ କୁମାର ଜେନା, ପପୁ ଦଳାଇ ପ୍ରମୁଖ ଯୋଗଦେଇଥିଲେ। ଆଗକୁ ଏକାଠି ହୋଇ କାର୍ଯ୍ୟ କରିବାକୁ ଆମେ ପ୍ରସ୍ତୁତ ହେବାର ଆବଶ୍ୟକତା ରହିଛି ବୋଲି ଅତିଥିମାନେ କହିବା ସହ ପଞ୍ଚାୟତରେ କିଭଳି ସମସ୍ୟା ସମାଧାନ କରାଯାଇ ଉନ୍ନୟନ କାର୍ଯ୍ୟ କରାଯିବ ସେନେଇ ସୂଚନା ଦେଇଥିଲେ। ପଞ୍ଚାୟତର ଯୁବ ନେତୃତ୍ୱ ଓ ବ୍ଲକ ଯୁବମୋର୍ଚ୍ଚା ସଭାପତି ସ୍ୱାଇଁଙ୍କ ନିର୍ଦ୍ଦେଶରେ ସମସ୍ତ କାର୍ଯ୍ୟ କରାଯିବ ବୋଲି ସାମୂହିକ ନିଷ୍ପତ୍ତି ନିଆଯାଇଥିଲା।

# ଧାନକିଣା ନ ହେଲେ ଆନ୍ଦୋଳନ

ପିପିଲି,୧୦।୬(ପ୍ରଭାତ କୁମାର ମହାପାତ୍ର)

ମଣ୍ଡିରୁ ଉଠୁନି ଧାନ। ଏଣୁ ଚାଷୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅମଳ ଧାନକୁ ରଖି ଚିନ୍ତାରେ ପଡ଼ିଲେଣି ଚାଷୀ। ରବିଧାନ ଟୋକନ ଅବଧି ସରିବାକୁ ବସିଥିବା ବେଳେ ଏଯାବତ୍ ଚାଷୀଙ୍କ ଧାନ ମଣ୍ଡିରୁ ଉଠିନାହିଁ। ମଣ୍ଡିରେ ଧାନବିକ୍ରି ନ କରି ଚାଷୀ ହଇରାଣ ହେଉଥିବା ବେଳେ ରାଜ୍ୟ ସରକାର ଚାଷୀମାନଙ୍କ ପ୍ରତି ଥିବା ସୁବିଧା ସୁଯୋଗକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ମଣ୍ଡିରେ ଦେଖାଦେଉଥିବା ଏଭଳି ଅବ୍ୟବସ୍ଥାକୁ ନେଇ ମଙ୍ଗଳବାର ସରକାରଙ୍କ ଉପରେ ବର୍ଷିଛନ୍ତି ପିପିଲି ବ୍ଲକ ସେବା ସମବାୟ ସମିତିର ସଭାପତିମାନେ। ପିପିଲି ବ୍ଲକରେ ଥିବା ସମସ୍ତ ମଣ୍ଡିରୁ ଯଦି ତୁରନ୍ତ ଧାନ ନ ଉଠେ, ତେବେ ଚାଷୀମାନେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବେ ବୋଲି ଖବରଦାତା ସମ୍ମିଳନୀରେ ସରକାରଙ୍କୁ ସେମାନେ କଡ଼ା ଚେତାବନୀ ଦେଇଛନ୍ତି।


ପିପିଲି ବ୍ଲକ ସେବା ସମବାୟ ସମିତିର ସଭାପତିମାନେ ସୂଚନା ଦେଉଛନ୍ତି ।

ପିପିଲି ପ୍ରାଥମିକ ସେବା ସମବାୟ ସମିତିର ସଭାପତିମାନେ ଡେଇଁଶିପୁରଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ରାଜ୍ୟ ସରକାର ଓ ଜିଲା ପ୍ରଶାସନକୁ ରବିଋତୁ ପାଇଁ ଧାନମଣ୍ଡି ଖୋଲି ଚାଷୀଙ୍କ ଧାନ କିଣିବାକୁ ନିବେଦନ କରିଛନ୍ତି। ରବିଋତୁ ପାଇଁ ମଣ୍ଡିରେ ଧାନ ବିକ୍ରି କରିବାକୁ ଟୋକନ ମିଳିଛି। ତା'ର ଅବଧି ଜୁନ ୧୯ରେ ସରିବ। ମିଲର୍‌ମାନେ ଅଳ୍ପ ଧାନ କିଣି ଆଉ ଧାନ କିଣିବେ ନାହିଁ ବୋଲି ଯୋଗାଣ ବିଭାଗକୁ ରୋକ୍‌ଠୋକ ମନା କରି ମଣ୍ଡିକୁ ଆସୁ ନ ଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ କେନ୍ଦ୍ର ସମବାୟ ବ୍ୟାଙ୍କ ପିପିଲି ଶାଖାର ନିର୍ଦ୍ଦେଶକ ତଥା ଆରୁହା ସେବା ସମବାୟ ସମିତିର ସଭାପତି ପର୍ଶୁରାମ ମହାପାତ୍ର କହିଛନ୍ତି, ପିପିଲି ବ୍ଲକରେ ଏ ପର୍ଯ୍ୟନ୍ତ କୌଣସି ମଣ୍ଡି ଖୋଲିନାହିଁ। ମିଲର୍‌ମାନେ ମଣ୍ଡିକୁ ଆସିଲେନି। ପିପିଲି ବ୍ଲକର ହଜାର ହଜାର ପଞ୍ଜୀକୃତ ଚାଷୀ ମଣ୍ଡିରେ ଧାନ ବିକ୍ରି କରି ନ ପାରି ଘୋର ଅସୁବିଧାରେ ରହିଛନ୍ତି। ଧାନ ମଣ୍ଡିରେ ବିକିବାକୁ ନେଇ ଚାଷୀମାନେ ଏବେ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ଡେଇଁଶିପୁର ସେବା ସମବାୟ ସଭାପତି ତଥା ଜିଲା ପରିଷଦ ସଭ୍ୟ ଧରଣୀଧର ସାହୁ କହିଛନ୍ତି, ରାଜ୍ୟ ସରକାର ୮୦୦ ଟଙ୍କା ଇନ୍‌ପୁଟ ସବ୍‌ସିଡି ଦେଇ ଧାନର ମୂଲ୍ୟ କ୍ୱିଣ୍ଟାଲ୍ ପିଛା ୩୧୦୦ ଟଙ୍କାରେ କିଣି ବାହା ବା ନେବାକୁ ବସିଥିବା ବେଳେ ଚଳିତ ରବିଋତୁରେ ଧାନ ମଣ୍ଡି ବିଳମ୍ବରେ ଖୋଲି ସମୁଦ୍ରକୁ ଶଙ୍ଖେ ଟାର୍ଗେଟ ଦେଇଛନ୍ତି। ଫଳରେ ଚାଷୀ ତା'ର ଧାନ ବିକ୍ରି କରିବାରେ ଅସୁବିଧା ଭୋଗୁଛି। ସରକାର ଯଦି ୭ଦିନ ଭିତରେ ଚାଷୀଙ୍କ ଧାନ ନ କିଣନ୍ତି, ସେଥିପାଇଁ ଚାଷୀର ଯାହା ଅସୁବିଧା ହେବ ସେଥିପାଇଁ ଜିଲା ପ୍ରଶାସନ ଓ ସରକାର ଦାୟୀ ରହିବେ ବୋଲି ସାହୁ କହିଛନ୍ତି।

ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ଗୋବର୍ଦ୍ଧନପୁର ସୁଲତାନନଗର ସେବା ସମବାୟ ସମିତି ସଭାପତି ଯୁଧିଷ୍ଠିର ସ୍ୱାଇଁ, ଦୁର୍ଗାଦାସପୁର ସେବା ସମବାୟ ସମିତି ସଭାପତି ବିଶ୍ୱଜିତ ଦାଶ, ମଙ୍ଗଳପୁର ସେବା ସମବାୟ ସମିତି ସଭାପତି ମାଗୁଣି ଚରଣ ପରିଡ଼ାଙ୍କ ସମେତ ବହୁ ଚାଷୀ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।


ଗଞ୍ଜାମ ଅଙ୍କୁଶପୁର ଆୟୁର୍ବେଦିକ କଲେଜର ଡାକ୍ତରୀ ଛାତ୍ରଙ୍କ ଆନ୍ଦୋଳନକୁ ସମର୍ଥନ ଜଣାଇ ମଙ୍ଗଳବାର ପୁରୀ ଗୋପବନ୍ଧୁ ଆୟୁର୍ବେଦିକ କଲେଜର ଡାକ୍ତରୀ ଛାତ୍ର କଳା ବ୍ୟାଜ୍ ପିନ୍ଧିଛନ୍ତି।



ପରିବେଶ ପ୍ରଦୂଷଣ ରୋକିବା ଦାବିରେ ଭାରତୀୟ ମଜଦୁର ସଂଘ ପକ୍ଷରୁ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

# ମିଶନ ବାତ୍ସଲ୍ୟର ସଫଳତା ପାଇଁ ସମନ୍ୱୟ ଜରୁରୀ

**ଖୋର୍ଦ୍ଧା,୧୦।୬(ପ୍ରଭାତ ପାଣିଗ୍ରାହୀ)**



ଜିଲାସ୍ତରୀୟ ବାତ୍ସଲ୍ୟ ମେଳାରେ ଜିଲାପାଳ ଚଞ୍ଚଳ ରାଣା ଉଦ୍‌ବୋଧନ ଦେଉଛନ୍ତି।

ମହିଳା ଓ ଶିଶୁ କଲ୍ୟାଣ ବିଭାଗ ସହଯୋଗ ଏବଂ ଜିଲା ଶିଶୁ ସୁରକ୍ଷା ୟୁନିଟ ଆନୁକୂଲରେ ସ୍ଥାନୀୟ ଜୟୀ ରାଜଗୁରୁ ଟାଉନ ହଲ୍‌ଠାରେ ଜିଲାସ୍ତରୀୟ ବାତ୍ସଲ୍ୟ ମେଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ମେଳାରେ ମୁଖ୍ୟ ଅତିଥିଭାବେ ଜିଲାପାଳ ଚଞ୍ଚଳ ରାଣା ଯୋଗଦେଇ ବାତ୍ସଲ୍ୟ ମେଳାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଜିଲାପାଳ କହିଥିଲେ ଯେ, ରାଜ୍ୟ ସରକାର ବାଳିକାଙ୍କ ଶିକ୍ଷାର ବିକାଶ ଉପରେ ଗୁରୁତ୍ୱ ଦେଉଛନ୍ତି। ସମାଜରେ ଝିଅମାନଙ୍କ ପ୍ରାଧାନ୍ୟତା ରହିଛି। ଭଲ ପାଠ ପଢୁଥିବା ଝିଅ କିମ୍ବା ୬୦%ରୁ ଅଧିକ ନମ୍ବର ରଖିଥିବା ଝିଅମାନଙ୍କୁ ପ୍ରାଥମିକତା ଭିତ୍ତିରେ ମିଶନ ବାତ୍ସଲ୍ୟ ଯୋଜନାରେ ସାମିଲ କରାଯିବ। ସେମାନଙ୍କ ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ସର୍ବାଙ୍ଗୀନ ଉନ୍ନତିରେ ବିଭାଗୀୟ ଅଧିକାରୀମାନେ ଉତ୍ତରଦାୟିତ୍ୱ ରହିଛି। ସରକାରଙ୍କ ଏହି ଯୋଜନାକୁ ସଫଳ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଗତ କୋଭିଡ୍ ସମୟରେ ଯେଉଁମାନେ ନିଜ ପିତାମାତା କିମ୍ବା ପରିବାରର ରୋଜଗାରକ୍ଷମ ବ୍ୟକ୍ତିଙ୍କୁ ହରାଇଥିଲେ, ସେହି ସମୟରେ କେନ୍ଦ୍ର ସରକାର ଏଭଳି ଏକ ଯୋଜନାର ଶୁଭାରମ୍ଭ କରିଥିଲେ। ଏହାଦ୍ୱାରା ଅନାଥ ଛାତ୍ରୀଛାତ୍ରଙ୍କୁ ଅନ୍ତର୍ଭୁକ୍ତ କରାଯାଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇ ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିପାରିବେ। ଅଭିଭାବକ, ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ବିଭାଗ ସମନ୍ୱୟ ରଖି ଖୋର୍ଦ୍ଧା ଜିଲାରେ ମିଶନ ବାତ୍ସଲ୍ୟକୁ ଶତ ପ୍ରତିଶତ ସଫଳତା ହାସଲ ପାଇଁ ନିଷ୍ଠାପର ସେବା ଜାରି ରଖିଲେ ମେଳାର ସାର୍ଥକତା ସାଧନ ହୋଇପାରିବ ବୋଲି ଜିଲାପାଳ କହିଛନ୍ତି।

ପ୍ରତି ୬ମାସରେ ଛାତ୍ରୀଛାତ୍ରଙ୍କ ଶିକ୍ଷାରେ କେତେ ଉନ୍ନତି ହେଉଛି, ସ୍ୱାସ୍ଥ୍ୟରେ କି ଉନ୍ନତି ହେଉଛି, ଆଧ୍ୟାତ୍ମିକ ବିକାଶରେ କି ଉନ୍ନତି ହେଉଛି, ତାହା ଏହି ମେଳା ମାଧ୍ୟମରେ ପରିମାପ କରାଯିବ। ଯେଉଁମାନଙ୍କର ୬୦% ନମ୍ବରରୁ ଅଧିକ ରହୁଥିବ ସେମାନଙ୍କୁ ଏହି ଯୋଜନାରେ ସାମିଲ କରାଯିବ। ପ୍ରତ୍ୟେକ ଛାତ୍ରୀଛାତ୍ର ନିଜକୁ ଏହି ଯୋଜନାରେ ସାମିଲ କରି ନିଜର ପାରଦର୍ଶିତା ପ୍ରତିପାଦନ କରିବାକୁ ଜିଲାପାଳ ପ୍ରେରଣା ଦେଇଥିଲେ। ଯୁକ୍ତ ୨ ପରୀକ୍ଷାରେ ୬୦%ରୁ ଅଧିକ ନମ୍ବର ରଖିଥିବା ଦୀପାଳି ଦାସ, ପିଙ୍କି ସିଂହ, ଶୁଭଲକ୍ଷ୍ମୀ ଦଳାଇ, ମହେଶ୍ୱର ଗିରିଙ୍କୁ ଏବଂ ଏଚ୍‌ଏସ୍‌ସି/ସିବିଏସ୍‌ଇ ପରୀକ୍ଷାରେ ୬୦%ରୁ ଅଧିକ ନମ୍ବର ରଖିଥିବା ଯମୁନା ନାଏକ, ଶିବାନୀ ନାୟକ, ରବୀନ୍ଦ୍ର, ରଶ୍ମିତା ହେମ୍ବ୍ରମ, ବର୍ଷା ପ୍ରିୟଦର୍ଶିନୀ, ଏନ୍. ଗଣେଶ, ସାବିତ୍ରୀ ମଲ୍ଲିକ, ସୌମ୍ୟ ଆର୍. ମହାନ୍ତିଙ୍କୁ ୪ ହଜାର ଲେଖାଏ ଚେକ୍ ରାଶି ପ୍ରଦାନ କରାଯାଇଛି। ଯୋଜନାର ଦୁଇଜଣ ସଫଳ ହିତାଧିକାରୀ ଦେବସ୍ମିତା ହୋତା ଏବଂ ଚିନ୍ମୟୀ ବିଶୋଇ ନିଜର ଅନୁଭୂତି ପ୍ରକାଶ କରିଥିଲେ। ମେଳାରେ ଅନ୍ୟମାନଙ୍କ ମଧ୍ୟରେ ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷା ରଞ୍ଜିତା ପଣ୍ଡା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲୀପ କୁମାର ହିଆଲ, ଅତିରିକ୍ତ ଜିଲା ସମାଜ ମଙ୍ଗଳ ଅଧିକାରୀ ସୁଷମା ମହାନ୍ତି, ୟୁନିସେଫ ପରାମର୍ଶଦାତା ଘାସିରାମ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ପିଲାଙ୍କୁ ଉତ୍ସାହିତ କରିଥିଲେ। ସେହିପରି ମେଳାର ଦ୍ୱିତୀୟ ପର୍ଯ୍ୟାୟରେ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ମୁଖ୍ୟ ଅତିଥିଭାବେ ଯୋଗଦେଇ ସରକାରଙ୍କ ଏଭଳି ଯୋଜନାର ଲାଭନେବାକୁ

### ଜିଲାସ୍ତରୀୟ ବାତ୍ସଲ୍ୟ ମେଳା

ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା ଯୋଗଦେଇ କହିଥିଲେ, ବାତ୍ସଲ୍ୟ ଯୋଜନା ଏକ ଆଧ୍ୟାତ୍ମିକ ଯୋଜନା କହିଲେ ଅତ୍ୟୁକ୍ତି ହେବ ନାହିଁ । ପିଲାମାନଙ୍କୁ ପରିବାର, ସରକାର, ସମାଜ, ଶିଶୁ ମଙ୍ଗଳ ସମିତି, ଜୁଭେନାଇଲ ଜଷ୍ଟିସ ବୋର୍ଡ ଓ ପ୍ରଶାସନ ସମ୍ମିଳିତ ସହଯୋଗ ବା ବାତ୍ସଲ୍ୟ ସ୍ନେହ ଓ ମମତାରେ ସେମାନଙ୍କୁ ବିକଶିତ କରିବା ଓ ଶିକ୍ଷା, ସ୍ୱାସ୍ଥ୍ୟ ଓ ସର୍ବାଙ୍ଗୀନ ଉନ୍ନତିର ବିକାଶ କରାଇ ରାଷ୍ଟ୍ରରେ ଏକ ଉତ୍ତମ ସ୍ୱାବଲମ୍ବୀ ନାଗରିକ ଭାବେ ଗଢ଼ି ତୋଳିବା ଏହି ଯୋଜନାର ଲକ୍ଷ୍ୟ। ଖୋର୍ଦ୍ଧା, ବାଣପୁର, ବେଗୁନିଆ, ଚିଲିକା, ଟାଙ୍ଗୀ, ବୋଲଗଡ଼ ବ୍ଲକକୁ ନେଇ ମିଶନ ବାତ୍ସଲ୍ୟ ମେଳାରେ ମିଶନ ବାତ୍ସଲ୍ୟ କାର୍ଡ ବଣ୍ଟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଡିସିପିଓ କାର୍ଯ୍ୟାଳୟର ଅଧିକାରୀ ଏବଂ କର୍ମଚାରୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ସରକାରୀ ଜାଗାରୁ ଜବରଦଖଲ ହଟିଲା



ଜେସିବି ସହାୟତାରେ ଜବରଦଖଲ ଉଚ୍ଛେଦ କରାଯାଉଛି।

**ଟାଙ୍ଗୀ,୧୦।୬(ରଘୁନାଥ ସାହୁ)**

ଖୋର୍ଦ୍ଧା ଜିଲା ଚିଲିକା ବ୍ଲକ ଅନ୍ତର୍ଗତ ସୋରଣ ପଞ୍ଚାୟତ ଭଗବତୀ ମୌଜାର ସରକାରୀ ଜମିରୁ ଚିଲିକା ତହସିଲ କାର୍ଯ୍ୟାଳୟ ପକ୍ଷରୁ ମଙ୍ଗଳବାର ଜବରଦଖଲ ଉଚ୍ଛେଦ କରାଯାଇଛି। ଏହି ମୌଜାର ଖାତା ନମ୍ବର.୧୦୯୫ ଓ ନଂ.୨୦୦୪ ଦୁଇଟି ପ୍ଲଟରୁ ଜବରଦଖଲ ଉଚ୍ଛେଦ ବେଳେ ଅବରୋଧକାରୀଙ୍କ ପରିବାର ପକ୍ଷରୁ ବିରୋଧ କରାଯାଇଥିଲା। ଫଳରେ ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। ପରେ ବୁଝାଶୁଝା କରିବା ପରେ ଉଚ୍ଛେଦ ହୋଇଥିଲା। ଉଚ୍ଛେଦ ବେଳେ ତହସିଲଦାର ବିଷ୍ଣୁପ୍ରିୟା ବେହେରା, ଟାଙ୍ଗୀ ଥାନା ଆଇଆଇସି ରବୀନ୍ଦ୍ର କୁମାର ଭୁଜବଳଙ୍କ ସମେତ ପୋଲିସ ଫୋର୍ସ ଉପସ୍ଥିତ ଥିଲେ। ଅନ୍ୟପଟେ ପ୍ରଶାସନ ପକ୍ଷରୁ ଉଚ୍ଛେଦ ସମୟରେ କାର୍ଯ୍ୟରେ ବାଧା ଦେଇଥିବା ଅବରୋଧକାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇଆଇସି ଭୁଜବଳ କହିଛନ୍ତି। ସୂଚନାଥାଉ କି, ଏହି ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କରିବା ପାଇଁ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ଦାବି ହୋଇଆସୁଥିଲା।

# ମଶାଣିଆରେ ପୋଲିସ ବିଟ୍ ହାଉସ ଖୋଲିବାକୁ ଦାବି

**ବେଗୁନିଆ,୧୦।୬(ସନ୍ଧ୍ୟାରାଣୀ ମିଶ୍ର)**

ଜନସାଧାରଣଙ୍କ ସୁରକ୍ଷା ଏବଂ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ବେଗୁନିଆ ବ୍ଲକ କୁଞ୍ଜୁରୀ ପଞ୍ଚାୟତ ଅନ୍ତର୍ଗତ ମଶାଣିଆ ଗ୍ରାମରେ ପୋଲିସ ବିଟ୍ ହାଉସ୍ ଖୋଲିବା ପାଇଁ ସାମାଜିକ କର୍ମୀ ଜୟକୃଷ୍ଣ ସାହୁ ଦାବି କରିଛନ୍ତି। ଏନେଇ ସେ ଗତ ମେ’୧୩ରେ କୁଞ୍ଜୁରୀ ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

ଏଥିରେ ଦର୍ଶାଯାଇଛି ଯେ, ବେଗୁନିଆ ବ୍ଲକଠାରୁ କୁଞ୍ଜୁରୀ ପଞ୍ଚାୟତର ଦୂରତା ୮ କିମି ଏବଂ ବାଘମାରୀ ଥାନାର ଦୂରତା ୭ କିମି। ତେବେ ସମ୍ପୃକ୍ତ ପଞ୍ଚାୟତ ସହିତ ଆଖପାଖ ଅଞ୍ଚଳର ଗ୍ରାମଗୁଡ଼ିକ ବାଘମାରୀ ଥାନା ଅଧୀନରେ ନ ରହି ଏଠାରୁ ୧୬ କିମି ଦୂର ଖୋର୍ଦ୍ଧା ସଦର ଥାନା ଅଧୀନରେ ରହିଛି। କୁଞ୍ଜୁରୀ ପଞ୍ଚାୟତ ସହିତ ତା’ର ଆଖପାଖ କୋକସିଂହ, ଭାଟପଡ଼ା, ଗୋଡ଼ିସାହି, ବରପଦା, ବାଲିପାଟଣା, ଡାଳତୋଳା, କୁଞ୍ଜବିହାରୀ ପାଟଣା, ଛଣିଆ, ଦୁର୍ଗାପୁର, ନିଆଁମୁହାଁ, ଗୋଡ଼ା, ଦଳକ, ବଡ଼ଗୁଡୁମ ଏବଂ ଚଣ୍ଡୀଗ୍ରାମଗୁଡ଼ିକରେ ଗଣ୍ଡଗୋଳ ସହ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ପୋଲିସ ପାଟ୍ରୋଲିଂ ହୋଇପାରୁନାହିଁ। ସମ୍ପୃକ୍ତ ଗ୍ରାମଗୁଡ଼ିକଠାରୁ ଥାନାର ଦୂରତା ଅଧିକ ହୋଇଥିବାରୁ ଲୁଟ୍, ରାହାଜାନି ଭଳି ଘଟଣା ଘଟାଇ ଅପରାଧୀମାନେ ଫେରାର ହୋଇଯାଉଛନ୍ତି। ପୋଲିସ ଠିକ୍ ସମୟରେ ଘଟଣାସ୍ଥଳରେ ପହଞ୍ଚିପାରୁନି। ତେଣୁ ଆଇନଶୃଙ୍ଖଳା ପରିସ୍ଥିତିର ସୁନିୟନ୍ତ୍ରିତ ପାଇଁ ଖୋର୍ଦ୍ଧା ସଦର ଥାନା ମଧ୍ୟବର୍ତ୍ତୀ ସ୍ଥାନ ମଶାଣିଆ ରାଜସ୍ୱ ମୌଜାରେ ପୋଲିସ ବିଟ୍ ହାଉସ୍ ଖୋଲିବାକୁ ଦାବି କରିଛନ୍ତି।

# ବ୍ଲକସ୍ତରୀୟ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା



ଅତିଥିଙ୍କ ଗହଣରେ ଅଂଶଗ୍ରହଣକାରୀ ପ୍ରତିଯୋଗୀମାନେ।

**ବେଗୁନିଆ,୧୦।୬(ହର ପ୍ରସନ୍ନ ପଣ୍ଡା)**

ବେଗୁନିଆ ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ମଙ୍ଗଳବାର ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୨୧ ପଞ୍ଚାୟତ ମଧ୍ୟରୁ ୧୭ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଅଂଶଗ୍ରହଣ କରିଥିଲେ। ପ୍ରତ୍ୟେକ ମହିଳା ଗୋଷ୍ଠୀ ପକ୍ଷରୁ ଜଣେ ରୋଷେୟା ଓ ଦୁଇଜଣ ସହାୟିକା ପ୍ରତିଯୋଗିତାରେ ସାମିଲ ହୋଇଥିଲେ। ଓଡ଼ିଶାର ପାରମ୍ପରିକ ଖାଦ୍ୟ ବିଭିନ୍ନ ପ୍ରକାର ପିଠା, ମିଠା, ବରା, ପକୁଡ଼ି ଆଦି ସ୍ଥାନ ପାଇଥିଲା। ବିଚାରକଭାବେ ବିଡିଓ ସନ୍ତୋଷ କୁମାର ଜେନା, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ବିନୋଦିନୀ ପଣ୍ଡା, ବ୍ଲକ ଆକାଉଣ୍ଟ ଅଧିକାରୀ ସୂର୍ଯ୍ୟ ନାରାୟଣ ଗୌଡ଼ ପ୍ରମୁଖ ଯୋଗଦେଇ ମହିଳା ଗୋଷ୍ଠୀଙ୍କ ଦ୍ୱାରା ପ୍ରସ୍ତୁତ ପାରମ୍ପରିକ ଖାଦ୍ୟର ମୂଲ୍ୟାଙ୍କନ କରିଥିଲେ। ପାଙ୍ଗାରସିଂହ ଗାୟତ୍ରୀ ମହିଳା ଗୋଷ୍ଠୀ ପ୍ରସ୍ତୁତ କରିଥିବା ସପ୍ତପୁରି ପିଠା ଓ ମଣ୍ଡା ପିଠାକୁ ବିଜେତା ଭାବେ ଏବଂ ହଜର ବୀଣାପାଣି ମହିଳା ମଣ୍ଡଳ ପ୍ରସ୍ତୁତ କରିଥିବା ଚିତଉ ପିଠା, ଧଳାମଣ୍ଡା, ଚୁଡ଼ାଘଷା ଓ ମାଣ୍ଡିଆ ବରାକୁ ଉପବିଜେତା ଭାବେ ଘୋଷଣା କରିଥିଲେ। ପରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ବିଡିଓ ସନ୍ତୋଷ କୁମାର ଜେନା, ସମ୍ମାନିତ ଅତିଥିଭାବେ ବ୍ଲକ ସମନ୍ୱିତ ଶିଶୁ ପ୍ରକଳ୍ପ ଅଧିକାରୀ ବିନୋଦିନୀ ପଣ୍ଡା, ଆକାଉଣ୍ଟ ଅଧିକାରୀ ସୂର୍ଯ୍ୟ ନାରାୟଣ ଗୌଡ଼, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ଇତିଶ୍ରୀ ବେହେରା ଓ ବ୍ଲକ ସମ୍ପ୍ରସାରଣ ଅଧିକାରୀ ସବିତା ନାୟକ ଉପସ୍ଥିତ ଥିଲେ। ପାଶ୍ଚାତ୍ୟ ଖାଦ୍ୟ ପ୍ରତି ଆକୃଷ୍ଟ ନ ହୋଇ ଆମ ପାରମ୍ପରିକ ଖାଦ୍ୟକୁ ଖାଇବା ପ୍ରତି ଆଗ୍ରହ ସୃଷ୍ଟି କରାଯାଉ ବୋଲି ମୁଖ୍ୟ ଅତିଥି ଜେନା କହିଥିଲେ। ପରେ ବିଜେତା ମହିଳା ଗୋଷ୍ଠୀଙ୍କୁ ପାଞ୍ଚ ହଜାର ଟଙ୍କାର ଚେକ୍ ଓ ଉପବିଜେତା ଗୋଷ୍ଠୀଙ୍କୁ ଚାରି ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ସେହିଭଳି ପ୍ରଥମ ସ୍ଥାନ ଅଧିକାର କରିଥିବା ମହିଳା ମଣ୍ଡଳ ଆଗାମୀ ଦିନରେ ଜିଲାସ୍ତରରେ ଆୟୋଜିତ ହେବାକୁ ଥିବା ପ୍ରତିଯୋଗିତା ପାଇଁ ଚୟନ କରାଯାଇଛି। କାର୍ଯ୍ୟକ୍ରମକୁ ମିଶନ ଶକ୍ତି ପ୍ରକଳ୍ପ ସଂଯୋଜକ ଦୀପ୍ତିମୟୀ ପ୍ରଧାନ ପରିଚାଳନା କରିଥିଲେ। ମିଶନଶକ୍ତି ପ୍ରକଳ୍ପ ଅଧିକାରୀ ସସ୍ମିତା ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଦିଲୀପ ଜେନା, ଲକ୍ଷ୍ମୀପ୍ରିୟା ସାହୁ, ରାକେଶ ପଟ୍ଟନାୟକ, ଆଲୋକ ସ୍ୱାଇଁ, ସସ୍ମିତା ବଳିୟାରସିଂହ ପ୍ରମୁଖ ସହଯୋଗ କରିଥିଲେ।

# ଯୌତୁକ ପାଇଁ ମହିଳାଙ୍କୁ ହତ୍ୟା ଘଟଣାରେ ସ୍ୱାମୀ ଗିରଫ

**ବେଗୁନିଆ,୧୦।୬(ହର ପ୍ରସନ୍ନ ପଣ୍ଡା)**

ବେଗୁନିଆ ଥାନା ଅଧୀନ ଦଳକ ଗ୍ରାମରେ ଯୌତୁକ ପାଇଁ ମାନସୀ ବଳିୟାରସିଂହଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୧୬୮/୨୫) ରୁଜୁକରି ତଦନ୍ତ ଚଳାଇବା ସହ ମଙ୍ଗଳବାର ମୃତାଙ୍କ ସ୍ୱାମୀ ଅମର ବଳିୟାରସିଂହଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ମୁତାବକ, ଜଙ୍କିଆ ଥାନା ଅନ୍ତର୍ଗତ ରତାମାଟି ଗ୍ରାମର ମାନସୀଙ୍କୁ ଦୁଇ ବର୍ଷ ତଳେ ଦଳକ ଗ୍ରାମର ଅମର ବିବାହ କରିଥିଲେ। ବିବାହର କିଛିଦିନ ଦାମ୍ପତ୍ୟ ଜୀବନ ଭଲରେ କଟିବା ପରେ ଅଧିକ ଯୌତୁକ ଦାବିରେ ଶାଶୁଘର ଲୋକେ ମାନସୀଙ୍କୁ ନିର୍ଯାତନା ଦେଇଆସୁଥିଲେ। ଏନେଇ ଗତ ରବିବାର ରାତିରେ ସ୍ୱାମୀ–ସ୍ତ୍ରୀଙ୍କ ମଧ୍ୟରେ କଳହ ସୃଷ୍ଟି ହୋଇଥିଲା। ପରେ ମାନସୀଙ୍କ ମୃତଦେହକୁ ପୋଲିସ ଜବତ କରିଥିଲା। ଅଧିକ ଯୌତୁକ ଦାବିରେ ମାନସୀଙ୍କୁ ହତ୍ୟା କରାଯାଇଛି ବୋଲି ଭାଇ ରବୀନ୍ଦ୍ର ବେଗୁନିଆ ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା।

# ସାମ୍ବାଦିକ ଭବନ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର



ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ବିଧାୟକ ବିଭୂତି ବଳବନ୍ତରାୟ, ପ୍ରଶାନ୍ତ ଜଗଦ୍ଦେବ ଏବଂ ଅନ୍ୟମାନେ।

**ଜଟଣୀ,୧୦।୬(ରବୀନ୍ଦ୍ରନାଥ ମହାକୁଡ଼)**

ଜଟଣୀର ବଡ଼ ନୂଆଗାଁ ମୌଜାସ୍ଥିତ ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟ ନିକଟରେ ସାମ୍ବାଦିକ ଭବନ ନିର୍ମାଣ ପାଇଁ ମଙ୍ଗଳବାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଜଟଣୀ ବିଧାୟକଙ୍କ ପାଣ୍ଠିରୁ ଅନୁଦାନ ମିଳିବା ପରେ ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି କାର୍ଯ୍ୟ ଆରମ୍ଭ ହୋଇଛି। ତେବେ ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ଜଟଣୀ ବିଧାୟକ ବିଭୂତି ଭୂଷଣ ବଳବନ୍ତରାୟ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ଭାଜପା ଖୋର୍ଦ୍ଧା ଜିଲା ସଭାପତି ବିଶ୍ୱରଞ୍ଜନ ବଡ଼ଜେନା, ପୌର ଅଧ୍ୟକ୍ଷ ଅନନ୍ତ ବେହେରା, ସାଂସଦଙ୍କ ପ୍ରତିନିଧି ସତୀଶ ଶର୍ମା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ସମସ୍ତ ଅତିଥି ଏବଂ ଅନ୍ୟମାନେ ଚାରାରୋପଣ କରିଥିଲେ। ରବି ସ୍ୱାଇଁ, ଈଶ୍ୱର ସାମନ୍ତରାୟ, ମହମ୍ମଦ ଇସ୍ମାଇଲ ଅଲ୍ଲୀ, ସଂଗ୍ରାମ ହୋତା, ଅମରେଶ ରାଉତରାୟ, ରବୀନ୍ଦ୍ରନାଥ ମହାକୁଡ଼, ହୃଦାନନ୍ଦ କୋଦମାସିଂହ, ସନ୍ତୋଷ ବାରିକ, ଶ୍ରୀକାନ୍ତ ପ୍ରଧାନ, ସାଦ୍ଦିକ ଅଲ୍ଲୀ, ଶ୍ରୀକାନ୍ତ ପରିଜା, ସଜ୍ଜନ ଅଗ୍ରୱାଲ, ସତ୍ୟପ୍ରକାଶ, ବିଟୁ ମହେଶ, ନିରଞ୍ଜନ ବେହେରା, ଲଳିତ ମହାରଣା, ବିଶ୍ୱଜିତ ସାମନ୍ତରାୟ, ମହେନ୍ଦ୍ର ସାହୁ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ଭବନ ନିର୍ମାଣ ପାଇଁ ଆଗାମୀ ଦିନରେ ଯାହା ସହଯୋଗ ଆବଶ୍ୟକ ପଡିବ ଯୋଗାଇଦେବାକୁ ଉଭୟ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ।

# ସମସ୍ୟା ଶୁଣିଲେ, ସମାଧାନ ପାଇଁ ପ୍ରତିଶ୍ରୁତି ଦେଲେ

**କୃଷ୍ଣପ୍ରସାଦ,୧୦।୬**
**(କୈଳାସ ଚନ୍ଦ୍ର ପଟ୍ଟନାୟକ)**

ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର କୃଷ୍ଣପ୍ରସାଦ ବ୍ଲକର ବିଭିନ୍ନ ଗ୍ରାମ ପରିଦର୍ଶନ କରି ଲୋକଙ୍କ ସମସ୍ୟା ପଚାରି ବୁଝିବା ସହ ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ବଜ୍ରକୋଟ ପଞ୍ଚାୟତ ଅନ୍ତର୍ଗତ ନୂଆଗାଁ ଗ୍ରାମ ପରିକ୍ରମା କରିଥିଲେ। ଗ୍ରାମବାସୀଙ୍କ ପକ୍ଷରୁ ବିଧାୟିକାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗ୍ରାମର ଆରାଧ୍ୟ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ଏକ ସଭା ହୋଇଥିଲା। ଗ୍ରାମରେ ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ, ଉଚ୍ଚ ଶକ୍ତିସମ୍ପନ୍ନ ବିଦ୍ୟୁତ୍ ଟ୍ରାନ୍ସଫର୍ମର ସ୍ଥାପନ, ପକ୍କାରାସ୍ତା, ସ୍କୁଲ ଗୃହ ନିର୍ମାଣ ଆଦି ୯ ଦଫା ସମ୍ବଳିତ ଦାବିପତ୍ର ଗ୍ରାମ ସଭାପତି ଅଧ୍ୟାପକ ପ୍ରସନ୍ନ କୁମାର ସାହୁ, ପୂର୍ବତନ ସଭାପତି ସୁଦର୍ଶନ ଜେନା ବିଧାୟିକାଙ୍କୁ ପ୍ରଦାନ କରିଥିଲେ। ଦାବିଗୁଡ଼ିକ ପୂରଣ କରିବା ପାଇଁ ବିଧାୟିକା ପ୍ରତିଶ୍ରୁତି ଦେଇଥିଲେ। ବିଜୟ କୁମାର ଜେନା ମଞ୍ଚ କାର୍ଯ୍ୟ ପରିଚାଳନା କରିଥିଲେ। ଏହି ଗସ୍ତ ସମୟରେ ବିଧାୟିକାଙ୍କ ପ୍ରତିନିଧି ଉତ୍ତମ କୁମାର ତରେଇ, ସାଂସଦଙ୍କ ପ୍ରତିନିଧି ହରିହର ଦାଶ, ବ୍ଲକ ଆତ୍ମା କମିଟି ଅଧ୍ୟକ୍ଷ ସଞ୍ଜୟ କୁମାର ସେଠୀ, ମଣ୍ଡଳ ଭାଜପା ସଭାପତି ସଂଗ୍ରାମ କେଶରୀ ଜେନା, ବଜ୍ରକୋଟ ସରପଞ୍ଚ ପ୍ରଦୀପ ସେଠୀ, ଯୁବନେତା ପ୍ରଦୀପ ଜେନା, କେଦାରନାଥ ବିଶ୍ୱାଳ, ସୁରେନ୍ଦ୍ର ବିଶ୍ୱାଳ, ବିଶ୍ୱଜିତ୍ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ପରେ ବିଧାୟିକା ରାମଲେଙ୍କା, ନନ୍ଦଳା, ବ୍ରାହ୍ମଣଦେଓ, ବାଲିପାଟପୁର, ମାଲୁଦ ଆଦି ଗ୍ରାମକୁ ଯାଇ ଲୋକଙ୍କ ସମସ୍ୟା ବୁଝିଥିଲେ। ଏହି ଗସ୍ତ ସମୟରେ ପୂର୍ବତନ ସରପଞ୍ଚ ଅଜୟ ବିଶ୍ୱାଳ, ପୂର୍ବତନ ସରପଞ୍ଚ ମିଟୁ ସିଂହସାମନ୍ତ, ବରିଷ୍ଠ ନେତା ପ୍ରମୋଦ ବିଶ୍ୱାଳ, ସିଆଣ୍ଡି ସମିତିସଭ୍ୟ ଲଳିତ କୁମାର ତରେଇ, ନାଲୁ ପ୍ରଧାନ, ଭିକାରି ଚରଣ ବିଶ୍ୱାଳ, ମନୋଜ ଜେନା, ରାମଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଆଞ୍ଚଳିକ ରଜ ମହୋତ୍ସବ ପାଇଁ ପ୍ରସ୍ତୁତି

**କଳାପଥର,୧୦।୬ (ଗଙ୍ଗାଧର ସାହୁ)**

ଆଞ୍ଚଳିକ ରଜ ମହୋତ୍ସବ ପାଇଁ ମଙ୍ଗଳବାର ପ୍ରସ୍ତୁତି ବୈଠକ କଳାପଥର ଧଳାପଥର ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସାମାଜିକ ଅନୁଷ୍ଠାନ ‘ପରଦା’ର ସହଯୋଗରେ ତିନିଦିନ ଧରି ଏହି କାର୍ଯ୍ୟକ୍ରମ ହେବ। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ସ୍କୁଲ ପିଲାଙ୍କ ମଧ୍ୟରେ କୁଇଜ୍, ମହିଳାଙ୍କ ମଧ୍ୟରେ ଝୋଟି, ପିଠା, ହୁଳହୁଳି ଆଦି ପ୍ରତିଯୋଗିତା କରାଯିବ। ଏହି ଅଞ୍ଚଳର କୃତୀ କଳାକାର, ଶିକ୍ଷକ, ସମାଜସେବୀ, ଚାଷୀ, ନୃତ୍ୟ ଶିଳ୍ପୀମାନଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ବ୍ଲକ ପ୍ରଶାସନ ଏବଂ ପୋଲିସ ପ୍ରଶାସନର ସହଯୋଗ ପାଇଁ ଅନୁରୋଧ କରାଯିବ। ଏହି ବୈଠକରେ ପରଦାର ମୁଖ୍ୟ ରମେଶ ସାହୁ, ନରେଶ ସାହୁ, ଧରମୁଧର ଝୁଝାରସିଂ, ଧ୍ରୁବ ଚରଣ ମହାପାତ୍ର, ଭାଗୀରଥି ଦାଶ, ଶିଶିର ଆଚାର୍ଯ୍ୟ, ଗଙ୍ଗାଧର ସାହୁ, ଭରତ ବେହେରା, ବସନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ପାଣି ଅଭାବରୁ ଫସଲ ଉଜୁଡ଼ିଯିବା ଆଶଙ୍କା

**ନିରାକାରପୁର,୧୦।୬**
**(ମାନସ ଚନ୍ଦ୍ର ପଟ୍ଟନାୟକ)**

ଚଳିତବର୍ଷ ପ୍ରାକ୍ ମୌସୁମୀ ବର୍ଷା ପରେ ଏବେ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ହେଉଛି। ତେବେ ଆଶାନୁରୂପ ବର୍ଷା ହେଉ ନ ଥିବାରୁ ଅସହ୍ୟ ଗ୍ରୀଷ୍ମସାଙ୍ଗକୁ ଗୁଳୁଗୁଳି ଲାଗି ରହିଛି। ବର୍ଷା ଅଭାବରୁ ନିରାକାରପୁର ଅଞ୍ଚଳରେ ଥିବା ନାଳ, ଜଳାଶୟ ଶୁଖିଲା ପଡ଼ିଛି। ଫଳରେ ପାଣି ଅଭାବରୁ ପରିବା ଫସଲ ଉଜୁଡ଼ିଯିବାକୁ ବସିଲାଣି। ତେବେ ଚାଷୀ ପ୍ରସନ୍ନ ଦାସଙ୍କ କହିବା ଅନୁଯାୟୀ, ସେ ୨ ଏକର ଜମିରେ ବାଇଗଣ, କଲରା, ଟମାଟୋ ଆଦି ଫସଲ ଚାଷ କରିଥିଲେ। ଏବେ ପାଣି ଅଭାବରୁ ଫସଲ ଉଜୁଡ଼ିଯିବାକୁ ବସିଲାଣି। ପୂର୍ବପରି ଆଉ ମଧ୍ୟ ଫସଲ ଅମଳ ହେଉ ନାହିଁ।



ସେହିପରି ଚାଷୀ ରମାକାନ୍ତ ଜେନା କୁହନ୍ତି, ସେ ୩ ଏକରରୁ ଊର୍ଦ୍ଧ୍ୱ ଜମିରେ ଭେଣ୍ଡି, ଜହ୍ନି ଆଦି ଫସଲ କରିଥିଲେ। ଚଳିତବର୍ଷ ମୌସୁମୀ ସଅଳ ଆସିଥିଲେ ସୁଦ୍ଧା ସ୍ୱଳ୍ପ ବୃଷ୍ଟି ସହ ଦିନରେ ତାତି ଓ ରାତିରେ ହାତୀ ଉପଦ୍ରବ ପାଇଁ ସେ ଚାଷରୁ ମୁହଁ ଫେରାଉଛନ୍ତି। ସେହିପରି କୀଟନାଶକ ଓ ଆବଶ୍ୟକ ବିହନର ଅହେତୁକ ଦର ବୃଦ୍ଧି ଚାଷରୁ ମୁହଁ ଫେରାଉଛନ୍ତି ବୋଲି ଆଉ କେତେଜଣ ଚାଷୀ କହିଛନ୍ତି। ଅନ୍ୟପଟେ ବଜାରକୁ ପରିବା ଅଧିକ ଆସୁ ନ ଥିବାରୁ ଦର ବୃଦ୍ଧି ପାଇଛି। ୫୦୦ ଟଙ୍କାରେ ପରିବା କିଣିଲେ ବ୍ୟାଗ ଭର୍ତ୍ତି ହେଉ ନ ଥିବା ଖାଉଟି କିଶୋର ପରିଡ଼ା, ଦେବେନ୍ଦ୍ର ସାହୁ, ଅରକ୍ଷିତ ପ୍ରଧାନ, ଶ୍ୟାମ ବାରିକ ପ୍ରମୁଖ କହିଛନ୍ତି। ନିରାକାରପୁର ସମେତ ଜଙ୍କିଆ, ମଳିପଡ଼ା, ରମାବିଲି, ଭୁଷଣ୍ଡପୁର, ଗୋଳବାଇ, ନରଣଗଡ଼ ଆଦି ଅଞ୍ଚଳରେ ପରିବା ଦର ବୃଦ୍ଧି ପାଇଥିବାରୁ ଖାଉଟିଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

# ରାସ୍ତାରୁ ଉଠିଲା ପିଚୁ, ଲୋକେ ହଇରାଣ

**ବୋଲଗଡ଼,୧୦।୬(ଦେବବ୍ରତ ହୋତା)**

ଗ୍ରାମାଞ୍ଚଳ ଲୋକଙ୍କ ସହଜ ଓ ସୁଗମ ଯାତାୟାତ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ମାଧ୍ୟମରେ ସରକାର ରାସ୍ତା ନିର୍ମାଣ ଓ ମରାମତି ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ତେବେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଏବଂ ନିମ୍ନମାନର କାର୍ଯ୍ୟ ପାଇଁ ସାଧାରଣ ଲୋକେ ହଇରାଣ ହେଉଛନ୍ତି। ବୋଲଗଡ଼ ବ୍ଲକ ମାଣିବନ୍ଧଠାରୁ ଭାୟା ତେଲିରଙ୍ଗଣି ପାଟଣା ଦେଇ ବେଗୁନିଆ ବ୍ଲକ କୋଲୁହାପାଟଣା ପର୍ଯ୍ୟନ୍ତ ସୀମାନ୍ତ ରାସ୍ତାଟି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ୨୦୨୦ ମସିହାରେ ନିର୍ମାଣ ହୋଇଥିଲା। ପ୍ରାୟ ଅଢ଼େଇ କିମି ରାସ୍ତା କେନ୍ଦ୍ର ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ମଞ୍ଜୁରୀକ୍ରମେ ୧ କୋଟି ୬ ଲକ୍ଷ ୮୩ ହଜାର ଟଙ୍କା



ବ୍ୟୟବରାଦରେ କାର୍ଯ୍ୟ ଆରମ୍ଭ ହୋଇ ୫ବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ ଖର୍ଚ୍ଚ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ ଥିଲା। ତେବେ ଏହି ସମୟ ଅବଧି ସରିଯାଇଥିବା ବେଳେ ଏବେ ରାସ୍ତାରୁ ପିଚୁ ଉଠିଯିବା ସହ ମେଟାଲଗୁଡ଼ିକ ରାସ୍ତାରେ ବିକ୍ଷିପ୍ତଭାବେ ପଡ଼ିରହିଛି। ଫଳରେ ଲୋକେ ଯାତାୟାତ କରିବାରେ ହଇରାଣ ହେଉଛନ୍ତି। ରାସ୍ତାଟି ବାଘମାରୀ–କଣ୍ଟିଲୋ ୪୮ ନମ୍ବର ରାଜ୍ୟ ରାଜପଥ ଓ ଖୋର୍ଦ୍ଧା–ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ ମଧ୍ୟରେ ଏକ ମୁଖ୍ୟ ସଂଯୋଗ ରାସ୍ତାଭାବେ ଲୋକଙ୍କ ବ୍ୟବହାରରେ ଆସିଥାଏ। ରାଜପଥର ଗୋବିନ୍ଦପୁର ଛକରୁ ଭାୟା ତେଲିରଙ୍ଗଣି ପାଟଣା ଦେଇ ମାଣିବନ୍ଧ ନିକଟ ଟିକାତାଳ ଗ୍ରାମଠାରେ ଜାତୀୟ ରାଜପଥକୁ ବାହାରିଛି। ରାସ୍ତାର ବିଭିନ୍ନ ସ୍ଥାନରେ ଖାଲଢିପ ସହ ରାସ୍ତା ଫାଟି ଆଁ କରି ରହିଛି। ତେବେ ଏ ସମ୍ପର୍କରେ ବୋଲଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ରବୀନ୍ଦ୍ର କୁମାର ସ୍ୱାଇଁ କୁହନ୍ତି, କିଛିଦିନ ଏଠାରେ କାର୍ଯ୍ୟରେ ଯୋଗଦେଇଛି। ତୁରନ୍ତ ଉକ୍ତ ରାସ୍ତା ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି।

## ଡ. ଅମିୟ କୁମାର ମହାନ୍ତି ପାଇବେ 'ରାମକୃଷ୍ଣ ପତି ସମ୍ମାନ'

ଭୁବନେଶ୍ୱର, ୧୦।୬ (ବନ୍ଦନା ସେଠୀ)

କମ୍ୟୁନିଷ୍ଟ ଆନ୍ଦୋଳନର ନେତା, ମାର୍କ୍ସବାଦୀ ତତ୍ତ୍ୱବିତ୍ ତଥା ଅବିଭକ୍ତ ଭୁବନେଶ୍ୱରର ପୂର୍ବତନ ବିଧାୟକ ରାମକୃଷ୍ଣ ପତିଙ୍କ ୩୯ତମ ସ୍ମୃତି ସମାରୋହ ଆସନ୍ତା ୧୫ ତାରିଖରେ ପାଳନ ହେବ। ଏନେଇ ଭଗବତୀ ଭବନଠାରେ ସ୍ମୃତି କମିଟି ସଭାପତି ପ୍ରଦୋଷ ପଟ୍ଟନାୟକଙ୍କ ସଭାପତିତ୍ୱରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟିର ନିଷ୍ପତ୍ତି ଅନୁଯାୟୀ ସମାରୋହରେ ବିଶ୍ୱ ଶିକ୍ଷକ ମହାସଂଘ ସଭାପତି ଡ. ଅମୀୟ କୁମାର ମହାନ୍ତିଙ୍କୁ 'ରାମକୃଷ୍ଣ ପତି ସମ୍ମାନ' ପ୍ରଦାନ କରାଯିବ। ପ୍ରସ୍ତୁତି ବୈଠକରେ ସ୍ମୃତି କମିଟି ସମ୍ପାଦକ ସୁର ଜେନା, ପ୍ରମୋଦିନୀ ପାଇକରାୟ, ଶଙ୍କର ବାରିକ, ବିଜୟ ଜେନା, ପ୍ରଫୁଲ୍ଲ ତ୍ରିପାଠୀ, କୈଳାଶ ପୁହାଣ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ୧୩ରେ ଓଡ଼ିଶା ନଦୀ ସୁରକ୍ଷା ସମ୍ମିଳନୀ

ଭୁବନେଶ୍ୱର, ୧୦।୬ (ବନ୍ଦନା ସେଠୀ)

ରାଜ୍ୟରେ ଏବେ ସବୁ ନଦୀ ଘୋର ସଙ୍କଟ ଅବସ୍ଥାରେ ରହିଛି। ଅତ୍ୟନ୍ତ ପ୍ରଦୂଷଣ ସହ ନଦୀର ଜମିକୁ ଜବରଦଖଲକାରୀ ମନଇଚ୍ଛା ମାଡ଼ି ବସିଲେଣି। ଏଥିସହ ବହୁଳ ଭାବେ ବେଆଇନ ବାଲି ଉତ୍ତୋଳନ ଏବେ ନଦୀର ଅସ୍ତିତ୍ୱ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଶିଳ୍ପ ସଂସ୍ଥାଗୁଡ଼ିକ ନଦୀଗୁଡ଼ିକୁ ମନ ଇଚ୍ଛା ଶୋଷଣ ଓ ପ୍ରଦୂଷିତ କରୁଛନ୍ତି। ଏହାର ସମାଧାନ ନେଇ ଜୁନ୍ ୧୩ରେ 'ଓଡ଼ିଶା ନଦୀ ସୁରକ୍ଷା ସମ୍ମିଳନୀ' ଅନୁଷ୍ଠିତ ହେବ। ମହାନଦୀ ବଞ୍ଚାଅ ଆନ୍ଦୋଳନ ଆବାହକ ସୁଦର୍ଶନ ଦାସଙ୍କ ନେତୃତ୍ୱରେ ଆୟୋଜିତ ହେବାକୁ ଥିବା ସମ୍ମିଳନୀରେ ଜଳ ପୁରୁଷ ଭାବେ ପରିଚିତ ରାଜେନ୍ଦ୍ର ସିଂ ଉଦ୍‌ବୋଧନ ଦେବେ। ଏହାପରେ ରାଜ୍ୟରେ ନଦୀ ସୁରକ୍ଷା ସମ୍ପର୍କରେ ଆଲୋଚନା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଥିବା ନେଇ ମହାନଦୀ ବଞ୍ଚାଅ ଆନ୍ଦୋଳନର ମୁଖପାତ୍ର ପ୍ରସନ୍ନ ବିଷୋୟୀ, ସଂଯୋଜକ ବିଜୟ ପ୍ରଧାନ, ସଚ୍ଚିକାନ୍ତ ପ୍ରଧାନ ପ୍ରମୁଖ ସୂଚନା ଦେଇଛନ୍ତି।

## କୁଳମଣି ସାହୁଙ୍କ 'ତବଲା ଶବ୍ଦକୋଷ' ଉନ୍ମୋଚିତ

ଭୁବନେଶ୍ୱର, ୧୦।୬ (ଅନୁରାଧା ମହାରଣା)

ତବଲାବାଦକ ଓ ଲେଖକ କୁଳମଣି ସାହୁଙ୍କ ଲିଖିତ ପୁସ୍ତକ 'ତବଲା ଶବ୍ଦକୋଷ' ମଙ୍ଗଳବାର ବୁଦ୍ଧ ମନ୍ଦିର ପରିସରରେ ଉନ୍ମୋଚିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପଣ୍ଡିତ ଡ. ହରମୋହନ ଖୁଣ୍ଟିଆ, ଗୁରୁ ଧନେଶ୍ୱର ସ୍ୱାଇଁ, ଗୁରୁ ସଚ୍ଚିଦାନନ୍ଦ ଦାସ ଓ ଡ. ବିଜୟ କୁମାର ଜେନା ଅତିଥି ଭାବେ ଯୋଗଦେଇ ଏହାକୁ ଉନ୍ମୋଚନ କରିଥିଲେ। ଅର୍ପିତା ସାହୁ ଗୁରୁ ବନ୍ଦନା ପରିବେଷଣ କରିଥିବାବେଳେ ଗୁରୁ କିଶୋର କୁମାର ସାହୁ ଏକକ ତବଲା ବାଦନ କରିଥିଲେ। ସେହିପରି ଉସ୍ତାଦ ସାବିର ଖାନଙ୍କ ଗୁହ ଦାହର ଉପସ୍ଥାପନ କରିଥିଲେ ଦିବ୍ୟଜ୍ୟୋତି ଓ ସୁଦିପ୍ତା। ତବଲାରେ ଗଜରାଜ ମୋହିନୀ, ବଂଶୀରେ ଅସୀତ ମହାପାତ୍ର ଓ ସିତାରରେ ବୁଦ୍ଧାଦିତ୍ୟ ପ୍ରଧାନ ଯୋଗଦେଇଥିଲେ। କୁଳମଣି ସାହୁଙ୍କ ଶିଷ୍ୟ ସୁଶାନ୍ତ, ରାକେଶ, ଭୀମସେନ୍, ଆକାଶ, ନିର୍ମାଲ୍ୟ, ସୁମନ ସ୍ୱରୂପ, ଅୟଶକାନ୍ତ, ଗୀତଗୁଞ୍ଜନ. ଆକାଶ ରଞ୍ଜିବ ବିଶ୍ୱାଳଙ୍କ ସହଯୋଗରେ ତବଲା ବାଦନ ଅନୁଷ୍ଠିତ ହୋଇଥିଲା। ଏହି ପୁସ୍ତକରେ ବାଦ୍ୟର ଉତ୍ପତ୍ତି, ଭାରତୀୟ ଅବନଦ୍ଧ ବାଦ୍ୟର ତାଳ ଲିପିପଦ୍ଧତି, ଲୟ, ଲୟକାରୀ ପରିଭାଷା ଓ ପାରମ୍ପରିକ ବୋଲ ରଚନା, ଘରନାଦର ତବଲା ଶିକ୍ଷା, ସ୍ୱରଚିତ ବୋଲର ଉଦାହରଣ ସହିତ ସାଂସ୍କୃତିକ ଓ ଐତିହାସିକ ପ୍ରଭେଦ ଏବଂ ତାଳ ରଚନାର ବିସ୍ତୃତ ବର୍ଣ୍ଣନା ରହିଛି।

## ମହିଳାଙ୍କ ନାଁରେ ୧୦ ଲକ୍ଷର ଗ୍ରୁପ୍ ଲୋନ୍ ହଡ଼ପ ଘଟଣା

# ଇନ୍‌ଫୋସିଟି ଥାନାରେ ପୋଲିସ-ମହିଳା ମୁହାଁମୁହିଁ

ଭୁବନେଶ୍ୱର, ୧୦।୬ (ସତ୍ୟଜିତ୍ ରାଉତ)

ଇନ୍‌ଫୋସିଟି ଥାନା ଅନ୍ତର୍ଗତ ମହିମାନଗର ଅଞ୍ଚଳରେ ମହିଳାମାନଙ୍କ ନାମରେ ଗ୍ରୁପ ଲୋନ କରି ୧୦ ଲକ୍ଷ ଟଙ୍କା ହଡ଼ପ କରାଯାଇଥିବା ଅଭିଯୋଗ ହୋଇଛି। ଏହି ମାମଲାରେ ଇନ୍‌ଫୋସିଟି ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ମଙ୍ଗଳବାର ଗିରଫ କରିଛି। ସେ ହେଲେ ମହିମାନଗରରେ ରହୁଥିବା ବାଲେଶ୍ୱର ଜିଲା ସିମୁଳିଆ ରସିଦ୍‌ପୁର ଗାଁର ଅଜୟ କୁମାର ମହାନ୍ତି (୫୫)। ତେବେ ଅଜୟଙ୍କଠାରୁ ପ୍ରଥମେ ଠକେଇ ଟଙ୍କା ଆଦାୟ କରିବା ଦାବିରେ ମହିଳାମାନେ ରାସ୍ତାକୁ ଓହ୍ଲାଇବା ସହ ପୋଲିସ ବିରୋଧରେ ପ୍ରତିବାଦ କରିଛନ୍ତି। ଏହାକୁ ନେଇ ଇନ୍‌ଫୋସିଟି ଥାନାରେ ପୋଲିସ କର୍ମଚାରୀ ଓ ମହିଳାଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜିଥିଲା। ତେବେ ଅଭିଯୁକ୍ତ ଅଜୟଙ୍କୁ ପୋଲିସ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ମାମଲା ଅନୁଯାୟୀ, ଅଭିଯୁକ୍ତ ଅଜୟ ମହିମାନଗର ଅଞ୍ଚଳର ବିଭିନ୍ନ ମହିଳାଙ୍କ ନାଁରେ ଏକ ଗ୍ରୁପ୍ ଗଠନ କରି ବ୍ୟାଙ୍କ ଓ ମାଇକ୍ରୋ ଫାଇନାନ୍ସ ମାଧ୍ୟମରେ ଋଣ ଦେବା ଆଣିବା ପାଇଁ ସେମାନଙ୍କୁ ବୁଝାଇଥିଲେ। ମାତ୍ର ପରେ ଗ୍ରୁପ୍ ସଦସ୍ୟାମାନଙ୍କ ଅଜାଣତରେ ସେମାନଙ୍କ ନାଁରେ ନିଆଯାଇଥିବା ଲୋନ୍ ଅର୍ଥକୁ ଅଜୟ ନେଇଯାଇ ନିଜ ବ୍ୟକ୍ତିଗତ କାମରେ ଲଗାଇଥିଲେ। ଦୁଇଟି ଫାଇନାନ୍ସ କମ୍ପାନିରୁ ଗ୍ରାମବାସୀଙ୍କ ନାମରେ ୫ ଲକ୍ଷ ଟଙ୍କା ଲେଖାଏ ମୋଟ ୧୦ ଲକ୍ଷ ଟଙ୍କା ଠକି ନେଇଥିଲେ। ପରେ ଅଜୟ ଏହି ଟଙ୍କାରେ ଏକ ବୁକ୍ ଷ୍ଟୋର ଖୋଲିଥିଲେ। ଲୋନ୍ ଏଜେଣ୍ଟ ମାସିକ କିସ୍ତି ଆଦାୟ ପାଇଁ ଆସିବାରୁ ଗାଁ ଲୋକେ ଋଣ ସମ୍ପର୍କରେ ଜାଣି ନ ଥିବା କହିଥିଲେ। ଏପଟେ ଗତ ଏପ୍ରିଲ ୧୩ ରାତିରେ ଅଜୟ ଘର ଓ ନିଜର ବ୍ୟବସାୟ ବନ୍ଦ କରି ପରିବାର ସଦସ୍ୟଙ୍କ ସହ ଚେନ୍ନାଇକୁ ପଳାଇ ଯାଇଥିଲେ। ଏନେଇ ସସ୍ମିତା ନାୟକଙ୍କ ଏତଲାକ୍ରମେ ଏପ୍ରିଲ ୧୯ରେ ଇନ୍‌ଫୋସିଟି ଥାନାରେ ଏକ ମମାଲା(ନଂ.୧୫୮/୨୦୨୫) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ତେବେ ଅଭିଯୁକ୍ତ କିଛିଦିନ ତଳେ ଭୁବନେଶ୍ୱର ଫେରିଥିବା ଜାଣି ପୋଲିସ ତାଙ୍କୁ କାବୁ କରିଥିଲା। ହେଲେ ଅଜୟଙ୍କଠାରୁ ଟଙ୍କା ଆଦାୟ କରାଯାଉ ବୋଲି ଠକେଇର ଶିକାର ଲୋକମାନେ ଦାବି କରିଥିଲେ। ମଙ୍ଗଳବାର ମଧ୍ୟାହ୍ନରେ ୫୦ରୁ ଉର୍ଦ୍ଧ୍ୱ ମହିଳା ଥାନା ଘେରାଉ କରି ସମ୍ମୁଖ ରାସ୍ତା ଅବରୋଧ କରିଥିଲେ। ସେମାନେ ପୋଲିସ ବିରୋଧରେ ନାରାବାଜି ଦେଇଥିଲେ। ଧସ୍ତାଧସ୍ତିରେ ଜଣେ ମହିଳା ଆହତ ହୋଇଥିଲେ। ତେବେ କିଛି ସମୟ ହୋହାଲ୍ଲା ପରେ ଥାନା ଭିତରକୁ ଉତ୍ତ୍ୟକ୍ତ ମହିଳାମାନେ ଧସେଇ ପଶିଥିଲେ। ମହିଳା ପୋଲିସଙ୍କୁ ଠେଲାପେଲା କରିବା ସହ ମାଡ଼ ମାରିଥିଲେ। ଅଭିଯୁକ୍ତଙ୍କୁ ଲୁଚାଇ ପୋଲିସ କୋର୍ଟ ଚାଲାଣ କରିଦେଲା ବୋଲି ସେମାନେ ଅଭିଯୋଗ କରିଥିଲେ। ଉତ୍ତ୍ୟକ୍ତ ଲୋକମାନେ ଥାନାର ଫୁଲକୁଣ୍ଡ ଆଦି ଭଙ୍ଗାରୁଜା କରିଥିଲେ। ତେବେ ଥାନାରେ ବିଶୃଙ୍ଖଳା ଘଟଣାକୁ ନେଇ କୌଣସି ମାମଲା ରୁଜୁ କରାଯାଇ ନ ଥିବା ଥାନାଧିକାରୀ ମହେନ୍ଦ୍ର କୁମାର ସାହୁ କହିଛନ୍ତି।

**ଅଭିଯୁକ୍ତଙ୍କ ଠାରୁ ଟଙ୍କା ଆଦାୟ ପରେ କୋର୍ଟ ଚାଲାଣ କରାଯିବା ଜିଦ୍‌ରେ ଭଙ୍ଗାରୁଜା**



ଠକେଇର ଶିକାର ମହିଳାମାନେ ଥାନା ଆଗରେ ଧାରଣାରେ ବସିଛନ୍ତି।


ଅଜୟ କୁମାର ମହାନ୍ତି

# ଟିଏମ୍‌ଟି ଷ୍ଟିଲ୍ ବିକ୍ରି ନାଁରେ ୧୧.୨୫ ଲକ୍ଷ ଠକେଇ

- ଉତ୍ତରପ୍ରଦେଶରୁ ଅଭିଯୁକ୍ତ ଠକ ଗିରଫ
- ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଆସିଲେ

ଭୁବନେଶ୍ୱର, ୧୦।୬ (ସତ୍ୟଜିତ୍ ରାଉତ)

ଟିଏମ୍‌ଟି ଷ୍ଟିଲ୍ ବିକ୍ରି ଆଳରେ ଜଣେ ବ୍ୟବସାୟୀଙ୍କୁ ୧୧.୨୫ ଲକ୍ଷ ଠକେଇ କରିବା ଅଭିଯୋଗରେ ଭୁବନେଶ୍ୱର ସାଇବର କ୍ରାଇମ୍ ଓ ଅର୍ଥନୈତିକ ଅପରାଧ ଥାନା ପୋଲିସ ଉତ୍ତରପ୍ରଦେଶରୁ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଉତ୍ତରପ୍ରଦେଶ ଚାନ୍ଦୋଲି ଅଞ୍ଚଳର ପ୍ରଦ୍ୟୁମ୍ନ କୁମାର(୨୫)। ସୋମବାର ଗିରଫ ପରେ ତାଙ୍କୁ ଚାନ୍ଦୋଲି ସିଜେଏମ୍ କୋର୍ଟକୁ ଚାଲାଣ କରାଯାଇଥିଲା। କୋର୍ଟଙ୍କ ଅନୁମତିକ୍ରମେ ପ୍ରଦ୍ୟୁମ୍ନଙ୍କୁ ଟ୍ରାଞ୍ଜିଟ୍ ରିମାଣ୍ଡରେ ଓଡ଼ିଶା ଅଣାଯାଇଛି।

ପୋଲିସ ସୂଚନା ଅନୁଯାୟୀ, ଭୁବନେଶ୍ୱରର ବ୍ୟବସାୟୀ ମହେଶ କୁମାର ସିଂ ଟିଏମ୍‌ଟି ଷ୍ଟିଲ୍ କିଣିବାକୁ ଯାଇ ଠକେଇର ଶିକାର ହୋଇଥିଲେ। ସେ ଇଣ୍ଟରନେଟ୍‌ରେ ଜିନ୍ଦଲ ଷ୍ଟିଲ୍ ପ୍ରାଇଭେଟ୍ ଲିଃର ଭେଣ୍ଡର ଖୋଜୁଥିଲେ। ସାଇବର ଠକମାନେ ଦେଇଥିବା ଏକ ଟୋଲ୍ ଫ୍ରି ନମ୍ବରକୁ ମହେଶ କଲ୍ କରିଥିଲେ। ଅଭିଯୁକ୍ତ ପ୍ରଦ୍ୟୁମ୍ନ ଜିନ୍ଦଲ ଷ୍ଟିଲ୍ ପ୍ଲାଣ୍ଟର ସେଲ୍‌ସ ଏକ୍‌ଜିକ୍ୟୁଟିଭ୍ ଭାବେ ପରିଚୟ ଦେଇଥିଲେ। ବ୍ୟବସାୟିକ ପ୍ରତିଷ୍ଠାନର ନିର୍ମାଣ ପାଇଁ ଟିଏମ୍‌ଟି ଷ୍ଟିଲ୍ କିଣିବାକୁ ଚାହୁଁଥିବା ମହେଶ କହିଥିଲେ। ଠକ ଜଣକ ତାଙ୍କୁ କମ୍ପାନୀର ଫେକ୍ ଇନ୍‌ଭଏସ୍ ଓ ବ୍ୟାଙ୍କ ଆକାଉଣ୍ଟ ତଥ୍ୟ ଦେଇ ବିଶ୍ୱାସ ଜନ୍ମାଇଥିଲେ। ମହେଶ ଟିଏମ୍‌ଟି ଷ୍ଟିଲ୍ କିଣିବାକୁ ଠକ ଦେଇଥିବା ବ୍ୟାଙ୍କ ଆକାଉଣ୍ଟକୁ ଦୁଇଟି ପର୍ଯ୍ୟାୟରେ ଟଙ୍କା ଦେଇଥିଲେ। ଗତ ମେ' ୨୦ ତାରିଖରେ ଆଇଏମ୍‌ପିଏସ୍ ଜରିଆରେ ୧ ଲକ୍ଷ ୨୫ ହଜାର ୩୦୦ ଓ ଏନ୍‌ଇଏଫ୍‌ଟି/ଆର୍‌ଟିଜିଏସ୍ ଜରିଆରେ ୧୦ଲକ୍ଷ ଟଙ୍କା ମହେଶ ପଠାଇଥିଲେ। ଏହାପରେ ଠକମାନେ ସବୁ ସମ୍ପର୍କ କାଟି ଦେବାରୁ ସେ ସାଇବର ଥାନାରେ ଏତଲା ଦେଇଥିଲେ। ମେ' ୨୨ରେ ପୋଲିସ ମାମଲା (ନଂ.୮/୨୦୨୫) ରୁଜୁ କରି ତଦନ୍ତ କରିଥିଲା। ଟଙ୍କା ଯାଇଥିବା ଉକ୍ତ ବ୍ୟାଙ୍କ ଆକାଉଣ୍ଟଟି ପ୍ରଦ୍ୟୁମ୍ନଙ୍କ ବୋଲି ଜଣାପଡ଼ିଥିଲା। ଏଥିରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ପୋଲିସ ଧରିବାକୁ ପ୍ରୟାସ କରୁଛି।


ଅଭିଯୁକ୍ତ ପ୍ରଦ୍ୟୁମ୍ନ କୁମାର।

# ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନ ପରିଦର୍ଶନ କଲେ ରାଜ୍ୟପାଳ

**ରକ୍ତହୀନତା, ଦୃଷ୍ଟି ସମସ୍ୟା ନିରାକରଣ ପାଇଁ ଗୁରୁତ୍ୱାରୋପ**

ଭୁବନେଶ୍ୱର, ୧୦।୬ (ବନ୍ଦନା ସେଠୀ)

ମହିଳା ଓ କିଶୋରୀମାନଙ୍କ କ୍ଷେତ୍ରରେ ଦେଖାଯାଉଥିବା ରକ୍ତହୀନତା ଓ ଦୃଷ୍ଟି ସମସ୍ୟା ଚିନ୍ତାଜନକ। ତେଣୁ ଏହାର ନିରାକରଣ ପାଇଁ ନିୟମିତ ପରୀକ୍ଷା ଏବଂ ପୁଷ୍ଟିକର ଖାଦ୍ୟର ଆବଶ୍ୟକତା ଉପରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଗୁରୁତ୍ୱାରୋପ କରିଛନ୍ତି। ମଙ୍ଗଳବାର ରାଜ୍ୟ ମହିଳା ଏବଂ ଶିଶୁ ପ୍ରତିଷ୍ଠାନ ପରିଦର୍ଶନ ସମୟରେ ରାଜ୍ୟପାଳ ଏହା କହିବା ସହିତ ହିମୋଗ୍ଲୋବିନ୍ ସ୍ତରକୁ ଉନ୍ନତ କରିବା ପାଇଁ ଦୈନନ୍ଦିନ ଖାଦ୍ୟରେ ଗାଜର, ବିଟ୍ ଜୁସ୍, ଚିକି ଭଳି ଖାଦ୍ୟ ସାମଗ୍ରୀ ସାମିଲ କରିବାକୁ ପରାମର୍ଶ ଦେଇଥିଲେ। ସେହିପରି ସ୍କୁଲ ପିଲାଙ୍କ ମଧ୍ୟରେ ବର୍ଦ୍ଧିତ ଦୃଷ୍ଟି ସମସ୍ୟା ଉପରେ ରାଜ୍ୟପାଳ ଚିନ୍ତା ପ୍ରକଟ କରିଥିଲେ। ଏହାର ପ୍ରତିକାର ପାଇଁ ପ୍ରତ୍ୟେକ ସ୍କୁଲରେ ଅତି କମ୍‌ରେ ଜଣେ ଶିକ୍ଷକଙ୍କୁ ପିଲାଙ୍କ ଆଖି ସମସ୍ୟା ଚିହ୍ନଟ ପାଇଁ ମୌଳିକ ତାଲିମ ଦିଆଯିବାର ଆବଶ୍ୟକତା ରହିଛି। ତେଣୁ ଏ ସମ୍ପର୍କରେ ସମ୍ପୃକ୍ତ ବିଭାଗ ସହ ଆଲୋଚନା କରିବେ ବୋଲି ରାଜ୍ୟପାଳ କହିଥିଲେ। ଏହି ଅବସରରେ ରାଜ୍ୟପାଳ ପ୍ରତିଷ୍ଠାନରେ ଉପଲବ୍ଧ ସୁବିଧା, ମାଳତୀ ଚୌଧୁରୀ ନିବାସ, ରେସିପି ଓ ଟୋୟାଥନ୍ ପ୍ରଦର୍ଶନ ୟୁନିଟ୍, ମଡେଲ ଅଙ୍ଗନୱାଡି କେନ୍ଦ୍ର, ଯୋଗକେନ୍ଦ୍ର ଏବଂ ପାଠାଗାର ପରିଦର୍ଶନ କରିଥିଲେ। ପ୍ରଶିକ୍ଷାର୍ଥୀମାନଙ୍କ ସହିତ ବାର୍ତ୍ତାଳାପ କରି ସେମାନଙ୍କ ତାଲିମ, ଉପଲବ୍ଧ ସୁବିଧା ଏବଂ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ସଚେତନ ଅଛନ୍ତି କି ନାହିଁ ପଚାରି ବୁଝିଥିଲେ। ଏହି କ୍ରମରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ ସମସ୍ତ ଯୋଜନା ତାଲିକାଭୁକ୍ତ କରି ପୁସ୍ତିକା ପ୍ରସ୍ତୁତ କରିବା ସହ ପ୍ରତିଷ୍ଠାନର ପ୍ରଶିକ୍ଷାର୍ଥୀମାନଙ୍କୁ ବଣ୍ଟନ କରିବାକୁ କର୍ମକର୍ତ୍ତାମାନଙ୍କୁ ପରାମର୍ଶ ଦେଇଥିଲେ। ଗସ୍ତ ସମୟରେ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।




ଦେବସ୍ନାନ ପୂର୍ଣ୍ଣିମା ପାଇଁ ମଙ୍ଗଳବାର ସନ୍ଧ୍ୟାରୁ ଶ୍ରୀମନ୍ଦିର ଆଗରେ ଲୋକଙ୍କ ଗହଳି।

## ଏଆଇଟିୟୁସି ନେତା ଅନିତ ଚକ୍ରବର୍ତ୍ତୀଙ୍କ ପରଲୋକ

ଭୁବନେଶ୍ୱର, (ବନ୍ଦନା ସେଠୀ)/ ବ୍ରଜରାଜନଗର, ୧୦।୬ (ବିଜୟ ବରାଡ଼)

ଶ୍ରମିକ ନେତା, ଏଆଇଟିୟୁସି ଜାତୀୟ ପରିଷଦ ସଭ୍ୟ ତଥା କମ୍ୟୁନିଷ୍ଟ ପାର୍ଟିର ରାଜ୍ୟ ପରିଷଦ ସଭ୍ୟ ଅନିତ ଚକ୍ରବର୍ତ୍ତୀଙ୍କ ସୋମବାର ରାତିରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ଅନିତ୍ ଫୁସ୍‌ଫୁସ୍ ସଂକ୍ରମଣଜନିତ ରୋଗରେ ପୀଡିତ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ମୃତ୍ୟୁ ସମୟରେ ପୁତ୍ର ସୁକାନ୍ତ ଚକ୍ରବର୍ତ୍ତୀ ଓ ତାଙ୍କର ପୁତୁରା ଉପସ୍ଥିତ ଥିଲେ। ଖବରପାଇ ପାର୍ଟିର ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, ସହସମ୍ପାଦକ କ୍ଷୀରୋଦ ସିଂଦେଓ, ରାଜ୍ୟ ସମ୍ପାଦକମଣ୍ଡଳୀ ସଦସ୍ୟ ଡ. ପ୍ରଶାନ୍ତ ମିଶ୍ର ପ୍ରମୁଖ ଡାକ୍ତରଖାନାରେ ପହଞ୍ଚି ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ପରେ ମରଶରୀରକୁ ଶୋଭାଯାତ୍ରାରେ ଭୁବନେଶ୍ୱରସ୍ଥିତ ରାଜ୍ୟ ପାର୍ଟି ମୁଖ୍ୟ କାର୍ଯ୍ୟାଳୟ ଭଗବତୀ ଭବନକୁ ଅଣାଯାଇଥିଲା। ସେଠାରେ ତାଙ୍କ ଶେଷ ସମ୍ମାନାର୍ଥେ ରାଜ୍ୟ ପାର୍ଟି କାର୍ଯ୍ୟାଳୟର ଲାଲ୍ ପତାକାକୁ ଅର୍ଦ୍ଧନମିତ କରାଯାଇଥିଲା। ପାର୍ଟିର ଜାତୀୟ ସମ୍ପାଦକ ରାମକୃଷ୍ଣ ପଣ୍ଡା, ରାଜ୍ୟ ସମ୍ପାଦକମଣ୍ଡଳୀ ସଦସ୍ୟ ଜୟନ୍ତ ଦାସ, ରାଜ୍ୟ କାର୍ଯ୍ୟକାରୀ କମିଟି ସଦସ୍ୟ ସୁର ଜେନା ପ୍ରମୁଖ ଶବାଧାରରେ ଲାଲ ପତାକା ଆଚ୍ଛାଦନ କରି ଶେଷ ସମ୍ମାନ ଜଣାଇଥିଲେ। ପରେ ମର ଶରୀରକୁ ନିଜ ବାସସ୍ଥାନ ବ୍ରଜରାଜନଗର ଅଭିମୁଖେ ନିଆଯାଇଥିଲା। ବୁଧବାର ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯିବ ବୋଲି ସୂଚନା ଦିଆଯାଇଛି।

୧୯୫୪ ଡିସେମ୍ବର ୧ରେ ପଶ୍ଚିମବଙ୍ଗର ମେଦିନୀପୁର ଜିଲା ଅନ୍ତର୍ଗତ ସାଭେଲିଠାରେ ଅନିତ ଜନ୍ମଗ୍ରହଣ କରିଥିଲେ। ମାଟ୍ରିକ ପାସ୍ କରିବା ପରେ ସେ ବ୍ରଜରାଜନଗର ଆସି ବିସ୍ଥାପିତ ଆନ୍ଦୋଳନରେ ସାମିଲ୍ ହୋଇଥିଲେ।

## ଦେବଯୁଗ ପରିବାରର ଏକାମ୍ର ଚନ୍ଦନ ମହୋତ୍ସବ


ମହୋତ୍ସବରେ ବିଧାୟକ ବାବୁ ସିଂ ଓ ଅନ୍ୟମାନେ।

ପୁରୁଣା ଭୁବନେଶ୍ୱର, ୧୦।୬(ସୁବାସ ଚନ୍ଦ୍ର ପ୍ରଧାନ)

ଦେବଯୁଗ ପରିବାରର ଅଧ୍ୟକ୍ଷ ଦେବବ୍ରତ ନାୟକଙ୍କ ନେତୃତ୍ୱରେ ଶନିବାର ପୁରୁଣା ଭୁବନେଶ୍ୱର, ମାଉସୀ ମା' ଛକସ୍ଥିତ ପ୍ରଭୁ ଶ୍ରୀ ରାମେଶ୍ୱରଙ୍କ ମନ୍ଦିର ପ୍ରାଙ୍ଗଣରେ ପବିତ୍ର ଏକାମ୍ର ଚନ୍ଦନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥିଭାବେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ବିଶେଶ୍ୱର ଟୁଡୁ, ଗୋଲକ ମହାପତ୍ର, ଏକାମ୍ର ବିଧାୟକ ବାବୁ ସିଂ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ଭୁବନେଶ୍ୱର ମଧ୍ୟମ ବିଧାୟକ ପାର୍ଥୀ ଜଗନ୍ନାଥ ପ୍ରଧାନ, ଜଟଣୀର ପୂର୍ବତନ ବିଧାୟକ ସୁର ରାଉତରାୟ, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ପୂର୍ବତନ ସଂଗଠନ ମନ୍ତ୍ରୀ ସାରଦା ଶତପଥି, ପୂର୍ବତନ ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି, ନାରୀନେତ୍ରୀ ରଶ୍ମି ମହାପାତ୍ର, ସୁଭାସିନୀ ପୃଷ୍ଟି, ତୃପ୍ତିମୟୀ ମକଦମ୍, ସିପ୍ରା ସେନାପତି ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କଣ୍ଠଶିଳ୍ପୀ ଦୀପ୍ତିରେଖା ପାଢ଼ୀ ଏବଂ କୁମାର ବାପିଙ୍କ ସମେତ ଅନ୍ୟ କଳାକାରମାନେ ସଙ୍ଗୀତ ପରିବେଶଣ କରିଥିଲେ।

## 'ହୀର ଏକ୍ସପ୍ରେସ'ର ଟିଜର ରିଲିଜ

ଭୁବନେଶ୍ୱର, ୧୦।୬ (ଅନୁରାଧା ମହାରଣା)

ଟ୍ୟୁଲିପ ଏଣ୍ଟରଟେନ୍‌ମେଣ୍ଟ ଏବଂ ଦିବିଶା ଏଣ୍ଟରଟେନମେଣ୍ଟ ବ୍ୟାନରରେ ନିର୍ମିତ ପାରିବାରିକ କାହାଣୀ 'ହୀର ଏକ୍ସପ୍ରେସ'ର ଟିଜର ମଙ୍ଗଳବାର ଜୀ ମ୍ୟୁଜିକ କମ୍ପାନୀରେ ରିଲିଜ ହୋଇଛି। ଏହି ଫିଲ୍ମଟି ୮ ଅଗଷ୍ଟ ୨୦୨୫ରେ ରିଲିଜ ହେବ। ଟିଜରରେ ଦିବ୍ୟା ଜୁନେଜା ହୀର ୱାଲିଆ ଭୂମିକାରେ ନଜର ଆସିଛନ୍ତି। ତାଙ୍କ ସହିତ ଆଶୁତୋଷ ରାଣା, ସଞ୍ଜୟ ମିଶ୍ର ଏବଂ ଗୁଲଶନ ଗ୍ରୋଭର ମଧ୍ୟ ଫିଲ୍ମରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ। ଫିଲ୍ମର ଟିଜରକୁ ଦର୍ଶକ ବେଶ୍ ପସନ୍ଦ କରିଛନ୍ତି। ଫିଲ୍ମ ହୀର ଏକ୍ସପ୍ରେସର ଟିଜର ସୋସିଆଲ ମିଡିଆରେ ବହୁଳ ଭାବରେ ଶେୟାର କରାଯାଉଛି। ଏହି ଫିଲ୍ମଟି ମେରୀ ଗୋ ରାଉଣ୍ଡ ଷ୍ଟୁଡିଓ ଏବଂ କ୍ରିଏଟିଭ ଷ୍ଟ୍ରୋକ୍ସ ଗ୍ରୁପ୍ ସହଯୋଗରେ ନିର୍ମିତ ହେଉଛି। 'ଓଃ ମାଇ ଗଡ୍' ଏବଂ '୧୦୨ ନଟ୍ ଆଉଟ' ଭଳି ପ୍ରଶଂସିତ ଫିଲ୍ମ ପାଇଁ ଜଣାଶୁଣା ଜାତୀୟ ପୁରସ୍କାର ବିଜେତା ନିର୍ଦ୍ଦେଶକ ଉମେଶ ଶୁକ୍ଲା ଏହି ପ୍ରୋଜେକ୍ଟରେ ନିର୍ଦ୍ଦେଶନା ଦେଉଛନ୍ତି। ଫିଲ୍ମର ପ୍ରଯୋଜକ ହେଉଛନ୍ତି ଉମେଶ ଶୁକ୍ଲା, ଆଶିଷ ୱାଘ, ମୋହିତ ଛାବ୍ରା ଏବଂ ସଞ୍ଜୟ ଗ୍ରୋଭର।




# ଜାତୀୟ ମାତୃଦେବ ଭବ ଧର୍ମ ସମ୍ମିଳନୀ




ଭୁବନେଶ୍ୱର, ୧୦।୬(ଅନୁରାଧା ମହାରଣା)

**ମେଧାବୀଙ୍କୁ ସହାୟତାର ହାତ ବଢ଼ାଇଲେ ହାଇଟେକ୍ ଗ୍ରୁପ୍ ଅଧ୍ୟକ୍ଷ**

ରାମାଏଲ ୟାମା ଫାଉଣ୍ଡେଶନ୍ ଏବଂ ମାତୃଦେବ ଭବ ସତ୍‌ସଙ୍ଗ ପକ୍ଷରୁ ଆନ୍ଧ୍ରସ୍ଥିତ ମଲ୍ଲିକାର୍ଜୁନ ଶୈବ ପୀଠ ଶ୍ରୀସାଇଲମ୍‌ଠାରେ ଜାତୀୟ ମାତୃଦେବ ଭବ ଧର୍ମ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବହୁ ସାଧୁସନ୍ଥ ଓ ପୀଠାଧିପତିମାନେ ଯୋଗଦେଇ ମାଆର ଗରିମାମୟ ଜୀବନ ଉପରେ ଆଲୋକପାତ କରିଥିଲେ। ମାତୃ ଶକ୍ତିର ମୂଲ୍ୟବୋଧ ଓ ବୈଦିକ ଚିନ୍ତାଧାରାକୁ ଆଧାର କରି ସାରା ମାନବ ସମାଜ ଆପ୍ଳୁତ ହେବା ଦରକାର ବୋଲି ସାଧୁସନ୍ଥମାନେ ମତବ୍ୟକ୍ତ କରିଥିଲେ। ଏଥିରେ ଜବାହାରଲାଲ୍ ୟୁନିଭର୍ସିଟିର ପ୍ରଫେସର ବି.ପି. ମିଶ୍ର, ଚେୟାରମ୍ୟାନ୍ ପୁନମ୍ ମିଶ୍ର, ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ, ଫାଇନାଇଟ୍ ଇନ୍‌ଫରମେଶନ୍ ସଲ୍ୟୁଶନର ପରିଚାଳନା ନିର୍ଦ୍ଦେଶକ ନବୀନ କୁମାର, ସ୍ଥାନୀୟ ଯୁବନେତା ଅରବିନ୍ଦ ରେଡ୍ଡି ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ମଲ୍ଲିକାର୍ଜୁନ କ୍ଷେତ୍ରୀୟ ମଠାଧୀଶ ବିରୁପାକ୍ଷ ସ୍ୱାମୀ ଧର୍ମସଭାକୁ ସଂଚାଳନ କରିଥିବାବେଳେ ମାତୃଦେବର ଚେୟାରମ୍ୟାନ୍ ଶ୍ରୀଧର ଉପସ୍ଥିତ ରହି ସଭା ସତ୍‌ଜନଙ୍କୁ ମାତୃଶକ୍ତିର ଉପାସନା ଏବଂ ପ୍ରକୃତ ଜନନୀ ମାଆଙ୍କୁ ଆରାଧନା କରିବା ପାଇଁ ପ୍ରବର୍ତ୍ତାଇ ଥିଲେ। ଏହି ଆଧ୍ୟାତ୍ମିକ ସଭାରେ ହାଇଟେକ୍ ଗ୍ରୁପ୍‌ର ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ ଆନ୍ଧ୍ରପ୍ରଦେଶ ତିରୁପତି ମେଡିକାଲ କଲେଜ ଗରିବ ମେଧାବୀଙ୍କୁ ବିଭିନ୍ନ ପାରାମେଡିକାଲ କୋର୍ସରେ ମାଗଣାରେ ଶିକ୍ଷା ଦେବେ ବୋଲି ଘୋଷଣା କରିଥିଲେ। ଆଗାମୀ ଦିନରେ ତିରୁପତି ପାଣିଗ୍ରାହୀ ଏହି ଅଞ୍ଚଳର ମେଧାବୀ ବିଦ୍ୟାର୍ଥୀଙ୍କ ପାଇଁ ଅନେକ କାର୍ଯ୍ୟ ସମ୍ପାଦନ କରିବେ ବୋଲି ସ୍ୱୀକୃତି ପ୍ରଦାନ କରିଥିଲେ।

# ଭୁବନେଶ୍ୱର ଡିସିପିଙ୍କ ନୂଆ ଅଫିସ କୋଠା ଉଦ୍‌ଘାଟିତ

ଭୁବନେଶ୍ୱର, ୧୦।୬ (ସତ୍ୟଜିତ୍ ରାଉତ)

**୪୨୫ଟି ଦୁଇଚକିଆ ଯାନ ପ୍ରଦାନ କଲେ ମୁଖ୍ୟମନ୍ତ୍ରୀ**

ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲା ଡିସିପିଙ୍କ ନବନିର୍ମିତ କାର୍ଯ୍ୟାଳୟ କୋଠାକୁ ମଙ୍ଗଳବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିଛନ୍ତି। ବାଣୀବିହାରସ୍ଥିତ ପୁରୁଣା କାର୍ଯ୍ୟାଳୟକୁ ଲାଗି ଏହା ନିର୍ମାଣ ହୋଇଛି। ୨୨୭୨ ବର୍ଗମିଟର ଅଞ୍ଚଳରେ ୭ କୋଟି ୮୦ ଟଙ୍କା ବ୍ୟୟରେ ଚାରିମହଲା ବିଶିଷ୍ଟ ନୂତନ କାର୍ଯ୍ୟାଳୟ ନିର୍ମାଣ ହୋଇଥିବା ବେଳେ ଏଥିରେ ବହୁ ସୁବିଧା ରହିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ନୂଆ ଭବନ ଲୋକମାନଙ୍କୁ ଉତ୍କୃଷ୍ଟ ସେବା ଦେବାରେ ସାହାଯ୍ୟ କରିବ। ଏଥିରେ ଭିନ୍ନକ୍ଷମ ଲୋକଙ୍କ ପାଇଁ ରାମ୍ପ, ସାଇବର ସେଲ, ସିସିଟିଏନଏସ ରୁମ୍, ଇଣ୍ଟିଗ୍ରେଟେଡ୍ କଣ୍ଟ୍ରୋଲ ରୁମ୍, ଲିଗାଲ ସେଲ, ପାସପୋର୍ଟ ବିଭାଗ ଆଦି ରହିଛି। ସୁବିଧା ଥିବାବେଳେ ପୋଲିସ ପ୍ରଶାସନକୁ ଦକ୍ଷତାର ସହ ଲୋକଙ୍କୁ ଠିକ୍ ସମୟରେ ସେବା ଯୋଗାଇବା ପାଇଁ ଉପଯୋଗୀ ହେବ ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ, ଆମ ପୋଲିସ ନିରପେକ୍ଷ ଭାବେ ବିନା ପକ୍ଷପାତିତା ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ଗତ ଏକ ବର୍ଷରେ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ସନ୍ତୋଷ ଜନକ ରହିଛି। ଏହି କ୍ରମରେ ମୁଖ୍ୟମନ୍ତ୍ରୀ କମିଶନରେଟ ପୋଲିସର ବିଭିନ୍ନ ଥାନାର ତଦନ୍ତକାରୀ ଅଫିସରମାନଙ୍କୁ ୪୨୫ଟି ଦୁଇ ଚକିଆ ଯାନ ପ୍ରଦାନ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଥାନାଗୁଡ଼ିକୁ ଅଧିକ ଚାରି ଚକିଆ ଯାନ ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଛି। ଆପରାଧିକ ଆଇନଗୁଡ଼ିକର ତଦନ୍ତ ପ୍ରକ୍ରିୟାରେ ଟେକ୍‌ନୋଲୋଜିର ପ୍ରୟୋଗ ପାଇଁ ସହାୟତା ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂହ, ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ପୋଲିସ ଡିଜି ୱାଇ.ବି. ଖୁରାନିଆ, ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂହ, ଅତିରିକ୍ତ ପୋଲିସ କମିଶନର ନରସିଂହ ଭୋଳ, ଡିସିପି ଭୁବନେଶ୍ୱର ଶ୍ରୀ ଜଗମୋହନ ମୀନା ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



**ମା' ଥାନପତି ମନ୍ଦିରରେ ରତ୍ନମୁଦ**

କଟକ ସଦର,(ସୁଶାନ୍ତ କୁମାର ଜେନା): ୪୨ ମୌଜା ଅନ୍ତର୍ଗତ ବ୍ରହ୍ମପୁର ଗ୍ରାମର ଆରାଧ ମା' ଥାନପତି ମନ୍ଦିର ଦଧିନଉତିକୁ ସୋମବାର ରତ୍ନମୁଦ ରୀତିନୀତିରେ କରାଯାଇଛି। ଏହାଛଡା ଅନ୍ୟ ଦେବତା ବ୍ରହ୍ମେଶ୍ୱର ମହାଦେବ, ଶ୍ରୀରାମ, ମହାବୀର ଓ ଶନି ଦେବଙ୍କ ମନ୍ଦିର ଦଧିନଉତି ମଧ ରତ୍ନମୁଦ କରାଯାଇଥିଲା। କର୍ତ୍ତା ଚନ୍ଦ୍ରମଣି ଦେବତାଙ୍କ ଦ୍ୱାରା ଏହି କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ସନାତନି ସେନାର ରାଜ୍ୟ ସଭାପତି ସମୀର କୁମାର ପଣ୍ଡା ଓ ବ୍ରହ୍ମପୁର ଗ୍ରାମବାସୀ ଏହି କାର୍ଯ୍ୟରେ ସମସ୍ତ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଜାତୀୟ ରାଜପଥ ପାର୍ଶ୍ୱରୁ ଅଚିହ୍ନା ମୃତଦେହ ଜବତ

ମଙ୍ଗୁଳି-ଜଗତପୁର,୧୦।୬(ମାନସ ସାମଲ)

ଟାଙ୍ଗୀ ଥାନା ଅଧୀନ ୧୬ ନଂ. ଜାତୀୟ ରାଜପଥ ପାର୍ଶ୍ୱ ହରିଅନ୍ତା ନିକଟରୁ ଏକ ଅଚିହ୍ନା ଯୁବକଙ୍କ ମୃତଦେହ ପୋଲିସ ମଙ୍ଗଳବାର ଜବତ କରିଛି। ସେ ବ୍ରାଉନ ରଙ୍ଗର ଗଞ୍ଜି ପିନ୍ଧି ଥିବା ବେଳେ ବେକରେ କଳା ରଙ୍ଗ ଫିତାରେ ଏକ ପିତଳ ଲକେଟ ପିନ୍ଧିଛି। ଡାହାଣ ହାତରେ ଚନ୍ଦ୍ରକାନ୍ତ ନାମର ଟାଟୁ ରହିଛି। କିନ୍ତୁ ଟାଟୁ ଲେଖା ସ୍ପଷ୍ଟରେ ପଢ଼ି ହେଉନି। ବୟସ ପ୍ରାୟ ୪୨ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗି ଥିବା ଦେଖିବାକୁ ମିଳିଛି। ତାଙ୍କୁ କେହି ଦୁର୍ବୃତ୍ତ ଯୋଜନା ବଦ୍ଧ ଭାବେ ହତ୍ୟା କିରି ଏଠାରେ ଫିଙ୍ଗି ଦେଇଛି କି ସେ ଆତ୍ମହତ୍ୟା କରିଛନ୍ତି ପୋଲିସ ତଦନ୍ତ ଜାରି ରଖିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ. ୧୪/୨୫) ରୁଜୁ ହୋଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ ମେଡିକାଲ ପଠାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଘଟଣା ଉପରୁ ପରଦା ହଟିବ ବୋଲି ଥାନା ଅଧିକାରୀ ଶିବ ପ୍ରସାଦଭଦ୍ର କହିଛନ୍ତି।

### ଜିଲାରେ ୨୦ କନିଷ୍ଠ ଯନ୍ତ୍ରୀଙ୍କ ପଦୋନ୍ନତି

କଟକ ସଦର,୧୦।୬(ସୁଶାନ୍ତ କୁମାର ଜେନା)

ରାଜ୍ୟ ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ କନିଷ୍ଠ ଯନ୍ତ୍ରୀମାନଙ୍କ ସହକାରୀ ଯନ୍ତ୍ରୀ ପଦୋନ୍ନତି ତାଲିକା ପ୍ରକାଶ ପାଇଛି। ସେମାନଙ୍କ ମଧ୍ୟରୁ କଟକ ଜିଲାର ୧୪ ବ୍ଲକରୁ ୨୦ଜଣ ପଦୋନ୍ନତି ପାଇଛନ୍ତି। ୪ଜଣଙ୍କ ବାହାର ଜିଲାକୁ ବଦଳି ହୋଇଥିବା ବେଳେ କଟକ ଜିଲାରେ ୧୬ଜଣ ପୁନଃ ଅବସ୍ଥାପିତ ହୋଇଛନ୍ତି। ସେମାନେ କେଉଁ ବ୍ଲକରେ ରହିବେ ତାହା ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଶାନ୍ତ କୁମାର ନାୟକ ସ୍ଥିର କରିବେ। କେତେଜଣ ଯନ୍ତ୍ରୀ ନିଜର ପୁରୁଣା ସ୍ଥାନରେ ରହିବା ପାଇଁ ସ୍ଥାନୀୟ ଲୋକ ପ୍ରତିନିଧିମାନଙ୍କ ସୁପାରିସ ପତ୍ର ଧରି କଟକ ଜିଲା ପରିଷଦ କାର୍ଯ୍ୟାଳୟରେ ମଙ୍ଗଳବାର ପହଞ୍ଚି ଥିବା ଲକ୍ଷ୍ୟ କରାଯାଇଥିଲା। ଗୋଟିଏ ସ୍ଥାନରେ ୧୦ ବର୍ଷରୁ ଉର୍ଦ୍ଧ୍ୱ ରହିଛନ୍ତି, ସେମାନଙ୍କୁ ସେହି ବ୍ଲକରେ ପୁଣି ସହକାରୀ ଯନ୍ତ୍ରୀ ଭାବେ ଅବସ୍ଥାପିତ କରାଯିବାକୁ ପଞ୍ଚାୟତିରାଜ ପ୍ରତିନିଧିମାନେ ବିରୋଧ କରିବା ଆରମ୍ଭ କରିଦେଲେଣି। ବହୁ ବର୍ଷ ଧରି ଗୋଟିଏ ସ୍ଥାନରେ ଯନ୍ତ୍ରୀମାନେ ରହିବା ଦ୍ୱାରା ଉନ୍ନୟନମୂଳକ କାର୍ଯ୍ୟ ଠିକ ଭାବେ ସମ୍ପନ୍ନ ହୋଇପାରୁନାହିଁ। ସରକାରୀ ନିୟମ ମୁତାବକ ନୂଆ ନିଯୁକ୍ତି, ପଦୋନ୍ନତି ଓ ଦଣ୍ଡ ବିଧାନ ବେଳେ କର୍ମଚାରୀଙ୍କୁ ବଦଳି କରାଯାଇଥାଏ। ମାତ୍ର ଏହି ନିୟମକୁ ପଞ୍ଚାୟତିରାଜ ବିଭାଗରେ ଅନୁସରଣ କରାଯାଉ ନ ଥିବା କୁହାଯାଉଛି। ଏ ନେଇ କଟକ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ନାୟକଙ୍କୁ ପଚାରିବାରୁ ସେ କୌଣସି ସ୍ପଷ୍ଟ ମତ ଦେଇ ନ ଥିଲେ।

### ଚାରାରୋପଣ, ରକ୍ତଦାନ କରି ଜୀବନ ବଞ୍ଚାଇବା ଏକ ପ୍ରୟାସ

ମଙ୍ଗୁଳି-ଜଗତପୁର, ୧୦।୬(ମାନସ ସାମଲ)

ଟାଙ୍ଗୀ-ସାଲେପୁର ନିର୍ବାଚନମଣ୍ଡଳୀ ଭାଜପା ପକ୍ଷରୁ ମଙ୍ଗଳାବର ଏକ ନିଆରା ଢଙ୍ଗରେ ବରିଷ୍ଠ ଭାଜପା ନେତା ହିମାଂଶୁ ମହାନ୍ତିଙ୍କ ଜନ୍ମଦିନ ପାଳନ କରାଯାଇଛି। ପ୍ରଥମେ ଜଗତପୁର ଥାନା ଅଧୀନ ଚମ୍ପତୀ ପଞ୍ଚାୟତସ୍ଥିତ ହିମାଂଶୁଙ୍କ ବାସଭବନରେ ରକ୍ତଦାନ ଶିବିର ଆୟୋଜନ କରାଯାଇ ୧୦୬ ୟୁନିଟ୍ ରକ୍ତ ସଂଗୃହ ହୋଇଥିଲା। ପରେ ବରିଷ୍ଠ ଭାଜପା ନେତା ହିମାଂଶୁଙ୍କ ଶୁଭେଚ୍ଛୁ ଓ ଦଳୀୟ କର୍ମୀମାନଙ୍କ ସହାୟତାରେ ଚମ୍ପତି ଗ୍ରାମସ୍ଥିତ ଖେଳ ପଡିଆରେ ଶତାଧିକ ବିଭିନ୍ନ ପ୍ରକାରର ଔଷଧୀୟ ଚାରାରୋପଣ କରିଥିଲେ। ଏହା କେବଳ ଜନ୍ମଦିନ ପାଳନ ନ ଥିଲା। ଚାରାରୋପଣ ଓ ରକ୍ତଦାନ ଦ୍ୱାରା ଅନ୍ୟର ଜୀବନ ବଞ୍ଚାଇବା ଏକ ପ୍ରୟାସ ଥିଲା ବୋଲି ହିଂମାଶୁ କହିଥିଲେ। ଉଭୟ କାର୍ଯ୍ୟକ୍ରମରେ ଅନ୍ତର୍ଯ୍ୟାମୀ ସାହୁ, ଚନ୍ଦ୍ରମଣି ପାଇଲ, ରୂପକ ମହାନ୍ତି, ତାପସ ବେହେରା, ଅନନ୍ତ ପାତ୍ର, ରିତେଶ ଦାସ, ଅଜୟ ସ୍ୱାଇଁ, ସୁକାନ୍ତ ବେହେରା, ବିଚିତ୍ର ସେଠି, ସୁକାନ୍ତ କୁମାର ଷଡ଼ଙ୍ଗୀ, ମାନସ କରଣ, ତୀର୍ଥଂଶୁ ସାହୁ, ପ୍ରଦୀପ୍ତ ବେହେରା, କାର୍ତ୍ତିକ ବେହେରା, ନିର୍ମଳା ସିଂ, ରଶ୍ମି ବିଶ୍ୱାଳ, ଲକ୍ଷ୍ମୀପ୍ରିୟା ଲେଙ୍କା, ଲକ୍ଷ୍ମୀପ୍ରିୟା ସ୍ୱାଇଁ, ରେଣୁବାଳା ରାଉତ, କଳ୍ପନା ବେହେରା ପ୍ରମୁଖଙ୍କ ସମେତ ଶତାଧିକ ଶୁଭେଚ୍ଛୁ ଓ ଦଳୀୟ କର୍ମୀ ସହଯୋଗ କରିଥିଲେ।

# ଘରୋଇ ହସ୍ପିଟାଲ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଅ

କଟକ,୧୦।୬(ଶିଳ୍ପା ପ୍ରିୟଦର୍ଶିନୀ)


ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଦାବିପତ୍ର ମଙ୍ଗଳବାର ଦେବାକୁ ଆସିଛନ୍ତି ହିନ୍ଦୁସେନା କର୍ମକର୍ତ୍ତା ବୃନ୍ଦ।

**ହିନ୍ଦୁସେନା ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଦାବିପତ୍ର**

କଟକର ଏକ ଘରୋଇ ହସ୍ପିଟାଲରେ ଡାକ୍ତର ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାରକୁ ବିରୋଧ କରି ମଙ୍ଗଳବାର ହିନ୍ଦୁସେନା ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଉକ୍ତ ଦାବିପତ୍ରରେ କଟକରେ ଘରୋଇ ହସ୍ପିଟାଲ ସଂଖ୍ୟା ବଢୁଥିବାବେଳେ ସେଠାରେ ଡାକ୍ତରଙ୍କ ମନମାନି ଚାଲିବା, ଖାସ୍ କରି କଟକର ଘରୋଇ ହସ୍ପିଟାଲରେ ଡାକ୍ତର ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର କରିବା ହେତୁ ମହିଳା ଜଣକ ଜୀବନ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଘଟଣାକୁ ୭ ଦିନ ବିତିଥିବାବେଳେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା, ସେହିପରି ବେଆଇନ ଭାବେ ମାଲମାଲ ହସ୍ପିଟାଲ କଟକ ସହରରେ ଗଢି ଉଠିଥିବାବେଳେ ସେଠାରେ ଚିକିତ୍ସା ନିମନ୍ତେ କୌଣସି ଭିତ୍ତିଭୂମି ନ ଥିବା କିମ୍ବା ସେଠାରେ ଅଭିଜ୍ଞ ଡାକ୍ତର ନ ରହିବା ଭଳି ବିଭିନ୍ନ ପ୍ରସଙ୍ଗରେ ଅଭିଯୋଗ ହୋଇ ଆସୁଥିବାବେଳେ ଜିଲା ସ୍ୱାସ୍ଥ୍ୟ ବିଭାଗ ନିବ ରହିଛି। ତେବେ ଘଟଣାର ତୁରନ୍ତ ତଦନ୍ତ କରି ଡାକ୍ତରଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଅନ୍ୟପଟେ କଟକ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରଶାନ୍ତ କୁମାର ହୋତା ଦାବିପତ୍ର ଗ୍ରହଣ କରିବା ସହ ଆସନ୍ତା ୭ ଦିନ ମଧ୍ୟରେ ଘଟଣାର ତଦନ୍ତ ସରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ହିନ୍ଦୁ ସେନା ସଭାପତି ଦେବାଶିଷ ରାଉତ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ହିନ୍ଦୁସେନାର ସଦସ୍ୟ ସୌମିତ ଲେଙ୍କା, ରାକେଶ ସାମଲ, ବାସୁଦେବ ସାହୁ, ଅଶୋକ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ‘ପ୍ରାଚୀନ ସାହିତ୍ୟର ଅନନ୍ୟ ଉପାସକ ସାରଳା ଦାସ’

କଟକ,୧୦।୬(କାର୍ତ୍ତିକ ସାହୁ)

ସାରଳା ସାହିତ୍ୟ ସଂସଦର କୋଲକାତା ଶାଖା ପକ୍ଷରୁ ଏକ ସାରସ୍ୱତ ସମାରୋହ କୋଲକାତାର ନନ୍ଦନ ୩ ସଭା କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସଂସଦର ପ୍ରତିଷ୍ଠାତା ଓ ସଭାପତି ଡ. ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହକୁ ମୁଖ୍ୟ ଅତିଥି ବଙ୍ଗୀୟ କବି ସୁବୋଧ ସରକାର ଉଦ୍‌ଘାଟନ କରି କହିଲେ ପ୍ରାଚୀନ ସାହିତ୍ୟର ଅନନ୍ୟ ଉପାସକ ଥିଲେ ସାରଳା ଦାସ। ତାଙ୍କ ଉପରେ ଅଧିକରୁ ଅଧିକ ଗବେଷଣାର ଆବଶ୍ୟକତା ରହିଛି। ସାରଳା ଦାସଙ୍କ ସ୍ମୃତି ରକ୍ଷା ଦିଗରେ ସାରଳା ସାହିତ୍ୟ ସଂସଦର ଉଦ୍ୟମକୁ ସେ ପ୍ରଶଂସା କରିଥିଲେ। ବିଶିଷ୍ଟ ଅତିଥି ଯାଦବପୁର ବିଶ୍ୱବିଦ୍ୟାଳୟର ଇଂଲିଶ ବିଭାଗ ମୁଖ୍ୟ ପ୍ରଫେସର ଶାଶ୍ୱତୀ ହାଲଦାର କହିଲେ, ସାରଳା ଦାସ ଯଥାର୍ଥରେ ଓଡ଼ିଆ ସାହିତ୍ୟର ଆଦି ସ୍ରଷ୍ଟା। ତାଙ୍କ ମହାଭାରତର ରଚନା ଶୈଳୀ ସ୍ୱତନ୍ତ୍ର ଓ ଅଭିନବ। ଏହା ଉତ୍କଳୀୟ ସଂସ୍କୃତିର ନିଦର୍ଶନ। ସମ୍ମାନିତ ବକ୍ତା ଲକ୍ଷ୍ମୀ ନାରାୟଣ ମଲ୍ଲିକ କହିଲେ, ଆଦି କବି ସାରଳା ଦାସ ସମକାଳୀନ ଭାରତବର୍ଷରେ ସଂସ୍କୃତ ମହାଭାରତ ପରେ ଆଞ୍ଚଳିକ ଭାଷାରେ ସମ୍ପୂର୍ଣ୍ଣ ମହାଭାରତ ରଚନା କରି ଉତ୍କଳର ପାରିପାର୍ଶ୍ୱିକ ରାଜନୈତିକ ଅର୍ଥନୈତିକ ପ୍ରତିଛବି ପ୍ରତିଫଳିତ କରିଥିଲେ। କେନ୍ଦ୍ରୀୟ ସାହିତ୍ୟ ଏକାଡେମୀର କାର୍ଯ୍ୟକାରୀ ଅଧିକାରୀ କ୍ଷେତ୍ରବାସୀ ନାୟକ କହିଲେ, ସାରଳା ଦାସଙ୍କ ମହାଭାରତ ଏକ ସ୍ୱତନ୍ତ୍ର ପୂର୍ଣ୍ଣାଙ୍ଗ ମହାଭାରତ। ଏଥିରେ ଉତ୍କଳୀୟ ପରମ୍ପରାର ସ୍ପଷ୍ଟ ଚିତ୍ର ପ୍ରତୀୟମାନ ହୁଏ। ସଭାପତି ଇଂ. ପ୍ରଭାକର ସ୍ୱାଇଁ ସାରଳା ସାହିତ୍ୟ ସଂସଦର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବା ସହିତ ସାରଳା ଦାସ ଓଡ଼ିଆ ସାହିତ୍ୟର ଜନକ ବୋଲି କହିଲେ। ପଶ୍ଚିମବଙ୍ଗର ମୁଖ୍ୟ ଆକାଉଣ୍ଟାଣ୍ଟ ଜେନେରାଲ (ସି.ଏ.ଜି.) ବିଭୁଦତ୍ତ ବସନ୍ତିଆଙ୍କ ଲିଖିତ ବାର୍ତ୍ତା ପାଠ କରାଯାଇଥିଲା। ସଂଜିତ କୁମାର ପଟ୍ଟନାୟକ ଅତିଥି ପରିଚୟ ଓ ଦିଲୀପ ଦାସ ଧନ୍ୟବାଦ ଦେଇଥିଲେ। ଡ. ରଞ୍ଜିତା ନାୟକ, ସାଫଲ୍ୟ କୁମାର ନନ୍ଦୀ, ଅନୀତା ପ୍ରଧାନ (ଆଚାର୍ଯ୍ୟ), ସନାତନ ମହାକୁଡ଼, ରତିକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


ସ୍ନାନପୂର୍ଣ୍ଣିମା ଉପଲକ୍ଷେ ଶ୍ରୀଜୀଉଙ୍କ ଗଜବେଶ ପାଇଁ ଗଜମୁଖ ପ୍ରସ୍ତୁତ କରୁଥିବା ଫିରିଙ୍ଗ ବଜାର ଅଞ୍ଚଳର କାରିଗର।

# ଶୃଙ୍ଖଳିତ ରଥଯାତ୍ରା ପାଳନ ଉପରେ ଗୁରୁତ୍ୱ


ଚୌଦ୍ୱାର ଚାରବାଟିଆସ୍ଥିତ ଶ୍ରୀଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଘୋଷଯାତ୍ରା ପରିଚାଳନା ପାଇଁ ବୈଠକରେ ଉପସ୍ଥିତ ସଦସ୍ୟ ।

ଚୌଦ୍ୱାର,୧୦।୬(ଆଶୁତୋଷ ଦାସ)

**ଘୋଷଯାତ୍ରା ସୁପରିଚାଳନା, ସମନ୍ୱୟ ନିମନ୍ତେ ପ୍ରସ୍ତୁତି**

ଚୌଦ୍ୱାର ଚାରବାଟିଆସ୍ଥିତ ଶ୍ରୀଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଘୋଷଯାତ୍ରା ପରିଚାଳନା ଓ ସମନ୍ୱୟ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ସଭାପତିତ୍ୱରେ ମନ୍ଦିର ପରିସରରେ ଆୟୋଜିତ ବୈଠକରେ ଯାତ୍ରା ଶାନ୍ତିଶୃଙ୍ଖଳାର ସହିତ ପାଳନ ଉପରେ ଗୁରୁତ୍ୱ ନେଇ ଆଲୋଚନା କରାଯାଇଥିଲା। ବଡ ଦାଣ୍ଡକୁ ଅବରୋଧ ମୁକ୍ତ କରାଇବା ସହିତ ନୂତନ ଆଲୋକୀକରଣ ବ୍ୟବସ୍ଥା, ୩୦ଫୁଟ ଉଚ୍ଚତାର ନୂତନ ରଥ ନିର୍ମାଣ ସହିତ କାଶୀ ବିଶ୍ୱନାଥ ମନ୍ଦିର ପ୍ରତିଷ୍ଠା ପାଇଁ ସମସ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଅଧିକାରୀମାନେ ମତବ୍ୟକ୍ତ କରିଥିଲେ। ମ୍ୟାନେଜିଂ ଟ୍ରଷ୍ଟି ତଥା ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲଙ୍କ ସଂଯୋଜନାରେ ଆୟୋଜିତ ବୈଠକରେ ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଟାଙ୍ଗୀ-ଚୌଦ୍ୱାର ତହସିଲଦାର ଚୌଧୁରୀ ପ୍ରଜ୍ଞାନନ୍ଦ ଦାସ, ପୌର ନିର୍ବାହୀ ଅଧିକାରୀ ସୌମ୍ୟ ରଞ୍ଜନ ମିଶ୍ର, କନିଷ୍ଠ ଯନ୍ତ୍ରୀ ସଞ୍ଜୟ ସାମଲ, ଜନସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଶମ୍ଭୁନାଥ ସେଠୀ, ପ୍ରୀୟଦର୍ଶିନୀ ଶତପଥି, ଆରଆଣ୍ଡବି ନର୍ବାହୀ ଯନ୍ତ୍ରୀ ନିର୍ମଳ ପଣ୍ଡା, ଯନ୍ତ୍ରୀ ପ୍ରଦ୍ୟୁମ୍ନ ବିଶ୍ୱାଳ, ବିଦ୍ୟୁତ୍ ବିଭାଗର ନିର୍ବାହୀ ଯନ୍ତ୍ରୀ ବିଶ୍ୱ ରଞ୍ଜନ ଦେହୁରୀ, କନିଷ୍ଠ ଯନ୍ତ୍ରୀ ସୌମ୍ୟରଞ୍ଜନ ସ୍ୱାଇଁ, ଅଗ୍ନିଶମ ବିଭାଗ ଅଧିକାରୀ ବିଷ୍ଣୁପ୍ରସାଦ ଦାସ, ଫରେଷ୍ଟର ଭଗବାନ ପଲେଇ, ଚୌଦ୍ୱାର ଆରଆଇ ବର୍ଷାରାଣୀ ମହାନ୍ତି, ରଞ୍ଜନ ମହାନ୍ତି, ଇମ୍ଫାର ଲୋକ ସମ୍ପର୍କ ଅଧିକାରୀ ମାନସ ବସନ୍ତିଆ, ଅଭିଷେକ ଘୋଷ, ଚୌଦ୍ୱାର ଥାନା ଏସିପିଙ୍କ ପ୍ରତିନିଧି ସୌମ୍ୟଜିତ୍ ବିଶ୍ୱାଳ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ରଥଯାତ୍ରାରେ ବିଭିନ୍ନ କାର୍ଯ୍ୟରେ ନିୟୋଜିତ ସେବାୟତମାନଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ସୁଶୀଲ ଦାସ, ରଞ୍ଜନ ବାରିକ୍, ଆନ୍ତର୍ଜାତୀୟ ଚାରଣ ଗୋଷ୍ଠିର ଚୌଦ୍ୱାର ପ୍ରତିନିଧି ସରୋଜିନୀ ନାୟକ, କାଉନସିଲର ତଥା ଟ୍ରଷ୍ଟି ସୁବ୍ରତ ସାମଲ, ଅଜୟ ସ୍ୱାଇଁ, ବୈଷ୍ଣବ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ମହାପ୍ରଭୁଙ୍କ ସେନାପଟା ଲାଗି ନୀତି ସମ୍ପନ୍ନ

ପୁରୀ,୧୦।୬(ଅଜିତ୍ କୁମାର ମହାନ୍ତି)

ପବିତ୍ର ସ୍ନାନପୂର୍ଣ୍ଣିମାରେ ବୁଧବାର ଦାରୁଦିଅଁ ୧୦୮ ଗରା ସୁବାସିତ ଜଳରେ ସ୍ନାନବେଦିରେ ସ୍ନାନ କରିବା ସହ ଭକ୍ତଙ୍କୁ ଦୁର୍ଲଭ ହାତୀବେଶରେ ଦର୍ଶନ ଦେବେ। ଏହାପୂର୍ବରୁ ମଙ୍ଗଳବାର ସେନାପଟାଲାଗି ନୀତି ସମ୍ପାଦିତ ହୋଇଛି। ପୂର୍ବାହ୍ନ ୯ଟାରେ କୋଠସୁଆଁସିଆମାନେ ମହାପ୍ରଭୁଙ୍କ ଚାରମାଳ ବନ୍ଧା କାର୍ଯ୍ୟ ସାରିବା ପରେ ୯ଟା ୧୫ରେ ଦଇତାପତିମାନେ ସେନାପଟା ଲାଗି କରିବାକୁ ଶ୍ରୀମନ୍ଦିର ଗର୍ଭଗୃହକୁ ପ୍ରବେଶ କରିଥିଲେ। ଅପରାହ୍ନ ୩ଟା ୪୫ରେ ସେନାପଟା ଲାଗି ଶେଷ କରି ସେମାନେ ଶ୍ରୀମନ୍ଦିରରୁ ବାହାରିଥିଲେ। ଏଥିନିମନ୍ତେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ବନ୍ଦ ରହିଥିଲା। ସେନାପଟା ଲାଗି ପରେ ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହୋଇଥିଲା। ଦୁର୍ଲଭ ହାତୀବେଶ ପାଇଁ ବେଶ ନିର୍ମାଣ ସରିଥିବାବେଳେ ପଟିଦିଅଁଙ୍କ ପ୍ରସ୍ତୁତି କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

### ୨୦ ଦିନ ପରେ ପାଗଳ ମାଙ୍କଡ଼ କାବୁକଲା ବନ ବିଭାଗ

କଣ୍ଟାପଡା, ୧୦।୬(ସୁରନାରାୟଣ ସାହୁ)

ଓଲଟପୁର ଥାନା ଅନ୍ତର୍ଗତ କୁଅଁରପୁର ଗ୍ରାମରେ ଆତଙ୍କ ଖେଳାଇ ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ଆକ୍ରମଣ କରି ଗୁରୁତର କରିଥିବା ପାଗଳ ମାଙ୍କଡକୁ ବାଗଲପୁର ବନ ବିଭାଗ ପକ୍ଷରୁ ଗତ ୨୦ ଦିନ ପରେ ଟ୍ରାଙ୍କୁଲାଇଜ୍ କରାଯାଇ ମଙ୍ଗଳବାର କାବୁ କରାଯାଇଛି। ପରେ ବନ ବିଭାଗ ମାଙ୍କଡକୁ ଚନ୍ଦକା ଜଙ୍ଗଲରେ ଛାଡି ଦିଆଯାଇଥିବା ଜଣାପଡିଛି। ପ୍ରକାଶ ଯେ, ମାଙ୍କଡ ଗତ ୨୦ ଦିନ ହେଲା କୁଅଁରପୁର ଗ୍ରାମର ଆଚାର୍ଯ୍ୟ ସାହି ସମେତ, ନୂଆ ଭୋଇସାହି, ଦେଉଳୀସାହି ଓ ଜେନାସାହିରେ ଆତଙ୍କ ସୃଷ୍ଟି କରିଥିଲା। ବାଗଲପୁର ବନ ବିଭାଗର ୨ ଜଣିଆ ଟିମ୍ ଗତ ୧୦ ଦିନ ହେଲା ମାଙ୍କଡର ଗତିବିଧି ଉପରେ ନଜର ରଖିଥିଲେ। ମଙ୍ଗଳବାର ନନ୍ଦନକାନନର ଦୁଃଶାସନ ପ୍ରଧାନ ଓ ବାଗଲପୁର ବନରକ୍ଷୀ ସୁଜାତା ନାୟକ, ସୁମିତ ଟୁଡୁ ଓ ଅନ୍ୟ ବନକର୍ମଚାରୀମାନେ ଆସି ମାଙ୍କଡ ଟ୍ରାଙ୍କୁଲାଇଜ କରିବା ସମୟରେ ମାଙ୍କଡ ୩ଥର ଦୁଃଶାସନଙ୍କୁ ଆକ୍ରମଣ କରିଥିଲା। ଶେଷରେ ସେ ମାଙ୍କଡକୁ ଟ୍ରାଙ୍କୁଲାଇଜ କରିଥିଲେ।

# ସୂର୍ଯ୍ୟ ଗୁରୁକୁଳ ବାର୍ଷିକ ମହୋତ୍ସବ ଉଦ୍‌ଘାଟିତ


ସୂର୍ଯ୍ୟ ଗୁରୁକୁଳ ବାର୍ଷିକ ମହୋତ୍ସବରେ ଅତିଥିମାନଙ୍କୁ ସମ୍ମାନିତ କରାଯାଉଛି।

ଫୁଲନଖରା,୧୦।୬(ସତ୍ୟରଞ୍ଜନ ଦାସମହାପାତ୍ର)

କଟକ ସଦର ଥାନା ଅନ୍ତର୍ଗତ ଗୁଆଳିସ୍ଥିତ ସୂର୍ଯ୍ୟ ଗୁରୁକୁଳର ପ୍ରଥମ ବାର୍ଷିକ ମହୋତ୍ସବ -୨୦୨୫ ଆନୁଷ୍ଠାନିକ ଭାବେ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ଅନୁଷ୍ଠାନର ଅଧ୍ୟକ୍ଷ ହୃଷୀକେଶ ଛୋଟରାୟଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଦୁଇ ଦିନ ଧରି ଚାଲିବାକୁ ଥିବା ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉଦଘାଟକ ଭାବେ ଭୁବନେଶର ଦୂରଦର୍ଶନ କେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶକ ଡଃ.ସାନ୍ତନୁ କୁମାର ରଥ, ସମ୍ମାନିତ ଅତିଥି ଭାବେ ଗୁରୁ ଡଃ. ପୀତାମ୍ବର ବିଶ୍ୱାଳ, ଗୁରୁ ରବିନାରାୟଣ ପଣ୍ଡା, କଟକ ଜୋନ ୪ ଏସିପି ଅମିତାଭ ମହାପାତ୍ର, କଟକ ସଦର ଥାନା ଆଇଆଇସି ଓମ ପ୍ରକାଶ ମହାନ୍ତି, ଗୁରୁ କୁଳର ପ୍ରତିଷ୍ଠାତା ସୁରେନ୍ଦ୍ର ନାଥ ଛୋଟରାୟ ପ୍ରମୁଖ ଯୋଗଦେଇ ଓଡ଼ିଶାର ସଂସ୍କୃତି, ପରମ୍ପରା, ଲୋକକଳା, ଓଡ଼ିଶୀ ନୃତ୍ୟ ଉପରେ ଅଭିଭାଷଣ ପ୍ରଦାନ କରିଥିଲେ। ଅନୁଷ୍ଠାନରେ ନୃତ୍ୟ ଶିକ୍ଷାଗ୍ରହଣ କରୁଥିବା ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଡଃ ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସୌଭାଗ୍ୟ ରଞ୍ଜନ ଛୋଟରାୟ ପରିଚାଳନା କରୁଥିଲେ।

# ‘ବ୍ୟବସାୟରେ ଘରୋଇ ଏଲ୍‌ପିଜି ସିଲିଣ୍ଡର ବ୍ୟବହାର ଏକ ଅପରାଧ’


ଜନସଚେତନତା ଅଭିଯାନକୁ ଜିଲା ଯୋଗାଣ ବିଭାଗ କାର୍ଯ୍ୟାଳୟରେ ଶୁଭାରମ୍ଭ କରାଯାଉଛି।

କଟକ,୧୦।୬(କାର୍ତ୍ତିକ ସାହୁ)

ଘରୋଇ ଗ୍ୟାସ୍ ସିଲିଣ୍ଡର ବ୍ୟବସାୟରେ ବ୍ୟବହାର ନ କରିବାକୁ ଜନସଚେତନତା ଅଭିଯାନ କଟକ ସହରରେ ଆରମ୍ଭ ହୋଇଛି। ମୁଖ୍ୟ ଜିଲା ଯୋଗାଣ ଅଧିକାରୀ କେ. ଚନ୍ଦ୍ରଶେଖର ପାତ୍ରଙ୍କ ତତ୍ତ୍ୱାବଧାନରେ ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ଉପେନ୍ଦ୍ର କୁମାର ଭୋଇ ଜନସଚେତନତା ଅଭିଯାନକୁ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥ ଜିଲା ଯୋଗାଣ ବିଭାଗ କାର୍ଯ୍ୟାଳୟରେ ସୋମବାର ଶୁଭାରମ୍ଭ କରିଛନ୍ତି।

ଗ୍ରାହକ ଦକ୍ଷତା କଲ୍ୟାଣ ଫାଉଣ୍ଡେସନ ଦ୍ୱାରା ଚାଲିଥିବା ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ଭୋଇ ବ୍ୟବସାୟ ପ୍ରତିଷ୍ଠାନମାନେ ୧୯ କିଲୋଗ୍ରାମ ବ୍ୟବସାୟିକ ଏଲପିଜି ଗ୍ୟାସ୍ ବ୍ୟବହାର କରିବାକୁ ପରାମର୍ଶ ଦେଇଛନ୍ତି। ଏଥିସହ ୧୪.୨ କିଲୋଗ୍ରାମ ଘରୋଇ ଏଲପିଜି ଗ୍ୟାସ୍ ସିଲିଣ୍ଡର ବ୍ୟବସାୟ ପ୍ରତିଷ୍ଠାନରେ ବ୍ୟବହାର ନ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଏହା ଏକ ଆଇନଗତ ଅପରାଧ। ଏହାଦ୍ୱାରା ସରକାରଙ୍କ ରାଜସ୍ୱ ହାନୀ ହେବା ସହ ବହୁ ଧନଜୀବନ ନଷ୍ଟ ହେଉଛି ବୋଲି ସେ କହିଛନ୍ତି। ଯୋଗାଣ ବିଭାଗର ଅନ୍ୟ ଅଧିକାରୀ ସୁଧାଂଶୁ ଭୂଷଣ ମହାପାତ୍ର, କେଦାରନାଥ ପ୍ରଧାନୀ, ସଞ୍ଜୟ କୁମାର ସାମଲ, ବିଜୟ କୁମାର ସାହୁ, ପ୍ରତାପ କୁମାର ମହାନ୍ତି, ଯାମିନିକାନ୍ତ ମହାପାତ୍ର ପ୍ରମୁଖ ପ୍ଲାକାର୍ଡ ପ୍ରଦର୍ଶନ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଗ୍ରାହକ ଦକ୍ଷତା କଲ୍ୟାଣ ଫାଉଣ୍ଡେଶନ ପକ୍ଷରୁ ଏକ ସଙ୍ଗେ ଦେଶର ୧୫ ରାଜ୍ୟର ୨୭୫ଟି ଜିଲାରେ ଚାଲିଥିବା ସଂସ୍ଥାର ରାଷ୍ଟ୍ରୀୟ ସଭାପତି ନିତିନ ସୋଲଙ୍କେ ଜଣାଇଛନ୍ତି।

# ଗଞ୍ଜାମର ହାର୍ଡକୋର ଅପରାଧୀ କଟକରୁ ଗିରଫ

କଟକ,୧୦।୬(କାର୍ତ୍ତିକ ସାହୁ)

କଟକ ରେଳ ସୁରକ୍ଷା ବଳ (ଆର୍‌ପିଏଫ୍) ଗଞ୍ଜାମର ଜଣେ ହାର୍ଡକୋର ଅପରାଧୀଙ୍କୁ କଟକ ରେଳଷ୍ଟେଶନରୁ ଧରିଛି। ସମ୍ପୃକ୍ତ ଯୁବକ ଗଞ୍ଜାମ ଜିଲା ବିଏନ୍‌ପୁର ଥାନା ଅନ୍ତର୍ଗତ ଲାଞ୍ଜିଆ ଗ୍ରାମର ପାରୁଲ ପାତ୍ର ଓରଫ ରାହୁଲ (୨୨)। ତାଙ୍କ ନିକଟରୁ ଗୋଟିଏ ଆପଲ ଓ ଗୋଟିଏ ଭିଭୋ ଫୋନ, ନଗଦ ୧୬୦୦ ଟଙ୍କା ସମେତ ମୋଟ ୯୬,୬୦୦ ଟଙ୍କାର ସାମଗ୍ରୀ ଜବତ କରାଯାଇଛି।

ସୂଚନାନୁସାରେ, ସୋମବାର ସକାଳ ପ୍ରାୟ ୬ଟା ୪୫ ମିନିଟ୍‌ରେ କଟକ ରେଳଷ୍ଟେଶନର ୧ ନଂ. ପ୍ଲାଟଫର୍ମରେ ଇଷ୍ଟକୋଷ୍ଟ ଏକ୍ସପ୍ରେସ୍ ପହଞ୍ଚିବା ପରେ ୬.୫୨ରେ ଛାଡ଼ିଥିଲା। ଟ୍ରେନ୍ ପ୍ଲାଟଫର୍ମ ଛାଡୁଥିବା ବେଳେ ଆର୍‌ପିଏଫ୍ ଟିମ୍ ଦେଖିଲା ଯେ ସାଧାରଣ ବଗିରୁ ଜଣେ ବ୍ୟକ୍ତି ଡେଇଁ ପ୍ଲାଟଫର୍ମର ଶେଷଆଡ଼କୁ ଦୌଡ଼ି ପଳାଉଛନ୍ତି। ଆରପିଏଫ୍ କର୍ମଚାରୀମାନେ ସମ୍ପୃକ୍ତ ବ୍ୟକ୍ତି ଖସିଯିବା ପୂର୍ବରୁ ଧରିନେଇଥିଲେ। ତାଙ୍କୁ ପଚରାଉଚରା କରାଯିବାରୁ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନ ଥିଲେ। ସେ ଟ୍ରେନ୍ ଯାତ୍ରାର କୌଣସି ଟିକେଟ ଦେଖାଇପାରି ନ ଥିଲେ କି ନିଜ ପାଖରେ ଥିବା ମୋବାଇଲକୁ ଅନ୍‌ଲକ୍ କରିପାରି ନ ଥିଲେ। ଏହି ସମୟରେ ଉକ୍ତ ମୋବାଇଲ୍‌କୁ ଏକ ଫୋନ୍ କଲ୍ ଆସିଥିଲା। ଫୋନ୍ କରିଥିବା ବ୍ୟକ୍ତି ମୋବାଇଲ ଚୋରି ହୋଇଛି, ଏ ନେଇ ବ୍ରହ୍ମପୁର ସଦର ଥାନାରେ ଏତଲା ଦିଆଯାଇଥିବା କହିଥିଲେ। ପଚରାଉଚରା ପରେ ସେ ଟ୍ରେନ୍‌ରେ ଯାତ୍ରୀମାନଙ୍କଠାରୁ ମୋବାଇଲ ଲୁଟ୍ କରୁଥିବା ସ୍ପଷ୍ଟ ହୋଇଥିଲା। ସେ ଲୁଟ୍ କରୁଥିବା ଆର୍‌ପିଏଫ୍ ସମ୍ମୁଖରେ ସ୍ୱୀକାର କରିଥିଲେ। ଆପରାଧିକ ରେକର୍ଡ ଯାଞ୍ଚ କରିବା ପରେ ତାଙ୍କ ନାମରେ ବିଭିନ୍ନ ଥାନାରେ ବହୁମାମଲା ରହିଥିବା ଆର୍‌ପିଏଫ୍ ଜାଣିବାକୁ ପାଇଥିଲା। ଅପରାଧୀଙ୍କୁ ଗିରଫ କରାଯିବା ପରେ ଗଞ୍ଜାମ ସଦର ଥାନା ପୋଲିସକୁ ହସ୍ତାନ୍ତର କରାଯାଇଥିବା ଆର୍‌ପିଏଫ୍ ପକ୍ଷରୁ ସୂଚନା ଦିଆଯାଇଛି।

# ସରକାର ନ ଶୁଣିଲେ ରାଜ୍ୟବ୍ୟାପୀ ଷ୍ଟିଅରିଂ ଛାଡ଼ ଆନ୍ଦୋଳନ

କଟକ,୧୦।୬(କାର୍ତ୍ତିକ ସାହୁ)


ମିଳିତ ବୈଠକରେ ଉପସ୍ଥିତ ରାଜ୍ୟ ବସ୍ ମାଲିକ ମହାସଂଘ, ଟ୍ରକ୍ ମାଲିକ ସଂଘ ଓ ମିନିଟ୍ରକ୍ ମାଲିକ ମହାସଂଘର କର୍ମକର୍ତ୍ତା।

**ଡ୍ରାଇଭରଙ୍କ ସମସ୍ୟା ନେଇ ମିଳିତ ବୈଠକ**

ଡ୍ରାଇଭରମାନଙ୍କ ସମସ୍ୟା ସମାଧାନ ନିମନ୍ତେ ଡ୍ରାଇଭର ଏକତା ମହାମଞ୍ଚ ଜରିଆରେ ଆନ୍ଦୋଳନ ଚାଲିଛି। ତେବେ ସରକାର ଡ୍ରାଇଭରମାନଙ୍କ ସମସ୍ୟା ନ ଶୁଣିଲେ ରାଜ୍ୟବ୍ୟାପୀ ଷ୍ଟିଅରିଂ ଛାଡ଼ ଆନ୍ଦୋଳନ କରାଯିବ ବୋଲି ରାଜ୍ୟ ବସ୍ ମାଲିକ ମହାସଂଘ, ଟ୍ରକ୍ ମାଲିକ ସଂଘ ଓ ମିନିଟ୍ରକ୍ ମାଲିକ ମହାସଂଘର ମିଳିତ ବୈଠକରେ ମଙ୍ଗଳବାର ନିଷ୍ପତ୍ତି ନିଆଯାଇଛି।

ପ୍ରକାଶ ଯେ, କଟକସ୍ଥିତ ଓଡ଼ିଶା ଟ୍ରକ୍ ମାଲିକ ସଂଘ ଅଫିସ ଗୃହରେ ଅନୁଷ୍ଠିତ ମିଳିତ ବୈଠକରେ ଡ୍ରାଇଭରମାନଙ୍କ ସମସ୍ୟା ଓ ଟ୍ରକ୍ ମାଲିକ, ବସ୍ ମାଲିକମାନଙ୍କ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଓଡ଼ିଶା ମୋଟର ଟ୍ରାନ୍ସପୋର୍ଟ ଡ୍ରାଇଭର ଏବଂ ୱାର୍କର କଲ୍ୟାଣ ବୋର୍ଡରେ ଅଟୋ ଡ୍ରାଇଭରମାନଙ୍କୁ ସାମିଲ କରାଯାଇ ନ ଥିବାରୁ କ୍ଷୋଭ ପ୍ରକାଶ ପାଇଥିଲା। ଡ୍ରାଇଭରମାନଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ ପ୍ରଣୟନ, ଷାଠିଏ ବର୍ଷ ବୟସରୁ ଉର୍ଦ୍ଧ୍ୱ ଡ୍ରାଇଭରଙ୍କୁ ଭତ୍ତା ପ୍ରଦାନ, ରାସ୍ତାରେ ଗାଡ଼ି ପାର୍କିଂ, ଡ୍ରାଇଭରମାନଙ୍କ ନିମନ୍ତେ ବିଶ୍ରାମାଗାର ଓ ଶୌଚାଳୟ ପ୍ରତିଷ୍ଠା, ଓଡ଼ିଶାର ଖଣି ଖାଦାନରେ ଓଡ଼ିଶାର ଡ୍ରାଇଭରମାନଙ୍କୁ ୭୦ ଭାଗ କର୍ମ ଯୋଗାଣ, ସେପ୍ଟେମ୍ବର ୧କୁ ଜାତୀୟ ଡ୍ରାଇଭର ଦିବସ ପାଳନ କରିବା ଆଦି ବିଷୟରେ ମୁଖ୍ୟମନ୍ତ୍ରୀ, ପରିବହନ ଓ ଖଣି ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଆସନ୍ତା ଜୁଲାଇ ୮ ପୂର୍ବରୁ ରାଜ୍ୟ ସରକାର ଏହି ଦାବିଗୁଡିକ ପୂରଣ କରିବା ପାଇଁ ବିହିତ ପଦକ୍ଷେପ ନ ନେଲେ ରାଜ୍ୟବ୍ୟାପି ଷ୍ଟିଅରିଂ ଛାଡ଼ ଆନ୍ଦୋଳନ ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ରାଜ୍ୟ ବସ୍ ମାଲିକ ସଂଘ, ଟ୍ରକ୍ ମାଲିକ ମହାସଂଘ, ଅଲ ଓଡ଼ିଶା ମିନିଟ୍ରକ୍ ମାଲିକ ମହାସଂଘ ଓ ଓଡ଼ିଶା ଡ୍ରାଇଭର ମହାସଂଘର କର୍ମକର୍ତ୍ତାମାନେ ବୈଠକରେ ଉପସ୍ଥିତ ଥିଲେ।


ଦୁଇଜଣ ବିଦେଶୀ ଲୋକ ନିର୍ମାଣାଧୀନ ରଥକୁ ମୁଣ୍ଡିଆ ମାରୁଛନ୍ତି।


ସ୍ନାନପୂର୍ଣ୍ଣିମାରେ ଦାରୁଦିଅଁଙ୍କ ଦର୍ଶନ ପାଇଁ ପୁରୀ ବଡ଼ଦାଣ୍ଡରେ ବ୍ୟାରିକେଡ୍ ନିର୍ମାଣ କରାଯାଉଛି।


ମହାପ୍ରଭୁଙ୍କ ପାଇଁ ଟାହିଆ ପ୍ରସ୍ତୁତ କରାଯାଉଛି।

# ନିର୍ମାଣର ବର୍ଷକରେ ରାସ୍ତା ଅବସ୍ଥା ଶୋଚନୀୟ

## ଯାତାୟାତ ବାଧାପ୍ରାପ୍ତ, ପୁନଃ ନିର୍ମାଣ ଦାବି

ଅନ୍ତରଙ୍ଗ,୧୦।୬(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅନ୍ତରଙ୍ଗ ବ୍ଲକ ନଇଗୁଆଁ ପଞ୍ଚାୟତରେ ନଇଗୁଆଁ ମୁଖ୍ୟରାସ୍ତାଠାରୁ ବିନାୟକପୁର ପର୍ଯ୍ୟନ୍ତ ଥିବା ରାସ୍ତା ନିର୍ମାଣର ବର୍ଷକ ମଧ୍ୟରେ ଶୋଚନୀୟ ହୋଇପଡ଼ିଛି। ଅନ୍ତରଙ୍ଗ ବ୍ଲକ ନଇଗୁଆଁ ପଞ୍ଚାୟତର ନଇଗୁଆଁ ମୁଖ୍ୟରାସ୍ତାଠାରୁ ବିନାୟକପୁର ପର୍ଯ୍ୟନ୍ତ ପଞ୍ଚାୟତର ୧୮, ୧୯, ୬ ଓ ୭ ନଂ. ୱାର୍ଡର କେତେଜଣ ବାସିନ୍ଦା ବସବାସ କରିଆସୁଛନ୍ତି। ଏହି ରାସ୍ତା ଉପରେ ଶତାଧିକ ଲୋକ ନିର୍ଭର କରିଥାନ୍ତି। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଏହି ରାସ୍ତାଟି ନିର୍ମାଣ କରାଯାଇଥିଲା। ବର୍ଷକ ମଧ୍ୟରେ ରାସ୍ତାଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବାରୁ ମରାମତି ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ରାସ୍ତା ଅବସ୍ଥା ଏତେ ଶୋଚନୀୟ ଯେ ଅନେକ ସ୍ଥାନରେ କଂକ୍ରିଟ ରାସ୍ତା ଫାଟିଯିବାରୁ ଯାତାୟାତରେ ବାଧା ସୃଷ୍ଟି ହେଉଛି। ରାସ୍ତାର ଅନେକ ସ୍ଥାନରେ ଫାଟ ସହ କଂକ୍ରିଟ ଉଠିଯିବାରୁ ସାଇକେଲ ଓ ବାଇକ୍‌ରେ ଯାତାୟାତ କରୁଥିବା ଲୋକେ ଅନେକ ସମୟରେ ଦୁର୍ଘଟଣାର ଶିକାର ହେଉଛନ୍ତି। ବର୍ଷାହେଲେ ଅନେକ ସ୍ଥାନରେ ପାଣି ଜମି ଯାତାୟାତ ଅନୁପଯୋଗୀ ହୋଇପଡୁଛି। ଗ୍ରାମବାସୀଙ୍କ କହିବା ମୁତାବକ, ଅନୁଦାନ ମିଳିବା ପରେ ଭଲ ରାସ୍ତା ନିର୍ମାଣ ହେବ ବୋଲି ସେମାନେ ଆଶା ରଖିଥିଲେ। ଏହି ରାସ୍ତାରେ ଭାରିଯାନ ଚଳାଚଳ କରୁ ନ ଥିବାରୁ ଅତିକମ୍‌ରେ ୧୦ରୁ ୧୫ ବର୍ଷ ଯିବ ବୋଲି କୁହାଯାଉଥିଲା। କିନ୍ତୁ ରାସ୍ତା ଗୋଟିଏ ବର୍ଷ ମଧ୍ୟ ଗଲାନି। ଏବେ ରାସ୍ତାର ଅନେକ ସ୍ଥାନରୁ କଂକ୍ରିଟ ଉଠିବା ସହ ରାସ୍ତାରେ ବିରାଟ ଫାଟ ସୃଷ୍ଟି ହୋଇଛି। ତୁରନ୍ତ ପ୍ରଶାସନ ପକ୍ଷରୁ ରାସ୍ତା ମରାମତି ସହ ପୁନଃ ନିର୍ମାଣ କରାଯାଉ ବୋଲି ସ୍ଥାନୀୟ ବାସିନ୍ଦା ରବୀନ୍ଦ୍ର ନାଥ ସିଂ, ପବିତ୍ର ଦାସ, ପ୍ରଫୁଲ୍ଲ କାପ, ବିଦ୍ୟାଧର ସ୍ୱାଇଁ ପ୍ରମୁଖ ଦାବି କରିଛନ୍ତି। ଏ ନେଇ ସ୍ଥାନୀୟ ସରପଞ୍ଚଙ୍କୁ ପଚାରିବାରେ ସେ କହିଛନ୍ତି, ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି, କିନ୍ତୁ ବ୍ଲକ ପ୍ରଶାସନ ତରଫରୁ କୌଣସି ଅର୍ଥ ଆସୁନାହିଁ। ଜିଲାପାଳ ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।


ନଇଗୁଆଁ ପଞ୍ଚାୟତବାସୀ।

# ନିମାପଡ଼ାରେ ପ୍ରତିଷ୍ଠା ହେବ ୧୯ ଖଣ୍ଡ ପାନୀୟଜଳ ପ୍ରକଳ୍ପ

ନିମାପଡ଼ା,୧୦।୬(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଏନ୍‌ଏସିକୁ ଏକ ସ୍ୱଚ୍ଛ, ନିର୍ମଳ, ସବୁଜିମା, ବିକଶିତ ଏନ୍‌ଏସିରେ ପରିଣତ କରିବା ପାଇଁ ସ୍ଥାନୀୟ ବିଧାୟିକା ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ପରିକଳ୍ପନା ସାକାର ହେବାକୁ ଯାଉଛି। ଏନ୍‌ଏସିର ସାମଗ୍ରିକ ବିକାଶ ପାଇଁ ଉପମୁଖ୍ୟମନ୍ତ୍ରୀ ପରିଡ଼ା ପ୍ରୟାସ ଜାରି ରଖିଛନ୍ତି। ପ୍ରବଳ ଗ୍ରୀଷ୍ମପ୍ରବାହ ହେତୁ ଏନ୍‌ଏସିର ବିଭିନ୍ନ ୱାର୍ଡରେ ଥିବା ମନ୍ଦିର, ଛକ, ଜନଗହଳିପୂର୍ଣ୍ଣ ସ୍ଥାନଗୁଡ଼ିକରେ ୯୫ ଲକ୍ଷ ଟଙ୍କା ବ୍ୟୟରେ ୧୯ଟି ଖଣ୍ଡ ପାନୀୟଜଳ ପ୍ରକଳ୍ପ ନିର୍ମାଣ କରାଯିବ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଦାସ ଓ ଅଧ୍ୟକ୍ଷା ସସ୍ମିତା ସାହୁ ସୂଚନା ଦେଇଛନ୍ତି। ଏନ୍‌ଏସିରେ ଜୟଶ୍ରୀ ଛକ, ବୋଇତବେଦି ଛକ, କୋର୍ଟ ଛକ, ପାଟପୁର ଲୋକନାଥ ମନ୍ଦିର ସମେତ ୧୯ଟି ସ୍ଥାନରେ ଏହି ପ୍ରକଳ୍ପ ନିର୍ମାଣ କରାଯିବ। ଏହି ପାନୀୟଜଳ ପ୍ରକଳ୍ପ ପାଇଁ ଉପମୁଖ୍ୟମନ୍ତ୍ରୀ ପରିଡ଼ା ଆବଶ୍ୟକ ଅର୍ଥ ମଞ୍ଜୁର କରିସାରିଛନ୍ତି। ଏହି ପ୍ରକଳ୍ପ ଆସନ୍ତା ମାସେ, ଦେଢ଼ମାସ ମଧ୍ୟରେ ଶେଷହୋଇ ବିଶୁଦ୍ଧ ଥଣ୍ଡା ପାନୀୟଜଳ ଯୋଗାଇ ଦିଆଯିବ। ପୌରାଞ୍ଚଳରେ ଆଉ ପାନୀୟଜଳ ସମସ୍ୟା ରହିବନାହିଁ। ପୌରବାସୀ ତଥା ସାଧାରଣ ଜନତା ଏହି ପ୍ରକଳ୍ପ ଦ୍ୱାରା ବହୁଳ ଭାବେ ଉପକୃତ ହୋଇପାରିବେ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ଦାସ କହିଛନ୍ତି।

# ଗ୍ରିଲ୍ ତାଲା କାଟି ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଲୁଟ୍

ଗୋପ, ୧୦।୬ (ଭାରତୀ ଭୂଷଣ ଉପାଧ୍ୟାୟ)

ଗୋପ ଥାନା ଅନ୍ତର୍ଗତ ମହଲପଡ଼ା ପଞ୍ଚାୟତର କୁଣ୍ଡିଶ ଗ୍ରାମର ଗୌରାଙ୍ଗ କାଣ୍ଡିଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ସହିତ ନଗଦ ୧୦ ହଜାର ଟଙ୍କା ଲୁଟ୍ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଗୃହକର୍ତ୍ତା ଗୌରାଙ୍ଗ ମୁମ୍ବାଇରେ ରହୁଥିବା ବେଳେ ଦୁର୍ବୃତ୍ତମାନେ ତାଙ୍କ ଘରର ଗ୍ରିଲ୍ କାଟି ଚୋରି କରିଥିବା ଜଣାପଡ଼ିଛି। ହେଲେ ଲୁଟ୍ ପରେ ଗୌରାଙ୍ଗଙ୍କ ଭାଉଜବୋହୂ ବୁଧବାର ଭୋରରେ ଡକାୟତମାନେ ମୋ ଗୋଡ଼ହାତ ବାନ୍ଧିଲୁଟିଥିବା କଥା କହିବା ସହ ଗାଁମାଇଁଙ୍କୁ ଏ ସମ୍ପର୍କରେ ସୂଚନା ଦେଇଥିଲେ ମଧ୍ୟ ପରେ ପୋଲିସକୁ ଏହା ମିଥ୍ୟା ବୋଲି କହିବା ସମସ୍ତଙ୍କୁ ଚକିତ କରିଛି। ପୋଲିସ ଗୌରାଙ୍ଗଙ୍କ ଭଉଣୀ

## ସିସିଟିଭି, ଡଗ୍ ସ୍କ୍ୱାଡ୍‌କୁ ନେଇ ପୋଲିସର ତଦନ୍ତ

ସୁମିତ୍ରା ଭୋଇଙ୍କ ଅଭିଯୋଗକୁ ନେଇ ୧୮୩/୨୫ରେ ମାମଲା ରୁଜୁ କରିବା ପରେ ଘରେ ଲାଗିଥିବା ସିସିଟିଭି, ଡଗ୍ ସ୍କ୍ୱାଡ୍ ସହିତ ସାଇଣ୍ଟିଫିକ୍ ଟିମ୍ ନେଇ ଥାନା ଅଧିକାରୀ ଦେବସ୍ମିତା ଫି ତଦନ୍ତ ଆରମ୍ଭ କରିଛନ୍ତି। ପ୍ରକାଶ ଯେ, ଗୃହକର୍ତ୍ତା ଗୌରାଙ୍ଗ କୁଣ୍ଡିଶ ଗ୍ରାମରେ ଥିବା ପୈତୃକଘରେ ତାଲା ପକାଇ ପରିବାର ସହ ମୁମ୍ବାଇରେ ରହୁଛନ୍ତି। ତାଙ୍କ ଘର ନିକଟରେ ବିଧବା ଭାଉଜବୋହୂ ଖରଣା କାଣ୍ଡି ରହୁଛନ୍ତି। ସୋମବାର ରାତିରେ ୨/୩ ଜଣ ଦୁର୍ବୃତ୍ତ ଘରର ଗ୍ରିଲ୍ ତାଲା କାଟି ଲୁଟି ନେଇଥିବା ଅଭିଯୋଗ ହୋଇଛି। ଦୁଇ ପରିବାର ମଧ୍ୟରେ ଜମିବାଡ଼ିକୁ ନେଇ ଗଣ୍ଡଗୋଳ ଲାଗିରହିଥିବାରୁ ଏପରି ଚୋରି ଘଟଣାର ରୂପ ଦିଆଯାଇଥିବା ଜଣାପଡ଼ିଛି। ଚୋରି ଘଟଣା କେତେ ସତ, କେତେ ମିଛ ପରେ ଲୋକଲୋଚନକୁ ଆସିବ ବୋଲି ଥାନାଧିକାରୀ ପ୍ରଶାନ୍ତ କୁମାର ପଢ଼ିହାରୀ କହିଛନ୍ତି।

**ଭୁବନେଶ୍ୱରରେ ଘରେ ରହି କାମ କରିବା ପାଇଁ ଝିଅ ପିଲା ଆବଶ୍ୟକ।**
(ବ୍ରାହ୍ମଣ ଝିଅ ପିଲାଙ୍କୁ ପ୍ରଥମେ ଅଗ୍ରାଧିକାର ଦିଆଯିବ) ଯୋଗାଯୋଗ-
**9776115557**

**ଦ.ପୂ. ରେଳପଥ - ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ଡେପୁଟି ସିଏସ୍‌ଟିଇ/ୱାର୍କସ୍/ଏବ୍‌କ୍ୟୁ/ଗାର୍ଡେନ୍ ରିଚ୍ ନିମ୍ନଲିଖିତ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି କ୍ର.ସଂ.୧; ଟେଣ୍ଡର ନଂ.: ଏସ୍‌ଟି_ପି_ଏସ୍‌ଇଆର୍_୨୦୨୫_ଟାୱାର୍_ଓଏଫ୍‌ସି_୭ ତାରିଖ: ୦୬।୦୬।୨୦୨୫; କାର୍ଯ୍ୟର ବର୍ଣ୍ଣନା: ଦକ୍ଷିଣ ପୂର୍ବ ରେଳପଥର ଆଦ୍ରା, ରାଞ୍ଚି, ଖଡ଼ଗପୁର ଏବଂ ଚକ୍ରଧରପୁର ମଣ୍ଡଳର ଖଡ଼ଗପୁର-ଆଦ୍ରା, ଆସାନସୋଲ-ଆଦ୍ରା-ଚାନ୍ଦିଲ, ପୁରୁଲିଆ-କୋଟଶିଳା-ମୁରି, କୋଟଶିଳା-ବୋକାରୋ ଷ୍ଟିଲ୍ ସିଟି ଏବଂ ରାଞ୍ଚି-ତୋରି ସେକ୍ସନଠାରେ ଓଏଫ୍‌ସି ବ୍ୟାକ୍‌ବୋନ୍ ସମେତ ଏଚ୍‌ୟୁଏନ୍ ଏବଂ ଏଲ୍‌ଡିଏନ୍ ରୁଟ୍ (୧୫୬୩ ଆର୍‌କେଏମ୍) ଉପରେ କବଚ କାର୍ଯ୍ୟ ପାଇଁ ଟାୱାରର ଯୋଗାଣ, ଉତ୍ଥାନ, ପରୀକ୍ଷଣ ଏବଂ କମିଶନିଂ; କାର୍ଯ୍ୟର ଆନୁମାନିକ ମୂଲ୍ୟ: ₹୧୮୨,୫୪,୮୧,୨୭୮.୦୦; ଅମାନତ ରାଶି: ₹୯୨,୭୭,୪୦୦.୦୦; ସମାପ୍ତି ତାରିଖ ଓ ସମୟ: ତା୧୬।୦୭।୨୦୨୫ରିଖ ୧୬.୩୦ ଘଟିକା। ଉପରୋକ୍ତ ଟେଣ୍ଡର ପାଇଁ ସବିଶେଷ ଟେଣ୍ଡର ବିଜ୍ଞପ୍ତି ୱେବ୍‌ସାଇଟ୍ www.ireps.gov.in ରେ ପ୍ରକାଶିତ ହୋଇସାରିଛି। ବିଡରମାନେ କେବଳ ସମାପ୍ତି ତାରିଖ ଓ ସମୟ ପର୍ଯ୍ୟନ୍ତ ସେମାନଙ୍କର ମୂଳ/ସଂଶୋଧିତ ବିଡ୍ ଦାଖଲ କରିବାରେ ସକ୍ଷମ ହେବେ। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର୍ ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ। (PR-245)

# ୧୩ରେ ଓଡ଼ିଶା ନଦୀ ସୁରକ୍ଷା ସମ୍ମିଳନୀ

ଭୁବନେଶ୍ୱର,୧୦।୬(ବନ୍ଦନା ସେଠୀ)

ରାଜ୍ୟରେ ଏବେ ସବୁ ନଦୀ ଘୋର ସଙ୍କଟ ଅବସ୍ଥାରେ ରହିଛି। ଏଥିସହ ବହୁଳ ଭାବେ ବେଆଇନ ବାଲି ଉତ୍ତୋଳନ ଏବେ ନଦୀର ଅସ୍ତିତ୍ୱ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହାର ସମାଧାନ ନେଇ ଜୁନ୍ ୧୩ରେ 'ଓଡ଼ିଶା ନଦୀ ସୁରକ୍ଷା ସମ୍ମିଳନୀ' ଅନୁଷ୍ଠିତ ହେବ। ମହାନଦୀ ବଞ୍ଚାଅ ଆନ୍ଦୋଳନ ଆବାହକ ସୁଦର୍ଶନ ଦାସଙ୍କ ନେତୃତ୍ୱରେ ଆୟୋଜିତ ହେବାକୁ ଥିବା ସମ୍ମିଳନୀରେ ଜଳ ପୁରୁଷ ଭାବେ ପରିଚିତ ରାଜେନ୍ଦ୍ର ସିଂ ଉଦ୍‌ବୋଧନ ଦେବେ। ଏହାପରେ ରାଜ୍ୟରେ ନଦୀ ସୁରକ୍ଷା ସମ୍ପର୍କରେ ଆଲୋଚନା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଥିବା ନେଇ ମହାନଦୀ ବଞ୍ଚାଅ ଆନ୍ଦୋଳନର ମୁଖପାତ୍ର ପ୍ରସନ୍ନ ବିଷୋୟୀ, ସଂଯୋଜକ ବିଜୟ ପ୍ରଧାନ, ସଚ୍ଚିକାନ୍ତ ପ୍ରଧାନ ପ୍ରମୁଖ ସୂଚନା ଦେଇଛନ୍ତି।

# କାଙ୍କପୁର ଗ୍ରାମରେ ପାନୀୟ ଜଳ ସମସ୍ୟା

କଣାସ,୧୦।୬(ବିଭୂତି ଭୂଷଣ ତ୍ରିପାଠୀ)–

କଣାସ ବ୍ଲକରେ ବର୍ଷସାରା ପାନୀୟ ଜଳ ସମସ୍ୟା ଲାଗିରହିଥିବାରୁ ଜିଲା ପ୍ରଶାସନ ଓ ବ୍ଲକ ପ୍ରଶାସନର ଗ୍ରୀଷ୍ମ ଋତୁରେ ମୁଣ୍ଡ ବିନ୍ଧାର କାରଣ ହୋଇପଡ଼େ। ପ୍ରତିବର୍ଷ ବ୍ଲକ ପ୍ରଶାସନ ନିର୍ଦ୍ଦେଶରେ ପଞ୍ଚାୟତ ପକ୍ଷରୁ ଏପ୍ରିଲ ୧ ରୁ ଜୁନ ୩୦ ତାରିଖ ପର୍ଯ୍ୟନ୍ତ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇଥାନ୍ତି, ଯାହାକି ସମୁଦ୍ରକୁ ଶଙ୍ଖେ। ଦେଇପୁର ପଞ୍ଚାୟତର କାଙ୍କପୁର ଗ୍ରାମରେ ୧୨ଶହରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଥିବାବେଳେ ପାନୀୟ ଜଳ ପାଇଁ କୌଣସି ସୁବିଧା ନ ଥିବାରୁ ଗ୍ରାମବାସୀ ହଇରାଣ ହେଉଛନ୍ତି। ସେମାନେ ପୋଖରୀ ଓ ନାଳ ଜଳକୁ ପାନୀୟ ଜଳ ରୂପେ ବ୍ୟବହାର କରୁଛନ୍ତି। ଏହି ସମସ୍ୟା ନେଇ ଗ୍ରାମବାସୀ ଏକ ଅଭିଯୋଗପତ୍ର ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି।

**ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର**
**ODISHA STATE OPEN UNIVERSITY, SAMBALPUR**
Established by an Act of Government of Odisha

No.1378/OSOU/2025 Dt. 06.06.2025

**EXTENSION NOTICE**

The last date of submission of application (Online/Offline) against Employment Notice No. 1166/OSOU/2025 dated 07.05.2025 for recruitment of faculties is hereby extended till **30th June 2025 (5:00 P.M.)**. Rest of the information and terms and conditions as per the above Notice remain unchanged.

For details of terms and application form, please visit
**www.osou.ac.in**

Sd-
Registrar

**DISTRICT PROJECT OFFICE**
**SAMAGRA SHIKSHA, ANGUL**
E-mail : dpcangulssa.opepa@nic.in, ssaangul@rediffmail.com
**Order No.1806/G.E** **Date : 10.06.2025**

**ADVERTISEMENT FOR FILLING UP OF DIFFERENT POSTS IN KGBVS OF ANGUL DISTRICT**

In pursuance to OSEPA Letter No 5857/dt.29.05.2025, applications are invited from eligible female candidates for the post of Warden, Accountant, Part Time Teacher (Sanskrit), Part Time Teacher (Science and Mathematics), Part time Teacher (English) in 02 numbers of Kasturba Gandhi Balika Vidyalaya (KGBV) i.e Govt.Nodal UPS, Khamar, Pallahara and Dhaurapali UPS Dhaurapali, Kishorenagar block under Samagra Sikhya, Angul on Contractual Basis.

The last date for receipt of application form is 31.07.2025. Application form and details can be downloaded from the website http://osepa.odisha.gov.in and http://angul.odisha.gov.nic. Corrigendum/ addendum, if required will be uploaded in the above websites. Hence all applicants are requested to be in continuous touch with the above websites for updated information.

**By Order of Collector-cum-Chairperson, S.S, Angul**
**Sd./- District Education Officer-cum-DPC**
**Samagra Shiksha, Angul**

**TPWODL**
**TP WESTERN ODISHA DISTRIBUTION LIMITED**
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017

**NOTICE INVITING TENDER**

TP Western Odisha Distribution Limited, invites tender quotations (in 2part bidding) from eligible vendors for the following packages :

1. **TPWODL/SA/O/SU/2500000980 : Rate contract for supply of resin cast CT & PT.**
2. **TPWODL/VP/O/SU/2500000973 : PO for Supply of Testing Equipment's in TPWODL.**

Interested bidders are to submit Tender Participation Fee and Authorization Letter through email on or before **21st June 2025, 15:00Hrs,** respectively, after which link from e-Tender system shall be shared with them.

For detailed tender documents of the above-mentioned tender, please visit Tender section of **www.tpwesternodisha.com.** All details for participating in the tender is given in the tender document.

All future correspondence regarding the tender, bid submission, date extension etc. will happen with participating bidders only through E-Tender system.

Sd/- **Head- Contracts & Procurement**

**ଦ.ପୂ. ରେଳପଥ-ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ନଂ. ପିସିଏମ୍‌ଏମ୍/ଜିଇଏନ୍‌ଏଲ୍/ଟିପି/୨୦୨୫/୨୦ ତାରିଖ: ୦୪।୦୬।୨୦୨୫
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ପ୍ରଧାନ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଦକ୍ଷିଣ ପୂର୍ବ ରେଳପଥ, ମୁଖ୍ୟ କାର୍ଯ୍ୟାଳୟ (୫ମ ମହଲା), ନୂତନ ପ୍ରଶାସନିକ ଭବନ, ୧୧, ଗାର୍ଡେନ୍ ରିଚ୍ ରୋଡ୍, କୋଲକାତା-୭୦୦୦୪୩ ନିମ୍ନ ଅନୁଯାୟୀ ଖୋଲା ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି ଯାହା ୱେବ୍‌ସାଇଟ୍ www.ireps.gov.in ରେ ଅପଲୋଡ୍ ହୋଇଛି। ସମସ୍ତ ଟେଣ୍ଡର ୧୪.୦୦ ଘଟିକାରେ ବନ୍ଦ ହେବ।

| କ୍ର. ସଂ. | ଟେଣ୍ଡର ନଂ. | ଧାର୍ଯ୍ୟ ତାରିଖ | ସଂକ୍ଷିପ୍ତ ବର୍ଣ୍ଣନା | ପରିମାଣ | ଇଏମ୍‌ଡି ଟଙ୍କାରେ |
|---|---|---|---|---|---|
| ୧ | ୮୧୨୫୧୮୮୪୮ | ୧୫.୦୭.୨୦୨୫ | ଇନୋକ୍ୟୁଲମ୍ସ (ଭାରତୀୟ ରେଳବାଇର ବାୟୋଟଏଲେଟ୍ ଟାଙ୍କି ପାଇଁ ଆନାଇରୋବିକ୍ ବ୍ୟାକ୍ଟେରିଆ) ଆଦି | ୭୪୬୬୦୦ ଲିଟର | ୪,୦୭,୬୪୪.୦୦ |
| ୨ | ୩୩୨୫୩୨୪୮ | ୧୬.୦୭.୨୦୨୫ | ଏଲ୍‌ଏଚ୍‌ବି କୋଚ୍ ଇତ୍ୟାଦି ପାଇଁ ମଧ୍ୟରେ ଜଳ ଟାଙ୍କି ୪୫୦ ଲିଟର | ୪୦ ଗୋଟି | ୧,୨୧,୪୯୦.୦୦ |
| ୩ | ୩୦୨୫୩୬୧୩ | ୦୪.୦୮.୨୦୨୫ | ଆଇସିଏଫ୍ କୋଚ୍‌ଗୁଡ଼ିକର ଫିଡ୍ ପାଇପ୍ ପାଇଁ ହୋସ୍ କପଲିଂ। | ୨୪୫୩୪ ଗୋଟି | ୭,୨୦,୮୬୦.୦୦ |
| ୪ | ୩୦୨୫୩୦୦୫ | ୨୬.୦୮.୨୦୨୫ | ହାଇଡ୍ରେଲ୍ ଲୋୱର ୱାଶର୍ ଆଦି। | ୬୭୫୦ ଗୋଟି | ୨,୫୩,୬୧୦.୦୦ |
| ୫ | ୩୦୨୫୧୩୫୦ | ୨୨.୦୮.୨୦୨୫ | ବଗି ଉପରେ ସାଇଡ୍ ବିୟରର୍ ପାଇଁ ୱେରିଂ ପିସ୍ | ୧୭୨୦ ଗୋଟି | ୨,୮୬,୧୭୦.୦୦ |
| ୬ | ୩୦୨୫୩୫୦୩ | ୧୧.୦୮.୨୦୨୫ | ନନ୍‌ଆଜବେଷ୍ଟସ୍ ଆଧାରିତ 'କେ' ଟାଇପ୍ ହାଇ ଫ୍ରିକ୍ସନ୍ କମ୍ପୋଜିଟ୍ ବ୍ରେକ୍ ବ୍ଲକ୍। | ୯୭୩୧୦ ଗୋଟି | ୫,୯୩,୭୯୦.୦୦ |
| ୭ | ୩୦୨୫୩୫୦୦ | ୦୭.୦୮.୨୦୨୫ | ବଗି ବୋଲଷ୍ଟର୍ ସସ୍‌ପେନ୍ସନ୍ ପାଇଁ ହ୍ୟାଙ୍ଗର୍। | ୧୨୦୦୦ ଗୋଟି | ୩,୦୮,୪୦୦.୦୦ |
| ୮ | ୮୦୨୫୩୦୫୭ | ୧୪.୦୭.୨୦୨୫ | ଜେନେରାଲ୍ ପର୍ପୋଜ୍ ମେଶିନାରୀ ଅଏଲ୍ ଆଦି। | ୧୬୧୪୯୦ ଗୋଟି | ୨,୬୩,୩୬୦.୦୦ |
| ୯ | ଆଇକି ୨୫୫୫୮୩ବି | ୩୦.୦୬.୨୦୨୫ | ଟ୍ରାକ୍ ଜିଓମେଟ୍ରି ଗେଜ୍‌ର ମାପ ପାଇଁ ପୋର୍ଟେବଲ୍ ଟିଇଇ ଟ୍ରଲି। | ୦୧ ନଂ. | ୧,୧୨,୮୦୦.୦୦ |
| ୧୦ | ୪୨୨୩୫୦୧୧ବି | ୧୫.୦୭.୨୦୨୫ | ବ୍ରଶଲେସ୍ ଡିସି (ବିଏଲ୍‌ଡିସି) ମୋଟର ସିଲିଂ ଫ୍ୟାନ୍ ଆଦି। | ୨୯୨୦୯ ଗୋଟି | ୧୪,୨୭,୭୮୦.୦୦ |
| ୧୧ | ୮୦୨୫୩୦୪୧ | ୧୬.୦୭.୨୦୨୫ | ସର୍ଭୋପ୍ଲେକ୍ସ ଏସ୍‌ଏଚ୍‌ସି ୧୨୦ ଆଇଓସି, ପ୍ରଡକ୍ଟ କୋଡ୍ ୮୧୫୫ ଡବ୍ଲୁୟଏଜି ୯ / ଡବ୍ଲୁୟଏପି ୭ ଲୋକୋ ପାଇଁ। | ୩୩୨୫୦ କେଜି | ୭,୬୯,୦୧୦.୦୦ |
| ୧୨ | ୪୬୨୫୫୦୨୩ | ୨୪.୦୬.୨୦୨୫ | ୧୦୫ ବର୍ଗ ମିମି ଆନିଲ୍‌ଡ କପର୍ ଷ୍ଟ୍ରାଣ୍ଡେଡ୍ କମ୍ପର୍ ଓୟାର୍ ଏବଂ ୧୬୦ ବର୍ଗ ମିମି ଆନିଲ୍‌ଡ କପର୍ ଷ୍ଟ୍ରାଣ୍ଡେଡ୍ କମ୍ପର୍ ଓୟାର୍ ଆଦି। | ୪.୩ ଏମଟି ଓ ୬.୨ ଏମଟି | ୨,୩୦,୨୯୦.୦୦ |
| ୧୩ | ଆଇଏଫ ୨୫୫୧୮୨ଏ | ୩୦.୦୬.୨୦୨୫ | ଏଏଆର୍ ଅନୁମୋଦିତ କାର୍ଟ୍ରିଜ୍ ଟେପର୍ ରୋଲର୍ ବେରିଂ ଆଦି। | କ୍ଲାସ 'ଇ' (୬"x୧୧") -୨୨୫ ଗୋଟି କ୍ଲାସ 'କେ' (୬ ୧/୨x୯") ୧୮୦ ସେଟ | ୧,୫୭,୮୮୦.୦୦ |
| ୧୪ | ୫୬୨୫୧୦୦୩ | ୨୧.୦୭.୨୦୨୫ | ନନ୍ ଏସି ଇମ୍ୟୁନାଇଜ୍‌ଡ ରିଲେ କ୍ୟୁଏନ୍ ୧ | ୨୮୬୭ ଗୋଟି | ୧,୬୩,୦୭୦.୦୦ |
| ୧୫ | ୭୬୨୫୧୭୯୨ | ୨୪.୦୬.୨୦୨୫ | ଏମ୍‌ଏମ୍‌ଏଡବ୍ଲୁ ଇଲେକ୍ଟ୍ରୋଡ୍‌ର ଯୋଗାଣ, ଆକାର: ୪ ମିମି ଡାୟା x ୪୫୦ ମିମି ରେଡିଓଗ୍ରାଫିକ୍ କ୍ୱାଲିଟି କ୍ଲାସ୍ - ଏ୨, କୋଡ୍: ଇଆର୍‌୪୨୧୧ଏକ୍ସ ଅନୁରୂପ। | ୭୪୧୮୩୦ ମିଟର | ୧,୩୭,୨୪୦.୦୦ |

ଟେଣ୍ଡରର ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ପାଇଁ ଏବଂ ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତା ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି। ଏହି ସାମଗ୍ରୀଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ବି.ଦ୍ର.: ଅନ୍ୟ ସମସ୍ତ ଟେଣ୍ଡର ଏବଂ ତତ୍‌ପଶ୍ଚାତ୍ ପ୍ରକାଶିତ କୌଣସି ଶୁଦ୍ଧିପତ୍ର ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି। (PR-243)

**ନ୍ୟାଶନାଲ ସଫେଇ କର୍ମଚାରୀ ଫାଇନାନ୍ସ ଆଣ୍ଡ ଡେଭଲପମେଣ୍ଟ କର୍ପୋରେଶନ (ଏନ୍‌ଏସ୍‌କେଏଫ୍‌ଡିସି)**
(ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟ ଅଧୀନରେ ଏକ ଭାରତ ସରକାରଙ୍କ ଉଦ୍ୟୋଗ)

**ଏନ୍‌ଏସ୍‌କେଏଫ୍‌ଡିସି ଦ୍ୱାରା ବିଭିନ୍ନ ପଦବୀ ପାଇଁ ବ୍ୟକ୍ତିମାନଙ୍କର ନିଯୋଜନ**

ଏନ୍‌ଏସ୍‌କେଏଫ୍‌ଡିସି ପରିମଳ କାର୍ଯ୍ୟରେ ମୃତ୍ୟୁ ଘଟଣାକୁ ଶୂନ୍ୟ କରିବା ଏବଂ ସିୱେର ଏବଂ ସେପ୍ଟିକ୍ ଟାଙ୍କି ସଫେଇ କର୍ମଚାରୀଙ୍କ ନିରାପତ୍ତା ଏବଂ ମର୍ଯ୍ୟାଦାକୁ ସୁନିଶ୍ଚିତ କରିବାର ଲକ୍ଷ୍ୟ ରଖୁଥିବା ନ୍ୟାଶନାଲ୍ ଆକ୍ସନ୍ ଫର୍ ମେକାନାଇଜ୍‌ଡ ସାନିଟେଶନ୍ ଇକୋ-ସିଷ୍ଟମ୍ (ନମସ୍ତେ) ଯୋଜନାର କାର୍ଯ୍ୟାନ୍ୱୟନ ପାଇଁ ନୋଡାଲ ଏଜେନ୍ସି ଅଟେ। ସିୱେର ଏବଂ ସେପ୍ଟିକ୍ ଟାଙ୍କି କର୍ମଚାରୀଙ୍କ ଉପରେ ଫୋକସ୍ ସହ ଦେଶର ସମସ୍ତ ସହରରେ 'ନମସ୍ତେ' ଯୋଜନାର କାର୍ଯ୍ୟାନ୍ୱୟନ କରାଯାଉଛି।
ଏନ୍‌ଏସ୍‌କେଏଫ୍‌ଡିସି ସମ୍ପୂର୍ଣ୍ଣ ଅସ୍ଥାୟୀ ଏବଂ ପ୍ରକଳ୍ପ-ଭିତ୍ତିରେ ନମସ୍ତେ ଯୋଜନା ଅଧୀନରେ ନିମ୍ନଲିଖିତ କର୍ମଚାରୀ ଆବଶ୍ୟକ କରୁଛି।

୧. ମେଡିକାଲ ପୃଷ୍ଠଭୂମିରୁ ଅବସରପ୍ରାପ୍ତ ବ୍ୟକ୍ତି (ସିଜିଏଚ୍‌ଏସ୍/ଇଏସ୍‌ଆଇର ଜଣେ ଅବସରପ୍ରାପ୍ତ ସରକାରୀ ଡାକ୍ତର ହୋଇଥିବା ବାଞ୍ଛନୀୟ)
୨. ଆକାଉଣ୍ଟ ଅଫିସର (ଅବସରପ୍ରାପ୍ତ ସରକାରୀ ପଦାଧିକାରୀ)
୩. ଜାତୀୟ ପ୍ରକଳ୍ପ ପରିଚାଳକ
୪. ରାଜ୍ୟ ପ୍ରକଳ୍ପ ପରିଚାଳକ

ଯୋଗ୍ୟତା ସର୍ତ୍ତାବଳୀ, କାର୍ଯ୍ୟର ରୂପରେଖ ଏବଂ ଆବେଦନର ଫର୍ମାଟ୍ ଆଦି ସମ୍ବଳିତ ସୂଚନା ପୁସ୍ତିକା ଏନ୍‌ଏସ୍‌କେଏଫ୍‌ଡିସି ୱେବ୍‌ସାଇଟ୍ : https://nskfdc.nic.in/en/content/home/recruitment-0 ରୁ ଡାଉନ୍‌ଲୋଡ୍ କରାଯାଇପାରିବ। ସବୁ ଦୃଷ୍ଟିରୁ ସମ୍ପୂର୍ଣ୍ଣ ହୋଇଥିବା ଆବେଦନ ସର୍ବଶେଷ ତା୨୪।୦୬।୨୦୨୫ରିଖ ସୁଦ୍ଧା ଦାଖଲ କରାଯିବା ଆବଶ୍ୟକ।
**cbc 38123/12/0001/2526**

**PRASANNAMANI COLLEGE OF PHYSICAL EDUCATION & YOGA**
AT/P.O. - TIGIRIA, DIST. : CUTTACK - 754 030
Mob - 9437666135, Ph. No. - 06723-235124, E-mail : pmcpedy@gmail.com
Ref. No. :............ Date :............

**RECOGNISED BY THE NCTE, NEW DELHI & AFFILIATED TO UTKAL UNIVERSITY, VANI VIHAR, BBSR & BSE, ODISHA, CUTTACK**

**ADMISSION NOTICE**

We invite candidates for admission into C.P.Ed - 2YRS, B.P.Ed - 2YRS, B.P.E.S. - 3YRS and M.P.E.S. - 2YRS Courses for the session 2025-26 in the prescribed form and prospectus available in the college office on working days between 10 A.M. to 4 P.M. or may be downloaded from the college website - www.pmcpe.com.

**DETAILS OF CRITERIA**

1. Sale of Admission form - Dt.12.06.2025 to 30.06.2025
2. Last Date of submission of Application by Dt.03.07.2025
3. Cost of form :

| Course | Cost | Mode | |
|---|---|---|---|
| C.P.Ed-2YRS | Rs.400/- | (by hand or D.D. in favour of P.M.C.P.Ed & Yoga, Tigiria, Cuttack) | |
| | Rs.450/- | (by Post) | |
| B.P.Ed-2YRS | Rs.450/- | (by hand) | - do - |
| | Rs.500/- | (by Post) | |
| B.P.E.S-3YRS | Rs.250/- | (by hand) | - do - |
| | Rs.300/- | (by Post) | |
| M.P.E.S-2YRS | Rs.450/- | (by hand) | - do - |
| | Rs.500/- | (by Post) | |

**ELIGIBILITY**
(a) C.P.Ed :- +2 Pass or its equivalent with NCTE norms.
(b) B.P.Ed :- +3 Pass or its equivalent with NCTE norms.
(c) B.P.E.S :- +2 Pass or its equivalent.
(d) M.P.E.S :-
(i) B.P.Ed pass with 50% marks.
(ii) for SC/ST & OBC with 45% of marks in all B.P.E./B.P.E.S.-3Yrs/4years integrated B.P.Ed. courses as per the rule of concerned State Govt.

**FOR DETAILED INFORMATION**
Contact No. - 9437666135 or 9861766206

**Sd./- PRINCIPAL cum SECRETARY**
**P.M.C.P.Ed & Yoga, Tigiria**

**OFFICE OF THE EXECUTIVE ENGINEER**
**ROAD CONSTRUCTION DEPARTMENT**
**ROAD DIVISION, DUMKA**

**E-Procurement Notice**
**Tender Reference No.- RCD/DUMKA/975**
**Date – 10.06.2025**

| | | |
|---|---|---|
| 1. | Name of the work | Widening, Strengthening & Reconstruction work of Kothiya (NH 133) – Dighi-Gadi Jhopa-Parariya-Champagarh Road (Total Length-17.2015 Km) for the year 2025-26. Job No. CRF-JHR-2025-26-73 |
| 2(a) | Approximate value of Work (Rs. In Lacs ) | Rs 6394.00 Lacs (Rupees Sixty Three Crore Ninety Four Lac Only ) |
| (b) | Bid Security ( Rs In Lacs ) | Rs 63.94 Lacs |
| 3. | Time of Completion | Eighteen Months |
| 4. | Last date/Time for receipt of bids | 28.07.2025 Up to 12.00 Noon. |
| 5 | Date of Publication of Tender on website | 23.06.2025 AT 10.30 A.M |
| 6 | Pre Bid Meeting | 01.07.2025 At 11.00 A.M |
| 7. | Name & address of office Inviting tender | Executive Engineer Road Division, Dumka |
| 8. | Contact no. of Procurement officer | 8252424164 |
| 9. | Helpline number of e-Procurement cell | 0651-2401010 |

**Further details can be seen on website http://jharkhandtenders.gov.in**

PR.NO.354584 Road(25-26):D

Executive Engineer,
Road Construction Department,
Road Division, Dumka

**GOVERNMENT OF CHHATTISGARH,**
**WATER RESOURCES DEPARTMENT**
**OFFICE OF THE EXECUTIVE ENGINEER, WATER RESOURCES DIVISION NO.I, AMBIKAPUR, DISTT. - SURGUJA (C.G.)**
**e-Procurement Tender Notice**
**eProcurement Portal : https://eproc.cgstate.gov.in**
**(FIRST-CALL)**

**NIT NO. 01/SAC/2025-26 DATED - 06.06.2025 Online Tenders are invited for the following works up to 27.06.2025.** (17.30 hours **IST)**

| G. No. | System Tender No. | Name of Work | Probable amount of contract |
|---|---|---|---|
| 1 | 169598 | DEEPENING AND RENOVATION OF LABJI TANK & CONSTRUCTION OF C.C. CHANNEL | Rs.48.63 Lakhs |
| 2 | 169602 | CONSTRUCTION OF STOPDAM CUM CAUSEWAY AT SAKHOLI GAGAR RIVER | Rs.466.94 Lakhs |

The details can be viewed & downloaded online directly from the Govt. of Chhattisgarh integrated e-Procurement portal (https://eproc.cgstate.gov.in) from dated 13.06.2025 at 17.31 hours (IST) onwards.

Note : All eligible/interested contractors/bidders are mandated to get enrolled on the entegrated e-Procurement portal (https://eproc.cgstate.gov.in) and get approval on specific vendor class from PWD under centralized contractor/supplier registration in order to download the tender documents and participate in the subsequent bidding process.

**Sd./- EXECUTIVE ENGINEER**
**WATER RESOURCES DIVISION**
**NO.I, AMBIKAPUR (C.G.)**
For, Chief Engineer
Hasdeo Ganga Basin, W.R. Deptt.
Ambikapur, Sarguja (C.G.)

G-252601454/2

See Career Appointment on every Wednesday & Saturday

# ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ବିତାଡ଼ିତ କରାଯାଉ

## ଏକାମ୍ର ଜନ ଜାଗରଣ ମଞ୍ଚ ପକ୍ଷରୁ ଦାବିପତ୍ର ପ୍ରଦାନ

ପୁରୁଣା ଭୁବନେଶ୍ୱର,୧୦।୬(ସୁବାସ ଚନ୍ଦ୍ର ପ୍ରଧାନ)



ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ରାଜଧାନୀ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ଥିବା ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରାଯାଇ ତୁରନ୍ତ ସେମାନଙ୍କୁ ବିତାଡ଼ିତ କରାଯାଉ। ଏମାନେ ସହରରେ ବିଭିନ୍ନ ସମୟରେ ଡକାୟତି, ହତ୍ୟା, ରାହାଜାନି ଭଳି ଅପରାଧ ଘଟାଉଛନ୍ତି। ଏନେଇ ମଙ୍ଗଳବାର ଏକାମ୍ର ଜନ ଜାଗରଣ ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଭୁବନେଶ୍ୱର ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି ଯେ, ଭୁବନେଶ୍ୱରରେ ଅନୁପ୍ରବେଶକାରୀଙ୍କ ସଂଖ୍ୟା ଆଶାତୀତ ଭାବେ ବଢ଼ିଛି। ଖାରବେଳନଗର ମାଳିସାହି, ପୁରୁଣା ଷ୍ଟେସନ ବଜାର ଚମ୍ପା ପୋଖରୀ ଫଳିଜିଆବସ୍ତି ରେଲଲାଇନ ପାର୍ଶ୍ୱରେ ହଜାର ହଜାର ବାଂଲାଦେଶୀ ରହୁଛନ୍ତି। ସେହିପରି ଲକ୍ଷ୍ମୀସାଗର ହଳଦୀପଡ଼ିଆ ବସ୍ତି, ଫୁଲବସ୍ତି, ଖାଡ଼ପଡ଼ା, ବମିଖାଲ ଅଞ୍ଚଳରେ ସରକାରୀ ଜାଗା ଜବରଦଖଲ କରି ଘର କରିଛନ୍ତି। ସବୁଠାରୁ ବିପର୍ଯ୍ୟସ୍ତ ଅବସ୍ଥା ଦେଖିବାକୁ ମିଳିଛି ପାତ୍ରପଡ଼ା ଏବଂ ଡୁମୁଡୁମା ଅଞ୍ଚଳରେ। ଏଠାରେ ବାଂଲାଦେଶୀ ଅନୁପ୍ରବେଶକାରୀ ରହମ୍ମତ ନଗର ନାମକ ଏକ କଲୋନୀ ବନାଇଛନ୍ତି । ପ୍ରାୟ ପାଞ୍ଚଶହ ଏକର ସରକାରୀ ଜମିରେ କବାଡିଖାନା ଘରଦ୍ୱାର କରିଛନ୍ତି। କେତେକଣ ଅସାମାଜିକ କାର୍ଯ୍ୟରେ ଲିପ୍ତ ଅଛନ୍ତି। କୋଟିଲାପୁଟ ଏବଂ ବେଗୁନିଆ ଅଞ୍ଚଳରେ ହଜାର ହଜାର ଅନୁପ୍ରବେଶକାରୀଙ୍କ ଜବରଦଖଲ ଦେଖିବାକୁ ମିଳୁଛି। ସାଲିଆସାହି, ଶିଖରଚଣ୍ଡୀ ଅଞ୍ଚଳରେ ଏମାନଙ୍କ ସଂଖ୍ୟା ମଧ୍ୟ ବଢ଼ିଛି। ପୂର୍ବ ସରକାରଙ୍କ ସମୟରେ ଏମାନେ ବେଆଇନ ଭାବେ ଆଧାରକାର୍ଡ ଓ ଭୋଟର ପରିଚୟପତ୍ର କରିଛନ୍ତି। ଏଭଳି ସ୍ଥିତିରେ ବଙ୍ଗଳା ଭାଷା କହୁଥିବା ପ୍ରତ୍ୟେକ ଭୋଟରଙ୍କ ପୂର୍ବପରି ସ୍ଥିତି ଯାଞ୍ଚ କରାଯାଇ ସେମାନଙ୍କୁ ଚିହ୍ନଟ କରାଯାଉ। ଏଥିସହିତ ସେମାନଙ୍କ ଭୋଟ ପରିଚୟପତ୍ର, ଆଧାରକାର୍ଡ ବାତିଲ କରାଯାଉ। ସରକାରୀ ଜାଗାରୁ ଏମାନଙ୍କୁ ଉଚ୍ଛେଦ ସହିତ ଭୁବନେଶ୍ୱରରୁ ବିତାଡ଼ିତ କରି ଏକ ସୁସ୍ଥ ସମାଜ ଗଠନ କରିବା ପାଇଁ ମଞ୍ଚ ଅନୁରୋଧ କରିଛି।

# ଜୁଲାଇ ୮ ପୂର୍ବରୁ ସରକାର ନ ଶୁଣିଲେ ରାଜ୍ୟବ୍ୟାପୀ ଷ୍ଟିଅରିଂ ଛାଡ଼ ଆନ୍ଦୋଳନ

କଟକ,୧୦।୬(କାର୍ତ୍ତିକ ସାହୁ)

ଡ୍ରାଇଭରମାନଙ୍କ ସମସ୍ୟା ସମାଧାନ ନିମନ୍ତେ ଡ୍ରାଇଭର ଏକତା ମହାମଞ୍ଚ ଜରିଆରେ ଆନ୍ଦୋଳନ ଚାଲିଛି। ତେବେ ଜୁଲାଇ ୮ ପୂର୍ବରୁ ସରକାର ଡ୍ରାଇଭରମାନଙ୍କ ସମସ୍ୟା ନ ଶୁଣିଲେ ରାଜ୍ୟବ୍ୟାପୀ ଷ୍ଟିଅରିଂ ଛାଡ଼ ଆନ୍ଦୋଳନ କରାଯିବ ବୋଲି ରାଜ୍ୟ ବସ୍ ମାଲିକ ମହାସଂଘ, ଟ୍ରକ୍ ମାଲିକ ସଂଘ ଓ ମିନିଟ୍ରକ୍ ମାଲିକ ମହାସଂଘର ମିଳିତ ବୈଠକରେ ମଙ୍ଗଳବାର ନିଷ୍ପତ୍ତି ନିଆଯାଇଛି। ପ୍ରକାଶ ଯେ, କଟକସ୍ଥିତ ଓଡ଼ିଶା ଟ୍ରକ୍ ମାଲିକ ସଂଘ ଅଫିସ ଗୃହରେ ଅନୁଷ୍ଠିତ ମିଳିତ ବୈଠକରେ ଡ୍ରାଇଭରମାନଙ୍କ ସମସ୍ୟା ଓ ଟ୍ରକ୍ ମାଲିକ, ବସ୍ ମାଲିକମାନଙ୍କ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ଓଡ଼ିଶା ମୋଟର ଟ୍ରାନ୍ସପୋର୍ଟ ଡ୍ରାଇଭର ଏବଂ ୱାର୍କର କଲ୍ୟାଣ ବୋର୍ଡରେ ଅଟୋ ଡ୍ରାଇଭରମାନଙ୍କୁ ସାମିଲ କରାଯାଇ ନ ଥିବାରୁ କ୍ଷୋଭ ପ୍ରକାଶ ପାଇଥିଲା। ଡ୍ରାଇଭରମାନଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ ପ୍ରଣୟନ, ଷାଠିଏ ବର୍ଷ ବୟସରୁ ଉର୍ଦ୍ଧ୍ୱ ଡ୍ରାଇଭରଙ୍କୁ ଭତ୍ତା ପ୍ରଦାନ, ରାସ୍ତାରେ ଗାଡ଼ି ପାର୍କିଂ, ଡ୍ରାଇଭରମାନଙ୍କ ନିମନ୍ତେ ବିଶ୍ରାମାଗାର ଓ ଶୌଚାଳୟ ପ୍ରତିଷ୍ଠା, ଓଡ଼ିଶାର ଖଣି ଖାଦାନରେ ଓଡ଼ିଶାର ଡ୍ରାଇଭରମାନଙ୍କୁ ୭୦ ଭାଗ କର୍ମ ଯୋଗାଣ, ସେପ୍ଟେମ୍ବର ୧କୁ ଜାତୀୟ ଡ୍ରାଇଭର ଦିବସ ପାଳନ କରିବା ଆଦି ବିଷୟରେ ମୁଖ୍ୟମନ୍ତ୍ରୀ, ପରିବହନ ଓ ଖଣି ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଆସନ୍ତା ଜୁଲାଇ ୮ ପୂର୍ବରୁ ରାଜ୍ୟ ସରକାର ଏହି ଦାବିଗୁଡ଼ିକ ପୂରଣ କରିବା ପାଇଁ ବିହିତ ପଦକ୍ଷେପ ନ ନେଲେ ରାଜ୍ୟବ୍ୟାପି ଷ୍ଟିଅରିଂ ଛାଡ଼ ଆନ୍ଦୋଳନ ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ରାଜ୍ୟ ବସ୍ ମାଲିକ ସଂଘ, ଟ୍ରକ୍ ମାଲିକ ମହାସଂଘ, ଅଲ ଓଡ଼ିଶା ମିନିଟ୍ରକ୍ ମାଲିକ ମହାସଂଘ ଓ ଓଡ଼ିଶା ଡ୍ରାଇଭର ମହାସଂଘର କର୍ମକର୍ତ୍ତାମାନେ ବୈଠକରେ ଉପସ୍ଥିତ ଥିଲେ।

# ମହାପ୍ରଭୁଙ୍କ ସେନାପଟା ଲାଗି ନୀତି ସମ୍ପନ୍ନ

ପୁରୀ,୧୦।୬(ଅଜିତ୍ କୁମାର ମହାନ୍ତି)

ପବିତ୍ର ସ୍ନାନପୂର୍ଣ୍ଣିମାରେ ବୁଧବାର ଦାରୁଦିଅଁ ୧୦୮ ଗରା ସୁବାସିତ ଜଳରେ ସ୍ନାନବେଦିରେ ସ୍ନାନ କରିବା ସହ ଭକ୍ତଙ୍କୁ ଦୁର୍ଲଭ ହାତୀବେଶରେ ଦର୍ଶନ ଦେବେ। ଏହାପୂର୍ବରୁ ମଙ୍ଗଳବାର ସେନାପଟାଲାଗି ନୀତି ସମ୍ପାଦିତ ହୋଇଛି। ପୂର୍ବାହ୍ନ ୯ଟାରେ କୋଠସୁଆଁସିଆମାନେ ମହାପ୍ରଭୁଙ୍କ ଚାରମାଳ ବନ୍ଧା କାର୍ଯ୍ୟ ସାରିବା ପରେ ୯ଟା ୧୫ରେ ଦଇତାପତିମାନେ ସେନାପଟା ଲାଗି କରିବାକୁ ଶ୍ରୀମନ୍ଦିର ଗର୍ଭଗୃହକୁ ପ୍ରବେଶ କରିଥିଲେ। ଅପରାହ୍ନ ୩ଟା ୪୫ରେ ସେନାପଟା ଲାଗି ଶେଷ କରି ସେମାନେ ଶ୍ରୀମନ୍ଦିରରୁ ବାହାରିଥିଲେ। ଏଥିନିମନ୍ତେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ବନ୍ଦ ରହିଥିଲା। ସେନାପଟା ଲାଗି ପରେ ଅନ୍ୟାନ୍ୟ ନୀତି ଅନୁଷ୍ଠିତ ହୋଇଥିଲା। ଅନ୍ୟପକ୍ଷରେ ଦୁର୍ଲଭ ହାତୀବେଶ ପାଇଁ ବେଶ ନିର୍ମାଣ ସରିଥିବାବେଳେ ପଟିଦିଅଁଙ୍କ ପ୍ରସ୍ତୁତି କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

**ଭୁବନେଶ୍ୱରରେ ଘରେ ରହି କାମ କରିବା ପାଇଁ ଝିଅ ପିଲା ଆବଶ୍ୟକ।**
(ବ୍ରାହ୍ମଣ ଝିଅ ପିଲାଙ୍କୁ ପ୍ରଥମେ ଅଗ୍ରାଧିକାର ଦିଆଯିବ) ଯୋଗାଯୋଗ-
**9776115557**

# କୃଷକଙ୍କ ବିକାଶ ହେଲେ ରାଷ୍ଟ୍ର ସମୃଦ୍ଧ ହେବ

ବାଲିପାଟଣା,୧୦।୬(ଅଭିମନ୍ୟୁ ନାୟକ)

କୃଷକ ସଶକ୍ତ ହେଲେ ରାଷ୍ଟ୍ର ସମୃଦ୍ଧ ହେବ ବୋଲି ସୋମବାର ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ବିକଶିତ କୃଷି ସଂକଳ୍ପ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଛନ୍ତି। ନରିସ ପଞ୍ଚାୟତ ଅଧୀନ ଶ୍ରୀରାମପୁର ଗ୍ରାମଠାରେ ଆମ୍ବ ସଭାପତି ଶରତ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ରାଜ୍ୟ ଭାଜପା ସମ୍ପାଦକ ସାରଦା ପ୍ରସନ୍ନ ଶତପଥୀ କହିଥିଲେ ଯେ, କୃଷକଙ୍କ ଆର୍ଥିକ ସ୍ଥିତି ସୁଦୃଢ଼ ପାଇଁ କେନ୍ଦ୍ର ସରକାର ଧାନର ସହାୟକ ମୂଲ୍ୟ ୮୦୦ଟଙ୍କା ପ୍ରଦାନ ସହିତ ବିଭିନ୍ନ ଯୋଜନା କରିଛନ୍ତି। ତା'ର ସୁଫଳ ଚାଷୀଙ୍କ ନିକଟରେ ପହଞ୍ଚାଇବାକୁ ସରକାରୀ ଅଧିକାରୀଙ୍କୁ କହିଥିଲେ। ଉପଜିଲାପାଳ ମନୋରଞ୍ଜନ ସାହୁ, ବାଲିପାଟଣା ତହସିଲଦାର କଳ୍ପନା ଦାସ, ମୁଖ୍ୟ କୃଷି ଅଧିକାରୀ ରବିନାରାୟଣ ସେନାପତି ଅତିଥିଭାବେ ଯୋଗଦେଇଥିଲେ। ବ୍ଲକ କୃଷି ଅଧିକାରୀ ସୁବାସ ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ୧୦ଜଣ ଚାଷୀଙ୍କୁ ସମ୍ମାନିତ କରାଯାଇଥିଲା।

# ନିଶାମୁକ୍ତ ସମାଜ ଗଠନ ପାଇଁ ଯୁବକଙ୍କ ଭୂମିକା ଅପରିହାର୍ଯ୍ୟ

ପୁରୁଣା ଭୁବନେଶ୍ୱର,୧୦।୬(ସୁବାସ ଚନ୍ଦ୍ର ପ୍ରଧାନ)



‘ଜୀବନ ଜିନ୍ଦାବାଦ’ ଶୀର୍ଷକ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ନିଶା ସମାଜର ସାମଗ୍ରୀକ ବିକାଶ ଏବଂ ଯୁବ ସମାଜର ବିକାଶ କ୍ଷେତ୍ରରେ ଅନ୍ତରାୟ ସୃଷ୍ଟି କରୁଛି। ଏକ ନିଶାମୁକ୍ତ ସମାଜ ଗଠନ ପାଇଁ ଯୁବକମାନଙ୍କ ଭୂମିକା ଅପରିହାର୍ଯ୍ୟ। ସେମାନେ ହିଁ ଭାରତ ବର୍ଷରେ ଏକ ସୁସ୍ଥ, ଶାନ୍ତିପୂର୍ଣ୍ଣ ସମାଜ ଗଠନ ପାଇଁ ସହାୟକ ହୋଇପାରିବେ ବୋଲି ଅଜିମ ପ୍ରେମଜୀ ଫାଉଣ୍ଡେଶନ ସହାୟତାରେ ରୁଚିକା ସମାଜ ମଙ୍ଗଳ ସଙ୍ଗଠନ ଦ୍ୱାରା ଗତ ୭ତାରିଖରେ ଅୟୋଜିତ ‘ଜୀବନ ଜିନ୍ଦାବାଦ’ ଶୀର୍ଷକ ଏକ ନିଶା ମୁକ୍ତି ଶିବିରରେ ଯୋଗଦେଇ ଅତିଥିମାନେ କହିଛନ୍ତି। ଭୁବନେଶ୍ୱରର ୧୬ଟି ବସ୍ତି ଏବଂ ୭ଟି ରାସ୍ତାକଡରେ ରହୁଥିବା ଲୋକମାନଙ୍କର ଜନବସତିରେ ରୁଚିକା ଅନୁଷ୍ଠାନ ପିଲାମାନଙ୍କର ଅଧିକାରର ସୁରକ୍ଷା ପାଇଁ କାର୍ଯ୍ୟ କରିଆସୁଛି। ଏହି ଅଞ୍ଚଳକୁ ସମ୍ପୂର୍ଣ୍ଣ ନିଶାମୁକ୍ତ କରିବା ପାଇଁ ରୁଚିକାର କର୍ମକର୍ତ୍ତାମାନେ କାମ କରୁଛନ୍ତି ବୋଲି ମୁଖ୍ୟ ଅତିଥିଭାବେ ଯୋଗଦେଇ ଅଜିମ ପ୍ରେମଜୀ ଫାଉଣ୍ଡେଶନର ପ୍ରତିନିଧି ଗୋବିନ୍ଦ ମାଧବ ମୁରାରୀ କହିଛନ୍ତି। ରୁଚିକାର ଉପସଭାପତି ଗୌରାଙ୍ଗ ଚରଣ ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅତିଥିଙ୍କୁ ସଙ୍ଗଠନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ.ବେଣୁଧର ସେନାପତି ସ୍ୱାଗତ କରିଥିଲେ। ସମ୍ମାନିତ ଅତିଥିଭାବେ ରାମେଶ୍ୱରୀ ପ୍ରାସାଦ ଦ୍ୱିବେଦି ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପିଲାମାନଙ୍କୁ ନିଶା ମୁକ୍ତି କରାଇବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା କଟକ ବସୁନ୍ଧରା ଅନୁଷ୍ଠାନର ପ୍ରତିନିଧି ନାରାୟଣ ଶୁକ୍ଳା ଓ ଚୌଦ୍ୱାର ଉଦ୍ଧାର ଫାଉଣ୍ଡେଶନର ପ୍ରତିଷ୍ଠାତ୍ରୀ ଭାରତୀ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିବିରରେ ଉପସ୍ଥିତ ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ସମସ୍ତ ଶିବିରାର୍ଥୀ ଏକ ନିଶାମୁକ୍ତ ସମାଜ ଗଠନ ପାଇଁ ଶପଥ ନେଇଥିଲେ। ପ୍ରଜାପିତା ବ୍ରହ୍ମକୁମାରି ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଦ୍ୱାରା ନିଶାମୁକ୍ତି ଉପରେ ଏକ ଚଳଚ୍ଚିତ୍ର ପ୍ରଦର୍ଶନ କରଯାଇଥିଲା। ମନୋରଞ୍ଜନ ସାହୁ, ନିରଞ୍ଜନ ମହାରାଣା, ମଧୁସ୍ମିତା ଦାସ, ଠାକୁରାମ ବେହେରା, ଜୟରାମ ନାୟକ, ଉମି ସଲମା, ଶାନ୍ତନୁ ବେହେରା ପ୍ରମୁଖ ଯୋଗଦେଇଥିଲେ।

# ଗୋଚର ଜମିରେ ପକ୍କାଘର ନିର୍ମାଣ, ତହସିଲଦାରଙ୍କୁ ଦାବିପତ୍ର

ବାରଙ୍ଗ/ତ୍ରିଶୁଳିଆ,୧୦।୬(ଲିଙ୍ଗରାଜ ରାଉତ)

ଗୋଚର ଜମି ଜବରଦଖଲ କରି ସେଠାରେ ସ୍ଥାୟୀ ପକ୍କାଘର ନିର୍ମାଣକୁ ପଦ୍ମନାଭନଗର ଗ୍ରାମବାସୀ ବିରୋଧ କରିଛନ୍ତି। ଏ ସମ୍ପର୍କରେ ଗ୍ରାମବାସୀ ବାରଙ୍ଗ ତହସିଲଦାରଙ୍କୁ ମଙ୍ଗଳବାର ଭେଟି ଏକ ଦାବିପତ୍ର ଦେବା ସହ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି।

ପ୍ରକାଶ ଯେ, ପଦ୍ମନାଭନଗର ମୌଜାର ଖାତା ନଂ ୧୭୫ , ପ୍ଲଟ ନଂ ୭୨୩ ଟି ୩୬ ଡିସିମିଲ ଗୋଚର ଜମି ରହିଛି। ଏହାକୁ ଜଣେ ଜବରଦଖଲ କରି ସ୍ଥାୟୀ ଗୃହ ନିର୍ମାଣ କରୁଥିଲେ। ମଙ୍ଗଳବାର ସକାଳୁ ରାମଦାସପୁର ପଞ୍ଚାୟତ ପଦ୍ମନାଭନଗର ଗ୍ରାମବାସୀ ଆସି ବାରଙ୍ଗ ତହସିଲ୍‌ଦାର ଡ. ତୁଷାର ଜ୍ୟୋତିରଞ୍ଜନଙ୍କୁ ଭେଟି ଏକ ଲିଖିତ ଦାବିପତ୍ର ଦେଇଛନ୍ତି। ଉକ୍ତ ଦାବିପତ୍ରରେ ସେମାନେ ଦର୍ଶାଇଛନ୍ତି ଯେ, ଉକ୍ତ ଗ୍ରାମକୁ ଲାଗି କିଛି ଗୋଚର ଜମି ରହିଛି। ତାକୁ କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ଜବରଦଖଲ କରି ସେଠାରେ ସ୍ଥାୟୀ ପକ୍କାଘର ନିର୍ମାଣ କରୁଛନ୍ତି। ଫଳରେ ଗ୍ରାମବାସୀ ଭବିଷ୍ୟତରେ ନାହିଁ ନଥିବା ହଇରାଣ ହେବାକୁ ଯାଉଛନ୍ତି। ଗ୍ରାମବାସୀ ଉକ୍ତ ଜାଗାରେ ଗୃହପାଳିତ ପଶୁମାନଙ୍କୁ ଚରାଇବା ସାଙ୍ଗକୁ ଖେଳପଡ଼ିଆ ନ ଥିବାରୁ ପିଲାମାନେ ଉକ୍ତ ଜାଗାରେ ଖେଳିଥାନ୍ତି। ଏଠାରେ ସ୍ଥାୟୀ ପକ୍କାଘର କରାଗଲେ ଲୋକମାନେ ଭବିଷ୍ୟତରେ ହଇରାଣ ହେବାର ଆଶଙ୍କା ଥିବାରୁ ଉପଯୁକ୍ତ ତଦନ୍ତ ଓ ଅନୁଧ୍ୟାନ କରି କାର୍ଯ୍ୟାନୁଷ୍ଠାନ ପାଇଁ ସେମାନେ ତହସିଲଦାରଙ୍କୁ ଅନୁରୋଧ କରିଛନ୍ତି। ତହସିଲଦାର ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିବା ସହ ବୁଧବାର ମାପଚୁପ କରାଯିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

**ଦ.ପୂ. ରେଳପଥ - ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ଡେପୁଟି ସିଏସ୍‌ଟିଇ/ୱାର୍କସ୍/ଏଚ୍‌କ୍ୟୁ/ଗାର୍ଡେନ୍ ରିଚ୍ ନିମ୍ନଲିଖିତ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି କ୍ର.ସଂ.୧; ଟେଣ୍ଡର ନଂ.: ଏସ୍‌ଟି_ପି_ଏସ୍‌ଇଆର୍_୨୦୨୫_ଟାୱାର୍_ଓଏଫ୍‌ସି_୭ ତାରିଖ: ୦୬।୦୬।୨୦୨୫; କାର୍ଯ୍ୟର ବର୍ଣ୍ଣନା: ଦକ୍ଷିଣ ପୂର୍ବ ରେଳପଥର ଆଦ୍ରା, ରାଞ୍ଚି, ଖଡ଼ଗପୁର ଏବଂ ଚକ୍ରଧରପୁର ମଣ୍ଡଳର ଖଡ଼ଗପୁର-ଆଦ୍ରା, ଆସାନସୋଲ-ଆଦ୍ରା-ଚାଣ୍ଡିଲ, ପୁରୁଲିଆ-କୋଟଶିଳା-ମୁରି, କୋଟଶିଳା-ବୋକାରୋ ଷ୍ଟିଲ୍ ସିଟି ଏବଂ ରାଞ୍ଚି-ତୋରି ସେକ୍ସନଠାରେ ଓଏଫ୍‌ସି ବ୍ୟାକ୍‌ବୋନ୍ ସମେତ ଏର୍‌ୟୁଏନ୍ ଏବଂ ଏଲ୍‌ଡିଏନ୍ ରୁଟ୍ (୧୫୬୩ ଆର୍‌କେଏମ୍) ଉପରେ କବଚ କାର୍ଯ୍ୟ ପାଇଁ ଟାୱାରର ଯୋଗାଣ, ଉତ୍ଥାନ, ପରୀକ୍ଷଣ ଏବଂ କମିଶନିଂ; କାର୍ଯ୍ୟର ଆନୁମାନିକ ମୂଲ୍ୟ: ₹୧୮୨,୫୪,୮୧,୨୭୮.୦୦; ଅମାନତ ରାଶି: ₹୯୨,୭୭,୪୦୦.୦୦; ସମାପ୍ତି ତାରିଖ ଓ ସମୟ: ତା୧୬।୦୭।୨୦୨୫ରିଖ ୧୭.୩୦ ଘଟିକା। ଉପରୋକ୍ତ ଟେଣ୍ଡର ପାଇଁ ସବିଶେଷ ଟେଣ୍ଡର ବିଜ୍ଞପ୍ତି ୱେବ୍‌ସାଇଟ୍ www.ireps.gov.in ରେ ପ୍ରକାଶିତ ହୋଇସାରିଛି। ବିଡରମାନେ କେବଳ ସମାପ୍ତି ତାରିଖ ଓ ସମୟ ପର୍ଯ୍ୟନ୍ତ ସେମାନଙ୍କର ମୂଳ/ସଂଶୋଧିତ ବିଡ୍ ଦାଖଲ କରିବାରେ ସକ୍ଷମ ହେବେ । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର୍ ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । (PR-245)

# ବେଲଗଛିଆରେ କୃଷି ସଂକଳ୍ପ ଅଭିଯାନ

**ତ୍ରିଶୂଳିଆ,୧୦।୬(ତୁଷାରକାନ୍ତ ବେହେରା):** ବାରଙ୍ଗ ବ୍ଲକ ଅନ୍ତର୍ଗତ ବେଲଗଛିଆ ପଞ୍ଚାୟତ କଲ୍ୟାଣମଣ୍ଡପରେ ସରକାରଙ୍କ ବିକଶିତ କୃଷି ସଂକଳ୍ପ ଅଭିଯାନ କର୍ମଶାଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ନୂତନ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ଚାଷ କରିବାକୁ ଅତିଥିମାନେ ପରାମର୍ଶ ଦେବା ସହ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ କହିଥିଲେ। ସହକାରୀ ଉଦ୍ୟାନ କୃଷି ଅଧିକାରୀ ପୁଷ୍ପିତା ସାହୁ, ସହକାରୀ କୃଷି ଅଧିକାରୀ ପ୍ରଣତି ମହାନ୍ତି, ବାରଙ୍ଗ ବିପିଏସ୍ ଗଙ୍ଗୋତ୍ରୀ ପ୍ରିୟଦର୍ଶନୀ, ଶରତ ଦାସ, ମୃତ୍ତିକା ବିଜ୍ଞାନୀ କେଭିକେ ଦିଲୀପ ଷଡ଼ଙ୍ଗୀ, ବିଟିଏମ୍ ସୌମ୍ୟ ରଞ୍ଜନ ସାହୁ, ମନୋରଞ୍ଜନ ମହାପାତ୍ର ଯୋଗଦେଇଥିଲେ।

**ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର**
**ODISHA STATE OPEN UNIVERSITY,SAMBALPUR**
Established by an Act of Government of Odisha.

No.1378/OSOU/2025 Dt. 06.06.2025

**EXTENSION NOTICE**

The last date of submission of application (Online/Offline) against Employment Notice No. 1166/OSOU/2025 dated 07.05.2025 for recruitment of faculties is hereby extended till **30th June 2025 (5:00 P.M.)**. Rest of the information and terms and conditions as per the above Notice remain unchanged.

For details of terms and application form, please visit
**www.osou.ac.in**

Sd-
Registrar

**ନ୍ୟାଶନାଲ ସଫେଇ କର୍ମଚାରୀ ଫାଇନାନ୍ସ ଆଣ୍ଡ ଡେଭଲପମେଣ୍ଟ କର୍ପୋରେଶନ (ଏନ୍ଏସ୍‌କେଏଫ୍‌ଡିସି)**
(ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟ ଅଧୀନରେ ଏକ ଭାରତ ସରକାରଙ୍କ ଉଦ୍ୟୋଗ)

**ଏନ୍ଏସ୍‌କେଏଫ୍‌ଡିସି ଦ୍ୱାରା ବିଭିନ୍ନ ପଦବୀ ପାଇଁ ବ୍ୟକ୍ତିମାନଙ୍କର ନିଯୋଜନ**

ଏନ୍ଏସ୍‌କେଏଫ୍‌ଡିସି ପରିମଳ କାର୍ଯ୍ୟରେ ମୃତ୍ୟୁ ଘଟଣାକୁ ଶୂନ୍ୟ କରିବା ଏବଂ ସିୱେର ଏବଂ ସେପ୍ଟିକ୍ ଟାଙ୍କି ସଫେଇ କର୍ମଚାରୀଙ୍କ ନିରାପତ୍ତା ଏବଂ ମର୍ଯ୍ୟାଦାକୁ ସୁନିଶ୍ଚିତ କରିବାର ଲକ୍ଷ୍ୟ ରଖୁଥିବା ନ୍ୟାଶନାଲ୍ ଆକ୍ସନ୍ ଫର୍ ମେକାନାଇଜ୍‌ଡ ସାନିଟେଶନ୍ ଇକୋ-ସିଷ୍ଟମ୍ (ନମସ୍ତେ) ଯୋଜନାର କାର୍ଯ୍ୟାନ୍ୱୟନ ପାଇଁ ନୋଡାଲ ଏଜେନ୍ସି ଅଟେ । ସିୱେର ଏବଂ ସେପ୍ଟିକ୍ ଟାଙ୍କି କର୍ମଚାରୀଙ୍କ ଉପରେ ଫୋକସ୍ ସହ ଦେଶର ସମସ୍ତ ସହରରେ 'ନମସ୍ତେ' ଯୋଜନାର କାର୍ଯ୍ୟାନ୍ୱୟନ କରାଯାଉଛି ।
ଏନ୍ଏସ୍‌କେଏଫ୍‌ଡିସି ସମ୍ପୂର୍ଣ୍ଣ ଅସ୍ଥାୟୀ ଏବଂ ପ୍ରକଳ୍ପ-ଭିତ୍ତିରେ ନମସ୍ତେ ଯୋଜନା ଅଧୀନରେ ନିମ୍ନଲିଖିତ କର୍ମଚାରୀ ଆବଶ୍ୟକ କରୁଛି ।
୧. ମେଡିକାଲ ପୃଷ୍ଠଭୂମିରୁ ଅବସରପ୍ରାପ୍ତ ବ୍ୟକ୍ତି (ସିଜିଏଚ୍‌ଏସ୍/ଇଏସ୍‌ଆଇର ଜଣେ ଅବସରପ୍ରାପ୍ତ ସରକାରୀ ଡାକ୍ତର ହୋଇଥିବା ବାଞ୍ଛନୀୟ)
୨. ଆକାଉଣ୍ଟ ଅଫିସର (ଅବସରପ୍ରାପ୍ତ ସରକାରୀ ପଦାଧିକାରୀ)
୩. ଜାତୀୟ ପ୍ରକଳ୍ପ ପରିଚାଳକ
୪. ରାଜ୍ୟ ପ୍ରକଳ୍ପ ପରିଚାଳକ
ଯୋଗ୍ୟତା ସର୍ତ୍ତାବଳୀ, କାର୍ଯ୍ୟର ରୂପରେଖ ଏବଂ ଆବେଦନର ଫର୍ମାଟ୍ ଆଦି ସମ୍ବଳିତ ସୂଚନା ପୁସ୍ତିକା ଏନ୍ଏସ୍‌କେଏଫ୍‌ଡିସି ୱେବ୍‌ସାଇଟ୍ : https://nskfdc.nic.in/en/content/home/recruitment-0 ରୁ ଡାଉନ୍‌ଲୋଡ୍ କରାଯାଇପାରିବ। ସବୁ ଦୃଷ୍ଟିରୁ ସମ୍ପୂର୍ଣ୍ଣ ହୋଇଥିବା ଆବେଦନ ସର୍ବଶେଷ ତା୨୪।୦୬।୨୦୫ରିଖ ସୁଦ୍ଧା ଦାଖଲ କରାଯିବା ଆବଶ୍ୟକ ।
**cbc 38123/12/0001/2526**

**PRASANNAMANI COLLEGE OF PHYSICAL EDUCATION & YOGA**
AT/P.O. - TIGIRIA, DIST. : CUTTACK - 754 030
Mob - 9437666135, Ph. No. - 06723-235124, E-mail : pmcpedy@gmail.com
Ref. No. :............ Date :............
**RECOGNISED BY THE NCTE, NEW DELHI & AFFILIATED TO UTKAL UNIVERSITY, VANI VIHAR, BBSR & BSE, ODISHA, CUTTACK**
**ADMISSION NOTICE**

We invite candidates for admission into C.P.Ed - 2YRS, B.P.Ed - 2YRS, B.P.E.S. - 3YRS and M.P.E.S. - 2YRS Courses for the session 2025-26 in the prescribed form and prospectus available in the college office on working days between 10 A.M. to 4 P.M. or may be downloaded from the college website - www.pmcpe.com.

**DETAILS OF CRITERIA**
1. Sale of Admission form - Dt.12.06.2025 to 30.06.2025
2. Last Date of submission of Application by Dt.03.07.2025
3. Cost of form :

| | | | |
|---|---|---|---|
| C.P.Ed-2YRS | Rs.400/- | (by hand or D.D. in favour of P.M.C.P.Ed & Yoga, Tigiria, Cuttack) | |
| | Rs.450/- | (by Post) | |
| B.P.Ed-2YRS | Rs.450/- | (by hand) | - do - |
| | Rs.500/- | (by Post) | |
| B.P.E.S-3YRS | Rs.250/- | (by hand) | - do - |
| | Rs.300/- | (by Post) | |
| M.P.E.S-2YRS | Rs.450/- | (by hand) | - do - |
| | Rs.500/- | (by Post) | |

**ELIGIBILITY**
ବେଳେ ଜୁନ୍ ୨ରେ ଚେରାପୁଞ୍ଜିର ଏକ ଜଳପ୍ରପାତ ନିକଟରୁ ରାଜାଙ୍କ ମୃତଦେହ ମିଳିଥିଲା। ବିବାହର ଦିନ କେଇଟା ପରେ ରାଜାଙ୍କୁ ହତ୍ୟା କରିବା ପାଇଁ ସୋନମ୍ ତାଙ୍କ ପ୍ରେମିକ ରାଜ କୁଶୱାଙ୍କ ସହ ଯୋଜନା କରିଥିଲେ। ତଦନୁଯାୟୀ ମେଘାଳୟକୁ ହନିମୁନ୍‌ରେ ଯିବାର ପ୍ଲାନ୍ ହୋଇଥିଲା। ରାଜ ନିଜର ପିଲାଦିନର ସାଙ୍ଗ ଆନନ୍ଦ କୁର୍ମି, ଆକାଶ ରାଜପୁତ ଓ ବିଶାଲ ସିଂ ଚୌହାନ୍‌ଙ୍କୁ ଇନ୍ଦୋରର ଏକ କାଫେକୁ ଡାକି ରାଜାଙ୍କୁ ହତ୍ୟା ଯୋଜନା କରିଥିଲେ ଓ ସେମାନଙ୍କୁ ଟଙ୍କା ଯାଚିଥିଲେ। ୨୦ ତାରିଖରେ ରାଜା ଓ ସୋନମ୍ ମେଘାଳୟକୁ ଯାଇଥିବାବେଳେ ସେମାନଙ୍କର ଫେରିବା ଟିକେଟ ହୋଇ ନ ଥିଲା। ତାଙ୍କ ପଛେ ପଛେ ୩ ସୁପାରିକିଲର ପ୍ରଥମେ ଗୁଆହାଟୀ ଯାଇ ସେଠାରୁ ଅନ୍‌ଲାଇନ୍‌ରେ ଏକ କୁରାଢ଼ି ଅର୍ଡର କରିଥିଲେ। ପରେ ସେମାନେ ସିଲଂ ଯାଇ ସୋନମ୍ ଓ ରାଜା ରହୁଥିବା ହୋମ୍‌ଷ୍ଟେ ନିକଟ ଏକ ହୋଟେଲରେ ରହିଥିଲେ। ନବଦମ୍ପତି ଉକ୍ତ ପାର୍ବତ୍ୟାଞ୍ଚଳରେ ୩ ଦିନ ବୁଲିବା ପରେ ଫଟୋ ଶୁଟ୍ ପାଇଁ ସୋନମ୍ ରାଜାଙ୍କୁ ନେଇ ଏକ ପାହାଡ଼ ପାର୍ଶ୍ୱକୁ ଯାଇଥିଲେ। ସୁପାରିକିଲର ସେମାନଙ୍କୁ ଅନୁସରଣ କରିବା ସହ ରାଜାଙ୍କ ସହ ହିନ୍ଦୀରେ କଥା ହୋଇଥିଲେ। ସୋନମ୍ ନିଜକୁ କ୍ଲାନ୍ତ ଅନୁଭବ କରୁଥିବା ଅଭିନୟ କରି ଜାଣିଶୁଣି ସେମାନଙ୍କଠାରୁ ବହୁ ପଛରେ ରହିଯାଇଥିଲେ। ସେମାନେ ନିଛାଟିଆ ସ୍ଥାନରେ ପହଞ୍ଚିବା ପରେ ତାଙ୍କୁ ହତ୍ୟା କର ବୋଲି ସୋନମ୍ ସୁପାରିକିଲରଙ୍କୁ ଚିତ୍କାର କରି କହିଥିଲେ। ମେ' ୨୩ରେ ଦମ୍ପତି ନିଖୋଜ ହେବା ଦିନ ହିଁ ରାଜାଙ୍କୁ ହତ୍ୟା କରାଯାଇଥିଲା। ମୃତଦେହକୁ ଖାତ ମଧ୍ୟକୁ ଫିଙ୍ଗିସାରିବା ପରେ ସେହିଦିନ ଅପରାହ୍ଣ ୨ଟା ୧୫ରେ ରାଜାଙ୍କ ଫୋନ୍‌ରୁ ସୋନମ୍ ଏକ ପୋଷ୍ଟ କରିଥିଲେ, ଯେଉଁଥିରେ ସେ ଲେଖିଥିଲେ 'ସାତ୍ ଜନ୍ମୋଁ କା ସାଥ ହୈ'। ଏହି ବାର୍ତ୍ତା ମାଧ୍ୟମରେ ସ୍ୱାମୀ ଜୀବିତ ଥିବା ସୋନମ୍ ଦର୍ଶାଇବାକୁ ଚାହିଁଥିଲେ। ତେବେ ହତ୍ୟାକାଣ୍ଡର ମାଷ୍ଟରମାଇଣ୍ଡ ପ୍ରେମିକ ରାଜ କିନ୍ତୁ ମେଘାଳୟ ଯାଇ ନ ଥିଲେ। ସେ ପରଦା ପଛରେ ରହି ସବୁ ଯୋଜନା କରିବା ସହ ସୋନମ୍‌ଙ୍କ ସହ ଯୋଗାଯୋଗରେ ରହିଥିଲେ ବୋଲି ପୋଲିସ କହିଛି।

### ଅନ୍ୟତ୍ର ପ୍ରେମ ସମ୍ପର୍କ ଥିବା ବିବାହ ପୂର୍ବରୁ ସୋନମ୍ ଘରେ ଜଣାଇଥିଲେ

ରାଜ କୁଶୱାଙ୍କ ସହ ପ୍ରେମ ସମ୍ପର୍କ ଥିବା ନେଇ ସୋନମ୍ ବିବାହ ପୂର୍ବରୁ ତାଙ୍କ ମାଆଙ୍କୁ ଜଣାଇଥିଲେ। ତେବେ ସେମାନଙ୍କ ସମ୍ପର୍କକୁ ଗ୍ରହଣ କରିବାକୁ ପରିବାର ମନା କରିଦେଇଥିଲା ବୋଲି ରାଜା ରଘୁବଂଶୀଙ୍କ ବଡ଼ଭାଇ ବିପିନ ଗଣମାଧ୍ୟମକୁ କହିଛନ୍ତି। ଭଲ ଯେଉଁଠି ପାଅ ପଛକେ ବିବାହ କିନ୍ତୁ ଆମ ସମ୍ପ୍ରଦାୟରେ ହେବ ବୋଲି ମାଆ କହିବାରୁ ପରେ ଯାହା ଘଟିବ ସେଥିପାଇଁ ମୁଁ ଦାୟୀ ରହିବି ନାହିଁ ବୋଲି ସୋନମ୍ ଜବାବ ଦେଇଥିଲେ।

## ସଂକ୍ଷେପରେ

### ଆପାର୍ଟମେଣ୍ଟରେ ନିଆଁ, ୯ ମହଲାରୁ ଡେଇଁ ୩ ମୃତ

**ନୂଆଦିଲ୍ଲୀ, ୧୦।୬**

ଦିଲ୍ଲୀର ଦ୍ୱାରକା ସେକ୍ଟର-୧୩ ସ୍ଥିତ ଶବଦ୍ ସୋସାଇଟି ଆପାର୍ଟମେଣ୍ଟର ୮ମ ଏବଂ ୯ମ ମହଲାରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟିଛି। ନିଆଁରୁ ବଞ୍ଚିବାକୁ ଯାଇ ଯଶ ଯାଦବ (୩୫) ଏବଂ ତାଙ୍କର ୨ ପିଲା ୯ମ ମହଲାରେ ଥିବା ଘରର ବାଲ୍‌କୋନିରୁ ଡେଇଁ ପ୍ରାଣ ହରାଇଛନ୍ତି। ମୃତ ୨ ପିଲାଙ୍କର ବୟସ ୧୦ ଏବଂ ୧୨ ବର୍ଷ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ଜଣେ ପୁଅ ଏବଂ ଜଣେ ଝିଅ। ଗୁରତର ଅବସ୍ଥାରେ ସେମାନଙ୍କୁ ଆଇଜିଆଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେମାନଙ୍କୁ ମୃତ ଘୋଷଣା କରାଯାଇଛି। ଘଟଣାସ୍ଥଳରେ ଦମକଳ ବାହିନୀର ୮ଟି ଟିମ୍ ପହଞ୍ଚି ଅନେକ ଘଣ୍ଟାର ଅପରେଶନ ପରେ ନିଆଁକୁ ଆୟତ୍ତ କରିଥିଲେ। ଏହି ଅଗ୍ନିକାଣ୍ଡ ଘଟଣାର ତଦନ୍ତ ଜାରି ରହିଥିବା ପୋଲିସ କହିଛି।

### ବିଶ୍ୱବ୍ୟାପୀ ଚାଟ୍ ଜିପିଟି ଡାଉନ୍

**ନୂଆଦିଲ୍ଲୀ, ୧୦।୬**

ବିଶ୍ୱର ବିଭିନ୍ନ ଅଞ୍ଚଳରେ ମଙ୍ଗଳବାର ଓପନ୍ ଏଆଇର ଚାଟ୍‌ବଟ୍ ଚାଟ୍‌ଜିପିଟି ସେବାରେ ବିଭ୍ରାଟ ଦେଖାଦେଇଥିଲା। ରିୟଲ ଟାଇମ ମନିଟରିଂ ପ୍ଲାଟ୍‌ଫର୍ମ ଡାଉନ ଡିଟେକ୍ଟରର ରିପୋର୍ଟ ଅନୁଯାୟୀ, ମଙ୍ଗଳବାର ଭାରତୀୟ ସମୟ ଦ୍ୱିପ୍ରହର ୧୨ଟାରୁ ୩ଟା ୧୫ ପର୍ଯ୍ୟନ୍ତ ଚାଟ୍‌ଜିପିଟି ବ୍ୟବହାର କରିବାରେ ୟୁଜର୍ସମାନେ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଭାରତ ଏବଂ ଆମେରିକାର ୟୁଜର୍ସ ସର୍ବାଧିକ ପ୍ରଭାବିତ ହୋଇଥିବା ନେଇ ଡାଉନ ଡିଟେକ୍ଟର କହିଛି। ଡାଉନ୍ ଥିବା ସମୟରେ ଚାଟ୍‌ଜିପିଟି ବିଭିନ୍ନ ପ୍ରଶ୍ନର ଉତ୍ତର ଦେବାରେ ବିଫଳ ହୋଇଥିବା ନେଇ ପ୍ରାୟ ୮୮% ଭାରତୀୟ ୟୁଜର୍ସ ଅଭିଯୋଗ କରିଥିଲେ।

### ବୈଶ୍ୱିକ ଅଭିବୃଦ୍ଧି ପୂର୍ବାନୁମାନ ୨.୩%କୁ ହ୍ରାସକଲା ୱାର୍ଲ୍ଡ ବ୍ୟାଙ୍କ

**ୱାଶିଂଟନ,୧୦।୬**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଅତ୍ୟଧିକ ଟାରିଫ୍ ଚାପ ଯୋଗୁ ଦେଖାଯାଇଥିବା ବାଣିଜ୍ୟିକ ଉତ୍ତେଜନା ଏବଂ ନୀତିଗତ ଅନିଶ୍ଚିତତା କାରଣରୁ ଚଳିତ ବର୍ଷ ବୈଶ୍ୱିକ ଅଭିବୃଦ୍ଧି ହାର ୨.୩ ପ୍ରତିଶତ ରହିବ ବୋଲି ବିଶ୍ୱବ୍ୟାଙ୍କ ପୂର୍ବାନୁମାନ କରିଛି। ୨୦୨୫ରେ ଅଭିବୃଦ୍ଧି ହାର ୨.୭ ପ୍ରତିଶତ ରହିବ ବୋଲି ଗତ ଜାନୁଆରୀରେ ୱାର୍ଲ୍ଡ ବ୍ୟାଙ୍କ ଆଶାବ୍ୟକ୍ତ କରିଥିବାବେଳେ ସାମ୍ପ୍ରତିକ ବାଣିଜ୍ୟିକ ସ୍ଥିତିକୁ ଦୃଷ୍ଟିରେ ରଖି ଏହାକୁ ହ୍ରାସ କରିଛି। ବୈଶ୍ୱିକ ମାନ୍ଦାବସ୍ଥାରୁ ବାହାରିବା ପରେ ଗତ ୧୭ ବର୍ଷ ମଧ୍ୟରେ ଏହା ସବୁଠୁ ଦୁର୍ବଳ ପ୍ରଦର୍ଶନ ବୋଲି ବିଶ୍ୱବ୍ୟାଙ୍କ ଗ୍ରୁପ୍ ମୁଖ୍ୟ ଅର୍ଥନୀତିଜ୍ଞ ଇନ୍ଦରମିତ୍ ଗିଲ୍ କହିଛନ୍ତି।

### ଗ୍ରେଟା ଥନ୍‌ବର୍ଗଙ୍କୁ ବିଦାକଲା ଇସ୍ରାଏଲ୍

**ଜେରୁଜେଲମ୍,୧୦।୬**

ଗାଜା ଯାଉଥିବା ସହାୟତା ବୋଟ୍‌କୁ ଇସ୍ରାଏଲୀ ସେନା ଜବତ କରିବାର ଦିନକ ପରେ ଜଳବାୟୁ କର୍ମୀ ଗ୍ରେଟା ଥନ୍‌ବର୍ଗଙ୍କୁ ମଙ୍ଗଳବାର ଛାଡ଼ିଦେଇଥିବା ଏହାର ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି। ଗ୍ରେଟା ଏକ ବିମାନ ଯୋଗେ ଫ୍ରାନ୍ସ ଆସିବା ପରେ ସେଠାରୁ ସୁଇଡେନ୍ ଅଭିମୁଖେ ବାହାରିଛନ୍ତି। ଗାଜାକୁ ସହାୟତା ସାମଗ୍ରୀ ନେଇ ଯାଉଥିବା ମାଡ୍‌ଲିନ୍ ନାମକ ବୋଟ୍‌ରେ ଗ୍ରେଟାଙ୍କ ସମେତ ୧୨ ଜଣ ଥିଲେ। ଇସ୍ରାଏଲ୍ ଯୁଦ୍ଧକୁ ବିରୋଧ କରିବା ଏବଂ ପାଲେଷ୍ଟିନୀୟ ଅଞ୍ଚଳରେ ମାନବୀୟ ସଙ୍କଟ ସମ୍ପର୍କିତ ଅଧିକ ତଥ୍ୟ ସଂଗ୍ରହ କରିବା ଏହି ଅଭିଯାନର ଉଦ୍ଦେଶ୍ୟ ଥିଲା ବୋଲି ଫ୍ରିଡମ୍ ଫ୍ଲୋଟିଲା କୋଆଲିଶନ୍ ପକ୍ଷରୁ କୁହାଯାଇଛି। ଗାଜା ଉପକୂଳରୁ ୨୦୦ କିଲୋମିଟର ଦୂରରେ ଇସ୍ରାଏଲୀ ନୌସେନା ବିନା କାରଣରେ ଉକ୍ତ ବୋଟ୍‌କୁ ଜବତ କରିଥିଲା। ଅନ୍ୟପକ୍ଷରେ ଗାଜାକୁ ଆଇନଗତ ନୌଯୋଗାଯୋଗ ଅବରୋଧକୁ ଉଲ୍ଲଂଘନ କରିବା ଉକ୍ତ ବୋଟ୍‌ର ଉଦ୍ଦେଶ୍ୟ ଥିଲା ବୋଲି ଇସ୍ରାଏଲ୍ କହିଛି।

## ପ୍ରତିରକ୍ଷା ଉତ୍ପାଦନରେ ଆଧୁନିକୀକରଣ, ଆତ୍ମନିର୍ଭରଶୀଳତାକୁ ପ୍ରଧାନମନ୍ତ୍ରୀଙ୍କ ଗୁରୁତ୍ୱ

**ନୂଆଦିଲ୍ଲୀ,୧୦।୬(ପି.ଟି.)**

କେନ୍ଦ୍ରରେ ଏନ୍‌ଡିଏ ଶାସନର ୧୧ ବର୍ଷରେ ପ୍ରତିରକ୍ଷା ସେକ୍ଟରରେ ଉଲ୍ଲେଖନୀୟ ପରିବର୍ତ୍ତନ ହୋଇଛି। ପ୍ରତିରକ୍ଷା ଉତ୍ପାଦନରେ ଉଭୟ ଆଧୁନିକୀକରଣ ଏବଂ ଆତ୍ମନିର୍ଭରଶୀଳତାକୁ ଗୁରୁତ୍ୱ ଦିଆଯାଉଥିବା ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଭାରତକୁ ସୁଦୃଢ଼ କରିବା ଲାଗି ସଂକଳ୍ପ ନେବାରେ ଦେଶବାସୀ ଏକାଠି ହୋଇଥିବା ଖୁସିର କଥା। ପ୍ରଧାନମନ୍ତ୍ରୀ ତାଙ୍କ ଶାସନର ୧୧ ବର୍ଷରେ ବିଭିନ୍ନ କ୍ଷେତ୍ରରେ ହୋଇଥିବା ପରିବର୍ତ୍ତନ ସମ୍ପର୍କରେ ଦେଶବାସୀଙ୍କୁ ଅବଗତ କରାଇଛନ୍ତି। ଏହି ସମୟ ମଧ୍ୟରେ ଭାରତ ପ୍ରତିରକ୍ଷା କ୍ଷେତ୍ରରେ ନିଜର ସାମର୍ଥ୍ୟରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିବାବେଳେ ରଣନୈତିକ ବୈଶ୍ୱିକ ସହଭାଗିତା ଅଧିକ ଗଭୀର ହୋଇଛି। ମହାକାଶ ଗବେଷଣାରେ ଦେଶ ଐତିହାସିକ ସଫଳତା ହାସଲ କରିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ତାଙ୍କର ଆତ୍ମନିର୍ଭର ଭାରତ ସଂକଳ୍ପରେ ଅନୁପ୍ରାଣିତ ହୋଇ ଦେଶ ଆତ୍ମନିର୍ଭର ନବୋନ୍ମେଷକୁ ଆପଣାଇବା ସହ ବାଣିଜ୍ୟ ଓ ପ୍ରଯୁକ୍ତିରେ ନିଜର ପ୍ରଭାବ ବିସ୍ତାର କରିଛି। ୨୦୧୪-୧୫ରେ ଭାରତର ପ୍ରତିରକ୍ଷା ରପ୍ତାନି ୧,୯୪୦ କୋଟି ଟଙ୍କା ଥିବାବେଳେ ୨୦୨୪-୨୫ରେ ଏହା ୨୩,୬୨୨ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଭାରତ ଏହାର ପ୍ରଥମ ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଯୁଦ୍ଧବିମାନବାହୀ ଜାହାଜ ଆଇଏନ୍‌ଏସ୍ ବିକ୍ରାନ୍ତକୁ ନୌସେନାରେ ସାମିଲ କରିଛି। ସୁଦୃଢ଼ ଭାରତ ନିର୍ମାଣ ପାଇଁ ପ୍ରଧାନମନ୍ତ୍ରୀଙ୍କ ସାହସିକ ଦୃଷ୍ଟିଭଙ୍ଗୀ ଏବଂ ଅତୁଟ ପ୍ରତିବଦ୍ଧତା ଦ୍ୱାରା ଦେଶ ଏକ ଆତ୍ମବିଶ୍ୱାସୀ, ନିର୍ଣ୍ଣାୟକ ତଥା ସମ୍ମାନିତ ବିଶ୍ୱ ନେତୃତ୍ୱରେ ପରିଣତ ହୋଇଛି। ଭାରତର ମିଶାଇଲ୍ କ୍ଷମତା ଯଥେଷ୍ଟ ବଢ଼ିଥିବାବେଳେ ବ୍ରିଟେନ୍ ସହ ଐତିହାସିକ ବାଣିଜ୍ୟ ଚୁକ୍ତି ଏବଂ ୟୁଏଇ ସହ ବିସ୍ତୃତ ଅର୍ଥନୈତିକ ଶକ୍ତି ରାଜିନାମା ସମେତ ବିଭିନ୍ନ ଦେଶ ସହିତ ଭାରତର ସମ୍ପର୍କ ବୃଦ୍ଧି ପାଇଛି।

## ଅଷ୍ଟ୍ରିଆ ସ୍କୁଲରେ ଗୁଳିମାଡ଼: ୧୦ ମୃତ

**ଭିଏନା,୧୦।୬**

ଅଷ୍ଟ୍ରିଆର ଗ୍ରାଜ ସହର ଅନ୍ତର୍ଗତ ଏକ ସ୍କୁଲରେ ମଙ୍ଗଳବାର ଜଣେ ଆତତାୟୀ ପ୍ରବେଶ କରି ଆଖିବୁଜା ଗୁଳି ଚଳାଇବାରୁ ୧୦ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଆକ୍ରମଣକାରୀ ଅଛନ୍ତି। ସେ ନିଜକୁ ଗୁଳିକରି ଆତ୍ମହତ୍ୟା କରିଥିବା ମେୟର ଏଲ୍‌କେ କହର କହିଛନ୍ତି। ମୃତକଙ୍କ ମଧ୍ୟରୁ ଜଣେ ଶିକ୍ଷକ ହୋଇଥିବାବେଳେ ୯ ଜଣ ଛାତ୍ର। ଗୁଳିମାଡ଼ରେ ଆହତ ହୋଇଥିବା ଅନେକଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଗୁଳିକାଣ୍ଡ ଖବର ପାଇ କର୍ତ୍ତୃପକ୍ଷ ବୋର୍ଗ ଡ୍ରେଇରସୁଟ୍‌ଜେଙ୍ଗସେ ହାଇସ୍କୁଲରେ ପହଞ୍ଚି ଛାତ୍ରୀଛାତ୍ର ଓ କର୍ମଚାରୀମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରିଥିଲେ।

ଆକ୍ରମଣକାରୀ ଜଣେ ଛାତ୍ର ହୋଇଥିବାବେଳେ ତାଙ୍କ ମୃତଦେହ ସ୍କୁଲ୍ ୱାଶ୍‌ରୁମ୍‌ରୁ ମିଳିଛି। ଆକ୍ରମଣକାରୀଙ୍କ ନାଁ ଓ ପରିଚୟ ମିଳି ନ ଥିବାବେଳେ ସେ ଏକାକୀ ଆକ୍ରମଣ କରିଥିବା ପୋଲିସ ବିଶ୍ୱାସ କରୁଛି। ଗୁଳିକାଣ୍ଡ ସମ୍ପର୍କରେ ସ୍ଥାନୀୟ ସମୟ ପୂର୍ବାହ୍ଣ ୧୦ଟାରେ ଖବର ମିଳିବା ପରେ ସ୍କୁଲ୍‌କୁ ତୁରନ୍ତ ସ୍ପେଶାଲ ଫୋର୍ସ ପଠାଯାଇଥିଲା ବୋଲି ପୋଲିସ କହିଛି। କ'ଣ ପାଇଁ ଗୁଳିକାଣ୍ଡ ଘଟିଲା ଜାଣିବା ପାଇଁ ପୋଲିସ ତଦନ୍ତ ଆରମ୍ଭ କରିଛି। ପୋଲିସ ସୂଚନା ଅନୁଯାୟୀ, ୧୦ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟୂନ ୧୦ ଜଣ ଆହତ ହୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ୟୁରୋପୀୟ ସଂଘ ମୁଖପାତ୍ର ପାଉଲା ପିନ୍‌ହୋ ମୃତକଙ୍କ ପରିବାର ଏବଂ ଗ୍ରାଜ ସହର ବାସିନ୍ଦାଙ୍କୁ ଗଭୀର ସମବେଦନା ଜଣାଇଛନ୍ତି।

ରାଜଧାନୀ ଭିଏନାଠାରୁ ଦକ୍ଷିଣ-ପଶ୍ଚିମରେ ୨୦୦ କିଲୋମିଟର ଦୂରରେ ଅବସ୍ଥିତ ଗ୍ରାଜ ଅଷ୍ଟ୍ରିଆର ଦ୍ୱିତୀୟ ବୃହତ୍ ସହର। ସେଠାରେ ୩ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ବସବାସ କରନ୍ତି। ଅଷ୍ଟ୍ରିଆରେ କଠୋର ବନ୍ଧୁକ ନିୟନ୍ତ୍ରଣ ଆଇନ ରହିଛି। ସେଠାରେ ବନ୍ଧୁକ ରଖିବା ପାଇଁ ଲାଇସେନ୍ସ ବାଧ୍ୟତାମୂଳକ ହୋଇଥାଏ। ଏଥିପାଇଁ ଜଣକୁ ବନ୍ଧୁକ ସୁରକ୍ଷା ଉପରେ ପାଠ୍ୟକ୍ରମ କରିବାକୁ ପଡ଼ିଥାଏ ଓ ଏହାକୁ ରଖିବା ପାଇଁ ସୁରକ୍ଷିତ ସ୍ଥାନ ଦର୍ଶାଇବାକୁ ହୋଇଥାଏ। ମେଶିନ୍‌ଗନ୍, ଉଚ୍ଚ କ୍ଷମତାବିଶିଷ୍ଟ ମାଗାଜିନ, ରାପିଡ୍-ଫାୟାର ଗନ୍ ଏବଂ ସାଉଣ୍ଡ ସପ୍ରେସର ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି। ନାବାଳକ ବନ୍ଧୁକ ରଖିବା ଅନୁମତି ନ ଥିଲାବେଳେ ଅଷ୍ଟ୍ରିଆକୁ ବନ୍ଧୁକ ନେଇ ଯିବା ପାଇଁ ଅଣୟୁରୋପୀୟଙ୍କୁ ସ୍ୱତନ୍ତ୍ର ଅନୁମତି ଆବଶ୍ୟକ ପଡ଼ିଥାଏ। ଏହା ସତ୍ତ୍ୱେ ଅଷ୍ଟ୍ରିଆ ଜନସାଧାରଣ ସର୍ବାଧିକ ବନ୍ଧୁକ ରଖୁଥିବା ୟୁରୋପର ଅନ୍ୟତମ ରାଷ୍ଟ୍ର। ଏକ ସର୍ଭେ ଅନୁଯାୟୀ ସେଠାରେ ପ୍ରତି ୧୦୦ ଲୋକଙ୍କ ମଧ୍ୟରୁ ୩୦ ଜଣଙ୍କ ପାଖରେ ବନ୍ଧୁକ ରହିଛି।

### ଆକ୍ରମଣକାରୀଙ୍କ ଆତ୍ମହତ୍ୟା

## ଲସ୍ ଏଞ୍ଜେଲ୍ସକୁ ଅଧିକ ନ୍ୟାଶନାଲ ଗାର୍ଡ ପଠାଇଲେ ଟ୍ରମ୍ପ

**ଲସ୍ ଏଞ୍ଜେଲ୍ସ,୧୦।୬**

ଆମେରିକାର ଲସ୍ ଏଞ୍ଜେଲ୍ସରେ ଆପ୍ରବାସନ ଓ ସୀମା ପ୍ରବର୍ତ୍ତନ ଏବଂ ପ୍ରତ୍ୟର୍ପଣ ବିରୋଧୀ ବିକ୍ଷୋଭ ଜୋର୍ ଧରିଥିବାବେଳେ କାଲିଫର୍ନିଆ ଗଭର୍ନର ଗଭିନ୍ ନ୍ୟୁସମ୍‌ଙ୍କ ବିରୋଧ ସତ୍ତ୍ୱେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସେଠାକୁ ପୁଣି ୨,୦୦୦ ନ୍ୟାଶନାଲ ଗାର୍ଡ ସୈନ୍ୟ ଓ ୭୦୦ ନୌସେନା ଯବାନ ପଠାଇଛନ୍ତି। ଫଳରେ ବିକ୍ଷୋଭକାରୀଙ୍କୁ ନିୟନ୍ତ୍ରଣ କରିବାରେ ସମସ୍ୟା ସୃଷ୍ଟି ହୋଇଥିବା ପୋଲିସ ମୁଖ୍ୟ କହିଛନ୍ତି। ୩ ଦିନ ଧରି ବିକ୍ଷୋଭକାରୀ ହିଂସାକାଣ୍ଡ ଘଟାଇବା ପରେ ଟ୍ରମ୍ପଙ୍କ ନିର୍ଦ୍ଦେଶକ୍ରମେ ରବିବାର ୨,୦୦୦ ନ୍ୟାଶନାଲ ଗାର୍ଡ ସୈନ୍ୟ ପହଞ୍ଚିଥିଲେ। ସୋମବାର ସିଟି ହଲ୍‌ଠାରେ ଅନେକ ହଜାର ଲୋକ ଶାନ୍ତିପୂର୍ଣ୍ଣ ଭାବେ ରାଲିରେ ଯୋଗଦେଇଥିଲେ। ଅନ୍ୟପକ୍ଷରେ ଲସ୍ ଏଞ୍ଜେଲ୍ସ ସ୍ଥିତି ଅତ୍ୟନ୍ତ ଗମ୍ଭୀର ଥିବା ଟ୍ରମ୍ପ କହିବା ସହ ମେୟର କରେନ୍ ବାସ୍ ଏବଂ ନ୍ୟୁସମ୍ ମିଛ କହୁଥିବା କହିଛନ୍ତି। ପୋଲିସ ସହାୟତା ଆବଶ୍ୟକ କରୁ ନ ଥିବାବେଳେ ସାମରିକ ବାହିନୀ ପଠାଇ ଜନସୁରକ୍ଷା ପ୍ରତି ଟ୍ରମ୍ପ ବିପଦ ଆଣିଥିବା ସେମାନେ ଅଭିଯୋଗ କରିଛନ୍ତି। ସଂଘୀୟ ସରକାରଙ୍କ ଗାର୍ଡ ମୁତୟନକୁ ବେଆଇନ ପଦକ୍ଷେପ ବୋଲି ନ୍ୟୁସମ୍ ଦର୍ଶାଇବା ସହ ଏହା ବିରୋଧରେ କୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି ସୋମବାର କହିଥିଲେ। ସଂଘୀୟ ଆଇନ ଅନୁସାରେ ଦେଶ ଉପରେ ଆକ୍ରମଣ କିମ୍ବା ବିଦ୍ରୋହ ମୁଣ୍ଡ ଟେକିଲେ ରାଷ୍ଟ୍ରପତି ନ୍ୟାଶନାଲ ଗାର୍ଡକୁ ମୁତୟନ କରିପାରିବେ। କିନ୍ତୁ ଟ୍ରମ୍ପ ଏହାର ବିପରୀତ କାର୍ଯ୍ୟ କରୁଛନ୍ତି। ଟ୍ରମ୍ପ ନିଆଁ ଲଗାଇ ବେଆଇନ ଭାବେ ନ୍ୟାଶନାଲ ଗାର୍ଡର ଜାତୀୟକରଣ କରିଛନ୍ତି। ଏହା ଲୋକଙ୍କ ସୁରକ୍ଷା ପାଇଁ ନୁହେଁ ବରଂ ରାଷ୍ଟ୍ରପତିଙ୍କ ବିପଜ୍ଜନକ ଅହଂକାର ପାଇଁ ବୋଲି ନ୍ୟୁସମ୍ ଏକ୍ସରେ ଲେଖିଛନ୍ତି।

## ନଦୀରେ ବୁଡ଼ି ୮ ମୃତ

**ଜୟପୁର, ୧୦।୬ (ପି.ଟି.)**

ରାଜସ୍ଥାନର ଟୋଙ୍କ ଜିଲାସ୍ଥିତ ବନାସ ନଦୀରେ ବୁଡ଼ି ୮ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୩ ଜଣଙ୍କୁ ଉଦ୍ଧାର କରାଯାଇଛି। ଉଦ୍ଧାର ହୋଇଥିବା ୩ ବ୍ୟକ୍ତିଙ୍କ ଅବସ୍ଥା ସ୍ଥିର ଥିବା ନେଇ ଟୋଙ୍କ ଏସ୍‌ପି ବିକାଶ ସାଙ୍ଗୱାନ ସୂଚନା ଦେଇଛନ୍ତି। ୧୧ ଜଣିଆ ଯୁବକଙ୍କ ଏକ ଦଳ ଗାଧୋଇବା ପାଇଁ ବନାସ ନଦୀରେ ପଶିଥିବାବେଳେ ଗଭୀର ପାଣି ମଧ୍ୟରେ ଗୋଡ଼ ଖସିଯିବାରୁ ସେମାନେ ବୁଡ଼ି ଯାଇଥିଲେ। ସମସ୍ତ ମୃତକଙ୍କ ବୟସ ୨୦ରୁ ୩୫ ବର୍ଷ ମଧ୍ୟରେ ହୋଇଥିବା ପୋଲିସ କହିଛି। ଏହି ଦଳର ଯୁବକମାନେ ଜୟପୁରର ନିବାସୀ ହୋଇଥିବା ବେଳେ ସେମାନେ ବଣଭୋଜି ପାଇଁ ବନାସ ନଦୀ ଆସିଥିଲେ। ଘଟଣାକୁ ନେଇ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା ଏବଂ ରାଜ୍ୟପାଳ ହରିଭାଉ ବାଗଡ଼େ ଶୋକ ପ୍ରକଟ କରିଛନ୍ତି।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ କଂଗ୍ରେସ ଏମ୍‌ପି ଶଶୀ ଥରୁର ଓ ଅନ୍ୟମାନେ ମଙ୍ଗଳବାର ଭେଟୁଛନ୍ତି। ବିଭିନ୍ନ ଦେଶକୁ ଯାଇଥିବା ପ୍ରତିନିଧି ମଣ୍ଡଳୀର ସଦସ୍ୟମାନେ ଅପରେଶନ ସିନ୍ଦୂର ପରବର୍ତ୍ତୀ ଭାରତର ଆତଙ୍କବାଦ ନିରୋଧୀ ଆଭିମୁଖ୍ୟ ସମ୍ପର୍କିତ ବାର୍ତ୍ତା ପ୍ରଚାର କରିଥିଲେ। ସେମାନେ ପ୍ରଧାନମନ୍ତ୍ରୀଙ୍କୁ ଭେଟି ଗସ୍ତର ସଫଳତା ସମ୍ପର୍କରେ ଅବଗତ କରାଇଛନ୍ତି।

## ବାବା ସିଦ୍ଦିକି ହତ୍ୟାକାଣ୍ଡର ମାଷ୍ଟରମାଇଣ୍ଡ କାନାଡାରେ ଅଟକ



ବାବା ସିଦ୍ଦିକି



ଜିଶନ ଅଖତର

**ମୁମ୍ବାଇ,୧୦।୬**

ନ୍ୟାଶନାଲିଷ୍ଟ କଂଗ୍ରେସ ପାର୍ଟି (ଏନ୍‌ସିପି) ନେତା ତଥା ପୂର୍ବତନ ମନ୍ତ୍ରୀ ବାବା ସିଦ୍ଦିକି ହତ୍ୟା ଘଟଣାର ମାଷ୍ଟରମାଇଣ୍ଡ ଜିଶନ ଅଖତର ଓରଫ ଜସି ପୁରେୱାଲଙ୍କୁ କାନାଡାର ସୁରୀ ପୋଲିସ ଅଟକ ରଖିଥିବା ମୁମ୍ବାଇ ପୋଲିସ ସୂତ୍ରରୁ ଜଣାପଡ଼ିଛି। ଜିଶନ ହେଉଛନ୍ତି ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍‌ର ଜଣେ ମୁଖ୍ୟ କାର୍ଯ୍ୟକର୍ତ୍ତା। ଏହି ହାଇପ୍ରୋଫାଇଲ୍ ହତ୍ୟାକାଣ୍ଡରେ ସମ୍ପୃକ୍ତ ଶୁଟରମାନଙ୍କ ସହ ସେ ଯୋଗସୂତ୍ର ରକ୍ଷାକରି ଅପରାଧ ଘଟାଇଥିଲେ। ପାକିସ୍ତାନୀ ଅଣ୍ଡରୱାର୍ଲ୍ଡ ସଦସ୍ୟ ତଥା ଫାରୁକ ଖୋକର ଗ୍ୟାଙ୍ଗ୍‌ର ଶେହଜାଦ ଭଟ୍ଟିଙ୍କ ସହାୟତାରେ ସେ ଭାରତରୁ ଖସି ପଳାଇଥିଲେ। କାନାଡାରୁ ଜିଶନଙ୍କୁ ପ୍ରତ୍ୟର୍ପଣ କରି ମୁମ୍ବାଇ ଆଣିବାକୁ ଔପଚାରିକତା ଆରମ୍ଭ ହୋଇଛି। ସୂଚନାଯୋଗ୍ୟ, ଗତବର୍ଷ ଅକ୍ଟୋବର ୧୨ରେ ସିଦ୍ଦିକିଙ୍କୁ ତାଙ୍କ ପୁଅଙ୍କ କାର୍ଯ୍ୟାଳୟ ବାହାରେ ଗୁଳିକରି ହତ୍ୟା କରାଯାଇଥିଲା। ବଲିଉଡ୍ ଅଭିନେତା ସଲ୍‌ମାନ ଖାନ୍‌ଙ୍କ ସହ ସିଦ୍ଦିକିଙ୍କ ଘନିଷ୍ଠ ସମ୍ପର୍କ ଥିବାରୁ ତାଙ୍କୁ ଟାର୍ଗେଟ କରାଯାଇଥିଲା ବୋଲି ବିଷ୍ଣୋଇ ଗ୍ୟାଙ୍ଗ୍ କହିଥିଲା।

## ପ୍ରଜନନ ହାର ୧.୯କୁ ହ୍ରାସ

### ଭାରତର ଜନସଂଖ୍ୟା ୧୪୬ କୋଟି: ଜାତିସଂଘ ରିପୋର୍ଟ

**ନୂଆଦିଲ୍ଲୀ,୧୦।୬(ପି.ଟି.)**

ଭାରତର ଜନସଂଖ୍ୟା ୨୦୨୫ରେ ୧୪୬ କୋଟିରେ ପହଞ୍ଚିବାକୁ ଯାଉଥିବା ଆକଳନ କରାଯାଇଛି, ଯାହାକି ବିଶ୍ୱରେ ସର୍ବାଧିକ। ଜାତିସଂଘ ଜନସଂଖ୍ୟା ରିପୋର୍ଟରୁ ଏହା ଜଣାପଡ଼ିଛି। ଅନ୍ୟପକ୍ଷରେ ଦେଶର ମୋଟ ପ୍ରଜନନ ହାର ପ୍ରତିସ୍ଥାପନ ହାର (ଅର୍ଥାତ୍ ଜନସଂଖ୍ୟା ବଜାୟ ରଖିବା ପାଇଁ ଆବଶ୍ୟକ ପ୍ରଜନନ ସ୍ତର) ଠାରୁ କମ୍ ରହିଛି। ୟୁଏନ୍‌ଏଫ୍‌ପିଏର ଚଳିତ ବର୍ଷର ଷ୍ଟେଟ୍ ଅଫ୍ ୱାର୍ଲ୍ଡ ପପୁଲେଶନ (ଏସ୍‌ଓଡବ୍ଲ୍ୟୁପି) ରିପୋର୍ଟ, ଦି ରିଅଲ ଫର୍ଟିଲିଟି କ୍ରାଇସିସ୍‌ର ତଥ୍ୟ ଅନୁଯାୟୀ, ବିଭିନ୍ନ ଦେଶରେ ପ୍ରଜନନ ହାର ଭୟଙ୍କର ଭାବେ ହ୍ରାସ ପାଉଛି, ଯାହା ପ୍ରଜନନ ଲକ୍ଷ୍ୟ ପୂରଣ ପାଇଁ ସମର୍ଥ ନୁହେଁ। ଅନେକ ଲକ୍ଷ ଲୋକ ସେମାନଙ୍କ ବାସ୍ତବ ପ୍ରଜନନ ଲକ୍ଷ୍ୟ ବୁଝିବାକୁ ଅସମର୍ଥ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

ଜାତିସଂଘ ରିପୋର୍ଟ ଅନୁଯାୟୀ ଭାରତରେ ମହିଳାଙ୍କ ମୋଟ ପ୍ରଜନନ



ହାର ୧.୯କୁ ହ୍ରାସ ପାଇଛି। ଜନସଂଖ୍ୟା ସ୍ତରକୁ ବଜାୟ ରଖିବାକୁ ହେଲେ ପ୍ରଜନନ ହାର ୨.୧ ଆବଶ୍ୟକ ଥିବାବେଳେ ବର୍ତ୍ତମାନ ତାହା ହ୍ରାସ ପାଇ ୧.୯ରେ ପହଞ୍ଚିଛି। ଜନ୍ମ ହାର ହ୍ରାସ ସତ୍ତ୍ୱେ ଭାରତରେ ଯୁବ ଜନସଂଖ୍ୟା ବେଶ୍ ଭଲ ରହିଛି। ୦ରୁ ୧୪ ବର୍ଷ ବୟସ ବର୍ଗର ପିଲାଙ୍କ ହାର ୨୪% ହୋଇଥିବାବେଳେ ୧୦ରୁ ୧୯ ବର୍ଷ ବର୍ଗର ପିଲାଙ୍କ ହାର ୧୭% ଏବଂ ୧୦ରୁ ୨୪ ବର୍ଷ ପିଲାଙ୍କ ହାର ୨୬% ରହିଛି। କାର୍ଯ୍ୟକ୍ଷମ ବୟସ (୧୫ରୁ ୬୪ ବର୍ଷ)ର ଲୋକଙ୍କ ହାର ୬୮ ପ୍ରତିଶତ ରହିଥିବା ରିପୋର୍ଟରୁ ଜଣାପଡ଼ିଛି। ୬୫ ବର୍ଷ ଓ ତଦୂର୍ଦ୍ଧ୍ୱ ବୟସର ଲୋକଙ୍କ ସଂଖ୍ୟା ୭ ପ୍ରତିଶତକୁ ହ୍ରାସ ପାଇଛି। ଆୟୁଷ ବଢ଼ିବା ସହ ଆଗାମୀ ଦିନରେ ବୟସ୍କ ଜନସଂଖ୍ୟା ବଢ଼ିବା ଆଶା କରାଯାଉଛି। ବର୍ତ୍ତମାନ ସମୟରେ ପ୍ରତ୍ୟାଶିତ ଆୟୁଷ ପୁରୁଷଙ୍କ ପାଇଁ ୭୧ ବର୍ଷ ଓ ମହିଳାଙ୍କ ପାଇଁ ୭୪ ବର୍ଷ ରହିଛି। ଜାତିସଂଘ ଆକଳନ ଅନୁଯାୟୀ ଭାରତର ବର୍ତ୍ତମାନର ଜନସଂଖ୍ୟା ୧୪୬.୩୯ କୋଟି ହୋଇଥିବାବେଳେ ଏହା ହ୍ରାସ ପାଇବା ଆରମ୍ଭ ହେବା ପୂର୍ବରୁ ଆଗାମୀ ୪୦ ବର୍ଷ ମଧ୍ୟରେ ୧୭୦ କୋଟିରେ ପହଞ୍ଚିବ ବୋଲି ରିପୋର୍ଟରେ ଆଶାବ୍ୟକ୍ତ କରାଯାଇଛି।

ଜାତିସଂଘ ଅଧ୍ୟୟନ ଅନୁଯାୟୀ, ଭାରତରେ ସନ୍ତାନ ଜନ୍ମ ସ୍ୱାଧୀନତାରେ ଆର୍ଥିକ ସୀମିତତା ବଡ଼ ପ୍ରତିବନ୍ଧକ ବୋଲି ୩୮ ପ୍ରତିଶତ ମତ ଦେଇଛନ୍ତି। ଭାରତ ସମେତ ୧୪ ଦେଶର ୧୪ ହଜାର ଲୋକଙ୍କୁ ନେଇ ଏହି ସର୍ଭେ କରାଯାଇଥିଲା। ଆୟ ସୀମିତ ହୋଇଥିବାରୁ ପରିବାର ବଢ଼ାଇବାକୁ ଚାହୁଁ ନ ଥିବା ଭାରତର ୩୮ ପ୍ରତିଶତ ମତ ଦେଇଥିଲେ। ସେହିପରି ଚାକିରିରେ ସୁରକ୍ଷା ନ ଥିବା କାରଣରୁ ୨୧%, ଘର ସମସ୍ୟା ପାଇଁ ୨୨% ଏବଂ ବିଶ୍ୱସ୍ତ ଶିଶୁଯତ୍ନ ଅଭାବ ପାଇଁ ୧୮ ପ୍ରତିଶତ ପିଲା ଜନ୍ମ କରିବାକୁ ଚାହୁଁ ନ ଥିବା ରିପୋର୍ଟରେ କୁହାଯାଇଛି। ଏହା ବ୍ୟତୀତ ଅସୁସ୍ଥତା, ବନ୍ଧ୍ୟାତ୍ୱ, ଗର୍ଭାବସ୍ଥା ସମୟର ଯତ୍ନର ଅଭାବ ଆଦି ଅନ୍ୟ କାରଣ ମଧ୍ୟ ରହିଛି।

# କନିଷ୍ଠ ଡାଟା ଏଣ୍ଟ୍ରି ଅପରେଟରର ପଦୋନ୍ନତି ତାଲିକା ରଦ୍ଦ

## ସାନି ଚୂଡ଼ାନ୍ତ ତାଲିକା କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ,୧୦।୬(କାର୍ତ୍ତିକ ସାହୁ)

କନିଷ୍ଠ ଡାଟା ଏଣ୍ଟ୍ରି ଅପରେଟର (ଡିଇଓ) ପଦବୀ ପାଇଁ ୨୦୨୦ ସେପ୍ଟେମ୍ବର ୨୪ରେ ପ୍ରସ୍ତୁତ ପଦୋନ୍ନତି ତାଲିକା(ଗ୍ରେଡେଶନ୍ ଲିଷ୍ଟ)କୁ ହାଇକୋର୍ଟ ରଦ୍ଦ କରିଦେଇଛନ୍ତି। ପ୍ରୋଭିଜିନାଲ ଲିଷ୍ଟ ଆଧାରରେ ପଦୋନ୍ନତିର ଚୂଡ଼ାନ୍ତ ତାଲିକା ସାନି ପ୍ରସ୍ତୁତ କରିବା ପାଇଁ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ତାଲିକାରେ ଆବେଦନକାରୀଙ୍କୁ ସାମିଲ କରିବାକୁ ହାଇକୋର୍ଟ କହିଛନ୍ତି। ହାଇକୋର୍ଟର ଅବକାଶକାଳୀନ ବିଚାରପତି ରାଧାକୃଷ୍ଣ ପଟ୍ଟନାୟକ ଆବେଦନକାରୀ ସନାତନ ସାହୁଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ମଙ୍ଗଳବାର ଏହି ରାୟ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଆବେଦନକାରୀ କମ୍ପ୍ୟୁଟର ପୋଷ୍ଟ ଗ୍ରାଜୁଏଟ୍ ଯୋଗ୍ୟତା ଥାଇ ପ୍ରଥମେ ବାରିପଦା ଜନସ୍ୱାସ୍ଥ୍ୟ ବିଭାଗରେ ନିଯୁକ୍ତି ପାଇଥିଲେ। ଚାକିରି ନିୟମିତ ହେବା ପାଇଁ ସେ ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଭାବେ ଅନୁରୋଧ କରିଥିଲେ। ବାରିପଦା ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆବେଦନକାରୀଙ୍କ ସମେତ ଅନ୍ୟ କେତେଜଣ କର୍ମଚାରୀଙ୍କ ନିୟମିତ ତାଲିକା ଜନସ୍ୱାସ୍ଥ୍ୟ ବିଭାଗ ଚିଫ୍ ଇଞ୍ଜିନିୟରଙ୍କ ଅନୁମୋଦନ ନିମନ୍ତେ ପଠାଯାଇଥିଲା। ଆବେଦନକାରୀଙ୍କୁ ନିୟମିତ କରିବା ପାଇଁ ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦୁଇଟି କନିଷ୍ଠ ଡିଇଓ ପଦବୀ ସୃଷ୍ଟି କରାଯାଇଥିଲା। କିନ୍ତୁ ଆବେଦନକାରୀଙ୍କୁ ଉକ୍ତ ପଦବୀରେ ନିଯୁକ୍ତି ଦିଆ ନ ଯାଇ ସର୍ଭିସ୍ ପ୍ରୋଭାଇଡରଙ୍କ ମାଧ୍ୟମରେ ନିଯୁକ୍ତି ଦିଆଯାଇଥିଲା। ଆବେଦନକାରୀ ଏହା ବିରୋଧରେ ସ୍ୟାଟ୍‌ଙ୍କ ଦ୍ୱାରସ୍ଥ ହୋଇଥିଲେ। ୨୦୧୫ରେ ସ୍ୟାଟ୍ ଆବେଦନକାରୀଙ୍କୁ ଜୁନିୟର ଡିଇଓ କିମ୍ବା କମ୍ପ୍ୟୁଟର ଅପରେଟର ପଦରେ ନିଯୁକ୍ତି ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟମାନଙ୍କୁ ଦିଆଯାଉଥିବା ସୁବିଧା ପ୍ରଦାନ କରିବାକୁ ସ୍ୟାଟ୍ କହିଥିଲେ। କିନ୍ତୁ ଆବେଦନକାରୀଙ୍କ ନିୟମିତ ହେବା ଆବେଦନକୁ ସ୍ୟାଟ୍ ଖାରଜ କରିଦେଇଥିଲେ। ସ୍ୟାଟ୍‌ଙ୍କ ଆଦେଶକୁ ଚାଲେଞ୍ଜ କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ସ୍ୟାଟ୍‌ଙ୍କ ଆଦେଶକୁ ରଦ୍ଦ କରିବା ସହ ଆବେଦନକାରୀଙ୍କୁ ନିଯୁକ୍ତି ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ହାଇକୋର୍ଟଙ୍କ ଆଦେଶ କାର୍ଯ୍ୟକାରୀ ନ ହେବାରୁ ଆବେଦନକାରୀ ହାଇକୋର୍ଟରେ ଏକ ଅଦାଲତ ଅବମାନନା ମାମଲା ରୁଜୁ କରିଥିଲେ। ନଗର ଉନ୍ନୟନ ବିଭାଗ ପକ୍ଷରୁ ଆବେଦନକାରୀଙ୍କୁ କନିଷ୍ଠ ଡିଇଓ ପଦରେ ନିୟମିତ କରାଯାଇଥିଲା। ସଚିବାଳୟରେ ବିଭିନ୍ନ ବିଭାଗରେ କନିଷ୍ଠ ଡିଇଓ ପଦରେ କାର୍ଯ୍ୟ କରୁଥିବା ସମସ୍ତଙ୍କୁ ନେଇ ଏକ ପ୍ରୋଭିଜିନାଲ ପଦୋନ୍ନତି ତାଲିକା ୨୦୨୦ ଫେବୃଆରୀ ପହିଲାରେ ପ୍ରକାଶ ପାଇଥିଲା। ଏହାପରେ ସେପ୍ଟେମ୍ବର ୨୪ରେ ପ୍ରକାଶ ପାଇଥିବା ଏହି ଜୁନିୟର ଡିଇଓଙ୍କ ଏକ ଚୂଡ଼ାନ୍ତ ପଦୋନ୍ନତି ତାଲିକା ପୂର୍ବ ପ୍ରୋଭିଜନାଲ ତାଲିକାର ବିପରୀତ ଥିଲା। ଆବେଦନକାରୀ ପ୍ରୋଭିଜନାଲ ତାଲିକାର ୧୭ ନମ୍ବରରେ ଥିବା ଥିଲାବେଳେ ଏହି ପଦୋନ୍ନତି ତାଲିକାରେ ତଳକୁ ଖସି ଆସିଥିଲେ। ସେହିପରି ୨୦୧୧ ଜୁନ୍ ୩୦ରେ ଜୁନିୟର୍ ଡିଇଓ ର୍‍ୟାଙ୍କ୍‌ରେ ନିଯୁକ୍ତି ପାଇଥିବାରୁ ସେହିଦିନଠାରୁ ତାଙ୍କର ବରିଷ୍ଠତା ବିଚାରକୁ ନିଆଯାଇଛି ବୋଲି ଆବେଦନକାରୀ ଦର୍ଶାଇବା ସହ ୨୦୦୨ରୁ ତାଙ୍କର ନିଯୁକ୍ତି ହୋଇଥିବାରୁ ତାହାକୁ ବରିଷ୍ଠତା କ୍ଷେତ୍ରରେ ବିଚାରକୁ ନେବାକୁ ଦର୍ଶାଇଛନ୍ତି।



ମହାପ୍ରଭୁଙ୍କ ସ୍ନାନଯାତ୍ରା ଉପଲକ୍ଷେ ପୁରୀ ବେଳାଭୂମିରେ ମଙ୍ଗଳବାର ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

# ୧୦୮ କଳସ ସ୍ଥାପନ ସହ ଶ୍ରୀବିଗ୍ରହଙ୍କ ପ୍ରତିକୃତି ନିର୍ମାଣ

ପୁରୀ,୧୦।୬(ଅଜିତ୍ କୁମାର ମହାନ୍ତି)

## ମନ ଛୁଇଁଲା ସୁଦର୍ଶନଙ୍କ ବାଲୁକା କଳା

ପବିତ୍ର ସ୍ନାନପୂର୍ଣ୍ଣିମାରେ ବୁଧବାର ଦାରୁଦିଅଁ ସ୍ନାନମଣ୍ଡପରେ ୧୦୮ ଗରା ଜଳରେ ସ୍ନାନ କରିବେ। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଅର୍ନ୍ତଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ପୁରୀ ବେଳାଭୂମିରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ଦେବୀ ସୁଭଦ୍ରା ଏବଂ ବଡ଼ଠାକୁର ପ୍ରଭୁ ବଳଭଦ୍ରଙ୍କ ଭବ୍ୟ ବାଲୁକା ମୂର୍ତ୍ତି ନିର୍ମାଣ କରିଛନ୍ତି। ଶ୍ରୀବିଗ୍ରହମାନେ ସ୍ନାନମଣ୍ଡପରେ ବସିବା ମୂର୍ତ୍ତି ସହ ୧୦୮ କଳସ ଶୋଭା ପାଉଛି। ଏହି କଳାକୃତି ସ୍ନାନଯାତ୍ରାର ଭାବପ୍ରବଣ ଓ ଧାର୍ମିକ ଗୁରୁତ୍ୱକୁ ଚିତ୍ରଣ କରିଛି। ଏହି ବାଲୁକା କଳା ଭକ୍ତ, ପର୍ଯ୍ୟଟକ ଏବଂ କଳାପ୍ରେମୀଙ୍କୁ ଆକର୍ଷିତ କରିଥିଲା। ପରମ୍ପରା, ଭକ୍ତି ଓ ସୃଜନଶୀଳତାକୁ ପଟ୍ଟନାୟକ ସୁନ୍ଦର ଭାବେ ପ୍ରକାଶ କରିଥିଲେ। ଏହି ଅବସରରେ ଶ୍ରୀମନ୍ଦିର ପ୍ରଶାସକ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀ ବାଲୁକା କଳା ଦେଖି ଖୁସି ହେବା ସହ ପଟ୍ଟନାୟକଙ୍କୁ ପ୍ରଶଂସା କରିଥିଲେ। ବାଲୁକା କଳା ମାଧ୍ୟମରେ ଓଡ଼ିଶାର ସାଂସ୍କୃତିକ ଏବଂ ଆଧ୍ୟାତ୍ମିକ ଐତିହ୍ୟର ପ୍ରଚାର ଓ ସଂରକ୍ଷଣରେ ପଟ୍ଟନାୟକ ନିରନ୍ତର ଭୂମିକାକୁ ଡ. ପାଢୀ ପ୍ରଶଂସା କରିବା ସହ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଥିଲେ।

# 'ବଡ଼ଦାଣ୍ଡ ସାଥୀ ସେବା' ଉଦ୍‌ଘାଟିତ

ପୁରୀ,୧୦।୬ (ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ସ୍ନାନଯାତ୍ରାରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ। ବୃଦ୍ଧ ଓ ଦିବ୍ୟାଙ୍ଗ ଭକ୍ତଙ୍କ ସୁଗମ ଦର୍ଶନ ନିମନ୍ତେ ପୁରୀ ପୋଲିସ ପକ୍ଷରୁ 'ବଡ଼ଦାଣ୍ଡ ସାଥୀ' ନାମକ ନୂଆ ସେବା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଦେବସ୍ନାନ ପୂର୍ଣ୍ଣିମା ପାଇଁ ଜନସେବାରେ ପୁରୀ ପୋଲିସ 'ବଡ଼ଦାଣ୍ଡ ସାଥୀ' ସେବା ଉଦ୍‌ଘାଟିତ ହୋଇଛି। ପୁରୀ ପୋଲିସ ଏହି ଉଦ୍ୟମ ମାଧ୍ୟମରେ ବିଶେଷ ସାହାଯ୍ୟ ଓ ସେବା ଯୋଗାଇ ଦେବାକୁ ଲକ୍ଷ୍ୟ ରଖିଛି। ବଡ଼ଦାଣ୍ଡ ସାଥୀ ଏକ ସ୍ୱେଚ୍ଛାସେବକ ଦଳ, ଯେଉଁମାନେ ବୃଦ୍ଧାବୃଦ୍ଧ ଏବଂ ଅସୁବିଧାରେ ପଡ଼ିଥିବା ଭକ୍ତଙ୍କୁ ସହଯୋଗ କରିବେ। ଦର୍ଶନ ସମୟରେ ସହଯୋଗ, ହ୍ୱିଲଚେୟାର୍ ସୁବିଧା, ଜଳ ବିତରଣ ଓ ସୂଚନା ଦେବା ଆଦି କାର୍ଯ୍ୟ କରିବେ। ସେହିପରି ପ୍ରତ୍ୟେକ ସାହିରେ ସ୍ଥାନୀୟ ବାସିନ୍ଦାଙ୍କ ଚଳାଚଳ ସୁବିଧା ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ଉକ୍ତ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ପୋଲିସ କର୍ମଚାରୀ, ସେବାପ୍ରେମୀ ଯୁବକ ଓ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ।

# ସେବାରେ ଯୋଗଦେଲେ ରାମକୃଷ୍ଣ ଦାସ ମହାପାତ୍ର

ପୁରୀ,୧୦।୬(ଅଜିତ୍ କୁମାର ମହାନ୍ତି)

## ଦୀଘା ମନ୍ଦିର ବିବାଦ ଘଟଣାରେ ୧ ମାସ ନିଲମ୍ବନ ହୋଇଥିଲେ

ଦଇତାପତି ନିଯୋଗର ସମ୍ପାଦକ ତଥା ବରିଷ୍ଠ ଦଇତାପତି ସେବକ ରାମକୃଷ୍ଣ ଦାସ ମହାପାତ୍ରଙ୍କ ଉପରୁ ନିଲମ୍ବନ ହଟିବା ପରେ ସେ ମଙ୍ଗଳବାରଠାରୁ ମହାପ୍ରଭୁଙ୍କ ସେବାରେ ପୁଣି ନିୟୋଜିତ ହୋଇଛନ୍ତି। ଦାସମହାପାତ୍ର ମଙ୍ଗଳବାର ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ସେନାପଟା ଲାଗି ନୀତି ସମ୍ପାଦନ କରିଛନ୍ତି। ସୂଚନାଯୋଗ୍ୟ, ଦୀଘା ଜଗନ୍ନାଥ ମନ୍ଦିର ବିବାଦ ଘଟଣାରେ ରାମକୃଷ୍ଣ ଦାସ ମହାପାତ୍ରଙ୍କୁ ମହାପ୍ରଭୁଙ୍କ ସେବା କାର୍ଯ୍ୟରୁ ଏକମାସ ଅର୍ଥାତ୍ ୩୦ ଦିନ ପାଇଁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ନିଲମ୍ବନ କରିଥିଲେ। ଏହି ନିଲମ୍ବନ ସମୟରେ ଦାସ ମହାପାତ୍ର କୌଣସି ସେବା ପୂଜାରେ ସାମିଲ ହୋଇପାରିବେ ନାହିଁ କିମ୍ବା ଶ୍ରୀମନ୍ଦିରକୁ ପ୍ରବେଶ କରିପାରିବେ ନାହିଁ ବୋଲି ନିଲମ୍ବନ ଆଦେଶରେ ଉଲ୍ଲେଖ ରହିଥିଲା। ତେବେ ମଙ୍ଗଳବାର ତାଙ୍କ ନିଲମ୍ବନ ଅବଧି ଶେଷ ହୋଇଥିବା ସୂଚନା ମିଳିଛି।

# ସୋନପୁର-ପୁରୁଣାକଟକ ରେଳ ସେକ୍ସନ କାର୍ଯ୍ୟ ନିରୀକ୍ଷଣ କଲେ ଫୁଙ୍କୱାଲ


ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ପ୍ରକଳ୍ପ ସମ୍ପର୍କରେ ଆଲୋଚନା କରୁଛନ୍ତି।

ଭୁବନେଶ୍ୱର,୧୦।୬(ଅନୁରାଧା ମହାରଣା)

ଓଡିଶାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ରେଳ ଭିତ୍ତିଭୂମି ପ୍ରକଳ୍ପ ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ନୂତନ ଲାଇନ୍‌ର ନିର୍ମାଣାଧୀନ ସୋନପୁର-ପୁରୁଣାକଟକ ରେଳ ସେକ୍ସନକୁ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ନିରୀକ୍ଷଣ କରିଛନ୍ତି। ପୂର୍ବତଟ ରେଳପଥ ମୁଖ୍ୟାଳୟର ବରିଷ୍ଠ ଅଧିକାରୀ, ନିର୍ମାଣ ଅଧିକାରୀ ଏବଂ ସମ୍ବଲପୁର ରେଳ ମଣ୍ଡଳର ଅଧିକାରୀମାନେ ମହାପ୍ରବନ୍ଧକଙ୍କୁ ଚାଲିଥିବା ବିଭିନ୍ନ ନିର୍ମାଣ କାର୍ଯ୍ୟ ସମ୍ପର୍କରେ ଅବଗତ କରାଇଥିଲେ। ଫୁଙ୍କୱାଲ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରିବା ସହ ଲକ୍ଷ୍ୟ ଧାର୍ଯ୍ୟ ସମୟସୀମା ପାଳନ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦେବା ସହ ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ଅଧିକାରୀମାନଙ୍କୁ ବିଚାରାଧୀନ କାର୍ଯ୍ୟଗୁଡ଼ିକୁ ତ୍ୱରାନ୍ୱିତ କରିବା, ଗୁଣବତ୍ତା ଏବଂ ସୁରକ୍ଷା ମାନଦଣ୍ଡ ବଜାୟ ରଖିବା ପାଇଁ ପରାମର୍ଶ ଦେଇଥିଲେ। ସୋନପୁର-ପୁରୁଣାକଟକ ସେକ୍ସନ ବର୍ତ୍ତମାନ କାର୍ଯ୍ୟକ୍ଷମ ହୋଇଛି ଏବଂ ଆଶା କରାଯାଉଛି ଏହା ପଶ୍ଚିମ ଓଡ଼ିଶାର ଆଞ୍ଚଳିକ ସଂଯୋଗୀକରଣ ଓ ଆର୍ଥିକ ଅଭିବୃଦ୍ଧି ସମ୍ଭାବନାକୁ ଆହୁରି ଉନ୍ନତ କରିବ। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ମୋଟ ୩୦୧ କି.ମି. ଦୀର୍ଘ ରେଳପଥ ମଧ୍ୟରୁ ୨୨୬ କି.ମି. କାର୍ଯ୍ୟକ୍ଷମ ହୋଇସାରିଛି। ଏଥିରେ ଖୋର୍ଦ୍ଧା ରୋଡ୍‌ରୁ ଦଶପଲ୍ଲା ୧୦୬ କି.ମି. ଏବଂ ବଲାଙ୍ଗୀରରୁ ପୁରୁଣାକଟକ ୧୨୦ କି.ମି. ରହିଛି। ଦଶପଲ୍ଲା ଏବଂ ପୁରୁଣାକଟକ ମଧ୍ୟରେ ଅବଶିଷ୍ଟ ୭୫ କି.ମି. ଦୀର୍ଘ ରେଳ ମାର୍ଗ ନିର୍ମାଣ କାର୍ଯ୍ୟ ଜାରି ରହିଛି ଏବଂ ଡିସେମ୍ବର ୨୦୨୬ ସୁଦ୍ଧା ସମାପ୍ତ ହେବାର ଆଶା କରାଯାଉଛି ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।

# 'ଇଗ୍ନୋ'ରେ ଜୁଲାଇ ଶିକ୍ଷା ସତ୍ର ପାଇଁ ନାମଲେଖା ଆରମ୍ଭ

ଭୁବନେଶ୍ୱର,୧୦।୬(ସୁଚିସ୍ମିତା ସାହୁ)

ଇନ୍ଦିରା ଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟରେ ଜୁଲାଇ-୨୦୨୫ ଶିକ୍ଷା ସତ୍ର ପାଇଁ ନାମଲେଖା ପ୍ରକ୍ରିୟା ଘୋଷଣା କରାଯାଇଛି। ବିଭିନ୍ନ କାରଣରୁ ଅଧାରୁ ପାଠ ଛାଡିଥିବା କିମ୍ବା ଉଚ୍ଚ ଶିକ୍ଷା ପାଇବାରୁ ବଞ୍ଚିତ କୌଣସି ବୟସର ବ୍ୟକ୍ତି ବିଶେଷଙ୍କ ପାଇଁ ସମସ୍ତ ବିଭାଗରେ ଅଣ୍ଡର ଗ୍ରାଜୁଏଟ୍ (ସ୍ନାତକ), ପୋଷ୍ଟ ଗ୍ରାଜୁଏଟ (ସ୍ନାତକୋତ୍ତର) ପିଜି ଡିପ୍ଲୋମା, (ସ୍ନାତକୋତ୍ତର ଡିପ୍ଲୋମା) ଏବଂ ସାର୍ଟିଫିକେଟ ପ୍ରୋଗ୍ରାମରେ ନାମଲେଖା ପ୍ରକ୍ରିୟା ଜୁଲାଇ ୧୫ ପର୍ଯ୍ୟନ୍ତ ଚାଲୁରହିବ। ଅଣ୍ଡର ଗ୍ରାଜୁଏଟ୍ (ସ୍ନାତକ) ପ୍ରୋଗ୍ରାମ, ଯଥା-କଳା (ସାଧାରଣ), ବିଜ୍ଞାନ (ସାଧାରଣ), ବାଣିଜ୍ୟ (ସାଧାରଣ) ବିଭାଗରେ ନାମ ପଞ୍ଜୀକରଣ କରିବାକୁ ଚାହୁଁଥିବା ଅନୁସୂଚିତ ଜାତି ଓ ଜନଜାତି ଆବେଦକଙ୍କ ପାଇଁ ନାମଲେଖା ଦେୟ ଏବଂ ପୁନଃ ପଞ୍ଜୀକରଣ ଦେୟ ୫୦% ଛାଡ଼ କରାଯାଇଛି। ଅନ୍ୟ କୌଣସି ସୂତ୍ରରୁ ରିହାତିର ସୁବିଧା ପାଉଥିଲେ ସେମାନେ ଇଗ୍ନୋ ପକ୍ଷରୁ ଦିଆଯାଉଥିବା ଏହି ରିହାତି ପାଇବାକୁ ଯୋଗ୍ୟ ହେବେ ନାହିଁ। ଇଚ୍ଛୁକ ଛାତ୍ରୀଛାତ୍ର ଇଗ୍ନୋ ୱେବ୍‌ସାଇଟ www.ignou.ac.inଏବଂ http//ignouadmission.samarth.edu.in ଅନୁସରଣ କରିପାରିବେ କିମ୍ବା ଆଞ୍ଚଳିକ କେନ୍ଦ୍ର ଭୁବନେଶ୍ୱରକୁ ଇ-ମେଲ ମାଧ୍ୟମରେ ଯୋଗାଯୋଗ କରିପାରିବେ। ସମସ୍ତ ପ୍ରକାର ଯୋଗାଯୋଗ ପାଇଁ ୦୬୭୪-୨୯୭୧୦୭୧ କିମ୍ବା ୦୬୭୪-୨୩୦୧୩୪୮ ନମ୍ବରରେ ଯୋଗାଯୋଗ କରିବା ପାଇଁ ଇଗ୍ନୋର ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡ଼. ସୁରେଶ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି ।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଶିବୁନି


@ ସୋନା


@ ପ୍ରତିପ୍ରତିଭା


@ ସୋନାଲି


@ ଶୁଭଲକ୍ଷ୍ମୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସ୍ୱାତୀ ମିଶ୍ର ଉତ୍କଳ ବିଶ୍ୱବିଦ୍ୟାଳୟର ନୂଆ ରେଜିଷ୍ଟ୍ରାର

ଭୁବନେଶ୍ୱର,୧୦।୬(ସୁଚିସ୍ମିତା ସାହୁ)

ଡ. ସ୍ୱାତୀ ମିଶ୍ର ଉତ୍କଳ ବିଶ୍ୱବିଦ୍ୟାଳୟର ନୂତନ ରେଜିଷ୍ଟ୍ରାର ଭାବେ ନିଯୁକ୍ତ ହୋଇଛନ୍ତି। ବିଶ୍ୱବିଦ୍ୟାଳୟ କୁଳାଧିପତିଙ୍କ କାର୍ଯ୍ୟାଳୟ ପକ୍ଷରୁ ଏନେଇ ସୋମବାର ବିଜ୍ଞପ୍ତି ପ୍ରକାଶ ପାଇଛି। କୁଳାଧିପତିଙ୍କ ପ୍ରମୁଖ ସଚିବ ଜାରି କରିଥିବା ବିଜ୍ଞପ୍ତି ଅନୁଯାୟୀ, ପ୍ରାଥମିକ ଭାବେ ଡ. ସ୍ୱାତୀ ମିଶ୍ରଙ୍କ କାର୍ଯ୍ୟକାଳ ୩ବର୍ଷ ରହିବ। ସେ ପୂର୍ବରୁ ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ (ଓଏସ୍ଏସ୍‌ସି)ର ଯୁଗ୍ମ ସଚିବ ଭାବେ କାର୍ଯ୍ୟରତ ଥିଲେ।

# ଦକ୍ଷିଣ, ଉତ୍ତର, ଉପକୂଳ ଓଡ଼ିଶାରେ ବର୍ଷିବ

ଭୁବନେଶ୍ୱର,୧୦।୬(ଅନୁରାଧା ମହାରଣା)

ଆସନ୍ତା ୪ଦିନ ପର୍ଯ୍ୟନ୍ତ ରାଜ୍ୟର କିଛି କିଛି ସ୍ଥାନରେ ବର୍ଷା ଜାରି ରହିବ। ଏହାପରେ ଦକ୍ଷିଣ, ଉତ୍ତର ଓ ଉପକୂଳ ଓଡ଼ିଶାର ଅଧିକାଂଶ ସ୍ଥାନରେ ମଧ୍ୟମ ଓ ହାଲୁକା ଧରଣର ବର୍ଷା ହେବ। ଏହା ସହିତ ବିଜୁଳି, ଘଡ଼ଘଡ଼ି ଓ ପବନ ହେବାର ସମ୍ଭାବନା ଥିବାରୁ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ପାଣିପାଗ ନିର୍ଦ୍ଦେଶକ ମନୋରମା ମହାନ୍ତିଙ୍କ ସୂଚନା ଅନୁଯାୟୀ, ବୁଧବାର ଦକ୍ଷିଣ ଓଡ଼ିଶାର ଜିଲାଗୁଡ଼ିକର ଅନେକ ସ୍ଥାନରେ ଏବଂ ଉତ୍ତର ଓଡ଼ିଶାର କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ଧରଣ ବର୍ଷା କିମ୍ବା ବଜ୍ରପାତ ସହ ବର୍ଷା ହୋଇପାରେ। କଳାହାଣ୍ଡି, କନ୍ଧମାଳ, ଗଞ୍ଜାମ, ଗଜପତି, ନବରଙ୍ଗପୁର, ନୂଆପଡା ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଉପକୂଳବର୍ତ୍ତୀ ଜିଲାଗୁଡିକ ସହ ମୟୂରଭଞ୍ଜ, କୋରାପୁଟ ଓ ମାଲକାନଗିରିରେ ବିଜୁଳି, ଘଡଘଡି ସହ ଝଟ୍‌କା ପବନର ବେଗ ଘଣ୍ଟାପ୍ରତି ୪୦ରୁ ୫୦କି.ମି. ମଧ୍ୟରେ ରହିବ। ଅନ୍ୟ ଜିଲାଗୁଡ଼ିକରେ କିଛି ସ୍ଥାନରେ ବିଜୁଳି, ଘଡଘଡି, ହାଲୁକା ମଧ୍ୟମ ଧରଣର ବର୍ଷା ସହ ଝଟ୍‌କା ପବନ ୩୦ରୁ ୪୦କିମି ବେଗରେ ବହିବା ନେଇ ପୂର୍ବାନୁମାନ କରାଯାଇଛି। ୧୨ ତାରିଖରେ ମୟୂରଭଞ୍ଜ, କେନ୍ଦୁଝର ଓ ଦକ୍ଷିଣ ଓଡ଼ିଶାକୁ ସତର୍କ କରାଯାଇଛି। ୧୩ ତାରିଖରେ ଉପକୂଳବର୍ତ୍ତୀ ଅଞ୍ଚଳ ସମେତ ମୟୂରଭଞ୍ଜ, କେନ୍ଦୁଝର, କୋରାପୁଟ, ରାୟଗଡ଼ାକୁ ମଧ୍ୟ ସତର୍କ କରାଯାଇଛି। ୧୪, ୧୫ ଓ ୧୬ରେ କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ରହିବାର ସମ୍ଭାବନା ରହିଛି। ୧୪ ତାରିଖରେ କେନ୍ଦୁଝର, ମୟୂରଭଞ୍ଜ, କଳାହାଣ୍ଡି, କନ୍ଧମାଳ ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷାର ପୂର୍ବାନୁମାନ କରାଯାଇଛି। ସେହିପରି ୧୫ ତାରିଖରେ ନବରଙ୍ଗପୁର ଓ ନୂଆପଡାରେ ପ୍ରବଳ ବର୍ଷା ହୋଇପାରେ। ଆସନ୍ତା ୨ଦିନ ରାଜ୍ୟ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ନାହିଁ। ପରବର୍ତ୍ତୀ ସମୟରେ ତାପମାତ୍ରା ୨ରୁ ୩ ଡିଗ୍ରୀ ହ୍ରାସ ପାଇପାରେ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।



# ରାଜଧାନୀରୁ ୩୧ ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗାର ଜବତ

## ଡିଲ୍ କରିବାକୁ ଯିବାବେଳେ ବେପାରୀ ଗିରଫ

ଭୁବନେଶ୍ୱର,୧୦।୬(ସତ୍ୟଜିତ୍ ରାଉତ)

ରାଜଧାନୀରେ ଜଣେ ପେସାଦାର ବ୍ରାଉନ୍‌ସୁଗାର ବେପାରୀଙ୍କୁ କ୍ରାଇମ୍‌ବ୍ରାଞ୍ଚର ସ୍ପେଶାଲ ଟାସ୍କଫୋର୍ସ (ଏସ୍‌ଟିଏଫ୍) ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଭୁବନେଶ୍ୱର ବଡ଼ଗଡ଼ ଥାନା ଅନ୍ତର୍ଗତ କେଶୁରା ଲେନ୍-୨ ଅଞ୍ଚଳର ମୃଣାଲ ସାମଲ(୨୯)। ମଙ୍ଗଳବାର ସକାଳେ ମୃଣାଲ ଡିଲ୍ କରିବାକୁ ଯିବା ବେଳେ କୁଆଖାଇ ନଦୀ ନିକଟ ହାଇଟେକ୍- ଟଙ୍କପାଣି ରୋଡ୍‌ରେ ଏସ୍‌ଟିଏଫ୍ ଟିମ୍ ତାଙ୍କୁ କାବୁ କରିଥିଲା। ମୃଣାଲଙ୍କ ଠାରୁ ୩୧୯ ଗ୍ରାମର ବ୍ରାଉନ୍‌ସୁଗାର ଓ ଗୋଟିଏ ବାଇକ୍


ମୃଣାଲ ସାମଲ

ଜବତ ହୋଇଛି। ଜବତ ବ୍ରାଉନ୍‌ସୁଗାରର ଆନୁମାନିକ ମୂଲ୍ୟ ୩୧ ଲକ୍ଷ ଟଙ୍କା ହେବ। ଅଭିଯୁକ୍ତ ମୃଣାଲଙ୍କୁ ଭୁବନେଶ୍ୱରସ୍ଥିତ ଖୋର୍ଦ୍ଧା ଜିଲା ଜଜ୍ ତଥା ସ୍ୱତନ୍ତ୍ର କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏନେଇ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା (ନଂ.୧୨/୨୦୨୫) ରୁଜୁ କରି ଏସ୍‌ଟିଏଫ୍ ତଦନ୍ତ ଚଳାଇଛି।

ଏସ୍‌ଟିଏଫ୍ ସୂଚନା ଅନୁଯାୟୀ, ମୃଣାଲଙ୍କ ନାଁରେ ବଡ଼ଗଡ଼ ଥାନାରେ ଏକ ଚୋରି ମାମଲା ଓ ବାଲିଅନ୍ତା ଥାନାରେ ଏକ ନିଶା କାରବାର ମାମଲା ରହିଛି। ସେ ନେଟ୍‌ୱର୍କ ମାର୍କେଟିଂ ଜରିଆରେ ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ବ୍ରାଉନ୍‌ସୁଗାର ବିକ୍ରି କରୁଥିଲେ। ଛାତ୍ର ଓ ଯୁବଗୋଷ୍ଠୀଙ୍କୁ ସେ ଟାର୍ଗେଟ୍ କରି ଏହି କାରବାର ଚଳାଇଥିଲେ। ଦୁଇଟି ଗ୍ରୁପ୍‌ରେ ୧୦ ଜଣ ଲେଖାଏ ସଦସ୍ୟଙ୍କୁ ରଖି ଏହି ନେଟ୍‌ୱର୍କ ଚଳାଇଥିଲେ। ତେବେ ସେ ଦିନକୁ ପ୍ରାୟ କେଜିଏ ବ୍ରାଉନସୁଗାର ବିକ୍ରି କରୁଥିଲେ। ମୃଣାଲଙ୍କ ବିଷୟରେ ଜଣାପଡ଼ିବା ପରେ ଏସ୍‌ଟିଏଫ୍ ତାଙ୍କୁ ଧରିବାକୁ ଯୋଜନା କରିଥିଲା। ଗତ ମାସେ ହେବ ମୃଣାଲଙ୍କୁ ଗିରଫ କରିବାକୁ ଏସ୍‌ଟିଏଫ୍ ନଜର ରଖିଥିଲା। ଏବେ ମୃଣାଲଙ୍କ ଲିଙ୍କ୍‌ରେ ଥିବା ଅନ୍ୟ ବ୍ରାଉନସୁଗାର ବେପାରୀଙ୍କୁ ଧରିବାକୁ ଏସ୍‌ଟିଏଫ୍ ଅଧିକ ଖୋଳତାଡ଼ ଚଳାଇଛି।

# ଯବାନଙ୍କୁ ମାଡ଼ ମାରି ଖୁଣ୍ଟରେ ବାନ୍ଧିଲେ

## ରଣପୁର ଅଡାଲ ଗାଁରେ କଙ୍ଗାରୁ କୋର୍ଟ

ନୟାଗଡ଼/ରଣପୁର,୧୦।୬ (ଲୋକନାଥ ମିଶ୍ର/ ସୁକାନ୍ତ କିଶୋର ଡାକୁଆ)

ନୟାଗଡ଼ ଜିଲା ରଣପୁର ଥାନା ଅଡାଲ ଗାଁରେ କଙ୍ଗାରୁ କୋର୍ଟ ବସିଥିବାବେଳେ ସେହି ବାଟଦେଇ ଯାଉଥିବା ଜଣେ ସିଆର୍‌ପିଏଫ୍ ଯବାନଙ୍କୁ ଆକ୍ରମଣର ଶିକାର ହେବାକୁ ପଡ଼ିଛି। ଯବାନ ଦେବେନ୍ଦ୍ର କୁମାର ରଣା (୩୦)ଙ୍କୁ କଙ୍ଗାରୁ କୋର୍ଟରେ ଉପସ୍ଥିତ ଥିବା ଗ୍ରାମର ୨୦ରୁ ୨୫ଜଣ ଯୁବକ ମାଡ଼ ମାରିବା ସହ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧିଥିବା ଅଭିଯୋଗ ହୋଇଛି। ଖବରପାଇ ରଣପୁର ଥାନା ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରି ରଣପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେ ସୁସ୍ଥ ହେବାପରେ ରଣପୁର ଥାନାରେ ସୋମବାର ଅଭିଯୋଗ କରିଛନ୍ତି। ଯବାନଙ୍କ ଅଭିଯୋଗକୁ ଭିତ୍ତିକରି ରଣପୁର ଥାନାରେ ଏକ ମାମଲା(୧୬୮/୨୦୨୫) ରୁଜୁ ହୋଇଥିବାବେଳେ ପ୍ରତିପକ୍ଷଙ୍କ ଅଭିଯୋଗକୁ ଆଧାର କରି ପୋଲିସ ଆଉ ଏକ ମାମଲା(୧୬୯/୨୦୨୫) ରୁଜୁ କରି ତଦନ୍ତ ଚଳାଇଛି। ଖବର ଲେଖାହେବା ପର୍ଯ୍ୟନ୍ତ ଏହି ଘଟଣାରେ ପୋଲିସ କାହାରିକୁ ଗିରଫ କରି ନ ଥିବା ଜଣାପଡ଼ିଛି।

ଅଭିଯୋଗ ଅନୁଯାୟୀ, ଅଡାଲ ଗାଁ ପୋଖରୀରୁ ମାଛଧରାକୁ ନେଇ ଦେବେନ୍ଦ୍ର କରି ସ୍ୱୟଂ ସହାୟିକା ଗୋଷ୍ଠୀ ଓ ଗ୍ରାମବାସୀଙ୍କ ମଧ୍ୟରେ କିଛିଦିନ ହେବ ବିବାଦ ଲାଗି ରହିଛି। ଏହି ଘଟଣାକୁ ନେଇ ଅଡାଲ ଗାଁରେ କଙ୍ଗାରୁ କୋର୍ଟ କରାଯାଇ ୧୦ରୁ ଊର୍ଦ୍ଧ୍ୱ ପରିବାରଙ୍କୁ ବାସନ୍ଦ କରାଯାଇଛି। ଏହି ସମୟରେ ମଣିପୁର ସିଆର୍‌ପିଏଫ୍‌ରେ କାର୍ଯ୍ୟରତ ଅଡାଲ ଗାଁର ଯବାନ ଦେବେନ୍ଦ୍ର ଛୁଟି ନେଇ ଗତ ୮ତାରିଖ ଦିନ ଗାଁକୁ ଆସିଥିଲେ। ଗାଁରୁ ବାସନ୍ଦ ହୋଇଥିବା ସମ୍ପର୍କୀୟ ଦାଦାଙ୍କ ଘରକୁ ଯାଇ କଥାବାର୍ତ୍ତା ହେବା ପରେ ଗାଁଲୋକଙ୍କ ଆକ୍ରୋଶର ଶିକାର ହୋଇଥିଲେ। ରବିବାର ରାତିରେ ତାଙ୍କ ୧ବର୍ଷ ପୁଅ ଅସୁସ୍ଥ ହେବାରୁ ସେ ବାଇକ୍ ଧରି ରାତି ସାଢ଼େ ୯ଟାରେ ଔଷଧ ଆଣିବାକୁ ଗ୍ରାମର ଆଶାଦିଦିଙ୍କ ପାଖକୁ ଯାଉଥିଲେ। ସେହି ସମୟରେ ଗ୍ରାମର ତ୍ରିନାଥ ମଣ୍ଡପରେ କଙ୍ଗାରୁ କୋର୍ଟ ବସିଥିଲା। କେତେଜଣ ଯୁବକ ଗାଁ ଭିତରେ ବାଇକ୍ ନେଇ ଯିବାକୁ ବିରୋଧ କରି ତାଙ୍କୁ ଅଟକାଇଥିଲେ। ପୁଅର ଅସୁସ୍ଥତା ସଂକ୍ରାନ୍ତରେ ସେ ବାରମ୍ବାର କହିବା ପରେ ବି ତାଙ୍କୁ ଅଟକ ରଖାଯାଇଥିଲା। ଏହି ସମୟରେ ଦେବେନ୍ଦ୍ର କଙ୍ଗାରୁ କୋର୍ଟରେ କିଛି ଭିଡିଓ ସେ ନିଜ ମୋବାଇଲରେ ଉତ୍ତୋଳନ କରିଥିଲେ। ଭିଡିଓ ଉତ୍ତୋଳନ କଥା ସେହି ଯୁବକମାନେ ଜାଣିବା ପରେ ତାଙ୍କ ମୋବାଇଲ ଛଡ଼ାଇ ନେଇ ମାଡ଼ ମାରିବା ସହ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ଦେଇଥିଲେ। ପ୍ରାୟ ୪ ଘଣ୍ଟା ପରେ ଏ ସଂକ୍ରାନ୍ତରେ ଜାଣି ଯବାନଙ୍କ ସ୍ତ୍ରୀ ରଣପୁର ଥାନା ପୋଲିସକୁ ଅବଗତ କରାଇଥିଲେ। ପୋଲିସ ପହଞ୍ଚି ଦେବେନ୍ଦ୍ରଙ୍କୁ ବିଦ୍ୟୁତ୍ ଖୁଣ୍ଟରୁ ଉଦ୍ଧାର କରିଥିଲେ। ଜଣେ ଯବାନଙ୍କ ପ୍ରତି ଲୋକଙ୍କ ଏଭଳି ଅତ୍ୟାଚାର ଘଟଣାକୁ ବୁଦ୍ଧିଜୀବୀ ମହଲରେ ନିନ୍ଦା କରାଯାଇଛି।


ସିଆର୍‌ପିଏଫ୍ ଯବାନ ଦେବେନ୍ଦ୍ର କୁମାର ରଣାଙ୍କୁ ଖୁଣ୍ଟରେ ବନ୍ଧାଯାଇଛି।

# ବଚସାରୁ ପିଟି ହତ୍ୟା, ଅଭିଯୁକ୍ତ ଗିରଫ

ବାଲିଗୁଡ଼ା,୧୦।୬ (ସଞ୍ଜୟ କୁମାର ପାଣିଗ୍ରାହୀ)

କନ୍ଧମାଳ ଜିଲା ବାଲିଗୁଡ଼ା ଥାନା ଅଞ୍ଚଳରେ ସୋମବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ସାଙ୍ଗ ହୋଇ ମହୁଲି ମଦ ପିଇବାକୁ ଆସିଥିବା ବେଳେ ସାମାନ୍ୟ ବଚସାରୁ ଜଣେ ବ୍ୟକ୍ତିଙ୍କୁ ଅନ୍ୟ ଜଣେ ପିଟି ହତ୍ୟା କରିଛନ୍ତି। ମୃତକ ହେଲେ ବାଲିଗୁଡ଼ା ମୁଣ୍ଡାସାହିର ଶଙ୍କର ନାୟକ(୫୨)। ଅଭିଯୁକ୍ତ ସ୍ଥାନୀୟ ନୂଆସାହିର ନିରାକାର ନାୟକ (୫୫)ଙ୍କୁ ପୋଲିସ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି।

ସୂଚନା ଅନୁଯାୟୀ, ସୋମବାର ରାତି ପ୍ରାୟ ୮ଟାରେ ନିରାକାର ଓ ଶଙ୍କର ସାଙ୍ଗ ହୋଇ ହାଟପଦା ସାହିକୁ ମହୁଲି ପିଇବାକୁ ଆସିଥିଲେ। କୌଣସି ଏକ କଥାକୁ ନେଇ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା । ଏଥିରେ ନିରାକାର ଉତ୍ତ୍ୟକ୍ତ ହୋଇ ଶଙ୍କରଙ୍କୁ ନିସ୍ଥୁକ ପିଟିଥିଲେ। ସେ ତଳେ ପଡ଼ିଯିବାରୁ ପେଟକୁ ୨/୩ଥର ଗୋଇଠା ମାରିଥିଲେ। ଫଳରେ ଘଟଣାସ୍ଥଳରେ ଶଙ୍କରଙ୍କ ମୃତ୍ୟୁ ହୋଇଥିଲା। ହତ୍ୟା ପରେ ନିରାକାର ମୃତଦେହକୁ ପ୍ରାୟ ୧୫୦ ମିଟର ପର୍ଯ୍ୟନ୍ତ ଘୋଷାଡ଼ି ନେଇ କମିଟି ଗୃହ ନିକଟରେ ରଖିଥିଲେ। ମଙ୍ଗଳବାର ସକାଳେ ସ୍ଥାନୀୟ ଲୋକେ ମୃତଦେହ ଦେଖି ପୋଲିସକୁ ଖବର ଦେଇଥିଲେ। ପରେ ଶଙ୍କରଙ୍କ ସ୍ତ୍ରୀ ସାବିତ୍ରୀ ନାୟକ ତାଙ୍କ ସ୍ୱାମୀଙ୍କୁ ନିରାକାର ହତ୍ୟା କରିଥିବା ନେଇ ବାଲିଗୁଡ଼ା ଥାନାରେ ଏତଲା ଦେଇଥିଲେ। ପୋଲିସ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲା। ଏ ନେଇ ନଂ. ୧୮୩/୨୫ରେ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ତଦନ୍ତକାରୀ ଅଧିକାରୀ ସଞ୍ଜୟ ସ୍ୱାଇଁ ପ୍ରକାଶ କରିଛନ୍ତି।


ପୋଲିସ ହେପାଜତରେ ଅଭିଯୁକ୍ତ ନିରାକାର ନାୟକ (ମଝି)।

# ସ୍ୱାମୀଙ୍କ ଠେଙ୍ଗାମାଡ଼ରେ ସ୍ତ୍ରୀ ମୃତ

ବଡ଼ବିଲ, ୧୦।୬(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡ଼ବିଲ ଥାନା ଅନ୍ତର୍ଗତ ଗାଡ଼ା ହଟିଂ ଅଞ୍ଚଳରେ ସ୍ୱାମୀଙ୍କ ଗୋଇଠା, ବିଧା ଏବଂ ଠେଙ୍ଗାମାଡ଼ରେ ସ୍ତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ଗାଡ଼ା ହଟିଂ ଅଞ୍ଚଳର ଜାନକୀ ମୁଣ୍ଡା। ପୋଲିସ ଅଭିଯୁକ୍ତ ସ୍ୱାମୀ ଟାକୁଲୁ ମୁଣ୍ଡାଙ୍କୁ ମଙ୍ଗଳବାର ଗିରଫକରି କୋର୍ଟ ଚାଲାଣ କରିଛି। ଏ ନେଇ ବଡ଼ବିଲ ସବ୍‌ଡିଭିଜନାଲ ପୋଲିସ ଅଫିସର ଦେବେନ୍ଦ୍ର କୁମାର ପିଙ୍ଗୁଆ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ସୂଚନା ଅନୁଯାୟୀ, ବଡ଼ବିଲ ପୌରାଞ୍ଚଳ ୱାର୍ଡ ନଂ. ୧୦, ଗାଡ଼ା ହଟିଂ ଅଞ୍ଚଳରେ ଟାକୁଲୁ, ସ୍ତ୍ରୀ ଜାନକୀ ୫ ଝିଅ ଓ ୨ ପୁଅଙ୍କ ସହ ରହୁଥିଲେ। ଉଭୟେ ଦିନମଜୁରିଆ ଭାବେ କାମ କରୁଥିଲେ। ପ୍ରତ୍ୟହ ଉଭୟଙ୍କ ମଧ୍ୟରେ କଳହ ଲାଗି ରହୁଥିଲା। ଗତ ରବିବାର ରାତିରେ ଉଭୟଙ୍କ ମଧ୍ୟରେ କଳହ ହୋଇଥିବା ବେଳେ ଟାକୁଲୁ ଉତ୍ତ୍ୟକ୍ତ ହୋଇ ସ୍ତ୍ରୀଙ୍କୁ ଗୋଇଠା, ବିଧା ସହ ଏକ କାଠରେ ନିସ୍ଥୁକ ମାଡ଼ ମାରିଥିଲେ। ଟାକୁଲୁଙ୍କ ମାଡ଼ରେ ଜାନକୀ ଗୁରୁତର ହୋଇପଡ଼ିଥିଲେ। ପରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସୋମବାର ରାତିରେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ବଡ଼ବିଲ ଥାନା ଇନ୍ସପେକ୍ଟର ଅଶୋକ ନାୟକ ସଦଳବଳ ପହଞ୍ଚି ମୃତଦେହ ଜବତକରିବା ସହ ଟାକୁଲୁଙ୍କୁ ଗିରଫ କରିଥିଲା। ସେ ଠେଙ୍ଗାରେ ମାଡ଼ ମାରିଥିବା ପୋଲିସ ଆଗରେ ସ୍ୱୀକାର କରିଥିଲେ। ହତ୍ୟାରେ ବ୍ୟବହୃତ ଠେଙ୍ଗାକୁ ଜବତ କରାଯାଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବଡ଼ବିଲ ଥାନାରେ ଏକ ମାମଲା(ନଂ. ୧୭୩/୨୦୨୫)ରୁଜୁ ହୋଇଛି।

# ବିଲ୍ ପାଇଁ ଲାଞ୍ଚ ନେଇ ବ୍ଲକ୍ ମହିଳା ସହକାରୀ ଯନ୍ତ୍ରୀ ଗିରଫ

ଲମତାପୁଟ,୧୦।୬(ଭକ୍ତରାମ ବାଙ୍କିଆ)

ଏକ ବିଲ୍ ପାସ୍ ପାଇଁ ୮ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ କୋରାପୁଟ ଜିଲା ଲମତାପୁଟ ବ୍ଲକ୍ ମହିଳା ସହକାରୀ ଯନ୍ତ୍ରୀ ଶୁଚିସ୍ମିତା ପରିଜାଙ୍କୁ ମଙ୍ଗଳବାର ଅପରାହ୍ଣରେ ଜୟପୁର ଭିଜିଲାନ୍ସ ଟିମ୍ ଗିରଫ କରିଛି। ସୂଚନା ଅନୁଯାୟୀ, ସହକାରୀ ଯନ୍ତ୍ରୀ ପରିଜା ୨ବର୍ଷ ହେବ ଲମତାପୁଟ ବ୍ଲକ୍ ଉମ୍ବେଲ ପଞ୍ଚାୟତରେ କାର୍ଯ୍ୟରତ ଥିଲେ। ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅନ୍ତର୍ଗତ ଏକ ଘାଟ କଟିଂ କାର୍ଯ୍ୟର ବିଲ୍ କରାଇ ଦେବା ପାଇଁ ଜଣେ ଗାଁ ସାଥୀଙ୍କୁ ୧୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଗାଁ ସାଥୀ ୫ ହଜାର ଟଙ୍କା ଦେଇ ବଳକା ଟଙ୍କା ପରେ ଦେବି କହି ସୋମବାର ଭିଜିଲାନ୍ସ ଥାନାର ଦ୍ୱାରସ୍ଥ ହୋଇଥିଲେ। ଯୋଜନା ମୁତାବକ ମଙ୍ଗଳବାର ବଳକା ୧୦ହଜାର ଟଙ୍କାରୁ ୮ ହଜାର ଦେଉଥିବା ବେଳେ ସହକାରୀ ଯନ୍ତ୍ରୀ ପରିଜାଙ୍କ ଲମତାପୁଟସ୍ଥିତ ସରକାରୀ ବାସଭବନରେ ଭିଜିଲାନ୍ସ ଟିମ୍ ଚଢ଼ାଉ କରି ଟଙ୍କା ଜବତ କରିଥିଲା। ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମେତ ସରକାରୀ ବାସଭବନ, ସେମିଳିଗୁଡ଼ାସ୍ଥିତ ଘର ଓ ଭୁବନେଶ୍ୱରସ୍ଥିତ ଘରେ ଭିଜିଲାନ୍ସ ଟିମ୍ ଏକକାଳୀନ ଚଢ଼ାଉ ଜାରି ରଖିଛି।

BUSINESS

# ଏସ୍‌ଏସ୍‌ଆର୍‌ଡିପି ତତ୍ତ୍ୱାବଧାନରେ ଏସ୍‌ଏସ୍‌ୟୁ ବିଦ୍ୟାର୍ଥୀଙ୍କ ପ୍ରଶିକ୍ଷଣ

ଭୁବନେଶ୍ୱର,୧୦।୬(ଅଭୟ ଦାଶ)

ରାଜ୍ୟର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ଶ୍ରୀ ଶ୍ରୀ ୟୁନିଭର୍ସିଟି (ଏସ୍‌ଏସ୍‌ୟୁ)ର କୃଷି ବିଭାଗ ପକ୍ଷରୁ ଇଣ୍ଟର୍ନଶିପ୍ ପ୍ରୋଗ୍ରାମର ଶୁଭାରମ୍ଭ କରାଯାଇଛି। ଏପରିକି ଶ୍ରୀ ଶ୍ରୀ ରୁରାଲ୍ ଡେଭଲପମେଣ୍ଟ ଟ୍ରଷ୍ଟ (ଏସ୍‌ଏସ୍‌ଆର୍‌ଡିପି) ତତ୍ତ୍ୱାବଧାନରେ ଏସ୍‌ଏସ୍‌ୟୁ ବିଦ୍ୟାର୍ଥୀଙ୍କର ପ୍ରଶିକ୍ଷଣ ଆରମ୍ଭ ହୋଇଛି। ସେହିଭଳି କୃଷି ବିଭାଗ ଶେଷ ସେମିଷ୍ଟର ଏକ ୧୪ ଜଣିଆ ଟିମ୍ ପ୍ରଥମ ପର୍ଯ୍ୟାୟରେ ବେଙ୍ଗାଲୁରୁସ୍ଥିତ 'ଆର୍ଟ ଅଫ୍ ଲିଭିଂ ଆଶ୍ରମ'କୁ ଇଣ୍ଟର୍ନଶିପ୍ ପାଇଁ ଯାଇଛନ୍ତି। ଏପରିକି ପ୍ରଥମ ପର୍ଯ୍ୟାୟରେ ଇଣ୍ଟର୍ନଶିପ୍‌କୁ କୃଷି ବିଭାଗର ଆର୍ଯ୍ୟଶ୍ରୀ ତେଜସ୍ୱିନୀ, କ୍ରିତିକା ନାୟକ, ଶ୍ରାବଣୀ ରାଉତ, ପ୍ରିୟଦର୍ଶନୀ ସାହୁ, ପ୍ରଜ୍ଞା ପ୍ରିୟଦର୍ଶନୀ ସାହୁ, ଶ୍ୱେତପଦ୍ମା ପାତ୍ର, ଅର୍ଘ୍ୟଦୀପ ପଟ୍ଟନାୟକ, ରିଷିରାଜ ରାଉତ, ମୀରା ସ୍ୱାଇଁ, କାଶିସ୍ ରାଜୁ, ସତ୍ୟପ୍ରକାଶ ସିଂ, ପ୍ରାଚୀତାରା ଦାସ, ଇପ୍‌ସିତା ନାୟକ ଏବଂ ବର୍ଷା ପ୍ରିୟଦର୍ଶନୀ ସ୍ୱାଇଁ ପ୍ରମୁଖ ସାମିଲ ଅଛନ୍ତି। ଏପରିକି ସେମାନେ ସେଠାରେ ବିଭିନ୍ନ ବିଷୟରେ ପ୍ରତ୍ୟକ୍ଷ ଜ୍ଞାନ ଆହରଣ କରିବା ସାଙ୍ଗକୁ ଅଭିଜ୍ଞତା ମଧ୍ୟ ଅର୍ଜନ କରୁଛନ୍ତି। ଏହି ଇଣ୍ଟର୍ନଶିପ୍‌ର ଅବଧି ୨୦୨୫ ଜୁନ୍ ୨୬ ପର୍ଯ୍ୟନ୍ତ ରହିଛି। ଏପରିକି ପ୍ରାୟ ଏକ ମାସ ଧରି ଏହି ଇଣ୍ଟର୍ନଶିପ୍ ଚାଲିବାକୁ ଥିବାବେଳେ ସେମାନେ ଉକ୍ତ ସମୟ ମଧ୍ୟରେ ବିଭିନ୍ନ ସଂସ୍ଥା ଓ କାର୍ଯ୍ୟାଳୟ ବୁଲି ଦେଖିବା ସହ ଅଧିକ ଜ୍ଞାନ ଆହରଣ କରିବାର ସୁଯୋଗ ପାଉଥିବା ପ୍ରକାଶ କରିଛନ୍ତି। ଏହି କ୍ରମରେ ସେମାନେ 'ଫର୍ମା ଅର୍ଗାନିକ୍ ଫାର୍ମ' ବୁଲି ଦେଖିଥିଲେ। ବିଶ୍ୱ ପରିବେଶ ଦିବସରେ ଦେଶର ବଛା ବଛା ୟୁଟ୍ୟୁବ୍ କ୍ରିଏଟରମାନଙ୍କ ସହ ମିଶି ବୃକ୍ଷରୋପଣ କରିବା ସହ ବେଙ୍ଗାଲୁରୁର ବସ୍ତି ଓ ବଜାର ଅଞ୍ଚଳରେ ସଚେତନତା ସୃଷ୍ଟି କରିଥିଲେ। ଏସ୍‌ଏସ୍‌ଆର୍‌ଡିପି ପକ୍ଷରୁ ଉକ୍ତ ଇଣ୍ଟର୍ନଶିପ୍ ଟିମ୍ ସଦସ୍ୟମାନଙ୍କୁ ସେଠାକାର ଅଗ୍ରଣୀ ସୋଲାର ପ୍ୟାନେଲ କମ୍ପାନୀଗୁଡ଼ିକୁ ବୁଲାଇବାକୁ ନିଆଯାଉଛି। ଏହି ଟିମ୍ ସଦସ୍ୟମାନେ ଆର୍ଟ ଅଫ୍ ଲିଭିଂ ଆଶ୍ରମରେ ଗୁରୁଦେବ ଶ୍ରୀ ଶ୍ରୀ ରବିଶଙ୍କରଙ୍କୁ ମଧ୍ୟ ଭେଟିଥିଲେ। ଏପରିକି ସେମାନେ ଓଡ଼ିଶାର କଟକରୁ ଆସିଥିବା କଥା ଶୁଣି ଗୁରୁଦେବ ଆନନ୍ଦିତ ହେବା ସହ ସେମାନଙ୍କୁ ଆଶୀର୍ବାଦ କରିଥିଲେ। ଏଥିସହ ଆଗାମୀ ବୃତ୍ତିଗତ ଜୀବନରେ ସେମାନଙ୍କ ସଫଳତା କାମନା କରିଥିଲେ। ଏସ୍‌ଏସ୍‌ୟୁର କୁଳପତି ପ୍ରଫେସର ତେଜପ୍ରତାପ, କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟ ଚୈତନ୍ୟ ଓ କୃଷି ବିଭାଗ ଡିନ୍ ପ୍ରଫେସର ଡ. ଏସ୍. କୁମାରସ୍ୱାମୀ ପ୍ରମୁଖ ମଧ୍ୟ ସେମାନଙ୍କ ସଫଳତା କାମନା କରିଛନ୍ତି। ସେହିପରି ପ୍ରଥମ ପର୍ଯ୍ୟାୟର ସଫଳ ସମାପନ ପରେ ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହେବ। ଦ୍ୱିତୀୟ ପର୍ଯ୍ୟାୟରେ ମଧ୍ୟ ଆଉ କିଛି ବିଦ୍ୟାର୍ଥୀ ବେଙ୍ଗାଲୁରୁ ଯିବେ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।


ଇଣ୍ଟର୍ନଶିପ୍ ପ୍ରୋଗ୍ରାମରେ ସାମିଲ ଛାତ୍ରୀଛାତ୍ରଙ୍କ ସହିତ ଶିକ୍ଷକ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ୧୨ରେ ଡାଇଭରସିଜ୍ ଇନ୍‌ସ୍ୱିରିଆ ଇଭେଣ୍ଟ

ଭୁବନେଶ୍ୱର,୧୦।୬

ଡାଇଭରସିଜ୍'ର ଇନ୍‌ସ୍ୱିରିଆ ଇଭେଣ୍ଟ ୨୦୨୫ ଜୁନ୍ ୧୨ରେ ଭୁବନେଶ୍ୱରଠାରେ ହେବାକୁ ଯାଉଛି। ଏହା ସ୍ଥାୟୀ ସ୍ୱଚ୍ଛତା ନବସୃଜନ ପ୍ରଦର୍ଶନ କରୁଥିବା ଏକ ପ୍ରମୁଖ ପ୍ଲାଟ୍‌ଫର୍ମ । କାର୍ଯ୍ୟନିର୍ବାହୀ ଗୃହରକ୍ଷୀ, ପରିଚାଳକ ଏବଂ ବିଭାଗ ମୁଖ୍ୟଙ୍କ ସମେତ ୨୦୦ରୁ ଅଧିକ ଇଣ୍ଡଷ୍ଟ୍ରି ଲିଡରଙ୍କୁ ଏଥିରେ ସାମିଲ କରାଯାଇଛି। ହାଇଜିନ୍ ସାଇନ୍ସ ଏବଂ ଇଏସ୍‌ଜିଚାଳିତ ଅଭ୍ୟାସ ଉପରେ ବିଶେଷଜ୍ଞଙ୍କ ନେତୃତ୍ୱରେ ପ୍ୟାନେଲ କାର୍ଯ୍ୟକ୍ରମ ରହିଛି। ଏହି ଇଭେଣ୍ଟ ଭାରତର ସବୁଜ ବ୍ୟବସାୟ କାର୍ଯ୍ୟର ପରିବର୍ତ୍ତନକୁ ଗୁରୁତ୍ୱାରୋପ କରିବା ସହ କର୍ପୋରେଟ୍ ଏବଂ ଆତିଥ୍ୟ ଉତ୍କୃଷ୍ଟତାର କେନ୍ଦ୍ର ଭାବେ ଭୁବନେଶ୍ୱରର ବଢୁଥିବା ଭୂମିକାକୁ ଉଜ୍ଜ୍ୱଳ କରିବାକୁ ଯୋଜନା ରହିଛି। ଏହି ସମାବେଶ ସମୟୋଚିତ ଏବଂ ପ୍ରାସଙ୍ଗିକ ଶିଳ୍ପ ଡାଇଭରସି ଭଳି ଏକ ସୋଲେନିସ୍ କମ୍ପାନୀ, ଯାହା ଆତିଥ୍ୟ, ଖାଦ୍ୟସେବା, ସ୍ୱାସ୍ଥ୍ୟସେବା, ପାନୀୟ, ପ୍ରକ୍ରିୟାକୃତ ଖାଦ୍ୟ ଏବଂ କ୍ଷୀର ବଜାର ପାଇଁ ସଫାସୁତୁରା, ପରିଷ୍କାର ଏବଂ ସଂକ୍ରମଣ ନିବାରଣ ସମାଧାନ ପ୍ରଦାନ କରିଥାଏ।

# ଆଇଡିବିଆଇ ବ୍ୟାଙ୍କର ରୌପ୍ୟ ଜୟନ୍ତୀ



ରୌପ୍ୟ ଜୟନ୍ତୀ ଅବସରରେ ବ୍ୟାଙ୍କର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୧୦।୬

ଆଇଡିବିଆଇ ବ୍ୟାଙ୍କର ରୌପ୍ୟ ଜୟନ୍ତୀ ନିକଟରେ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କର ଭୁବନେଶ୍ୱର ଜନପଥ ଶାଖା ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ବ୍ୟାଙ୍କର ମୁଖ୍ୟ ମହାପ୍ରବନ୍ଧକ ସୁଜିତ କୁମାର ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଆଇଡିବିଆଇ ବ୍ୟାଙ୍କ ପକ୍ଷରୁ ଉନ୍ନତମାନର ଗ୍ରାହକ ସେବା ଯୋଗାଇ ଦିଆଯାଉଥିବାବେଳେ ଏହିପରି ସେବା ଆଗକୁ ମଧ୍ୟ ଜାରି ରହିବ ବୋଲି ସୁଜିତ କୁମାର ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ। ଏହି ପରିପ୍ରେକ୍ଷୀରେ ବ୍ୟାଙ୍କର ପୂର୍ବତନ ମୁଖ୍ୟ ମହାପ୍ରବନ୍ଧକ ତଥା ଜନପଥ ଶାଖାର ପ୍ରଥମ ଶାଖା ମୁଖ୍ୟ ଦେବଦତ୍ତ ଦାଶ, ମହାପ୍ରବନ୍ଧକ ନିହାର ରଞ୍ଜନ ସାମଲ, ମହାପ୍ରବନ୍ଧକ ମନୋଜ କୁମାର ସେନାପତିଙ୍କ ସମେତ ଶାଖା ମୁଖ୍ୟ କିଶୋର ଚକ୍ରବର୍ତ୍ତୀ ପ୍ରମୁଖ ଉପସ୍ଥିତ ଥିଲେ। ଅପରପକ୍ଷରେ ପ୍ରାୟ ୫୦ଜଣ ମୂଲ୍ୟବାନ୍ ଗ୍ରାହକ ରୌପ୍ୟ ଜୟନ୍ତୀ କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିବାବେଳେ ବ୍ୟାଙ୍କ ପକ୍ଷରୁ ସମସ୍ତ ଗ୍ରାହକଙ୍କୁ ସମ୍ମାନିତ କରାଯାଇଥିଲା।

# ବଦଳିବ ବିଲ୍ଡିଂ ପ୍ଲାନ୍ ନିୟମାବଳୀ

ଭୁବନେଶ୍ୱର,୧୦।୬

ବର୍ତ୍ତମାନ ସମୟରେ ସବୁବର୍ଗର ଲୋକ ଘରଟିଏ କରିବାକୁ ଇଚ୍ଛା କରୁଥିଲେ ମଧ୍ୟ ବିଲ୍ଡିଂ ପ୍ଲାନିଂ ଓ ପ୍ଲାନ୍ ଆପ୍ରୁଭାଲ ଯୋଗୁ ଉପଭୋକ୍ତା ଜଣକ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆର୍କିଟେକ୍ଟସ୍ (ଆଇଆଇଏ) ର ଓଡ଼ିଶା ଚାପ୍ଟର ପକ୍ଷରୁ ରାଜ୍ୟ ସରକାରଙ୍କୁ ଏକ ବିଲ୍ଡିଂ ପ୍ଲାନ୍ ଆପ୍ରୁଭାଲ ପାଇଁ ବିଭିନ୍ନ ସରଳୀକରଣ ଉପାୟ ସହ ପ୍ରସ୍ତାବିତ ଏକ ଚିଠା ଆଇଆଇଏର ଅଧ୍ୟକ୍ଷା ସ୍ୱାପ୍ନଦତ୍ତା ମହାନ୍ତିଙ୍କ ନେତୃତ୍ୱରେ ଓଡ଼ିଶା ସରକାରଙ୍କ ଗୃହନିର୍ମାଣ ଏବଂ ସହରାଞ୍ଚଳ ବିକାଶ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କୁ ପ୍ରଦାନ କରାଯାଇଛି। ବିଶେଷକରି ଏହି ପ୍ରସ୍ତାବିତ ଚିଠା ଓଡ଼ିଶା ବିକାଶ ପ୍ରାଧିକରଣ (ପ୍ଲାନିଂ ଓ ନିର୍ମାଣ ମାନକ ନିୟମ) ୨୦୨୫ ସହ କ୍ରେଡାଇ ଓଡ଼ିଶା, କ୍ରେଡାଇ ଭୁବନେଶ୍ୱର, ଆପର୍ଡ ଏବଂ ନରେଡକୋ ଓଡ଼ିଶା ସମେତ ପ୍ରମୁଖ ଅଂଶୀଦାରଙ୍କ ସହ ବ୍ୟାପକ ଆଲୋଚନା ପରେ ଏହାକୁ ପ୍ରଦାନ କରାଯାଇଛି। ସେହିପରି ଚିଠା ପ୍ରସ୍ତାବ ଯେଉଁଭଳି ସମାବେଶୀ ଏବଂ ବାସ୍ତବବାଦୀ ହେବ, ତାହା ସୁନିଶ୍ଚିତ କରିବାକୁ ଜନସାଧାରଣଙ୍କ ମତାମତକୁ ମଧ୍ୟ ବିଚାରକୁ ନିଆଯାଇଛି। ଏପରିକି ଆଇନକୁ କମ୍ ଜଟିଳ ଏବଂ ଅଧିକ ଲୋକାଭିମୁଖୀ କରି ଗଢି ତୋଳିବା ଏବଂ ପରିଶେଷରେ ସାଧାରଣ ଲୋକଙ୍କୁ ଫାଇଦା ଦେବା ଲକ୍ଷ୍ୟରେ ଉଷା ପାଢ଼ୀଙ୍କ ମାର୍ଗଦର୍ଶନରେ ଏହି ପ୍ରୟାସ ହାତକୁ ନିଆଯାଇଥିଲା।

ଏହି ଚିଠାରେ କମ୍ ଆପଦଯୁକ୍ତ କୋଠାବାଡ଼ିଗୁଡ଼ିକର ଅନୁମୋଦନ ପଦ୍ଧତି ନିମନ୍ତେ ପ୍ରସ୍ତାବ ଦିଆଯାଇଥିଲା। ଏହା ଅର୍ଥ ଆକାରରେ ୫୫୦୦ ବର୍ଗଫୁଟ ପର୍ଯ୍ୟନ୍ତ ପ୍ଲଟ୍ ଏବଂ ୩ ମହଲା ପର୍ଯ୍ୟନ୍ତ କୋଠାଗୁଡ଼ିକୁ ସିଙ୍ଗଲ ୱିଣ୍ଡୋ ସେବା ଜରିଆରେ ପଞ୍ଜୀକୃତ ସ୍ଥପତିଙ୍କ ଦ୍ୱାରା ଅନୁମୋଦନ କରାଯାଇପାରିବ।

# କଟକରେ ୟୁକୋ କାର୍ନିଭାଲ ଉଦ୍‌ଘାଟିତ

ଭୁବନେଶ୍ୱର,୧୦।୬

ୟୁକୋ ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳ ପକ୍ଷରୁ ଆୟୋଜିତ 'ୟୁକୋ କାର୍ନିଭାଲ' (ରିସୋର୍ସ, ଏମ୍‌ଏସ୍‌ଏମ୍‌ଇ ଓ କୃଷି ମହୋତ୍ସବ) ମଙ୍ଗଳବାର କଟକର ଏକ ଘରୋଇ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଗୌତମ ପାତ୍ର ମୁଖ୍ୟ ମହାପ୍ରବନ୍ଧକ ବ୍ୟବସାୟ ବିକାଶ ତଥା ସଂଯୋଜକ ଏସ୍‌ଏଲ୍‌ବିସି ଓଡ଼ିଶା, ଅଙ୍କିତ ରାଣା ମହାପ୍ରବନ୍ଧକ ଋଣ ଆଦାୟ ଏବଂ ଆଇନ୍ ୟୁକୋ ବ୍ୟାଙ୍କ ପ୍ରଧାନ କାର୍ଯ୍ୟାଳୟ କୋଲକାତା, ପି.କେ. ଗୁପ୍ତା ଯୁଗ୍ମ ନିର୍ଦ୍ଦେଶକ ଏବଂ କାର୍ଯ୍ୟାଳୟ ମୁଖ୍ୟ ଏମ୍‌ଏସ୍‌ଏମ୍‌ଇ ଡିଏଫ୍‌ଓ ଲଘୁ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟ ଭାରତ ସରକାର, ଭଗୱତ ସିଂ ଭାକୁନି ଉପ ମହାପ୍ରବନ୍ଧକ ଏବଂ ଆଞ୍ଚଳିକ ମୁଖ୍ୟ ଭୁବନେଶ୍ୱର ପ୍ରମୁଖ ଉପସ୍ଥିତ ଥିଲେ।

ଏ ନେଇ ଭାକୁନି ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ସ୍ୱାଗତ କରିଥିଲେ। ପାତ୍ର ଅଂଶଗ୍ରହଣକାରୀଙ୍କୁ ସମ୍ବୋଧିତକରି ମହିଳା ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗୀଙ୍କ ପାଇଁ ଏବଂ ଏସ୍‌ଏଚ୍‌ଜିଗୁଡ଼ିକୁ ଆର୍ଥିକ ସହାୟତା ପ୍ରଦାନରେ ୟୁକୋ ବ୍ୟାଙ୍କର ପ୍ରତିବଦ୍ଧତା ଉପରେ ଆଲୋକପାତ କରିଥିଲେ। ରାଣା ୟୁକୋ ବ୍ୟାଙ୍କ ସହ ଦୀର୍ଘକାଳୀନ ସମ୍ପର୍କ ପାଇଁ ଗ୍ରାହକମାନଙ୍କୁ କୃତଜ୍ଞତା ଜଣାଇଥିଲେ। ଗୁପ୍ତା ଉତ୍କୃଷ୍ଟ ମାନର ଗ୍ରାହକ ସେବା କିପରି ଏମ୍‌ଏସ୍‌ଏମ୍‌ଇ ଶିଳ୍ପ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବ ସେ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଏହି ଅବସରରେ କେତେଜଣ ଗ୍ରାହକ ୟୁକୋ ବ୍ୟାଙ୍କ ସହ ନିଜ ନିଜର ବ୍ୟାଙ୍କିଙ୍ଗ୍ ଅଭିଜ୍ଞତା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ସେହିଭଳି ଏସ୍‌ଏଚ୍‌ଜି, କୃଷି ଓ ଏମ୍‌ଏସ୍‌ଏମ୍‌ଇ ଗ୍ରାହକମାନଙ୍କୁ ଋଣ ମଞ୍ଜୁରିପତ୍ର ପ୍ରଦାନ କରାଯାଇଥିଲା। ଉଲ୍ଲେଖନୀୟ ଅବଦାନ ପାଇଁ ଏସ୍‌ଏଚ୍‌ଜି ଓ ବ୍ୟାଙ୍କ ମିତ୍ରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ଉଦ୍‌ଘାଟନୀ ଉତ୍ସବରେ ବ୍ୟାଙ୍କର ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ସିବିଆଇ ସହ ବେଦାନ୍ତର ଏମ୍‌ଓୟୁ

ଭୁବନେଶ୍ୱର,୧୦।୬

ବେଦାନ୍ତ ଆଲୁମିନିୟମ ଏବଂ ସେଣ୍ଟ୍ରାଲ ବ୍ୟାଙ୍କ ଅଫ ଇଣ୍ଡିଆ (ସିବିଆଇ) ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ବିଶେଷ କରି ବେଦାନ୍ତ ଆଲୁମିନିୟମର କାର୍ଯ୍ୟ ପରିସର ଏବଂ ବାଲ୍‌କୋ ମାଧ୍ୟମରେ ଏକ ଜମାନତମୁକ୍ତ ଗ୍ରାହକ ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ସିବିଆଇ ସହ ଏହି ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର ହୋଇଛି। ଅପରପକ୍ଷରେ କମ୍ପାନୀର ଏହି ପଦକ୍ଷେପ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ସମେତ ମୂଳ ଉପକରଣ ନିର୍ମାତା (ଓଇଏମ୍) ଗୁଡ଼ିକୁ ସର୍ବନିମ୍ନ ଡକ୍ୟୁମେଣ୍ଟସନ୍ ସହିତ ଅତ୍ୟନ୍ତ ପ୍ରତିଯୋଗିତାମୂଳକ ସୁଧ ହାରରେ ଋଣ ପାଇବାକୁ ଏହା ସକ୍ଷମ କରିବ, ଯାହା ଭାରତର ଡାଉନଷ୍ଟ୍ରିମ୍ ଧାତୁ ଶିଳ୍ପକୁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୋତ୍ସାହନ ପ୍ରଦାନ କରିବ।

ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ଭାରତରେ ଉତ୍ପାଦନ ଏବଂ ଶିଳ୍ପ ଇକୋସିଷ୍ଟମର ମେରୁଦଣ୍ଡ ଗଠନ କରୁଥିବା ଏମ୍‌ଏସ୍‌ଏମ୍‌ଇ ମାନଙ୍କ ପାଇଁ କାର୍ଯ୍ୟକ୍ଷମ ପୁଞ୍ଜିକୁ ଅଧିକ ସୁଲଭ କରି ଆଲୁମିନିୟମ ମୂଲ୍ୟ ଶୃଙ୍ଖଳକୁ ସୁଦୃଢ଼ କରିବାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ। ଏପରିକି ଅଧିକ ଆର୍ଥିକ ସହାୟତାକୁ ସକ୍ଷମ କରି ଆମେ କେବଳ ଆମର ଗ୍ରାହକମାନଙ୍କୁ ଦକ୍ଷତାର ସହିତ ମାପିବା ପାଇଁ ସଶକ୍ତ କରୁନାହୁଁ ବରଂ ଏକ ଦୃଢ଼ ଡାଉନଷ୍ଟ୍ରିମ୍ କ୍ଷେତ୍ରର ବିକାଶକୁ ତ୍ୱରାନ୍ୱିତ କରୁଛୁ। ଆମର ଡାଉନଷ୍ଟ୍ରିମ୍ ଗ୍ରାହକଙ୍କ ମଧ୍ୟରୁ ୬୦% ରୁ ଅଧିକ ଏମଏସଏମଇ ସହିତ ଏହି ପଦକ୍ଷେପ ବ୍ୟବସାୟ ବିସ୍ତାର ଏବଂ ପ୍ରତିଯୋଗିତାମୂଳକତା ପାଇଁ ନୂତନ ରାସ୍ତା ଖୋଲିବ। ଏହା ଏକ ଆତ୍ମନିର୍ଭରଶୀଳ, ପ୍ରତିଯୋଗିତାମୂଳକ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ଆଲୁମିନିୟମ ଶିଳ୍ପ ନିର୍ମାଣ କରିବାର ଆମର ଦୃଷ୍ଟିକୋଣ ସହିତ ସମାନ, ଯାହା ଭାରତର ଆର୍ଥିକ ଅଭିବୃଦ୍ଧି, ନିଯୁକ୍ତି ସୃଷ୍ଟି ଏବଂ ବିଶ୍ୱ ଉତ୍ପାଦନ ନେତୃତ୍ୱକୁ ଅର୍ଥପୂର୍ଣ୍ଣ ଭାବରେ ଯୋଗଦାନ ଦେଇଥାଏ। ସେହିଭଳି ବେଦାନ୍ତ ଆଲୁମିନିୟମର ୬୦% ରୁ ଅଧିକ ଡାଉନଷ୍ଟ୍ରିମ୍ ଗ୍ରାହକ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରୁ ଆସିଥିଲାବେଳେ ପ୍ରବେଶ ଯୋଗ୍ୟତା ଏବଂ ଗ୍ରାହକ ଅଭିଜ୍ଞତାକୁ ବୃଦ୍ଧି କରିବା ପାଇଁ ଆର୍ଥିକ କାର୍ଯ୍ୟକ୍ରମକୁ ସିଧାସଳଖ ବେଦାନ୍ତ ମେଟାଲ୍ ବଜାରରେ ସଂଯୁକ୍ତ କରାଯିବ।

# ୮୩ ଓଆର୍‌ଏସ୍ ଅଧିକାରୀଙ୍କ ବଦଳି

ଭୁବନେଶ୍ୱର,୧୦।୬(ରବିନାରାୟଣ ଜେନା): ରାଜସ୍ୱ ବିଭାଗ ପକ୍ଷରୁ ମଙ୍ଗଳବାର ୮୩ ଜଣ ଓଡ଼ିଶା ରେଭିନ୍ୟୁ ସେବା(ଓଆର୍‌ଏସ୍) ଅଧିକାରୀସ୍ତରରେ ଅଦଳବଦଳ କରାଯାଇଛି। ବିଭାଗର ବିଜ୍ଞପ୍ତି ଅନୁଯାୟୀ, ଅଲେଖ ଭୋଇଙ୍କୁ କଳାହାଣ୍ଡି ଜିଲାପାଳ କାର୍ଯ୍ୟାଳୟର ସହକାରୀପାଳ ଭାବେ ବଦଳି କରାଯାଇଥିବାବେଳେ ଅନ୍ୟ ୮୨ ଜଣଙ୍କୁ ବିଭିନ୍ନ ଜିଲାର ସବ୍ ରେଜିଷ୍ଟ୍ରାର ଓ ଅତିରିକ୍ତ ତହସିଲଦାର ଭାବେ ବଦଳି କରାଯାଇଛି।

## ଉଗଡ଼ମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ବୁଦେ ଥିଲେ ଘରାକୁ ଘାଏ**
**ପାଖକୁ ଗଲେ କଥା ନ କହେ।**

ଉପର ଠାଉରିଆ ଭଲ ପାଇବା। କେତେକଙ୍କ ମନରେ ପଛେ କିଛି ଥାଉ କି ନ ଥାଉ ଉପରେ ଉପରେ ସ୍ନେହ ଶ୍ରଦ୍ଧାଭାବ ଅଙ୍କାଡ଼ି ଦେଖାନ୍ତି। ଆଖି ଛଳ ଛଳ କରି ନିଜର ଭାବପଣିଆ ଜାହିର କରିବସିଥାନ୍ତି। ନ ଦେଖିଲେ ନ ଆସିଲେ ମନ ଉଣା, ମନ କଷ୍ଟ ପରନ୍ତୁ ଆସିଲେ ଆଡ଼ ଭାବ। ସମ୍ପୂର୍ଣ୍ଣ ଆନ୍ତରିକତା ଭାବ ଅଛି ବୋଲି ଦେଖେଇହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଦେଇଥିଲେ ପାଇ ବୁଣିଥିଲେ ଦାଇ,**
**ପଢ଼ିଆ ବାଡ଼ିରେ ଗୋଧନ ଚରାଇ।**

କର୍ମଅନୁସାରେ ଫଳ। ସୌଭାଗ୍ୟ ଆସିଲେ ଆଶା ଯେତିକି ହେଲେ ଫଳବତୀ ହୁଏ। ଅନ୍ୟକୁ ଅଯାଚିତ ଭାବେ ସାହାଯ୍ୟ କରିଥିଲେ ତା'ର ସୁଫଳ ଦିନେ ନା ଦିନେ ପ୍ରାପ୍ତ ହେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ଲୋକଗୀତ-ଫ୍ରେଣ୍ଡସ ପବ୍ଲିଶର୍ସ**



ମଙ୍ଗଳବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ନେତାଙ୍କୁ ଘେରିଲେ, ବହୁ ବରିଷ୍ଠ ଆସିଲେନି



ଭୁବନେଶ୍ୱର, ୧୦।୬(ସୁନିତ୍ ମିଶ୍ର)

ବିଜେଡି ପକ୍ଷରୁ ଜନଜାଗରଣ ଅଭିଯାନ କାର୍ଯ୍ୟକ୍ରମ ଅବସରରେ ଶଙ୍ଖ ଭବନଠାରେ ମଙ୍ଗଳବାର ଦଳୀୟ କର୍ମକର୍ତ୍ତାଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜ୍ୟର ବିଭିନ୍ନ ଅଞ୍ଚଳର ଦଳୀୟ କର୍ମକର୍ତ୍ତା ଏକାଠି ହୋଇଥିଲେ। ଦଳର ସଭାପତି ନବୀନ ପଟ୍ଟନାୟକ କାର୍ଯ୍ୟକ୍ରମ ଆରମ୍ଭର ୨ ଘଣ୍ଟା ବିଳମ୍ବରେ ପହଞ୍ଚି ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଥିଲେ। ହେଲେ ଶଙ୍ଖ ଭବନ ପରିସରରେ ଯୁବନେତାମାନେ ଗତ ନିର୍ବାଚନରେ ପରାଜୟ ପାଇଁ ପୂର୍ବ ଥରେ ରାଜ୍ୟ ସଭା ସଦସ୍ୟ ମାନସ ମଙ୍ଗରାଜଙ୍କୁ ଘେରିଥିଲେ। ବହୁ ଯୁବନେତା ମାନସଙ୍କ ଯୋଗୁ ଦଳ ପରାଜିତ ହୋଇଥିବା କଥା କହି ହୋହଲ୍ଲା କରିଥିଲେ। ମାନସ ଉଠି ପଳାଉଥିବାବେଳେ ତଳେ କେତେଜଣ ନେତା ତାଙ୍କୁ ଯାଇ ବସିବାକୁ କହିଥିବା ଜଣାପଡ଼ିଛି। ଅନ୍ୟପଟେ ବୈଠକରେ ବହୁ ବରିଷ୍ଠ ନେତା ଅନୁପସ୍ଥିତ ରହିଥିବାରୁ ଦଳ ଭିତରେ ସବୁକିଛି ଠିକ୍ ନ ଥିବା ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଭାଜପା ସରକାର ପାଳନ କରିବାକୁ ଯାଉଥିବା ବର୍ଷପୂର୍ତ୍ତି କାର୍ଯ୍ୟକ୍ରମକୁ କାଉଣ୍ଟର କରିବା ଲାଗି ଶଙ୍ଖ ଭବନଠାରେ ଦଳ ଜନଜାଗରଣ ଅଭିଯାନ ନାମରେ ଏକ କାର୍ଯ୍ୟକ୍ରମ କରିଛି। ହେଲେ ଏଥିରେ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବରିଷ୍ଠ ନେତା ପ୍ରଫୁଲ୍ଲ ମଲିକ, ଅନଙ୍ଗଉଦୟ ସିଂଦେଓ, ଶଶିଭୂଷଣ ବେହେରା, ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ ଏବଂ ମୁଜିବୁଲ୍ଲା ଖାନ୍ ଅନୁପସ୍ଥିତ ରହିଥିଲେ। ବିଗତ ଦିନରେ ଦଳର କେତେକ ଭୁଲ୍ ପଦକ୍ଷେପକୁ ନେଇ ମୁହଁ ଖୋଲିଥିବା ପ୍ରାୟ ନେତାମାନେ ହିଁ ଏହି ସଭାରେ ଅନୁପସ୍ଥିତି ରହିବା ଏବେ ବିଜେଡିରେ ସବୁକିଛି ଠିକ୍‌ଠାକ୍ ଚାଲିନାହିଁ ସେକଥାକୁ ପ୍ରମାଣିତ କରିଛି। ଅନ୍ୟପଟେ ପୂର୍ବଭଳି ଶଙ୍ଖ ଭବନରେ ଆଉ କର୍ମୀଙ୍କ ଭିଡ଼ ମଧ୍ୟ ଦେଖିବାକୁ ମିଳି ନ ଥିଲା। ଜନଜାଗରଣ କାର୍ଯ୍ୟକ୍ରମ ଚାଲିଥିବା ବେଳେ ନବୀନ ପହଞ୍ଚିବା କ୍ଷଣି ବହୁ ନେତା ସେଠାରୁ ବାହାରି ଚାଲିଯାଇଥିଲେ। ନବୀନ ଉଦ୍‌ବୋଧନ ଦେଇ ନେତା ଓ କର୍ମୀଙ୍କୁ କହିଛନ୍ତି, ଲୋକଙ୍କ ସେବା ଜାରି ରଖ। ଭାଜପା ସରକାର ଓଡ଼ିଶା ଶାସନ ଦାୟିତ୍ୱ ନେବାର ୧ ବର୍ଷ ହୋଇଗଲା। କେବଳ ଲମ୍ବା ଭାଷଣ, ବଡ଼ ବଡ଼ ବିଜ୍ଞାପନରେ ବିକାଶ ଆସେ ନାହିଁ। ୧୯ ଜିଲାରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ପଦବୀ ଖାଲିପଡ଼ିଛି। ବିନା ଟଙ୍କାରେ ହସ୍ପିଟାଲରେ ଚିକିତ୍ସା ହୋଇପାରୁନାହିଁ। ତାଙ୍କ ସରକାର ମିଶନ ଶକ୍ତି ଜରିଆରେ ୭୦ ଲକ୍ଷ ମହିଳାଙ୍କୁ ସଶକ୍ତ କରିଥିଲେ। ବର୍ଷକ ଭିତରେ ମିଶନ ଶକ୍ତି ଆନ୍ଦୋଳନକୁ ଦୁର୍ବଳ କରିବା ହେଉଛି ଏ ସରକାରର ସଫଳତା ବୋଲି ନବୀନ ସମାଲୋଚନା କରିଛନ୍ତି।

## କେବଳ ଲମ୍ବା ଭାଷଣ, ବିଜ୍ଞାପନରେ ବିକାଶ ଆସେନି: ନବୀନ

# ରଥଯାତ୍ରା ବେଳେ ପ୍ରଶାସନ ସହ କାର୍ଯ୍ୟ କରିବେ ଆଇଆଇଟି, ଆଇଆଇଏମ୍ ଛାତ୍ରଛାତ୍ରୀ

ନୂଆଦିଲ୍ଲୀ, ୧୦।୬ (ପି.ଟି.)

ଆଇଆଇଟି ଏବଂ ଆଇଆଇଏମ୍‌ର ଶ୍ରେଷ୍ଠ ଛାତ୍ରଛାତ୍ରୀଙ୍କୁ ରଥଯାତ୍ରାରେ ପୁରୀ ଜିଲା ପ୍ରଶାସନ ସହ କାର୍ଯ୍ୟ କରିବାର ସୁଯୋଗ ମିଳିବ। ପବ୍ଲିକ ସିଷ୍ଟମ୍ ଆଣ୍ଡ ଇନ୍‌ଫ୍ରାଷ୍ଟ୍ରକ୍ଚର ଇଣ୍ଟର୍ନସିପ ଅନ୍ତର୍ଗତ ଏହି ଛାତ୍ରଛାତ୍ରୀ ରଥଯାତ୍ରାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିଗଗୁଡ଼ିକୁ ଅନୁଧ୍ୟାନ କରିବା ସହ ଗ୍ରାଉଣ୍ଡ ଲେଭେଲରେ କାର୍ଯ୍ୟ କରିବେ। ଛାତ୍ରଛାତ୍ରୀ ଭିଡ଼ ପରିଚାଳନା, ସାର୍ବଜନୀନ ଭିତ୍ତିଭୂମି କାର୍ଯ୍ୟକ୍ରମ ଯୋଜନା, ଆନ୍ତଃ ଏଜେନ୍ସି ସମନ୍ୱୟ ଆଦି ବିଭିନ୍ନ ବିଷୟରେ ଜ୍ଞାନ ଆହରଣ କରିବେ ବୋଲି ପୁରୀ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି।

# ରାଜ୍ୟ ସରକାର ଚାଷୀ ବିରୋଧୀ: ଭକ୍ତ



କଂଗ୍ରେସରେ ଯୋଗଦେଲେ ସାମ୍ବାଦିକ ଅରବିନ୍ଦ ଦାସ

ଭୁବନେଶ୍ୱର,୧୦।୬ (ରବିନାରାୟଣ ଜେନା)

ରାଜ୍ୟର ଭାଜପା ସରକାର ଚାଷୀ ବିରୋଧୀ ବୋଲି ମଙ୍ଗଳବାର ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। କଂଗ୍ରେସ ଭବନରେ ସେ କହିଥିଲେ, ଚାଷୀମାନେ ମଣ୍ଡି ଓ ସରକାରଙ୍କୁ ଧାନ ବିକ୍ରି କରି ମଧ୍ୟ ଟଙ୍କା ପାଉନାହାନ୍ତି। ରାଜ୍ୟର ବହୁ ଧାନବିକି ଟଙ୍କା ପାଇ ନଥିବାବେଳେ ଆଉ କେତେକ ଚାଷୀ ପ୍ରଧାନମନ୍ତ୍ରୀ ଫସଲ ବୀମାରେ ପଞ୍ଜୀକରଣ କରି କ୍ଷତିପୂରଣ ପାଉନାହାନ୍ତି। ସେ କରିବେ ବୋଲି ପୁରୀ ଜିଲାପାଳ ସରକାର ସେମାନଙ୍କ ଦାବି ପୂରଣ ନ କଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଭକ୍ତ କହିଥିଲେ। ଏହି ଅବସରରେ ଭକ୍ତ ବରିଷ୍ଠ ସାମ୍ବାଦିକ ଅରବିନ୍ଦ ଦାସଙ୍କୁ ଦଳକୁ ସ୍ୱାଗତ କରିଥିଲେ। ଅରବିନ୍ଦ କହିଥିଲେ, ଛାତ୍ରଜୀବନରେ ରାଜନୀତି କରିବା ପାଇଁ ନିଷ୍ପତ୍ତି ନେଇଥିଲେ ମଧ୍ୟ ସାମ୍ବାଦିକ ବୃତ୍ତିକୁ ଆଦରିବାକୁ ପଡ଼ିଥିଲା। ଦେଶରେ ବଢୁଥିବା ବେରୋଜଗାରି, ଧନୀ ଓ ଗରିବଙ୍କ ଭିତରେ ତାରତମ୍ୟକୁ ଦୃଷ୍ଟିରେ ରଖି ସେ କଂଗ୍ରେସରେ ଯୋଗଦେଇଛନ୍ତି।

# ୧୩ରେ ମହିଳା ଓ ୧୮ରେ ଯୁବ, ଛାତ୍ର ସମାବେଶ କରିବ ବିଜେଡି

ଭୁବନେଶ୍ୱର, ୧୦।୬ (ସୁନିତ୍ ମିଶ୍ର)

ରାଜ୍ୟର ଭାଜପା ସରକାର ଗତ ବର୍ଷକରେ ମହିଳା, ଯୁବ ଓ ଛାତ୍ରଙ୍କ ପ୍ରତିହୋଇଥିବା ଅନ୍ୟାୟ ଅବିଚାରକୁ ବିରୋଧକରି ବିଜେଡି ପକ୍ଷରୁ ଆସନ୍ତା ୧୩ରେ ଯାଜପୁରଠାରେ ଏକ ମହିଳା ସମାବେଶ ଓ ଆସନ୍ତା ୧୮ରେ ପୁରୀଠାରେ ଯୁବ ଓ ଛାତ୍ର ସମାବେଶ ଅନୁଷ୍ଠିତ ହେବ ବୋଲି ଦଳର ବରିଷ୍ଠ ନେତା ସଞ୍ଜୟ ଦାସବର୍ମା ସୂଚନା ଦେଇଛନ୍ତି। ଶଙ୍ଖ ଭବନରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସଞ୍ଜୟ କହିଛନ୍ତି, ମହିଳା, ଯୁବ ଓ ଛାତ୍ରଙ୍କୁ ଦେଇଥିବା ପ୍ରତିଶ୍ରୁତି ପାଳନରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ସୁଭଦ୍ରା ଯୋଜନାରେ ମହିଳାଙ୍କୁ ୨ ବର୍ଷରେ ୫୦ ହଜାର ଟଙ୍କା ଦିଆଯିବ ବୋଲି ଭାଜପା ଦେଇଥିବା ପ୍ରତିଶ୍ରୁତି ମିଛ ପ୍ରମାଣିତ ହୋଇଛି। ଅନେକ ପ୍ରସଙ୍ଗରେ ମହିଳାଙ୍କ ଉପରେ ଅନ୍ୟାୟ ଅତ୍ୟାଚାର ବିରୋଧରେ ୧୩ ତାରିଖରେ ମହିଳା ସମ୍ମିଳନୀ କରାଯିବ। ଏହି ଖବରଦାତା ସମ୍ମିଳନୀରେ ବିଜେଡି ନେତ୍ରୀ ପ୍ରମିଳା ମଲ୍ଲିକ ଉପସ୍ଥିତ ଥିଲେ।


## INVITATIONS FOR BIDS (IFB)
## ODISHA STATE CASHEW DEVELOPMENT CORPORATION LIMITED
## KAJU BHAWAN, GHATIKIA, BHUBANESWAR

E-Mail:contact@oscdc.com

No.CAD-727

**e-Procurement Notice**

**Bid Identification Number-OSCDC-02 of 2025-26**
**Tender Call Notice No: 1717, Date:10.06.2025**

| | |
|---|---|
| Name of the Work | 1. Construction of Agro Shed-net Truss with drainage system at Jayantagiri-II nursery, Koraput.<br>2. Construction of Agro shed-net Turss at Kathagada Nursery, Ganjam<br>3. Construction of Drying yard with Working shed, Store room & toilet at Kathagada Ganjam under Khordha Division. |
| Total No. of Projects: | 3 (Three) Numbers |
| Estimated Cost of Projects: | Varies from Rs.8.73 lakh to Rs.37.00 lakh (Excluding GST) |
| Class of Contractor: | "D", "C" & "B" Class (of Odisha PWD) or relevant class of other licensing authorities. |
| Period of Completion: | As per TCN |

Other details:

| Procurement Officer | Bid Identification | Availability of Tender online for bidding From | To | Submission of Original Documents | Date & Place of Opening of |
|---|---|---|---|---|---|
| 1 | 2 | 3 | 4 | 5 | 6 |
| MANAGING DIRECTOR, OSCDC LTD., BHUBANESWAR | OSCDC-02 of 2024-25 | 11.06.2025 from 11.00 AM | 21.06.2025 upto 5.00 P.M. | During office hours of working days from dt.12.06.2025 from 11.00 AM to 23.06.2025 upto 05.00 PM in the Office of Executive Engineer, OSCDC, Kaju Bhawan, Bhubaneswar, 751029 (To be dropped in the sealed Box) | Dt.24.06.2025 at 11.30 AM in the conference hall, OSCDC, Kaju Bhawan, Bhubaneswar 751029 |

Further details can be seen from the website www.tendersodisha.gov.in

OIPR-01049/11/0032/2526 **Sd./- Managing Director**



## GOVERNMENT OF ODISHA
## OFFICE OF THE SUPERINTENDING ENGINEER, SUNDARGARH (R&B) DIVISION, SUNDARGARH

E-mail ID : pwd_sng@yahoo.co.in

**"e" - Procurement Notice**

**Bid Identification No. - SE-R&B-SNG-03 OF 2025-26**
**Letter No. 3337 Date : 10.06.2025**

No.B-202

| | | | |
|---|---|---|---|
| 1 | The Superintending Engineer, Sundargarh (R&B) Division on behalf of Governor of Odisha inviting percentage rate bid in single cover system on On-LINE mode from eligible contractors with valid licenses for execution of **Electrical & Building Works** as detailed in DTCN. | | |
| 2 | Nature of Work | : | **Electrical & Building Works** |
| 3 | No. of work | : | **06 (Six) Nos.** |
| 4 | Tender Cost | : | **Rs. 4,000/- and 6,000/-** |
| 5 | Class of Contractor | : | **D, C & B Class** |
| 6 | Availability of bid document in the website | : | **From 10:00 A.M. Date : 13.06.2025 to 05:00 P.M. Date : 23.06.2025** |
| 7 | Date of opening of Bid | : | **11:00 A.M. On Dt. 24.06.2025** |
| 8 | The bidders have to participate in ON-LINE bidding only. Further details can be seen from the website (https://tendersodisha.gov.in). Any addendum/corrigendum/cancellation of tender can also be seen in the said website only. | | |

**Sd./- Superintending Engineer**
**Sundargarh (R&B) Division**

OIPR-34043/11/0035/2526



## Govt. of Odisha
## DISTRICT PLANNING & MONITORING UNIT, SUNDARGARH
## (STATISTICS WING)

E-mail Id:dpmustatistics.sundargarh@gmail.com, Phone No.06622-272228

**ADVERTISEMENT FOR THE TEMPORARY ENGAGEMENT OF LOCAL YOUTH**

**No.X-13:**The Deputy Director (P&S), DPMU (Statistics Wing), Sundargarh invites applications for the temporary engagement of Enumerators to conduct the 7th Minor Irrigation Census & 2" Census of Water bodies in Sundargarh District.

**Eligibility:** 10+2 or equivalent, Basic knowledge of English & Odia.
**Age:** Must be 18 years or above.
**Responsibilities:** Field data collection, verification and reporting.
**Remuneration:** As per the Government norms.
**Application:** The application in prescribed format attached with photo copies of self-attested certificates and photo should be dropped in the box by 20th June 2025 time 5 PM placed in District Planning & Monitoring Unit (Statistics Wing), Sundargarh or sent via Regd. Post/ Speed Post to Deputy Director (P&S). District Planning and Monitoring Unit (Statistics Wing) Sundargarh, Pin- 770001.
Details advertisement & application from can be downloaded from- https://sundargarh.odisha.gov.in.

**Sd./- Deputy Director (P&S), DPMU, Sundargarh**

OIPR-21041/11/0002/2526



## OFFICE OF THE NOTIFIED AREA COUNCIL, GANJAM

Letter No. 1971/NAC Date : 09.06.2025

**"e" Procurement Notice**

**TENDER REFERENCE NO. : GANJAM-01/2025-26**

**No.C-486** : Bid documents consisting of work, Estimated cost, Cost of Tender Paper, EMD, Time of completion, Class of contractor and the set of terms and conditions of contract and other necessary documents can be seen in Govt. website. i.e. www.tendersodisha.gov.in

1. Name of the Work : PROVIDING CONSULTANCY SERVICES FOR PREPARATION OF COMPREHENSIVE DRAINAGE MASTER PLAN AND DPR FOR STORM WATER DRAINAGE SYSTEM OF GANJAM NAC
2. No. of works : **1 No.**
3. Period of completion : **As per DTCN**
4. Date & time of availability of bid document in the portal : From 10.00 A.M. of 11.06.2025 to 5.00 P.M. of 30.06.2025
5. Last date/Time for receipt of bids in the portal : 5.00 P.M. of 30.06.2025
6. Last Date/Time of receiving of documents relating of tender Off-line : From10.00 A.M. of 30.06.2025 to 5.00 P.M. of Dt.30.06.2025
7. Technical proposals received online shall be opened on : 01.07.2025 at 12.30 P.M.
8. Financial proposals received online shall be opened on : 08.07.2025 at 12.30 P.M.
9. Name and address of the Officer Inviting Bid : Executive Officer, NAC Ganjam
10. Further details can be seen from the e-procurement portal https://tendersodisha.gov.in

**Sd./- Executive Officer, NAC, Ganjam**

OIPR-13164/11/0002/2526



## ଜିଲ୍ଲା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟାଳୟ, ଗଞ୍ଜାମ, ବ୍ରହ୍ମପୁର
## DISTRICT PLANNING & MONITORING UNIT, GANJAM
## (STATISTICAL WING)

E-mail Id:dpmustatistics.ganjam@gmail.com
No.598/DPMU, Date: 10.06.25

**ADVERTISEMENT FOR TEMPORARY ENGAGEMENT OF LOCAL YOUTH FOR 7TH MINOR IRRIGATION CENSUS & 2ND CENSUS OF WATER BODIES**

